୫୧

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୭/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, December 17/2024 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 24 | ମୂଲ୍ୟ ₹୭/-

# ଜିନ୍ନତ ପରେ ଶିମିଳିପାଳ ଛାଡ଼ିଲା ଯମୁନା

**ଶିମିଳିପାଳର ୨ ନୂଆ ଅତିଥି ମହାବଳ ବାଘୁଣୀ ଯମୁନା, ଜିନ୍ନତ ଏବେ ବନ ବିଭାଗର ଚିନ୍ତା ବଢ଼ାଇ ଦେଇଛନ୍ତି। ଏବେ ଦୁହେଁ ଶିମିଳିପାଳ ଛାଡ଼ି ଚାଲିଯିବା ପରେ ସେମାନଙ୍କୁ ଯେଉଁ ଉଦ୍ଦେଶ୍ୟରେ ଏଠାକୁ ଅଣାଯାଇଥିଲା ତାହା ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।**


ଯମୁନା


ଜିନ୍ନତ

ବାରିପଦା,୧୬।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘର ଜେନେଟିକ୍ ଡାଇଭର୍ସିଟି (ବଂଶାନୁକ୍ରମିକ ବିବିଧତା) ପରିବର୍ତ୍ତନ କରିବା ନେଇ ଆରମ୍ଭ ହୋଇଥିବା ମିଶନ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଯେଉଁ ଦୁଇ ବାଘୁଣୀଙ୍କୁ ମହାରାଷ୍ଟ୍ରରୁ ଅଣାଯାଇ ମିଶନ କାର୍ଯ୍ୟକାରୀ କରାଯାଇଥିଲା ସେହି ବାଘୁଣୀ ଯମୁନା ଓ ଜିନ୍ନତ ଏବେ ଶିମିଳିପାଳ ଛାଡ଼ି ଅନ୍ୟ ଜଙ୍ଗଲକୁ ପଳାଇଛନ୍ତି। ମହାରାଷ୍ଟ୍ରର ସମତଳ ଜଙ୍ଗଲରେ ବଢ଼ି ଆସିଥିବା ଏହି ଦୁଇ ବାଘୁଣୀ ବଣ ପାହାଡ଼ ଘେରା ଶିମିଳିପାଳ ଅଭୟାରଣ୍ୟରେ ନିଜକୁ ଖାପ ଖୁଆଇ ପାରି ନ ଥିବା ବନ୍ୟପ୍ରାଣୀ ପ୍ରେମୀମାନେ କହିଛନ୍ତି। ୮ ଦିନ ହେଲା ବାଘୁଣୀ ଜିନ୍ନତ ଝାଡ଼ଖଣ୍ଡ ଜଙ୍ଗଲରେ ରହୁଥିବା ବେଳେ ରବିବାର ରାତିରେ ଯମୁନା ମଧ୍ୟ ଶିମିଳିପାଳ ଛାଡ଼ି ବାଲେଶ୍ୱର ଜିଲା କୁଳଡ଼ିହା ଅଭୟାରଣ୍ୟକୁ ପଳାଇଛି। ବିଭାଗୀୟ କର୍ମଚାରୀମାନେ ଜିନ୍ନତ ଓ ଯମୁନାର ଗତିବିଧି ଉପରେ ନଜର ରଖିଛନ୍ତି। ତେବେ ବାଘୁଣୀ ଯମୁନାର ସ୍ଥିତି ସମ୍ପର୍କରେ ବନ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯିବ ନାହିଁ। ସେ ଜଙ୍ଗଲରେ ରହିଛି। ଜିନ୍ନତ ଓ ଯମୁନାଙ୍କୁ ଟ୍ରାକିଂରେ ରଖାଯାଇଛି ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ବାଘୁଣୀ ନଭେମ୍ବର ୧୪ରେ ଆସିଥିବା ଜିନ୍ନତ ଡିସେମ୍ବର ୮ରେ ଶିମିଳିପାଳରୁ ବାହାରି ଝାଡ଼ଖଣ୍ଡ ରାଜ୍ୟର ଚିଆବାନ୍ଧି, ମଚାପଡ଼ିଆ ଓ ରାଜାବସା ଜଙ୍ଗଲରେ ଅବସ୍ଥାନ କରୁଛି। ଶିମିଳିପାଳକୁ ଫେରିବା ନେଇ ତା'ର ଗତିବିଧି ଉପରେ ଉଭୟ ରାଜ୍ୟର ବନ ଅଧିକାରୀ ଓ କର୍ମଚାରୀମାନେ ୨୪ ଘଣ୍ଟିଆ ନଜର ରଖିଛନ୍ତି। ତେବେ ଶିମିଳିପାଳ ଅଭୟାରଣ୍ୟରୁ ୪୦ କି.ମି. ଦୂରକୁ ଯାଇଥିବା ଜିନ୍ନତ ପଛରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ତାଲିମ୍‌ପ୍ରାପ୍ତ କର୍ମଚାରୀ ଓ ଅଧିକାରୀଙ୍କ ତିନୋଟି ଟିମ୍ ସହ ମୋଟ ୧୫ କର୍ମଚାରୀ ରହିଛନ୍ତି। ଅନ୍ୟପକ୍ଷରେ ଅକ୍ଟୋବର ୨୭ରେ ଆସିଥିବା ବାଘୁଣୀ ଯମୁନା ରବିବାର ରାତିରେ ଶିମିଳିପାଳରୁ କପ୍ତିପଦା ରେଞ୍ଜ ଅଧୀନ ଶୁଖୁଆପଟା ପାହାଡ଼ ଦେଇ ବାଲେଶ୍ୱର ଜିଲା ଔପଦା ଏବଂ ସେଠାରୁ କୁଳଡ଼ିହା ☞ପୃଷ୍ଠା-୪

# କେନ୍ଦ୍ର, ରାଜ୍ୟକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ବଳାତ୍କାରୀଙ୍କୁ ନଂପୁସକ କରିବା, ଜାମିନ ନ ଦେବାକୁ ପିଆଇଏଲ୍

ନୂଆଦିଲ୍ଲୀ,୧୬।୧୨

ଭାରତରେ ମହିଳା, ଶିଶୁ ଓ ତୃତୀୟ ଲିଙ୍ଗୀଙ୍କ ପ୍ରତି ଅପରାଧ ବଢୁଥିବାରୁ ଏହାକୁ ରୋକିବା ଦିଗରେ କେତେକ କଠୋର ପଦକ୍ଷେପ ଗ୍ରହଣ କରାଯିବାକୁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ସୁପ୍ରିମକୋର୍ଟ ମହିଳା ଆଇନଜୀବୀ ସଂଘ ପକ୍ଷରୁ ଦାଏର କରାଯାଇଥିବା ଏହି ପିଆଇଏଲ୍‌ରେ ବଳାତ୍କାରୀଙ୍କୁ ରାସାୟନିକ ଉପାୟରେ ନଂପୁସକ କରାଯିବା ସହ ବଳାତ୍କାର ମାମଲାରେ ଜାମିନ ବ୍ୟବସ୍ଥା ନ ରଖିବା ପାଇଁ ପ୍ରସ୍ତାବ ରହିଥିଲା। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ସୋମବାର ପିଟିଶନ୍‌ର ଶୁଣାଣି କରି ଏ ସଂକ୍ରାନ୍ତରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକଠାରୁ ଜବାବ ମାଗିଛନ୍ତି। ଆମ ଦଣ୍ଡାତ୍ମକ ଆଇନରେ କୌଣସି ତ୍ରୁଟି ରହିଛି କି ନାହିଁ, ତାହା ଅନୁଧ୍ୟାନ କରିବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି।

୨୦୧୨ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣାର ୧୨ ବର୍ଷ ପୂରିବା ଅବସରରେ ମହିଳା ଆଇନଜୀବୀ ସଂଘ ପକ୍ଷରୁ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। କୋଲକାତାର ଆର୍.ଜି. କର ମେଡିକାଲ କଲେଜରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ହତ୍ୟା ଘଟଣା ସମେତ ଦେଶର ବିଭିନ୍ନ ଭାଗରେ ବଳାତ୍କାର ଓ ଯୌନ ହିଂସା ଭଳି ବୀଭତ୍ସ ଅପରାଧ ବଢ଼ିଚାଲିଥିବାରୁ କଠୋର ଦଣ୍ଡବିଧାନର ଆବଶ୍ୟକତା ରହିଥିବା ପିଟିଶନ୍‌ରେ ଦର୍ଶାଯାଇଥିଲା। ମହିଳା ଏବଂ ଦୁର୍ବଳ ଶ୍ରେଣୀଙ୍କୁ ସୁରକ୍ଷା ସୁନିଶ୍ଚିତ କରିବାରେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ବିଫଳ ହୋଇଥିବାରୁ ଏଥିରେ ଚିନ୍ତାବ୍ୟକ୍ତ କରାଯାଇଥିଲା। ଅପରାଧୀଙ୍କୁ ରୋକିବାରେ ବର୍ତ୍ତମାନର ଆଇନ ବ୍ୟବସ୍ଥା ଏବଂ ପୋଲିସ କଳ ବିଫଳ ହୋଇଛି। ସେଥିପାଇଁ ଦଣ୍ଡ ବ୍ୟବସ୍ଥାରେ ସଂସ୍କାର ଅଣାଯିବା ଆବଶ୍ୟକ। ପିଟିଶନରେ ଦିଆଯାଇଥିବା କେତେକ ପ୍ରସ୍ତାବ ମଧ୍ୟରେ ରହିଛି, ଯୌନ ଅପରାଧୀ ରେଜିଷ୍ଟ୍ରି ସ୍ଥାପନ, ☞ପୃଷ୍ଠା-୪

# ଉଜୁଡ଼ିଯାଉଛି ସବୁଜିମା

## ୧୦ ବର୍ଷରେ ୨୩,୧୦୭ ହେକ୍ଟର ଜଙ୍ଗଲ ପଦା

ଭୁବନେଶ୍ୱର,୧୬।୧୨(ଅନିଲ ଦାସ)

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏହାର ପ୍ରଭାବ ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ପଡ଼ିବା ଆରମ୍ଭ କଲାଣି। ପରିବେଶ ସୁରକ୍ଷା ପାଇଁ ଜଙ୍ଗଲ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ବିକାଶ ନାଁରେ ଏହି ପ୍ରାକୃତିକ ସମ୍ପଦ ଉଜୁଡ଼ି ଯାଉଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ପ୍ରକଳ୍ପ ସକାଶେ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କିସମରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଜଙ୍ଗଲ ସଫା ହେଉଥିବାରୁ ରାଜ୍ୟକୁ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପଦ ମଧ୍ୟ ବଢ଼ି ଚାଲିଛି। ଏପରି ଧାରା ବଜାୟ ରହିଲେ ରାଜ୍ୟରେ ଏହି ପ୍ରାକୃତିକ ସମ୍ପଦ ପଦା ହେବା ସହ ଆଗାମୀ ଦିନରେ ବିପଦ ଆହୁରି ଘନେଇବ ବୋଲି ପରିବେଶ ଚେତାବନୀ ଦେଇଛନ୍ତି।

ବିଭିନ୍ନ ପ୍ରକଳ୍ପ ପାଇଁ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ୨୩୧୦୭.୩୩୫ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କିସମରେ ପରିଣତ କରାଯାଇଛି। ଏଥିସହ ପ୍ରାୟ ୧୦ ଲକ୍ଷ ବୃକ୍ଷ କଟାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭାରେ ଭାଜପା ସଭ୍ୟ ପ୍ରଶାନ୍ତ ଜଗଦ୍ଦେବଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ନିମନ୍ତେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ବନ (ସଂରକ୍ଷଣ ଓ ସମ୍ବର୍ଦ୍ଧନା) ଆଇନ, ୧୯୮୦ର ଧାରା (୨) ଅନୁଯାୟୀ ଜଙ୍ଗଲ ଜମିକୁ ବିଭିନ୍ନ ଅଣଜଙ୍ଗଲ କାର୍ଯ୍ୟ ଉଦ୍ଦେଶ୍ୟରେ ଅପସାରଣ ନିମନ୍ତେ ଅନୁମୋଦନ ପ୍ରଦାନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଆମେ କାମ ଚୋର

# ଜାକିର ହୁସେନ୍‌ଙ୍କ ପରଲୋକରେ ସଙ୍ଗୀତ, ଚଳଚ୍ଚିତ୍ର ଜଗତର ଶୋକ



ନୂଆଦିଲ୍ଲୀ,୧୬।୧୨

ଖ୍ୟାତନାମା ତବଲା ଉସ୍ତାଦ ଜାକିର ହୁସେନ୍‌ଙ୍କର ସୋମବାର ଭୋର ସମୟରେ ସାନ୍‌ଫ୍ରାନ୍ସିସ୍କୋର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଏକଦା ତବଲାକୁ ତାଙ୍କର ସାଥୀ, ଭାଇ ଓ ବନ୍ଧୁ ବୋଲି କହୁଥିଲେ। ଦୀର୍ଘ ୬୦ ବର୍ଷର କ୍ୟାରିୟରରେ ସେ ସଙ୍ଗୀତ ଜଗତ ସହ ନିବିଡ଼ ଭାବେ ଜଡ଼ିତ ରହିଆସିଥିଲେ। ☞ପୃଷ୍ଠା-୪

# ଡିସେମ୍ବରରେ ମିଳିବନି ସୁଭଦ୍ରା ଟଙ୍କା

## ଯାଞ୍ଚ ଶେଷରେ ମିଳିବ ଚତୁର୍ଥ ପର୍ଯ୍ୟାୟ ଟଙ୍କା: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,୧୬।୧୨(ଅନିଲ ଦାସ)

ଚଳିତମାସ(ଡିସେମ୍ବର)ରେ ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ମିଳିବ ନାହିଁ। ଆସନ୍ତା ୩୦ ତାରିଖ ସୁଦ୍ଧା ସବୁ ପ୍ରକାର ଯାଞ୍ଚ ସରିବା ପରେ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ପାଇଁ ୪ର୍ଥ ପର୍ଯ୍ୟାୟ କିସ୍ତି ପ୍ରଦାନକୁ ସ୍ଥଗିତ ରଖାଯାଇଛି। ଯାଞ୍ଚ ପ୍ରକ୍ରିୟା ଚାଲିଥିବାରୁ ସ୍ଥଗିତ ହୋଇଛି। ସମସ୍ତ ପ୍ରକାର ଯାଞ୍ଚ ସରିଲେ, ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ୩୦ ତାରିଖ ସୁଦ୍ଧା ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଯିବ ବୋଲି ଆଶା ରହିଥିବା ସେ କହିଛନ୍ତି।

ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ସହାୟତା ପାଇବା ନିମନ୍ତେ ବାୟୋମେଟ୍ରିକ ପ୍ରକ୍ରିୟାରେ ଇ-କେୱାଇସି କରିବାକୁ ପଡ଼ିବ। ଯେଉଁ ୫.୧୧ ଲକ୍ଷ ହିତାଧିକାରୀ ସୁଭଦ୍ରା ଅଧୀନରେ ଇ-କେୱାଇସି କରିନାହାନ୍ତି କିମ୍ବା ଓଟିପି ମାଧ୍ୟମରେ ଇ-କେୱାଇସି କରିଛନ୍ତି ସୁଭଦ୍ରା ସହାୟତା ପାଇବା ନିମନ୍ତେ ସେମାନଙ୍କୁ ମଧ୍ୟ ବାୟୋମେଟ୍ରିକ ☞ପୃଷ୍ଠା-୪


**ଚେସ୍ ବିଶ୍ୱ ଚାମ୍ପିୟନଙ୍କ ଘରବାହୁଡ଼ା:** ସିଙ୍ଗାପୁରରେ ଫିଡେ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍ ଜିତି ଫେରିବାପରେ ସୋମବାର ଚେନ୍ନାଇରେ ମା' ପଦ୍ମାବତୀଙ୍କ ସହ ବିଶ୍ୱ ଚେସ୍ ଚାମ୍ପିୟନ ଡି. ଗୁକେଶ।

# ଭାରତରେ ରହିଛି ୨୧ ନକଲି ବିଶ୍ୱବିଦ୍ୟାଳୟ

ନୂଆଦିଲ୍ଲୀ, ୧୬।୧୨

ଭାରତରେ ସମୁଦାୟ ୨୧ ନକଲି ବିଶ୍ୱବିଦ୍ୟାଳୟ ରହିଛି। ସୋମବାର ଲୋକ ସଭାର ପ୍ରଶ୍ନକାଳ ସମୟରେ ଏକ ପ୍ରଶ୍ନର ଉତ୍ତର ରଖି କେନ୍ଦ୍ର ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର ଏହି ସୂଚନା ଦେଇଛନ୍ତି। ସୁକାନ୍ତ ୨୧ ନକଲି ବିଶ୍ୱ ବିଦ୍ୟାଳୟ ବିଷୟରେ ବିସ୍ତୃତ ସୂଚନା ଦେଇ ଛାତ୍ରୀଛାତ୍ରମାନଙ୍କୁ ଏହି ସବୁ ବିଶ୍ୱବିଦ୍ୟାଳୟରେ ନାମ ନ ଲେଖାଇବା ପାଇଁ ନିବେଦନ କରିଛନ୍ତି। ସେହିପରି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନକଲି ବିଶ୍ୱବିଦ୍ୟାଳୟ ଗୁଡ଼ିକର ତାଲିକାକୁ ବ୍ୟାପକ ଭାବେ ପ୍ରଚାର ପ୍ରସାର କରିବା ପାଇଁ ସେ ଏମ୍‌ପିମାନଙ୍କୁ ନିବେଦନ କରିଛନ୍ତି। ଏହି ସଂସ୍ଥାଗୁଡ଼ିକୁ ବନ୍ଦ କରିବା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକର ପ୍ରଶାସନକୁ ଅନୁରୋଧ କରାଯାଇଛି ବୋଲି ସେ କହିଛନ୍ତି। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ସର୍ବାଧିକ ୮ ନକଲି ବିଶ୍ୱବିଦ୍ୟାଳୟ ଚାଲିଥିବାବେଳେ ଉତ୍ତରପ୍ରଦେଶରେ ୪, ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ ଓ କେରଳରେ ୨ ଲେଖାଏ, ପୁଡୁଚେରୀ, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଗୋଟିଏ ଲେଖାଏ ନକଲି ବିଶ୍ୱ ବିଦ୍ୟାଳୟ ରହିଛି।

DSPL - 258

ଷଷ୍ଠ ଓଡ଼ିଶା ରାଜ୍ୟ
ପୁସ୍ତକ ମହୋତ୍ସବ-୨୦୨୪
ସ୍ଥାନ-ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଭୁବନେଶ୍ୱର
ତା. ୦୭ ଡିସେମ୍ବର ୨୦୨୪ ଠାରୁ ତା. ୧୭ ଡିସେମ୍ବର ୨୦୨୪ ରିଖ ପର୍ଯ୍ୟନ୍ତ
ଉଦ୍‌ଯାପନ ଉତ୍ସବ
ଗରିମାମୟ ଉପସ୍ଥିତି
ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା
ଅଧ୍ୟାପକ ବିଶ୍ୱରଞ୍ଜନ
ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭକାର ତଥା ବାଗ୍ମୀ
ତା ୧୭.୧୨.୨୦୨୪ ରିଖ, (ମଙ୍ଗଳବାର)
ସନ୍ଧ୍ୟା ୬.୦୦ ଘଟିକା
ଆୟୋଜକ :
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
OIPR-03029/13/0031/2425

## ସଂକ୍ଷେପରେ

### ଇସ୍ରାଏଲ-ହମାସ୍ ଯୁଦ୍ଧ: ମୃତ୍ୟୁସଂଖ୍ୟା ୪୫ ହଜାର ଟପିଲା

ଗାଜା ସିଟି, ୧୬।୧୨

ଗାଜାରେ ଗତ ୧୪ ମାସ ଧରି ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଏହି ଯୁଦ୍ଧରେ ମୃତ୍ୟୁସଂଖ୍ୟା ୪୫ ହଜାର ଟପିଥିବା ନେଇ ଗାଜାରେ ଅବସ୍ଥାପିତ ହମାସ ନିୟନ୍ତ୍ରିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦାବି କରିଛି। ଏବେସୁଦ୍ଧା ଏହି ଯୁଦ୍ଧରେ ୪୫୦୨୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧ ଲକ୍ଷ ୬ ହଜାର ୯୬୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧାରୁ ଅଧିକ ମହିଳା ଓ ଶିଶୁ ରହିଛନ୍ତି।କେବଳ ୧୭ ହଜାର ଶିଶୁଙ୍କର ମୃତ୍ୟୁ ଘଟିଥିବା ନେଇ ପାଲେଷ୍ଟିନୀୟ ଅଧିକାରୀମାନେ ଦାବି କରିଛନ୍ତି। ସେହିପରି ଯୁଦ୍ଧ ଆରମ୍ଭ ହେବା ପରଠାରୁ ୧୧ ହଜାର ଜଣ ପାଲେଷ୍ଟିନୀୟ ନିଖୋଜ ରହିଛନ୍ତି। ତେବେ ଗାଜାରେ ଚାଲିଥିବା ଯୁଦ୍ଧରେ ୧୭ ହଜାରରୁ ଅଧିକ ହମାସ ଆତଙ୍କବାଦୀ ମୃତ୍ୟୁ ଘଟିଥିବା ନେଇ ଇସ୍ରାଏଲୀ ସେନା ଦାବି କରିଛି। ସେହିପରି ହମାସ ପକ୍ଷରୁ ମୃତ୍ୟୁ ସଂଖ୍ୟାକୁ ବଢ଼ାଇଚଢ଼ାଇ କୁହାଯାଉଛି ବୋଲି ଇସ୍ରାଏଲୀ ସେନା କହିଛି। ଗତ ବର୍ଷ ଅକ୍ଟୋବରରେ ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଏହାପୂର୍ବରୁ ହମାସ ଦକ୍ଷିଣ ଇସ୍ରାଏଲର ବିଭିନ୍ନ ଅଞ୍ଚଳରେ ଆକ୍ରମଣ କରି ପ୍ରାୟ ୨୫୦ ଜଣ ଇସ୍ରାଏଲୀଙ୍କୁ ପଣବନ୍ଦୀ କରିଥିଲା।

### ଆଜି ଆସିବ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍

ନୂଆଦିଲ୍ଲୀ, ୧୬।୧୨

ଦେଶରେ ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ସମ୍ବିଧାନ ସଂଶୋଧନ ବିଲ୍ ମଙ୍ଗଳବାର ଲୋକ ସଭାରେ ଆଗତ ହୋଇପାରେ ବୋଲି ଜଣାପଡ଼ିଛି। ଏହି 'ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍' ଉଭୟ ଗୃହର ଯୁଗ୍ମ କମିଟିକୁ ପଠାଯାଇପାରେ। କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ୧୨୯ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବା ସହ ଏହାକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ପାଇଁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ନିବେଦନ କରିପାରନ୍ତି। କେନ୍ଦ୍ର କ୍ୟାବିନେଟ ବିଲ୍‌କୁ ମଞ୍ଜୁରୀ ଦେଇସାରିଛି।

### ୨୨୪ ଡ୍ୟାମ୍ ଶହେ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା

ନୂଆଦିଲ୍ଲୀ, ୧୬।୧୨

ଦେଶରେ ୧,୦୬୫ଟି ଡ୍ୟାମ୍ ୫୦ରୁ ୧୦୦ ବର୍ଷ ପୁରୁଣା ହୋଇଥିବାବେଳ ୨୨୪ଟି ଡ୍ୟାମ୍ ୧୦୦ ବର୍ଷରୁ ଅଧିକ ପୁରୁଣା ହେଲାଣି ବୋଲି ଜଳଶକ୍ତି ମନ୍ତ୍ରଣାଳୟ କହିଛି। ଦେଶରେ ମୋଟ ୬,୧୩୮ଟି ନିର୍ମିତ ଓ ୧୪୩ଟି ନିର୍ମାଣାଧୀନ ନଦୀବନ୍ଧ ରହିଛ ବୋଲି ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜଭୁଷଣ ଚୌଧରୀ କହିଛନ୍ତି। ନଦୀବନ୍ଧଗୁଡ଼ିକୁ ବିଭିନ୍ନ ଚ୍ୟାଲେଞ୍ଜ ଓ ବିପର୍ଯ୍ୟୟରୁ ସୁରକ୍ଷା ଦେବା ପାଇଁ ସରକାର ଡ୍ୟାମ୍ ସେଫ୍ଟି ଆକ୍ଟ, ୨୦୨୧ କାର୍ଯ୍ୟକାରୀ କରିଥିଲେ।

# ନେହେରୁଙ୍କୁ ନେଇ ସୀତାରାମନ୍-ଖାର୍ଗେ ମୁହାଁମୁହିଁ

## ସମ୍ବିଧାନ ବିତର୍କ

ନୂଆଦିଲ୍ଲୀ, ୧୬।୧୨



ରାଜ୍ୟ ସଭାରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲକାର୍ଜୁନ ଖାର୍ଗ।

୧୯୫୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ସମ୍ବିଧାନ ସଂଶୋଧନ କରି ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇଥିଲେ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ରାଜ୍ୟ ସଭାରେ ସମ୍ବିଧାନ ଉପରେ ଆଲୋଚନାରେ ଭାଗ ନେଇ କହିଥିଲେ। ୧୯୪୯ରେ କବି ଏବଂ ଗୀତିକାର ମଜରୁହ ସୁଲତାନପୁରୀ ଏବଂ ଅଭିନେତା ବଲରାଜ ସାହନିଙ୍କୁ ଗିରଫ କରି ଜେଲ ପଠାଯିବା ସହ ସେମାନଙ୍କ ପୁସ୍ତକକୁ ବେଆଇନ ଘୋଷଣା କରାଯାଇଥିଲା। କଂଗ୍ରେସ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ନୁହେଁ ବରଂ କ୍ଷମତାରେ ଥିବା ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ପାଇଁ ସମ୍ବିଧାନ ସଂଶୋଧନ କରୁଥିଲେ ବୋଲି ସୀତାରାମନ୍ କହିଥିଲେ।

ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହାର କଡ଼ା ଜବାବ ଦେଇଛନ୍ତି। ସୀତାରାମନ ନିଜେ ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ରେ ଶିକ୍ଷାଗ୍ରହଣ କରିଥିଲେ। ସେ ଇଂଲିଶ ଓ ହିନ୍ଦୀରେ ବହୁତ ଭଲ, କିନ୍ତୁ ତାଙ୍କ କାର୍ଯ୍ୟ ଭଲ ନୁହେଁ ବୋଲି ଖାର୍ଗେ କହିଛନ୍ତି। ଗାନ୍ଧୀ ପରିବାରକୁ ଭାଜପା ଅସମ୍ମାନିତ କରିବା ସହ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି କଂଗ୍ରେସର ପ୍ରତିଶ୍ରୁତିବଦ୍ଧତା ଉପରେ ପ୍ରଶ୍ନ ଉଠାଉଥିବା ଖାର୍ଗେ ଅଭିଯୋଗ କରିଛନ୍ତି। ଯେଉଁମାନେ ଦିନେ ତ୍ରିରଙ୍ଗା, ଅଶୋକ ଚକ୍ର ଏବଂ ସମ୍ବିଧାନକୁ ଘୃଣା କରୁଥିଲେ, ସେମାନେ ଏବେ ଆମକୁ ଶିକ୍ଷା ଦେଉଛନ୍ତି ବୋଲି ଖାର୍ଗେ ସମାଲୋଚନା କରିଥିଲେ। ଭାରତର ସମ୍ବିଧାନ ମନୁସ୍ମୃତି ଆଧାରରେ ଲେଖାଯାଇ ନ ଥିବାରୁ ଭାଜପା ଏବଂ ଆର୍‌ଏସ୍‌ଏସ୍ ଏହାର ବିରୋଧ କରୁଥିବା ସେ ଅଭିଯୋଗ କରିଥିଲେ। ନେହେରୁ ରାଜ୍ୟଗୁଡ଼ିକୁ ଲେଖିଥିବା ଏକ ପତ୍ରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁଲ୍ ଉପସ୍ଥାପନ କରି ଜନସାଧାରଣଙ୍କୁ ବିଭ୍ରାନ୍ତ କରାଉଥିବା କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ଅଭିଯୋଗ କରିବା ସହ ତାଙ୍କୁ ନିନ୍ଦା କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ଖାର୍ଗେ ଦାବି କରିଛନ୍ତି।

ଭାରତୀୟ ଗଣତନ୍ତ୍ରର ସ୍ଥିତିକୁ ନେଇ ରାଜ୍ୟ ସଭା ସଦସ୍ୟ କପିଲ ସିବଲ ଗଭୀର ଚିନ୍ତାବ୍ୟକ୍ତ କରିବା ସହ ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟ୍ଟକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ବୈଶ୍ୱିକ ପ୍ରଯୁକ୍ତି ଶକ୍ତିଗୁଡ଼ିକଠାରୁ ବିପଦ ସମ୍ଭାବନା ରହିଥିବା ସେ ସତର୍କ କରାଇ ଦେଇଛନ୍ତି। ଦେଶର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ବିଭିନ୍ନ ଆହ୍ୱାନର ସମ୍ମୁଖୀନ। ଅର୍ଥନୈତିକ ଅସମାନତା ଉଦ୍‌ବେଗଜନକ ଭାବେ ବଢୁଛି। ଦେଶର ୧ ପ୍ରତିଶତ ଅତି ଧନୀଙ୍କ ପାଖରେ ଦେଶର ୪୦ରୁ ୫୦ ପ୍ରତିଶତ ସମ୍ପତ୍ତି ରହିଥିବା ସେ କହିଛନ୍ତି। ଦଳିତଙ୍କ ପ୍ରତି ହିଂସା ବଢୁଥିବାରୁ ସାମାଜିକ ନ୍ୟାୟକୁ ନେଇ ସିବଲ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ଭାଜପା ସାମ୍ବିଧାନିକ ମୂଲ୍ୟବୋଧକୁ ନେଇ କଂଗ୍ରେସକୁ ସମାଲୋଚନା କରିଛି। ସର୍ବପୁରାତନ ଦଳ କ୍ଷମତାରେ ଥିବାବେଳେ ଗୋଟିଏ ପରିବାରକୁ ସାହାଯ୍ୟ କରିବା ପାଇଁ ସମ୍ବିଧାନ ସଂଶୋଧନ କରିଆସୁଥିଲା ବୋଲି ଭାଜପା କହିଛି।

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟ ଏବଂ ଲାଇବ୍ରେରିରୁ ନେହେରୁଙ୍କ କେତେକ ପତ୍ରକୁ ନେଇଯାଇଥିବାରୁ ସେଗୁଡ଼ିକୁ ଫେରାଇବା ପାଇଁ ଭାଜପା ସୋମବାର କହିଛି। ଏହି ଐତିହାସିକ ଦସ୍ତାବିଜ୍‌ଗୁଡ଼ିକ ଦେଶର ସମ୍ପତ୍ତି, କାହାର ବ୍ୟକ୍ତିଗତ ନୁହେଁ ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି।

### ସମ୍ଭଲ ମନ୍ଦିରରୁ ମିଳିଲା ୩ ଭଙ୍ଗା ମୂର୍ତ୍ତି



ସମ୍ଭଲ, ୧୬।୧୨

ଉତ୍ତରପ୍ରଦେଶର ସମ୍ଭଲସ୍ଥିତ ଖଗୁ ସରାୟ ଅଞ୍ଚଳରେ ୪୮ ବର୍ଷ ଧରି ବନ୍ଦ ପଡ଼ିଥିବା ଏକ ମନ୍ଦିରକୁ ଶନିବାର ଜିଲା ପ୍ରଶାସନ ପକ୍ଷରୁ ଖୋଲା ଯାଇଥିଲା। ଉକ୍ତ ମନ୍ଦିର ନିକଟରେ ଏକ ପୋତି ହୋଇଯାଇଥିବା କୂଅ ଦେଖିବାକୁ ମିଳିଥିଲା। ସୋମବାର ଉକ୍ତ କୂଅକୁ ୧୫ରୁ ୨୦ ଫୁଟ ଯାଏ ଖନନ କରାଯାଇଥିବାବେଳେ, ଅଧିକାରୀମାନଙ୍କୁ ସେଠାରୁ ୩ ଭଙ୍ଗା ମୂର୍ତ୍ତି ମିଳିଛି। ଉକ୍ତ ମୂର୍ତ୍ତିଗୁଡ଼ିକର ଲମ୍ବ ୪ରୁ ୬ ଇଞ୍ଚ ରହିଛି। ଦେଖିବାକୁ ମୂର୍ତ୍ତିଗୁଡ଼ିକ ଦେବୀ ପାର୍ବତୀ, ଲକ୍ଷ୍ମୀ ଓ ଭଗବାନ ଗଣେଶଙ୍କ ପରି ମନେ ହେଉଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଘଟଣାକୁ ନେଇ ପ୍ରଶାସନର ତଦନ୍ତ ଜାରି ରହିଛି।

# ଶ୍ରୀଲଙ୍କା ମାଟିକୁ ଭାରତ ବିରୋଧରେ ବ୍ୟବହାର କରିବାକୁ ଦିଆଯିବନି: ଦିସାନାୟକେ

ନୂଆଦିଲ୍ଲୀ, ୧୬।୧୨


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ।

ଶ୍ରୀଲଙ୍କା ଏହାର ଅଞ୍ଚଳକୁ ଭାରତର ସ୍ୱାର୍ଥ ବିରୋଧୀ କୌଣସି କାର୍ଯ୍ୟରେ ବ୍ୟବହାର ପାଇଁ ଅନୁମତି ଦେବ ନାହିଁ ବୋଲି ଏହାର ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଭାରତକୁ ଟାର୍ଗେଟ କରିବା ପାଇଁ ଚାଇନା ଏହାର 'ମିଶନ ଇଣ୍ଡିଆନ୍ ଓସନ୍'କୁ ବଢ଼ାଇ ଚାଲିଛି। ଶ୍ରୀଲଙ୍କା ଚାଇନାର ଋଣ ଶୁଝିବାରେ ବିଫଳ ହେବାରୁ ଏହାର ହମ୍ବାନ୍‌ଟୋଟା ବନ୍ଦରକୁ ଚାଇନା ଅକ୍ତିଆର କରିଛି। ସେଠାରେ ବେଜିଂ ନାଭାଲ ସର୍ଭିଲେନ୍ସ ଏବଂ ସ୍ପାଏ ଜାହାଜ ମୁତୟନ କରିଥିବାବେଳେ ଦିସାନାୟକେ ନୂଆଦିଲ୍ଲୀକୁ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି।

ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଉଭୟଙ୍କ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନା ବେଳେ ଭାରତ-ଶ୍ରୀଲଙ୍କା ସମ୍ପର୍କକୁ ମଜଭୁତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଦିସାନାୟକେ କହିଛନ୍ତି। ଭାରତ ସହ ସହଯୋଗ ବଢ଼ିଚାଲିଛି ଏବଂ ଏହି ସମର୍ଥନ ଜାରି ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଗତ ସେପ୍ଟେମ୍ବରରେ ଶ୍ରୀଲଙ୍କା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଦିସାନାୟକେ ଭାରତକୁ ପ୍ରଥମ ବିଦେଶ ଗସ୍ତରେ ଆସି ଖୁସି ବ୍ୟକ୍ତ କରିଛନ୍ତି। ୨ ବର୍ଷ ପୂର୍ବେ ଶ୍ରୀଲଙ୍କା ଅଭୂତପୂର୍ବ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଭାରତ ପର୍ଯ୍ୟାପ୍ତ ସହାୟତା କରିଥିବା ସେ ସ୍ୱୀକାର କରିଛନ୍ତି। ଶ୍ରୀଲଙ୍କାର ଆଞ୍ଚଳିକ ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଭାରତ ପୂର୍ଣ୍ଣ ସହଯୋଗ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ପ୍ରତିଶ୍ରୁତି ଦେଇଛନ୍ତି।

# ସବୁଠୁ ପ୍ରଦୂଷିତ ସହରର ତାଲିକା ମାଗିଲେ ସୁପ୍ରିମକୋର୍ଟ

## ଦିଲ୍ଲୀରେ ଜିଆର୍‌ଏପି-୩ କଟକଣା

ନୂଆଦିଲ୍ଲୀ, ୧୬।୧୨



ପ୍ରଦୂଷଣ ସାରା ଦେଶର ସମସ୍ୟା ବୋଲି ସୁପ୍ରିମକୋର୍ଟ ସୋମବାର କହିବା ସହ ଅତ୍ୟଧିକ ପ୍ରଦୂଷିତ ସହରଗୁଡ଼ିକର ତାଲିକା ଦାଖଲ ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ଗୁଣବତ୍ତା ଚିହ୍ନଟ ଏବଂ ସମସ୍ୟାର ସମାଧାନ ପାଇଁ ବାୟୁ ଗୁଣବତ୍ତା ପରିଚାଳନା କମିଶନ (ସିଏକ୍ୟୁଏମ୍) ଗଠନ କରାଯାଇଛି। ଅନୁରୂପ ଆୟୋଗ ସମସ୍ତ ରାଜ୍ୟରେ ଗଠନ କରିବାକୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ଆମେ ସୁପ୍ରିମକୋର୍ଟରେ ବସି ଦିଲ୍ଲୀର ବାୟୁ ପ୍ରଦୂଷଣ ସମସ୍ୟାର ସମାଧାନ କରଥିବା ନେଇ ଭୁଲ୍ ସଙ୍କେତ ଦେବାକୁ ଚାହୁଁନାହୁଁ ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି। ଏନ୍‌ସିଆର୍ ବାହାରେ ସହରଗୁଡ଼ିକରେ ପ୍ରଦୂଷଣ ନିରୋଧୀ ବ୍ୟବସ୍ଥା କାର୍ଯ୍ୟକାରୀ ହେଉ ନ ଥିବାରୁ ଦିଲ୍ଲୀରେ ଜିଆର୍‌ଏପି (ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍) କଟକଣା ବିଫଳ ହୋଇଥିବା କୋର୍ଟ କମିଶନ ଜଣାଇଥିଲେ। ଅନ୍ୟ ରାଜ୍ୟଗୁଡ଼ିକରେ ନଡ଼ା ପୋଡି ଅଧିକ ସମସ୍ୟା ସୃଷ୍ଟି କରୁଥିବା କମିଶନ କହିଥିଲେ। ପ୍ରଦୂଷଣ ବଢୁଥିବାରୁ ଜନସ୍ୱାର୍ଥ ମାମଲାର ପରିସରକୁ ଏନ୍‌ସିଆର୍ ବାହାରେ ଥିବା ଅଞ୍ଚଳ ଏବଂ ଅନ୍ୟ ରାଜ୍ୟକୁ ବିସ୍ତାର କରିବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ଗତ ମାସରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ପହଞ୍ଚିବାରୁ ଜିଆର୍‌ଏପି-୪ ଲାଗୁ ହୋଇଥିଲା। ପ୍ରଦୂଷଣ ହ୍ରାସ ପରେ ଏହି କଟକଣା କୋହଳ ହୋଇଥିଲା। ସୋମବାର ପୁନର୍ବାର ସ୍ଥିତି ଗମ୍ଭୀର ହେବାରୁ ଜିଆର୍‌ଏପି-୩ ଲାଗୁ ହୋଇଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍‌ଲାଇନ ପାଠପଢ଼ା ସହ ଡିଜେଲ ଗାଡ଼ି ଚଳାଚଳ ବନ୍ଦ ହୋଇଛି।

# ଆମେରିକା ଆକାଶରେ ରହସ୍ୟମୟ ଡ୍ରୋନ୍

## ଲୋକେ ଭୟଭୀତ

## ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ୱାଶିଂଟନ, ୧୬।୧୨

ଆମେରିକାର ନ୍ୟୁ ଜର୍ସି ଓ ଅନ୍ୟ ରାଜ୍ୟର ଆକାଶରେ କିଛିଦିନ ହେଲା ରହସ୍ୟମୟ ଡ୍ରୋନ୍ ଉଡୁଥିବାର ଦେଖାଯାଇଛି। ଏହାକୁ ନେଇ ଦେଶବାସୀ ଭୟଭୀତ। ଆମେରିକା ବାୟୁସୀମା ସୁରକ୍ଷାରେ ତ୍ରୁଟି ରହିଥିବା ନେଇ ପ୍ରଶ୍ନ ଉଠିଛି। ଏୟାରସ୍ପେସ୍‌ରେ ରହିଥିବା ଫାଙ୍କ ବନ୍ଦ ହେବା ଆବଶ୍ୟକ ବୋଲି ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନୋନୀତ ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲ୍ଟଜ କହିଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଅଭିଯୋଗକୁ ଖଣ୍ଡନ କରିଛି। ଆମେରିକା ଆକାଶରେ ଗତ କିଛିଦିନ ହେଲା ଉଡୁଥିବା ଡ୍ରୋନ୍‌ଗୁଡ଼ିକ ମଧ୍ୟରୁ ଅଧିକାଂଶ ଚାଳକଯୁକ୍ତ ଏୟାରକ୍ରାଫ୍ଟ। ଜାତୀୟ ସୁରକ୍ଷା ପ୍ରତି ବିପଦର କୌଣସି ପ୍ରମାଣ ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ସତ୍ତ୍ୱେ ବାଇଡେନ୍‌ଙ୍କ ଦଳ ସମେତ ଅନ୍ୟ ଆଇନ ପ୍ରଣେତାମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଜନସାଧାରଣଙ୍କ ଚିନ୍ତା ଦୂର କରିବା ଦିଗରେ ସରକାର ଅଧିକ ସ୍ୱଚ୍ଛ ତଥା ତତ୍ପର ହେଉ ନ ଥିବାରୁ ସେମାନେ ନିରାଶା ପ୍ରକଟ କରିଛନ୍ତି। ନଭେମ୍ବର ୧୮ରୁ ପ୍ରତ୍ୟେକ ରାତିରେ ନ୍ୟୁ ଜର୍ସିରେ ରହସ୍ୟମୟ ଡ୍ରୋନ୍ ଦେଖିବାକୁ ମିଳୁଥିବା ସଂଘୀୟ ବିମାନ ଚଳାଚଳ ପ୍ରଶାସନ ପକ୍ଷରୁ କୁହାଯାଇଛି। ନ୍ୟୁୟର୍କ, କନେକ୍ଟିକଟ୍, ପେନ୍‌ସିଲ୍‌ଭାନିଆ, ମାସୁଚୁସେଟ୍ସ ଏବଂ ଭିର୍ଜିନିଆ ଆକାଶରେ ମଧ୍ୟରେ ଡ୍ରୋନ୍ ଦେଖିବାକୁ ମିଳିଛି।

# ଭିକାରିଙ୍କୁ ଟଙ୍କା ଦେଲେ ହେବ ମାମଲା

ଇନ୍ଦୋର, ୧୬।୧୨



ଭାରତର ସ୍ୱଚ୍ଛତମ ସହର ଇନ୍ଦୋର ଭିକାରି ମୁକ୍ତ ହେବାକୁ ପ୍ରୟାସ ଆରମ୍ଭ କରିଛି। ଆସନ୍ତା ଜାନୁଆରୀ ୧ରୁ ସହର ମଧ୍ୟରେ ଭିକାରିଙ୍କୁ ଟଙ୍କା ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏନେଇ ସୂଚନା ଦେଇ ଇନ୍ଦୋର ଜିଲାପାଳ ଆଶିଷ ସିଂହ କହିଛନ୍ତି, ସହରକୁ ଭିକାରିମୁକ୍ତ ଓ ଭିକାରୀମାନଙ୍କ ଥଇଥାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପାଇଲଟ ପ୍ରୋଜେକ୍ଟ ଭିତ୍ତିରେ ଜିଲା ପ୍ରଶାସନ ଏହି ନିଷ୍ପତ୍ତି ନେଇଛି। ଭିକାରିଙ୍କୁ ଟଙ୍କା ଦେଇ ପାପର ଭାଗୀଦାରି ନ ହେବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ଆସନ୍ତା ୩୧ ଯାଏ ଜିଲା ପ୍ରଶାସନ ପକ୍ଷରୁ ଭିକ୍ଷାବୃତ୍ତି ବିରୋଧରେ ସହର ବ୍ୟାପୀ ଜାଗରଣ ଅଭିଯାନ ଜାରି ରହିବ। ସହରକୁ ଭିକାରିମୁକ୍ତ କରିବା ପାଇଁ ଲୋକଙ୍କ ସହଯୋଗ ନିତାନ୍ତ ଲୋଡ଼ା ବୋଲି ଆଶିଷ କହିଛନ୍ତି। ଯଦି ଲୋକମାନେ ଭିକାରୀଙ୍କୁ ଟଙ୍କା ଦେବା ବନ୍ଦ କରିବେ ନାହିଁ ତେବେ ସହରରେ ଭିକାରିବୃତ୍ତିକୁ ନିଷେଧ କରିବା କାଠିକର ପାଠ ହୋଇ ପଡ଼ିବ ବୋଲି ମଧ୍ୟପ୍ରଦେଶର ସାମାଜିକ କଲ୍ୟାଣ ମନ୍ତ୍ରୀ ନାରାୟଣ ସିଂ କୁଶୱାହା କହିଛନ୍ତି।

ତେବେ ଭିକ୍ଷାବୃତ୍ତି ବିରୋଧୀ ଅଭିଯାନ ବେଳେ ଇନ୍ଦୋର ପ୍ରଶାସନ କିଛି ଆଶ୍ଚର୍ଯ୍ୟକର ତଥ୍ୟ ପ୍ରଘଟ କରିଛି। ଅଭିଯାନର ସଞ୍ଚାଳନ କରୁଥିବା ପ୍ରୋଜେକ୍ଟ ଅଧିକାରୀ ଦୀନେଶ ମିଶ୍ରା କହିଛନ୍ତି, ଭିକ୍ଷାବୃତ୍ତି ବିରୋଧୀ ଅଭିଯାନବେଳେ ପ୍ରଶାସନ ସଂଗ୍ରହ କରିଥିବା ରିପୋର୍ଟରୁ ଜଣାପଡ଼ିଛି, କେତେଜଣ ଭିକାରିଙ୍କ ନିକଟରେ ପକ୍କା ଘର ରହିଛି। ସେହିପରି ଆଉ କେତେଜଣ ଭିକାରିଙ୍କ ପିଲାମାନେ ବ୍ୟାଙ୍କରେ କାମ କରନ୍ତି। କିଛି ଭିକାରି ଅନ୍ୟମାନଙ୍କୁ ଋଣ ଦେଇ ସୁଧ ଆଦାୟ ମଧ୍ୟ କରନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ଇନ୍ଦୋର ସମେତ ଭାରତର ୧୦ ସହରକୁ ଭିକାରି ମୁକ୍ତ କରିବା ପାଇଁ ପାଇଲଟ ପ୍ରୋଜେକ୍ଟ ଭିତ୍ତିରେ ପ୍ରୟାସ କରାଯାଉଛି। ଏହି ପ୍ରୋଜେକ୍ଟରେ ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପାଟଣା, ଅହମଦାବାଦ ଭଳି ଭାରତର ପ୍ରମୁଖ ସହର ରହିଛନ୍ତି।

## ଫୁରସତ୍

# ଦର୍ଶକଙ୍କ ମନ ମୋହୁଛି କୋଭିଡ୍ ୧୯ ଥିମ୍ ପାର୍କ



ହାନୋଇ

ଭିଏତ୍‌ନାମରେ ଏକ କରୋନା ଭାଇରସ୍ ଥିମ୍ ପାର୍କର ନିର୍ମାଣ କରାଯାଇଛି। ଏହି କୋଭିଡ୍ ୧୯ ପାର୍କ ଭିଏତ୍‌ନାମର ଦକ୍ଷିଣ-ପୂର୍ବ ଅଞ୍ଚଳରେ ଅବସ୍ଥିତ ତୁୟେନ୍ ଲଙ୍କେ ଜାତୀୟ ପର୍ଯ୍ୟଟନ କମ୍ପ୍ଲେକ୍ସ ମଧ୍ୟରେ ରହିଛି। ଏଲା ରିବେକ୍ ନାମ୍ନୀ ଜଣେ ବ୍ରିଟିଶ ମହିଳା ଏହି ପାର୍କ ଭିତରେ ଥିବା ଦୃଶ୍ୟକୁ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି, ଯାହା ବେଶ୍ ଭାଇରାଲ ହେବାରେ ଲାଗିଛି। ଏଲା କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, କରୋନା ଥିମ୍ ସହ ଏହି ପାର୍କ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଓ ମନୋରମକାରୀ ରହିଛି। ଏଥିସହିତ ସେ ଉକ୍ତ ଭିଡିଓରେ ପାର୍କ ଭିତରର ପୂରା ଦୃଶ୍ୟକୁ ଦେଖାଉଛନ୍ତି, ଯେଉଁଥିରେ କରୋନା ସଂକ୍ରମଣ ସହ ଜଡ଼ିତ ପଥରରେ ତିଆରି ବିଭିନ୍ନ କାରୁକାର୍ଯ୍ୟ ରହିଛି। ଲଣ୍ଡନର ବାସିନ୍ଦା ଏଲା ଲେଖିଛନ୍ତି, ଏହି ଅନନ୍ୟ କୋଭିଡ୍ ୧୯ ଥିମ୍ ପାର୍କରେ ପରିଦର୍ଶନ କରିବା ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭୂତି ଆଣିଦେଇଛି। ସେ ଓ ଅନ୍ୟ ପର୍ଯ୍ୟଟକମାନେ ପାର୍କ ଭିତରର ଦୃଶ୍ୟକୁ ଦେଖି ବିସ୍ମିତ ହୋଇଯାଇଥିଲେ। ପାର୍କ ଭିତରେ ରହିଥିବା ବିଭିନ୍ନ କାରୁକାର୍ଯ୍ୟ ମାରାତ୍ମକ କରୋନା ମହାମାରୀକୁ ଜୀବନ୍ତ କରିଦେଉଥିଲା। ଏହି ପାର୍କରେ ବୁଲିବା ସମୟରେ କରୋନା ମହାମାରୀ ସମୟର ସ୍ଥିତି, ସମସ୍ୟା ଆଦି ମନ ମଧ୍ୟରେ ତାଜା ହୋଇଯାଉଥିଲା ବୋଲି ଏଲା କହିଛନ୍ତି।

### ୪୩ ବର୍ଷରେ ଦମ୍ପତିଙ୍କ ୧୨ ଥର ବିବାହ, ଛାଡ଼ପତ୍ର

ଭିଏନା

ଅଷ୍ଟ୍ରିଆର ରାଜଧାନୀ ଭିଏନାରେ ରହୁଥିବା ଜଣେ ବୃଦ୍ଧା ୧୯୭୨ରେ ସ୍ୱାମୀଙ୍କୁ ହରାଇଥିଲେ। ୧୯୮୧ରେ ସେ ଦ୍ୱିତୀୟ ବିବାହ କରିଥିଲେ। ତେବେ ଏହି ଦମ୍ପତି ୧୯୮୧ ମସିହାରୁ ବର୍ତ୍ତମାନ ସୁଦ୍ଧା ୬ ଥର ବିବାହ କରିବା ସହ ୬ ଥର ପରସ୍ପରକୁ ଛାଡ଼ପତ୍ର ଦେଇଛନ୍ତି। ତେବେ ଦେଶର ଅଡିଟ ସେଣ୍ଟ୍ରାଲ ରିପୋର୍ଟ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଦମ୍ପତି ଗତ ୪୩ ବର୍ଷ ଧରି ଅଷ୍ଟ୍ରିଆର ବିଧବା ମହିଳାଙ୍କ ପାଇଁ ରହିଥିବା ବିଧବା ପେନସନ ଆଇନର ଲାଭ ଉଠାଉଥିଲେ। ପ୍ରତ୍ୟେକ ଥର ମହିଳା ଜଣକ ନିଜର ଦ୍ୱିତୀୟ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ଏକୁଟିଆ ରହୁଥିବା ଦର୍ଶାଇ ଏହି ସରକାରୀ ଭତ୍ତା ପାଉଥିଲେ।

# ୨୭ରେ 'ସିକନ୍ଦର' ଟିଜର

ମୁମ୍ବାଇ


ସଲମାନ ଖାନ୍

ସମ୍ପ୍ରତି ଅଭିନେତା ସଲମାନ ଖାନ୍ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ସିକନ୍ଦର'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ସୋମବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ସିକନ୍ଦର'ର ଟିଜର ରିଲିଜ୍ ତାରିଖ ଘୋଷଣା କରାଯାଇଛି। ଆସନ୍ତା ୨୭ରେ ସଲମାନଙ୍କ ଜନ୍ମଦିନ ଅବସରରେ ଫିଲ୍ମର ଟିଜରକୁ ଜାରି କରାଯିବ ବୋଲି ଫିଲ୍ମ ନିର୍ମାତା ସାଜିଦ ନାଡିଆଡ୍‌ୱାଲା ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଏହା ନିଶ୍ଚିତଭାବେ ପ୍ରଶଂସକମାନଙ୍କ ପାଇଁ ସଲମାନଙ୍କ ଜନ୍ମଦିନର ଉପହାର ସଦୃଶ ହେବ ବୋଲି ସାଜିଦ କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଆସନ୍ତା ୨୭ରେ ସିକନ୍ଦର ଭାବରେ ସଲମାନଙ୍କ ପ୍ରଥମ ଲୁକ୍‌ର ପୋଷ୍ଟର ମଧ୍ୟ ସାମ୍ନାକୁ ଆସିବ। ସମ୍ପ୍ରତି 'ସିକନ୍ଦର'ର ଟିଜର କଟ୍ ପାଇଁ ଏଡିଟିଂ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ୨୦୧୪ରେ ରିଲିଜ୍ ହୋଇଥିବା 'କିକ୍' ଚଳଚ୍ଚିତ୍ର ପରେ ପ୍ରଥମ ଥର ପାଇଁ ସଲମାନ ଓ ସାଜିଦ ପୁଣିଥରେ ଏକାଠି କାର୍ଯ୍ୟ କରୁଛନ୍ତି। ଏ. ଆର୍. ମୁରୁଗାଡୋସ୍‌ଙ୍କ ନିର୍ଦ୍ଦେଶିତ 'ସିକନ୍ଦର'ରେ ସଲମାନଙ୍କ ବିପକ୍ଷରେ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନଜରକୁ ଆସିବେ। ଏହି ଆକ୍ସନ୍-ପ୍ୟାକ୍ ଚଳଚ୍ଚିତ୍ର ଆସନ୍ତା ବର୍ଷ ଇଦ୍ ଉପଲକ୍ଷେ ରିଲିଜ୍ ହେବ।

# ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ



- ସମାଧାନର ପ୍ରତିଶ୍ରୁତି ଦେଲେ
- ଦିବ୍ୟାଙ୍ଗଙ୍କ ସମସ୍ୟା ସମାଧାନ ଉପରେ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର,୧୬।୧୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ଷଷ୍ଠ ପାଳି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ସବୁ ସମୟରେ ସାଧାରଣ ଲୋକଙ୍କୁ ଭେଟିବା, ସେମାନଙ୍କ ସୁଖଦୁଃଖ ଶୁଣିବା ସହିତ ସେମାନଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ଅଭିଯୋଗଗୁଡ଼ିକ ମଧ୍ୟରେ ଅଧିକାଂଶ ଅଭିଯୋଗ ଘର, ଭତ୍ତା ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ରହୁଥିବାରୁ ମୁଖ୍ୟମନ୍ତ୍ରୀ ଏଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରଶାସନ ପକ୍ଷରୁ ଏହି ସବୁ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଦିବ୍ୟାଙ୍ଗମାନଙ୍କ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରାଥମିକତା ଦେଇଥାନ୍ତି। ସେମାନଙ୍କ ଅଭିଯୋଗକୁ ସେ ପ୍ରଥମେ ଶୁଣାଣି କରିଥାନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ୩୦ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଭିଯୋଗ ଶୁଣିଲେ। ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଖକୁ ମୁଖ୍ୟମନ୍ତ୍ରୀ ନିଜେ ଯାଇ ସେମାନଙ୍କ ସମସ୍ୟା ଶୁଣିଥିଲେ ଏବଂ ସମାଧାନ ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସହୃଦୟତାପୂର୍ଣ୍ଣ ବ୍ୟବହାରରେ ଭିନ୍ନକ୍ଷମ ଅଭିଯୋଗକାରୀମାନେ ଆଶା ଓ ଭରସା ସହିତ ଆନନ୍ଦ ମନରେ ଫେରିଥିଲେ।

କେନ୍ଦୁଝରରୁ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସିଥିବା ପ୍ରେମଲତା ନନ୍ଦ, ସୋରରୁ ସୋସାଇଟି ଋଣ ସମସ୍ୟା ନେଇ ଆସିଥିବା ପୁରୁଷୋତ୍ତମ ମହାନ୍ତି, ଧର୍ମଶାଳାରୁ ଜମିଜମା ସମସ୍ୟା ନେଇ ଆସିଥିବା ରଘୁନାଥ ମିଶ୍ର ପ୍ରମୁଖ ସମସ୍ତେ ସମାଧାନର ଆଶା ନେଇ ଖୁସି ମନରେ ଫେରିଥିଲେ। ପ୍ରାୟ ୧୦୦୦ ଜଣଙ୍କ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




## ଗାନ୍ଧୀ ମାର୍ଗରେ ଗଢ଼ିବ ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର,୧୬।୧୨(ଅନିଲ ଦାସ)

ଆସନ୍ତା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ବେଳେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ପ୍ରଜ୍ଞାପନ ମେଢ଼ ଗଢ଼ିବ। ଏଥିରେ ରାଜ୍ୟର ଐତିହ୍ୟ, ପରମ୍ପରା, ଅସ୍ମିତା ଏବଂ ବିକାଶକୁ ନେଇ ପ୍ରଜ୍ଞାପନ ମେଢ଼ଗୁଡ଼ିକ ପ୍ରଦର୍ଶିତ ହେବ। ପରେଡ୍ ସହ ପ୍ରଜ୍ଞାପନ ମେଢ଼ ଉତ୍ସବର ଆକର୍ଷଣ ହେବ। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ବୈଠକ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ରାଜ୍ୟର ଐତିହ୍ୟ ଓ ବିକାଶ ଉପରେ ମୁଖ୍ୟତଃ ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତ କରିବାକୁ ସଚିବ ବିଭାଗଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ୨୪ ତାରିଖ ସୁଦ୍ଧା ବିଭାଗଗୁଡ଼ିକ ବିଷୟବସ୍ତୁ ସମ୍ପର୍କିତ ପ୍ରଜ୍ଞାପନ ମେଢ଼ର ସଂରଚନା ଦେବେ। ଏହାକୁ ଯାଞ୍ଚ କରାଯାଇ ଶ୍ରେଷ୍ଠ ନମୁନାଗୁଡ଼ିକୁ ବଛାଯିବ। ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




## ବାର୍ କାଉନ୍ସିଲ ପକ୍ଷରୁ ଓକିଲଙ୍କୁ ନୋଟିସ

**ଜାଲ୍ କୋର୍ଟ ଅର୍ଡରରେ ଅର୍ଥ ହଡ଼ପ ଘଟଣା**

କଟକ,୧୬।୧୨(କାର୍ତ୍ତିକ ସାହୁ)

ମୟୂରଭଞ୍ଜ ଜିଲା ଉଦଳା କୋର୍ଟରେ କାର୍ଯ୍ୟରତ ସରକାରୀ ଓକିଲ ପ୍ରତିମା ସାହୁଙ୍କୁ ରାଜ୍ୟ ବାର୍ କାଉନ୍ସିଲ ପକ୍ଷରୁ ସୋମବାର କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଜଣେ ମୃତ ଯବାନଙ୍କ ଟଙ୍କା ହଡ଼ପ କରିବା ପାଇଁ ତାଙ୍କ ଭାଉଜ ଓ ପୁତୁରା ସହ ମିଶି ଜାଲିଆତି କରି ଏକ ମିଥ୍ୟା କୋର୍ଟ ରାୟ ପ୍ରସ୍ତୁତ କରିଥିଲେ। ଏକ ବିବାହ ବିଚ୍ଛେଦ ସୁଟ୍ ନଂ. ୨୫/୨୦୨୧ ରାୟକୁ ଜାଲିଆତି କରି ସେଥିରେ ବିଚାରପତିଙ୍କ ଦସ୍ତଖତ ସହ ସିଲ୍ ଜାଲିଆତି କରି ମିଥ୍ୟା ଅର୍ଡର କପି ପ୍ରସ୍ତୁତ କରିଥିଲେ। ଏଥିସହ ଉଦଳା ସବ୍‌ରେଜିଷ୍ଟ୍ରାର ଅଫିସର ବିବାହ ପ୍ରମାଣପତ୍ର ନଂ. ୨୧୧୨୯୫୦୦୦୪୫କୁ ଜାଲିଆତି କରିଥିଲେ। ସେଥିରେ ଭାଉଜ ସୋମବାରୀ ସିଂଙ୍କୁ ମୃତ ଯଦୁନାଥ ସିଂଙ୍କ ପତ୍ନୀ ଦର୍ଶାଇ ନକଲି ବିବାହ ପ୍ରମାଣପତ୍ର ପ୍ରସ୍ତୁତ କରିଥିଲେ। ସେହି ଜାଲ୍ କାଗଜପତ୍ର ଦାଖଲ କରି ଯଦୁନାଥଙ୍କ ମୃତ୍ୟୁକାଳୀନ ରାଶି ୨୦ ଲକ୍ଷ ଟଙ୍କା ହଡ଼ପ କରିନେଇଛନ୍ତି। ଏନେଇ ଆଇନଜୀବୀ ରବିନ ପଟ୍ଟନାୟକ ଉଦଳା ଥାନାରେ ଏତଲା ଦେଇଥିଲେ। ପୋଲିସ ଏନେଇ ମାମଲା ରୁଜୁ କରି ଜାଲିଆତି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ସମେତ ମୁଖ୍ୟ ସହଯୋଗୀ ଓକିଲ ପ୍ରତିମାଙ୍କୁ ଗିରଫ କରିଛି। ଏହି ମାମଲା ଆଧାରରେ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ୧୫ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ପ୍ରତିମାଙ୍କୁ ନୋଟିସ ଜାରି କରିଛନ୍ତି।

## ଶିମିଳିପାଳରେ ପାରଦ ୧ ଡିଗ୍ରୀକୁ ଖସିଲା

ବାରିପଦା,୧୬।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଉତ୍ତର-ପଶ୍ଚିମା ପବନ ପ୍ରବାହିତ ହେବାରୁ ଭୀଷଣ ଥଣ୍ଡା ଅନୁଭୂତ ହେଉଛି। ଶୀତର ଲହର ବୃଦ୍ଧି ପାଉଥିବାରୁ ହାଡ଼ଭଙ୍ଗା ଥଣ୍ଡା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶୀତକଷ୍ଟ ଦୂର କରିବା ପାଇଁ ଲୋକେ ନିଆଁ ଜାଳି ବସି ରହୁଛନ୍ତି। ଶୀତର ପ୍ରକୋପରେ ଶିମିଳିପାଳ ଅଭୟାରଣ୍ୟରେ ପାରଦ ସର୍ବନିମ୍ନ ୧ ଡିଗ୍ରୀକୁ ଖସି ଆସିଛି। ତାପମାତ୍ରା ହ୍ରାସ ପାଇବାରୁ ଅଭୟାରଣ୍ୟରେ ତୁହିନର ଆସ୍ତରଣ(ତୁଷାରପାତ) ପଡ଼ିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ଜିଲାର ୨୬ ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ପାଖାପାଖି ରେକର୍ଡ କରାଯାଇଛି। ସୋମବାର ସକାଳ ୬ଟାରେ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବାର୍‌ହାକାମୁଡ଼ା ରେଞ୍ଜରେ ସର୍ବନିମ୍ନ ୧ଡିଗ୍ରୀ ତାପମାତ୍ରା ଥିବା ବେଳେ ଚହଲା ରେଞ୍ଜରେ ସର୍ବନିମ୍ନ ତାପମାତ୍ରା ୩ଡିଗ୍ରୀ ରହିଥିଲା। ନଆଁଣା ରେଞ୍ଜରେ ୪ ଡିଗ୍ରୀ, ବରେହିପାଣି ରେଞ୍ଜରେ ୫ ଡିଗ୍ରୀ ଓ କିଆଁଝରୀରେ ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି, ଯାହାକି ଚଳିତ ବର୍ଷର ସର୍ବନିମ୍ନ ତାପମାତ୍ରା ରହିଛି।

DADLS-63



ଓଡ଼ିଶା ସରକାର

ଓଡ଼ିଶାର ବରପୁତ୍ର
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୧୭ ଡିସେମ୍ବର, ୨୦୨୪

ସକାଳ ଘ.୮.୩୦ ମିନିଟ୍ ସମୟରେ ପାୱାର ହାଉସ ଛକ, ଭୁବନେଶ୍ୱରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସାଧାରଣ ସଭା
ସନ୍ଧ୍ୟା ୬.ଘଟିକା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର,
ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆ,
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା

ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଭାଗବତ ଶୁକ୍ଳ, ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ

ଧନ୍ୟବାଦ ଅର୍ପଣ
ଡଃ ରଜନୀକାନ୍ତ ବିଶ୍ୱାଳ,
ଅବସରପ୍ରାପ୍ତ ପ୍ରଶାସକ ତଥା ସାଧାରଣ ସମ୍ପାଦକ, ମୟୂରଭଞ୍ଜ ସାଂସ୍କୃତିକ ସଂସଦ, ଭୁବନେଶ୍ୱର

ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍ -୨, ଭୁବନେଶ୍ୱରର ଛାତ୍ରୀମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0318/2425

## ଶୀତରେ ଥରୁଛି ଓଡ଼ିଶା

- ଆଜିଠୁ ୪ଦିନ ହାଲୁକା ବର୍ଷା
- କୁହୁଡ଼ି ପାଇଁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୧୬।୧୨
(ଅନୁରାଧା ମହାରଣା)

ରାଜ୍ୟରେ ହାଡ଼ଭଙ୍ଗା ଶୀତର ଲହରି ସାଙ୍ଗକୁ ଘନ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳୁଛି। ସୋମବାର ସର୍ବାଧିକ ତାପମାତ୍ରା ନୂଆପଡ଼ା ଓ ପାରଳାଖେମୁଣ୍ଡିରେ ୩୦ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୫.୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି କନ୍ଧମାଳ ଓ କୋରାପୁଟରେ ଘନକୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବାବେଳେ କଳାହାଣ୍ଡି ଓ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ମଧ୍ୟ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁଯାୟୀ, ଦକ୍ଷିଣ ଉପକୂଳବର୍ତ୍ତୀ ଜିଲା ସହ ଉତ୍ତର ଉପକୂଳବର୍ତ୍ତୀ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରାରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ଅନ୍ୟାନ୍ୟ ଅଞ୍ଚଳରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ କମ୍ ରେକର୍ଡ କରାଯାଇଥିବାବେଳେ ବିଶେଷକରି ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ କମ୍ ରହୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ହେଲେ ମଧ୍ୟ ବୁଧବାରଠାରୁ ପରବର୍ତ୍ତୀ ୩ଦିନ ପର୍ଯ୍ୟନ୍ତ ୩ରୁ ୫ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିପାରେ।

ଅନ୍ୟପଟେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୋମବାର ଅବପାତର ରୂପ ନେବା ପରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ତାମିଲନାଡୁ ଉପକୂଳ ମୁହାଁ ହୋଇଛି। ଏହାର ପ୍ରଭାବରେ ଓଡ଼ିଶାରେ କୋହଲା ପାଗ ରହିବ। ୧୭ରୁ ୧୯ ତାରିଖ ମଧ୍ୟରେ ଦକ୍ଷିଣ ଉପକୂଳ ଓଡ଼ିଶାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଏବଂ କନ୍ଧମାଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

ମଙ୍ଗଳବାର ଓ ବୁଧବାର କଳାହାଣ୍ଡି ଏବଂ ସୁନ୍ଦରଗଡ଼ରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। କୋରାପୁଟ ଓ କନ୍ଧମାଳରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ଏଥିସହ ଝାରସୁଗୁଡ଼ା, ସୁନ୍ଦରଗଡ଼, ଜଗତ୍‌ସିଂହପୁର ଓ ଅନୁଗୋଳରେ ଶୀତ ଲହରି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ଅପରାହ୍ନରୁ ୧୮ ତାରିଖ ମଧ୍ୟରେ ଗଞ୍ଜାମ ଓ ଗଜପତି ଜିଲାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ୧୯ ଓ ୨୦ ତାରିଖରେ ଗଜପତି, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଖଣ୍ଡଗିରି ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ଖଣ୍ଡଗିରି, ସମୟ: ସକାଳ ୭ଟା ୪୫।
- ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ପାୱାର ହାଉସ ଛକ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସମୟ: ଅପରାହ୍ନ ୧ଟା ୩୦।
- ୧୫ତମ ଭରତ ମୁନି ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଶାର ପ୍ରଥମ ରାଜବନ୍ଦୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ପାଳନ, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଜନଶୁଣାଣି ଶିବିର, ସ୍ଥାନ: ଡଗରା ମକରପଡ଼ିଆ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ରାସ୍ତାର ଦୁରବସ୍ଥା ସମ୍ପର୍କରେ ଖବରଦାତା ସମ୍ମିଳନୀ, ସ୍ଥାନ: ସେନାପତି ପ୍ରେସ୍, ନୀଳଗିରି, ସମୟ: ଅପରାହ୍ନ ୩ଟା ୩୦।
- ଗୀତା ଜ୍ଞାନ ଯଜ୍ଞ ପ୍ରବଚନ ସଭାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଟାଉନହଲ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଆବିର୍ଭାବ ଦିବସ, ସ୍ଥାନ: ସତ୍‌ସଙ୍ଗ ବିହାର ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ବହୁମୁଖୀ ପ୍ରକଳ୍ପ ଓ ବାତ୍ୟା ଆଶ୍ରୟସ୍ଥଳର ବାର୍ଷିକୋତ୍ସବ, ସ୍ଥାନ: ଦୋହରାସାହି, ବାହାବଳପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- 'ଭାରତର ସାମରିକ ଇତିହାସ ଓ ପୃଷ୍ଠଭୂମି' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଏଡ଼ତାଳ ଭାସ୍କର ଚନ୍ଦ୍ର ନୋଡାଲ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଗାନ୍ଧୀ ସ୍ମୃତି ସମାରୋହ, ସ୍ଥାନ: ଚାରିବାଟିଆ ଗାନ୍ଧୀ ସ୍ମୃତି ଭବନ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଶିଶୁ ମେଳା, ସ୍ଥାନ: ଝାରିଡିଆସ୍ଥିତ ଝାରଡେଶ୍ୱର ଉଚ୍ଚ ବିଦ୍ୟାପୀଠ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭଦ୍ରକ ତ୍ୟାଗଭୂମି ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଚମ୍ପୁଆ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ୪୧ ତମ ଶିଶୁ ମେଳା, ସ୍ଥାନ: ସତ୍ୟନାରାୟଣ ବିଦ୍ୟାପୀଠ, ଡେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ ଟା ୫।
- ଅଲ୍ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଏସୋସିଏଶନର ୭ମ ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝର ଅଶୋକ ବାଟିକା, ସମୟ: ପୂର୍ବାହ୍ନ ୧୦ ଟା ୨୫।
- ସତ୍ୟନାରାୟଣ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ସଦର ବ୍ଲକ୍, ମୁକୁନା, ସମୟ: ମଧ୍ୟାହ୍ନ ୧୨ ଟା ୫।
- କେନ୍ଦୁଝର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ସନ୍ଧ୍ୟା ୬ ଟା ୩୦।
- ବିଭିନ୍ନ ଗାଁ ଦାଣ୍ଡରେ ବାଟ ଓଷା ପାଳନ, ସ୍ଥାନ: ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ରାମ ଚରିତ ପାଠ, ପୂଜା, ଭଜନ ସମାରୋହ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ମିନି ମାରାଥନ ଓ ପଦଯାତ୍ରା, ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦।

## ମୟୂରଭଞ୍ଜ

- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୪ତମ ଜୟନ୍ତୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପ୍ରତିମୂର୍ତ୍ତିସ୍ଥଳ, ବାରିପଦା, ସମୟ: ସକାଳ ୯ଟା।
- ଶ୍ରୀରାମଚନ୍ଦ୍ର ପାଠାଗାର ପରିଚାଳନା ପରିଷଦ ପକ୍ଷରୁ ଜୟନ୍ତୀ ପାଳନ,ସ୍ଥାନ: ଶ୍ରୀରାମଚନ୍ଦ୍ର ପାଠାଗାର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଆସିକା ବ୍ଲକ୍, ନିମିନା ପଞ୍ଚାୟତ ଅଫିସ୍, ସମୟ: ସକାଳ ସାଢ଼େ ୯ଟା

## ଗଞ୍ଜାମ

- ବିରଞ୍ଚି ନାରାୟଣ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା, ସ୍ଥାନ: ବୁଗୁଡ଼ା ଆଦିପୁର ଛକ, ସମୟ: ସକାଳ ୯ଟା।

## କନ୍ଧମାଳ

- ଡିଏଲ୍‌ଏସ୍‌ଏ ପକ୍ଷରୁ ସଚେତନତା ଶିବିର, ସ୍ଥାନ: ଫିରିଙ୍ଗିଆ ନେଡିପଦର ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖ୍ରୀଷ୍ଟ ମାସ ଏବଂ ନୂତନ ବର୍ଷ ପାଳନ ଉପଲକ୍ଷେ ଜିଲା ସ୍ତରୀୟ ବୈଠକ, ସ୍ଥାନ: ଫୁଲବାଣୀସ୍ଥିତ ଜିଲା ପରିଷଦ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ସାଢେ ୩ଟା।
- ୟୁଥ୍ ରେଡ୍‌କ୍ରସ୍‌ର ଜିଲାସ୍ତରୀୟ କ୍ୟାମ୍ପ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ଓ ଜାତୀୟ ନାଟ୍ୟ ଅନୁଷ୍ଠାନ କାନମାସ ପକ୍ଷରୁ ସପ୍ତମ ଓଡ଼ିଆ ନାଟକ ସମ୍ମିଳନୀ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ଖବରଦାତା ନିଧିରାମ ମହାରଣାଙ୍କ ଉଦ୍ଦେଶ୍ୟରେ ପାରାଦୀପ ପ୍ରେସ୍ ମିଡିଆର ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଆମ୍ବେଡ଼କର ଭବନ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚରେ ବିଶ୍ୱାସ କ୍ଲବ ବନାମ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନଯଜ୍ଞ, ସ୍ଥାନ: ରାଜନଗର ହାଇସ୍କୁଲ ପଡିଆ, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ବାଟ ଓଷା ଓ ଦାଣ୍ଡ ପହଁରା, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଆନନ୍ଦ ସାହୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକର କୁରାଳ, ସମୟ:ପୂର୍ବାହ୍ନ ସାଢ଼େ ୧୦ଟା।
- ଓଡ଼ଗାଁ ମହୋତ୍ସବ ଓ ଫୁଟବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ରଥକାଠ କଟା ପାଇଁ ପୂଜାର୍ଚ୍ଚନା, ସ୍ଥାନ:ଗଣିଆ ବ୍ଲକର ବଡ଼ରାଉଳ ଦେବୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ବ୍ଲକର ରାଜପାଟଣା ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବଂଶଧାରା ବସନ୍ତ ମହୋତ୍ସବ ପାଇଁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ଗୁଣପୁର ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଖରିଫ୍ ଧାନ ମଣ୍ଡି ଶୁଭାରମ୍ଭ, ସ୍ଥାନ: ଆରଏମ୍‌ସି ୟାର୍ଡ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୁଣପୁର, ସମୟ: ଅପରାହ୍ନ ୩ ଟା।

## ନବରଙ୍ଗପୁର

- ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଧାନ ମଣ୍ଡି ଶୁଭାରମ୍ଭ, ସ୍ଥାନ: କାକିରୀଗୁମ୍ମା ଲ୍ୟାମ୍ପ, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ସାମୂହିକ ଧ୍ୟାନ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଲୋକମହୋତ୍ସବ ଗଣ ମାଧ୍ୟମ ଉପସମିତିର ବୈଠକ, ସ୍ଥାନ : ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରେସନ ଭବନ, ଲୋଇସିଂହା,ସମୟ: ପୂର୍ବାହ୍ନ ୧୦ ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପ, ସ୍ଥାନ: ବୀରମହାରାଜପୁର ବାଳକ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକର ୧୫ ପଞ୍ଚାୟତସ୍ତରୀୟ ମହିଳା ଲୋକପ୍ରତିନିଧିଙ୍କ ସମ୍ମିଳନୀ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: କାନପୁର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଥୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଶିକ୍ଷକ ତାଲିମ ଶିବିର, ସ୍ଥାନ: କ୍ରୀଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ବ୍ଲକ ଅଫିସ ପରିସର, ସୋହେଲା, ସମୟ: ପୂର୍ବାହ୍ନ ୯ଟା ୩୦।
- ପଦ୍ମପୁର ଲୋକ ମହୋତ୍ସବ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ପଦ୍ମପୁର, ସମୟ: ଅପରାହ୍ନ ୨ଟା।

## ଝାରସୁଗୁଡ଼ା

- ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- କୃଷକ ମଞ୍ଚର ବୈଠକ, ସ୍ଥାନ: ମଳଦା ବଜାର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ହନୁମାନ କଥାର ୧୦୫ ତମର ଚତୁର୍ଥ ଦିବସ, ସ୍ଥାନ: ଶ୍ରୀ ରାଣୀସତୀ ଦାଦି ମନ୍ଦିର, ସରବାହାଲ ରୋଡ଼, ସମୟ: ଅପରାହ୍ନ: ୩ଟା।

## ସୁନ୍ଦରଗଡ଼

- ସ୍ପୋର୍ଟସ ଅଥରିଟି ଅଫ ଇଣ୍ଡିଆ (ସାଇ) ସୁନ୍ଦରଗଡ କ୍ରୀଡା ଛାତ୍ରାବାସ ପକ୍ଷରୁ ଫିଟ ଇଣ୍ଡିଆ ସାଇକେଲ ଚାଳନା କାର୍ଯ୍ୟକ୍ରମ, ସ୍ଥାନ:ଜିଲା କ୍ରୀଡା ଛାତ୍ରାବାସ ପ୍ରାଙ୍ଗଣରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ, ସମୟ:ସକାଳ ୭ଟା୩୦ମିନିଟ।
- ଜିଲାସ୍ତରୀୟ କୃଷି, ଯନ୍ତ୍ରପାତି ମେଳା ଉଦ୍‌ଘାଟନ ସମାରୋହ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର ପଡିଆ, ସମୟ: ଅପରାହ୍ନ ୩ଟା ୩୦।

## ରାଉରକେଲା

- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ୟୁଥ୍ କ୍ଲବ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆର୍‌ଏମ୍‌ସି ଉପଆୟୁକ୍ତଙ୍କୁ ମୁଣ୍ଡା ବସ୍ତିବାସୀଙ୍କ ଦାବିପତ୍ର ପ୍ରଦାନ, ସ୍ଥାନ: ଆରଏମ୍‌ସି କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ବିଦ୍ୟା ବିକାଶ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଦୃଷ୍ଟି ବ୍ୟାୟାମ ନେଇ ୫ ଦିନିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ରିଆମାଳ ବ୍ଲକ, ଖିଲେଇ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଲିଙ୍ଗ ଆଧାରିତ ହିଂସା ବିରୋଧରେ ରାଷ୍ଟ୍ରୀୟ ଅଭିଯାନ, ସ୍ଥାନ: ରିଆମାଳ ବ୍ଲକ, ଖିଲେଇ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀଙ୍କ ନିମନ୍ତେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ଧରଣୀଧର ଉପ୍ରା ବିଦ୍ୟାଳୟ ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ବୌଦ୍ଧ ଆଧାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଭୈରବୀ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ଅଷ୍ଟମ ଗଡ଼ଜାତ ଲୋକ ମହୋତ୍ସବ ପଲ୍ଲିଶ୍ରୀ ମେଳା ତୃତୀୟ ଦିନ, ସ୍ଥାନ: ସାଧୁଚରଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ବୀରନରସିଂହପୁର, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

**ପ୍ରଥମ ପୃଷ୍ଠାରୁ...**

### ଜିନ୍ନତ ପରେ ଶିମିଳିପାଳ...

ଅଭୟାରଣ୍ୟରେ ପହଞ୍ଚିଛି। ଶିମିଳିପାଳ ଅଭୟାରଣ୍ୟ କରିଡରରୁ ପାଖାପାଖି ୨୦ରୁ ୨୫କିମି ଦୂରରେ ତା'ର ଅବସ୍ଥିତି ଥିବା ଜଣାପଡ଼ିଛି। ନଭେମ୍ବର ୯ରେ ଏନ୍‌କ୍ଲୋଜରରୁ ଯମୁନାକୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରେ ଛଡ଼ାଯାଇଥିଲା। ପାହାଡ଼ିଆ ଜଙ୍ଗଲରେ ଯମୁନା କିଛି ଦିନ ଧରି ନିଜର ବାସସ୍ଥାନ ପ୍ରସ୍ତୁତି କରିବାରେ ଲାଗିଥିଲା। ମାତ୍ର ସମତଳ ଜଙ୍ଗଲରୁ ଆସି ପାହାଡ଼ିଆ ଜଙ୍ଗଲରେ ନିଜକୁ ଖାପ ଖୁଆଇବା ପାଇଁ କୋର୍ ଅଞ୍ଚଳର ସୀମାନ୍ତରେ ଘୁରିବୁଲିଥିଲା। କପ୍ତିପଦା ରେଞ୍ଜ ଅଞ୍ଚଳରେ ବାଘ ପାଦଚିହ୍ନକୁ ନେଇ ଲୋକେ ଆତଙ୍କିତ ହେବା ପରେ ବନ କର୍ମଚାରୀମାନେ ଯମୁନାର ଗତିବିଧି ଉପରେ ନଜର ରଖିଥିଲେ। ତେବେ ରବିବାର ରାତିରେ ଯମୁନା ଶିମିଳିପାଳ ଅଭୟାରଣ୍ୟ ପାର ହୋଇ କୁଲଡିହାରେ ପହଞ୍ଚିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଏ ନେଇ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଦୁଇ ବାଘୁଣୀଙ୍କୁ ଶିମିଳିପାଳ ଅଭୟାରଣ୍ୟ ପସନ୍ଦଯୋଗ୍ୟ ହୋଇପାରୁନାହିଁ। ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ସମତଳ ଜଙ୍ଗଲରେ ଜିନ୍ନତ ଓ ଯମୁନା ରହି ଶିକାର କରୁଥିଲେ। ତେବେ ଶିମିଳିପାଳର ବଣପାହାଡ଼ଘେରା ଜଙ୍ଗଲରେ ସେମାନେ ନିଜକୁ ଖାପ ଖୁଆଇ ପାରୁନାହାନ୍ତି। ୨ ବାଘୁଣୀଙ୍କୁ ଛାଡ଼ିବା ପୂର୍ବରୁ ଶିମିଳିପାଳ ଅଭୟାରଣ୍ୟର ଜଳବାୟୁ ପରିବେଶ ଓ ବନ୍ୟଜନ୍ତୁଙ୍କ ସହ ମିଶିବା ପାଇଁ ବନ ବିଭାଗ ପକ୍ଷରୁ କୌଣସି ପ୍ରଚେଷ୍ଟା କରାଯାଇନାହିଁ। ତାକୁ ଧରିଆଣିବା ମାତ୍ରେ ଶିମିଳିପାଳ ଅଭୟାରଣ୍ୟରେ ଛାଡ଼ି ଦିଆଯାଇଛି। ଏନ୍‌କ୍ଲୋଜରର ପରିସୀମା ବୃଦ୍ଧି କରାଯାଇ ଶିମିଳିପାଳର ବନ୍ୟଜନ୍ତୁଙ୍କ ସହ ପରିଚିତ କରାଇବା ନିତାନ୍ତ ଆବଶ୍ୟକ ରହିଥିଲା। ତରବରିଆ ଭାବେ ମିଶନ ଆରମ୍ଭ କରାଯାଇଥିବାରୁ ଏହା ସଫଳ ହେବାକୁ ନେଇ ଆଶଙ୍କା ଉପୁଜିବାରେ ଲାଗିଛି।

ଏ ସମ୍ପର୍କରେ ପରିବେଶବିତ୍ ସଂଯୁକ୍ତା ବସାଙ୍କୁ ପଚାରିବାରୁ ଜନ୍ମ ପରିବେଶରୁ ଆସିଥିବା ଦୁଇ ବାଘୁଣୀ ଶିମିଳିପାଳ ପରିବେଶରେ ଖାପ ଖୁଆଇ ପାରୁନାହାନ୍ତି। ପାହାଡ଼ିଆ ଶିମିଳିପାଳ ଜଙ୍ଗଲରେ ଶିକାର କରିବା ସେମାନଙ୍କ ପକ୍ଷେ କଷ୍ଟକର ହେଉଛି। ଶିମିଳିପାଳର ବନ୍ୟଜନ୍ତୁଙ୍କୁ ଶିକାର କରିବା କୌଶଳ ସେମାନଙ୍କୁ ଜଣା ନ ଥିବା କାରଣରୁ ଦୁଇ ବାଘୁଣୀ ଅନ୍ୟ ଜଙ୍ଗଲକୁ ପଳାଇ ଯାଇଥିବା ସେ କହିଛନ୍ତି।

### କେନ୍ଦ୍ର, ରାଜ୍ୟକୁ ଜବାବ...

ଯୌନ ଅପରାଧୀଙ୍କୁ ରାସାୟନିକ ଉପାୟରେ ବାଧ୍ୟତାମୂଳକ ନଂପୁସକ କରାଇବା, ଶିକ୍ଷାନୁଷ୍ଠାନରେ ଲିଙ୍ଗ ସମ୍ବେଦୀକରଣ କାର୍ଯ୍ୟକ୍ରମ ପ୍ରଚଳନ, ଅନିୟନ୍ତ୍ରିତ ଅଶ୍ଳୀଳ କଣ୍ଟେଣ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ଜଘନ୍ୟ ଯୌନ ଅପରାଧ ସହ ସମ୍ପୃକ୍ତ ମାମଲାରେ ୬ ମାସ ମଧ୍ୟରେ ବିଚାର ଶେଷ କରିବା, ଜଘନ୍ୟ ଅପରାଧରେ ଅଭିଯୁକ୍ତମାନଙ୍କ ପାଇଁ 'ଜାମିନ ବିହୀନ ନିୟମ' କାର୍ଯ୍ୟକାରୀ କରିବା, କାର୍ଯ୍ୟସ୍ଥଳୀ, ଶିକ୍ଷାନୁଷ୍ଠାନ ଏବଂ ସାଧାରଣ ସ୍ଥାନଗୁଡ଼ିକରେ ଯୁବତୀ ଓ ମହିଳାମାନଙ୍କ ପାଇଁ ଉପଯୁକ୍ତ ପାଇଖାନା ଉପଲବ୍ଧ କରାଇବା, ବଳାତ୍କାର ଏବଂ ସମ୍ବେଦନଶୀଳ ମାମଲାଗୁଡ଼ିକର ତଦନ୍ତ କରୁଥିବା ପୋଲିସ ଅଫିସର କିମ୍ବା ତଦନ୍ତକାରୀ ଅଫିସର ନୈତିକ ଆଚରଣ ସୁନିଶ୍ଚିତ କରିବା ଇତ୍ୟାଦି।

ଦକ୍ଷିଣ କୋରିଆ, ଇଣ୍ଡୋନେସିଆ ଭଳି ଦେଶଗୁଡ଼ିକରେ ପ୍ରଚଳିତ ରାସାୟନିକ ନଂପୁସକତା ସେଠାରେ ଯୌନ ଅପରାଧ ହ୍ରାସ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇଛି। ବଳାତ୍କାର କିମ୍ବା ଅନ୍ୟ ଜଘନ୍ୟ ଯୌନ ଅପରାଧରେ ଦୋଷୀସାବ୍ୟସ୍ତଙ୍କୁ ଆଜୀବନ କାରାଦଣ୍ଡ ଏବଂ ସ୍ଥାୟୀ ନଂପୁସକ କରାଇବା ଭଳି କଠୋର ଦଣ୍ଡ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ପିଟିଶନରେ ନିବେଦନ କରାଯାଇଛି।

### ଉଜୁଡ଼ିଯାଉଛି...

କରିଛନ୍ତି। ଉପରୋକ୍ତ ଆଇନର ବ୍ୟବସ୍ଥା ଅନୁଯାୟୀ ଅପସାରିତ ହୋଇଥିବା ଜଙ୍ଗଲ ଜମିର ସମପରିମାଣ ଅଣଜଙ୍ଗଲ ଜମିରେ କିମ୍ବା ଦୁଇଗୁଣା ଉଜୁଡ଼ା ଜଙ୍ଗଲ ଜମିର କ୍ଷତିପୂରକ ବନୀକରଣ କରାଯିବାର ନିୟମ ରହିଛି। ବିଗତ ୧୦ ବର୍ଷରେ (୨୦୧୪-୨୦୨୪) ଶିଳ୍ପାନୁଷ୍ଠାନ, ଖଣିଖାଦାନ, ନଦୀବନ୍ଧ, ସରକାରୀ ଓ ଘରୋଇ କୋଠାବାଡ଼ି ପ୍ରକଳ୍ପ ନିମନ୍ତେ ସର୍ବମୋଟ ୨୩୧୦୭.୩୩୫ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି, ପ୍ରସ୍ତାବିତ ରକ୍ଷିତ ଜଙ୍ଗଲ ଜମି, ଗ୍ରାମ୍ୟ ଜଙ୍ଗଲ ଜମି, ଡିଏଲ୍‌ସି ଜମି ଓ ଅନ୍ୟାନ୍ୟ କିସମର ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଅନୁମତି ଦେଇଛନ୍ତି। ଏହାର କ୍ଷତିପୂରଣ ନିମନ୍ତେ ୨୦୨୩ ଜାନୁୟାରୀ ସୁଦ୍ଧା ୩୨୧୯୮.୬୧୫ ହେକ୍ଟର ଜମିରେ କ୍ଷତିପୂରକ ବନୀକରଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଅଛି। ଆସନ୍ତା ବର୍ଷଗୁଡ଼ିକରେ ବାକିଥିବା କ୍ଷତିପୂରକ ବନୀକରଣ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଏହାଛଡ଼ା ରାଜ୍ୟ ସରକାର ମଧ୍ୟ ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ ପ୍ରକଳ୍ପ ପାଇଁ ବିଗତ ବର୍ଷଗୁଡ଼ିକରେ ୬୮.୩୪୮ ହେକ୍ଟର ଜଙ୍ଗଲ ଜମିର କିସମକୁ ବଦଳାଇଛନ୍ତି। ଏଥିସହିତ ଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ଲକ୍ଷ ଲକ୍ଷ ବୃକ୍ଷକୁ ବଳିଦେବାକୁ ପଡ଼ିଛି। ୨୦୦୬ରୁ ୨୦୧୨ ମଧ୍ୟରେ ଶିଳ୍ପ, ଖଣି, ଜଳସେଚନ, ରାସ୍ତା ନିର୍ମାଣ, ବିଦ୍ୟୁତ ଆଦି ପାଇଁ ୮୮୨୦.୭୭ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଛି।

ତେବେ ଯେତେ ସଂଖ୍ୟକ ଗଛ କଟାଯାଉଛି ସେହି ପରିମାଣର ବୃକ୍ଷରୋପଣ ହେଉନାହିଁ। ଯେଉଁ ବୃକ୍ଷରୋପଣ ହେଉଛି ସେଥିରୁ ଅଧିକାଂଶ ରକ୍ଷଣାବେକ୍ଷଣ ଅଭାବରୁ ଅଣଜଙ୍ଗଲ ଅଞ୍ଚଳରେ ଗୋଟିଏ ଗଛ କାଟିଲେ ଏହା ବଦଳରେ ୨ରୁ ୧୦ ଗୁଣ ଗଛ ଲଗାଇବା ନେଇ ସରକାରୀ ଗାଇଡ୍‌ଲାଇନ ରହିଛି। ଏହାକୁ ଠିକ୍ ଭାବେ ଅନୁସରଣ କରାଯାଉ ନ ଥିବାରୁ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ସାମାଜିକ କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ଭୁବନେଶ୍ୱର, କଟକ ଜାତୀୟ ରାଜପଥ ହେଉ କିମ୍ବା ସହର ଭିତରେ ରାସ୍ତା ସମ୍ପ୍ରସାରଣ ପାଇଁ ବହୁ ସଂଖ୍ୟାରେ ବଡ଼ ବଡ଼ ଗଛକୁ କାଟି ଦିଆଯାଇଛି। ଏହା ବଦଳରେ ସେତିକି ପରିମାଣ ଗଛ ନ ଥିବାରୁ ସହରରେ ତାପମାତ୍ରା ବଢ଼ିବା ସାଙ୍ଗକୁ ପରିବେଶ ଉତ୍ତପ୍ତ ହେଉଛି। ଏହି କାରଣରୁ ଅନେକ ପଶୁପକ୍ଷୀ ମଧ୍ୟ ଲୋପ ପାଇଗଲେଣି। ବୃକ୍ଷରୋପଣ ଉପରେ ସବୁ ସ୍ତରରେ ପଦକ୍ଷେପ ନିଆଯିବା ଦରକାର ବୋଲି ସେ କହିଛନ୍ତି।

### ଜାକିର ହୁସେନ୍‌ଙ୍କ...

ସାରା ବିଶ୍ୱରେ ସ୍ୱୀକୃତି ପାଇଥିବା ୭୩ ବର୍ଷୀୟ ଜାକିର ଭାରତରେ ସର୍ବାଧିକ ଲୋକପ୍ରିୟ ଥିଲେ। ସେ ଫୁସ୍‌ଫୁସ୍ ଜନିତ ରୋଗ ଇଡିଓପାଥିକ୍ ପଲମୋନାରି ଫିବ୍ରୋସିସ୍‌ରେ ପୀଡ଼ିତ ଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।

ତାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦଳମତ ନିର୍ବିଶେଷରେ ନେତାମାନେ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପରଲୋକ ସଙ୍ଗୀତ ଜଗତ ପାଇଁ ଏକ ବଡ଼ କ୍ଷତି ବୋଲି ରାଷ୍ଟ୍ରପତି ମୁର୍ମୁ କହିଥିବାବେଳେ ବିଶ୍ୱର ଅନେକ ପିଢ଼ିର ସଙ୍ଗୀତପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିବା ଜାକିର ଜଣେ ସଚ୍ଚା ଜିନିଅସ୍ ଭାବେ ସ୍ମରଣୀୟ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଖ୍ୟାତନାମା ସରୋଦ ବାଦକ ଅମଜାଦ ଅଲି ଖାନ୍, ସାରଙ୍ଗୀ ବାଦକ କମଲ ସାବ୍ରି, ଚଳଚ୍ଚିତ୍ର ତାରକା ଅକ୍ଷୟ କୁମାର, କମଲ ହାସନ ପ୍ରମୁଖ ଜାକିରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେମାନେ ତବଲା ଉସ୍ତାଦଙ୍କୁ ଜଣେ ରହସ୍ୟମୟ ତଥା ବିଶ୍ୱରେ ସର୍ବାଦୃତ ଭାରତୀୟ ମ୍ୟୁଜିସିଆନ୍ ବୋଲି ଅଭିହିତ କରିଛନ୍ତି। ଜାକିରଙ୍କ ପରଲୋକ ଖବରରେ ମର୍ମାହତ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ମୋ ପାଖରେ ଭାଷା ନାହିଁ ବୋଲି ଅମଜାଦ ଅଲି ଖାନ୍ ଏକ୍ସ'ରେ ଲେଖିଛନ୍ତି। ଜାକିରଙ୍କ ପରଲୋକ ଭାରତୀୟ ତଥା ବିଶ୍ୱ ସଙ୍ଗୀତ ଜଗତ ପାଇଁ ବଡ଼ କ୍ଷତି ବୋଲି ସାବ୍ରି ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି। ଆମ ଦେଶର ସଙ୍ଗୀତ ଐତିହ୍ୟ ପାଇଁ ସେ ଅମୂଲ୍ୟ ରତ୍ନ ଥିଲେ ବୋଲି ଅକ୍ଷୟ କୁମାର କହିଥିବାବେଳେ କରୀନା କପୁର ଖାନ୍ ତାଙ୍କୁ ସର୍ବକାଳୀନ ଉସ୍ତାଦ କହିଛନ୍ତି। ଜାକିର ଆମକୁ ଯେତିକି ସମୟ ଦେଇଛନ୍ତି, ଏବଂ କଳା ଭାବରେ ସେ ଯାହା ଛାଡ଼ିଯାଇଛନ୍ତି, ସେଥିପାଇଁ ଆମେ କୃତଜ୍ଞ ବୋଲି କମଲ ହାସନ ସୋସିଆଲ ମିଡିଆରେ ଲେଖିଛନ୍ତି।

୧୯୫୧ ମାର୍ଚ୍ଚ ୯ରେ ମୁମ୍ବାଇଠାରେ ଜନ୍ମିତ ଜାକିର ଥିଲେ ଏକାଧାରରେ ଜଣେ ତବଲା ବାଦକ, ସଙ୍ଗୀତକାର, ତାଳବାଦକ, ସଙ୍ଗୀତ ପ୍ରଯୋଜକ ଏବଂ ଚଳଚ୍ଚିତ୍ର ଅଭିନେତା। କିମ୍ବଦନ୍ତୀ ତବଲା ଉସ୍ତାଦ ଆଲ୍ଲାରଖା ଖାନ୍‌ଙ୍କ ପୁଅ ଜାକିର ଭାରତ ତଥା ବିଶ୍ୱ ସଙ୍ଗୀତ ଜଗତରେ ଜଣେ ଜଣାଶୁଣା ନାମ। ସେ ମାତ୍ର ୭ ବର୍ଷ ବୟସରୁ ତବଲା ବାଦନ ଆରମ୍ଭ କରିବା ସହ ୧୨ ବର୍ଷ ବୟସରେ ଦେଶର ବିଭିନ୍ନ ଭାଗରେ ତବଲା ପରିବେଷଣ କରିଥିଲେ। ଉଭୟ ଭାରତୀୟ ଶାସ୍ତ୍ରୀୟ ଏବଂ ବିଶ୍ୱ ସଙ୍ଗୀତ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଅନେକ ପ୍ରସିଦ୍ଧ ଭାରତୀୟ ଏବଂ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପାଇଁ ସେ ସଙ୍ଗୀତ ସଂଯୋଜନା କରିଛନ୍ତି। ୪ ଦଶନ୍ଧି ପୂର୍ବରୁ ସେ ତାଙ୍କ ପରିବାର ସହ ସାନ୍ ଫ୍ରାନ୍ସିସ୍କୋ ଚାଲିଯାଇଥିଲେ। ତାଙ୍କୁ ସବୁ ସମୟର ମହାନ ତବଲା ବାଦକ ବିବେଚନା କରାଯାଏ। ଜାକିରଙ୍କୁ ୧୯୮୮ରେ ପଦ୍ମଶ୍ରୀ, ୨୦୦୨ରେ ପଦ୍ମଭୂଷଣ ଏବଂ ୨୦୨୩ରେ ପଦ୍ମବିଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏଥିସହିତ ସେ କ୍ୟାରିୟରରେ ଅନେକ ଥର ଗ୍ରାମୀ ପୁରସ୍କାର ପାଇଥିଲେ। ଚଳିତବର୍ଷ ତାଙ୍କୁ ୬୬ତମ ଗ୍ରାମୀ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ସେ ତବଲାକୁ ବିଶ୍ୱସ୍ତରରେ ପହଞ୍ଚାଇ ଲୋକପ୍ରିୟ କରାଇଥିଲେ।

### ଡିସେମ୍ବରରେ ମିଳିବନି...

ପ୍ରକ୍ରିୟା ଇ-କେୱାଇସି କରିବାକୁ ପଡ଼ିବ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବେଦନ ଯାଞ୍ଚ ସରିଲେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ସହାୟତା ଉପଲବ୍ଧ ହେବ। ବ୍ଲକ କାର୍ଯ୍ୟାଳୟ, ସରପଞ୍ଚ ଓ ଅଙ୍ଗନୱାଡି କର୍ମୀଙ୍କୁ ନିଜର କୌଣସି ଅସୁବିଧା ଥିଲେ ଜଣାଇବାକୁ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ମଣ୍ଡିରେ ୫ ଏକର ଜମି ଥିବା ଦର୍ଶାଇଥିଲେ ଖାରଜ (ରିଜେକ୍ଟ)ତାଲିକାରେ ନାଁ ଆସିବ। ଭୁଲ୍‌ବଶତଃ ଉଲ୍ଲେଖ କରିଥିଲେ ପୋର୍ଟାଲ ଜରିଆରେ ଅଭିଯୋଗ କରିବା ଆବଶ୍ୟକ। ଯେଉଁମାନଙ୍କର ରିଜେକ୍ଟ ହୋଇଯାଇଛି, ସେମାନଙ୍କର ୩ ଥର ଯାଞ୍ଚ ସରିଲାଣି। ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର (ସିଏସ୍‌ସି/ଏମ୍‌ଏସ୍‌କେ)ରେ ବାୟୋମେଟ୍ରିକ ପ୍ରକ୍ରିୟାରେ ସୁଭଦ୍ରା ସହାୟତା ପାଇ ନ ଥିବା ହିତାଧିକାରୀମାନଙ୍କ ଇ-କେୱାଇସି ସୁନିଶ୍ଚିତ କରାଯିବ। ଏହି କେନ୍ଦ୍ରଗୁଡ଼ିକର କର୍ମଚାରୀ ଟେଲିଫୋନ କରି ସେମାନଙ୍କୁ ବାୟୋମେଟ୍ରିକ ପଦ୍ଧତିରେ ଇ-କେୱାଇସି କରିବାକୁ ପରାମର୍ଶ ଦେବେ। କର୍ତ୍ତବ୍ୟରେ ଅବହେଳା ଯୋଗୁ ଏ ପର୍ଯ୍ୟନ୍ତ ୫୨ଟି ଜନସେବା କେନ୍ଦ୍ରକୁ କଳା ତାଲିକାଭୁକ୍ତ କରାଯାଇଥିବାବେଳେ ବେଆଇନ ଭାବେ ହିତାଧିକାରୀଙ୍କଠାରୁ ଟଙ୍କା ଦାବି କରିବା ଅଭିଯୋଗରେ ୧୪ ଜନସେବା କେନ୍ଦ୍ର ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଅନେକ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାହାରି ଯିବା ପାଇଁ ଦରଖାସ୍ତ ଦେଇଛନ୍ତି। କିନ୍ତୁ ବହୁ ଆବେଦନକାରୀ ଭୁଲ୍‌ରେ ଏହି ଦରଖାସ୍ତ ଦେଇଥିବା ଅଭିଯୋଗ ହସ୍ତଗତ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଉକ୍ତ ସମସ୍ୟାକୁ ତର୍ଜମା କରି ବାହାରି ଯିବାର (ଓପ୍ଟି ଆଉଟ) ବିକଳ୍ପ ବ୍ୟବସ୍ଥାକୁ ସୁଭଦ୍ରା ପୋର୍ଟାଲରେ ବନ୍ଦ କରାଯାଇଛି ଏବଂ ଅଭିଯୋଗକାରୀଙ୍କ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। କେନ୍ଦ୍ରର ଅଧିକାରୀ ହିତାଧିକାରୀମାନଙ୍କୁ ସ୍ପଷ୍ଟ କରିବେ କି ବାୟୋମେଟ୍ରିକ୍ ପ୍ରକ୍ରିୟାରେ ଇ-କେୱାଇସି ସମ୍ପୂର୍ଣ୍ଣ ହେବା ପରେ ହିତାଧିକାରୀମାନେ ନିଜର ବ୍ୟାଙ୍କକୁ ଯାଇ ବ୍ୟାଙ୍କ ଖାତାକୁ ଆଧାର ସହ ସଂଯୋଗ ଏବଂ ଡିବିଟି ସହ ସଂଯୋଗ କରାଇବେ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିସାରିଛି। ଡିସେମ୍ବର ୨୫ରେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ମିଳିବାର ଥିଲା। ତେବେ ଯାଞ୍ଚ ପ୍ରକ୍ରିୟା ଚାଲିଥିବାରୁ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ଡିସେମ୍ବରରେ ମିଳିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଶୁକ୍ର କର୍ମସ୍ଥାନସ୍ଥ ଯୋଗୁ ଆପଣ ମଧୁର ବାକ୍ୟାଳାପ ଦ୍ୱାରା ଅନ୍ୟକୁ ଆପଣାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ଆସିବା ବାଟକୁ ଅପେକ୍ଷା କରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ହେବ ନାହିଁ। ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**
ରାହୁଙ୍କ ବୁଧଙ୍କ ପ୍ରତି ଦୃଷ୍ଟିର କୁପ୍ରଭାବରେ ଛୋଟ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହେବ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଧାର କରିବାକୁ ପଡ଼ିପାରେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳାକରି ସମାଲୋଚିତ ହେବେ। ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**
ସହକର୍ମୀଙ୍କ ସହ ଅର୍ଥ କାରବାରକୁ କେନ୍ଦ୍ରକରି କଳହ ଲାଗିପାରେ। ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ପୁନର୍ବସୁ ନକ୍ଷତ୍ରର ସମ୍ପର୍କୀୟ ବ୍ୟକ୍ତିମାନଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ**
ରାହୁଙ୍କ ପ୍ରଭାବରୁ ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବା ବଦଳରେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇଯିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିହେବ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ସିଂହ**
ଅଷ୍ଟମସ୍ଥ ରାହୁ ଯୋଗୁ କାର୍ଯ୍ୟରେ ପ୍ରତିବନ୍ଧକ ଓ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ବ୍ୟବସାୟରେ ଏବଂ ପରିବହନରେ ମନ ମୁତାବକ ସୁଫଳ ପାଇବେ।

**କନ୍ୟା**
ଅଷ୍ଟମାଧିପତି ଏକାଦଶସ୍ଥ ଯୋଗୁ ଆର୍ଥିକ ଅଭାବ ସାଙ୍ଗକୁ ପ୍ରତ୍ୟେକ କାମ ବିଳମ୍ବରେ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ। ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ଟଣାଓଟରା ଲାଗିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ ଅଦାଲତରେ କାମର ଚାପ ବିଶେଷ ପରିମାଣରେ ବୃଦ୍ଧିପାଇବ।

**ତୁଳା**
ଅଷ୍ଟମଭାବସ୍ଥ ବୃହସ୍ପତିଙ୍କ କାରଣରୁ ଆଲୋଚନା କ୍ଷେତ୍ରରେ ଠିକ୍ କଥା କହିପାରିବେ ନାହିଁ। କେତେକ କ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସମସ୍ୟାକୁ ନିମନ୍ତ୍ରଣ କରିବେ। ବ୍ୟୟ ଭାର କମିଆସିବ, କିନ୍ତୁ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବା ସୂଚନା ମଧ୍ୟ ରହିଛି।

**ବିଛା**
ରାଶିରେ ବୁଧଙ୍କ ପ୍ରଭାବ ହେତୁ କାମର ଚାପ ବୃଦ୍ଧିରୁ ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ଆଜି ଯାହା ଯେମିତି ଛାଡୁଛନ୍ତି କିମ୍ବା ଭାବୁଛନ୍ତି ଠିକ୍ ସେପରି ଫଳ ହାତେ ହାତେ ପାଇପାରିବେ। ବହୁଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ ଘଟଣାରେ ବିଜୟଲାଭର ଆଶା ଗୌଣ ମନେହେବ।

**ଧନୁ**
ଷଷ୍ଠାଧିପତି ଦ୍ୱିତୀୟ ଭାବସ୍ଥ ଯୋଗୁ ପୂର୍ବ ଶତ୍ରୁତାକୁ ନେଇ ମନ ଭଲ ରହିବ ନାହିଁ। କୌଣସି କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତାକୁ ନେଇ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। ସଙ୍ଗଠନ, ରାଜନୀତି, ସାହିତ୍ୟ, ପ୍ରଶାସନିକ ସ୍ତରରେ ତଥା ସଭାସମିତି ବ୍ୟସ୍ତତା ବୃଦ୍ଧି ପାଇବ।

**ମକର**
ଶୁକ୍ରଙ୍କ ସୁପ୍ରଭାବରୁ ମନ ପ୍ରଫୁଲ୍ଲ ରହିବା ସାଙ୍ଗକୁ ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ବିଳମ୍ବରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଆନୁଷ୍ଠାନିକ, ସାଙ୍ଗଠନିକ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହୋଇଯିବ। ମାଲିମକଦ୍ଦମାରେ ସଫଳତା ହାସଲ କରିବେ ଏବଂ ଆର୍ଥିକ ପରିସ୍ଥିତି ପ୍ରାୟତଃ ମନ୍ଦ ହେବନି।

**କୁମ୍ଭ**
ମୁଖଭାବରେ ରାହୁ ଥିବାରୁ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହ ଘଟିପାରେ। ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। କିନ୍ତୁ ବ୍ୟବସାୟ, ପରିବହନକୁ କେନ୍ଦ୍ରକରି ବାଦବିବାଦରେ ଆପୋସ ସମାଧାନ ଘଟିବା ଆଶା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବଭଳି ରହିବ।

**ମୀନ**
ଷଷ୍ଠାଧିପତି କର୍ମଭାବସ୍ଥ ଯୋଗୁ ବାକ୍ ଅସଂଯମତା ଜନିତ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ମନୋଭାବ ଉପୁଜିବା ଆଶଙ୍କା ରହିଛି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇପାରନ୍ତି। କର୍ମକ୍ଷେତ୍ରରେ ନୂତନ ନିଯୁକ୍ତି ଖବର ପାଇ ଖୁସି ହୋଇଯିବେ।

ଆଜି ଡିସେମ୍ବର ୧୭ ତାରିଖ, ପୌଷ କୃଷ୍ଣପକ୍ଷର ଦ୍ୱିତୀୟାଯୁକ୍ତ ତୃତୀୟା ମଙ୍ଗଳବାର, ଦାଣ୍ଡପହଁରା ଓ ବାଟଓଷା। ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୧୮ ଗତେ, ଘ.୦୭।୦୧ ମଧ୍ୟେ, ଘ.୦୯।୦୦ ଗତେ, ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨।୨୫ ଗତେ, ଘ.୦୩।୪୬ ମଧ୍ୟେ ରାହୁକାଳ।

# ରାଜ୍ୟରେ ଅଧିକ ରାଜସ୍ୱ ସର୍କଲ ଖୋଲିବ: ସୁରେଶ ପୂଜାରୀ

## ରାୟଗଡ଼ାରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ମନ୍ତ୍ରୀ ସୁରେଶ ପୂଜାରୀ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ରାଜସ୍ୱ ବିଭାଗର ସମୀକ୍ଷା କରୁଛନ୍ତି।

ରାୟଗଡ଼ା,୧୬।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟରେ ଖୁବ୍‌ଶୀଘ୍ର ରାଜସ୍ୱ ବିଭାଗର ବିଭିନ୍ନ ନିୟମ ବଦଳିବ। ସେହିଭଳି ରାଜ୍ୟରେ ଅଧିକ ରାଜସ୍ୱ ସର୍କଲ ଖୋଲିବା ପାଇଁ ବିଚାର ଚାଲିଥିବା ସୋମବାର ରାୟଗଡ଼ା ଗସ୍ତରେ ଆସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ୱ ବିଭାଗର ଜିଲାସ୍ତରୀୟ ସମୀକ୍ଷା ବୈଠକରେ ମନ୍ତ୍ରୀ ପୂଜାରୀ ଯୋଗଦେଇ କହିଥିଲେ, ୧୯୫୦-୬୦ ମସିହାର ଜମି ସେଟଲମେଣ୍ଟରୁ ହିଁ ସବୁ ରାଜସ୍ୱ କାମ ଚାଲିଛି। ପୁରୁଣା କୋରାପୁଟ ଜିଲା ନାମରେ ଚାଲିଥିବାବେଳେ ରାୟଗଡ଼ା ଜିଲା ନାମରେ କୌଣସି ରେକର୍ଡଭୁକ୍ତ ହୋଇନାହିଁ। କେତେଜଣଙ୍କ ପାଇଁ ବିଗତ ଦିନରେ ଏହା ବଦଳି ନ ଥିବାରୁ ସେଟଲମେଣ୍ଟ କମ୍ ଅନ୍‌ସେଟଲମେଣ୍ଟ ଅଧିକ ରହିଛି। ତେବେ ଏଥିପାଇଁ ପୂର୍ବ ବ୍ୟବସ୍ଥାକୁ ଦାୟୀ କରିଛନ୍ତି ମନ୍ତ୍ରୀ ପୂଜାରୀ। ରାଜସ୍ୱ ବିଭାଗର ସମୀକ୍ଷା ବେଳେ ସେ ବସୁନ୍ଧରା ଓ ଜଙ୍ଗଲ ଜମି ଅଧିକାର ଆଇନ ପଟ୍ଟା ପ୍ରଦାନର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଯେଉଁଠି ବିଳମ୍ବ ଘଟୁଛି ସେହି ସ୍ଥାନରେ ସ୍ୱତନ୍ତ୍ର କ୍ୟାମ୍ପକରି ତୁରନ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ କର୍ମଚାରୀଙ୍କ ଅଭାବ ପାଇଁ କାମ ବିଳମ୍ବ ହେଉଥିବା ସମୀକ୍ଷା ବୈଠକରେ ନଜରକୁ ଆସିବା ପରେ ଶୀଘ୍ର ଅତିରିକ୍ତ ତହସିଲଦାର ପଦବୀଗୁଡିକ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଅପରପକ୍ଷରେ, ନଦୀଘାଟରୁ ବାଲି ଓ ପାହାଡ଼ରୁ ମୋରମ୍ ଚୋରାରେ ଖନନ କରାଯାଇ ଚାଲାଣ ହେଉଥିବା ଅନେକ ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଛି ବୋଲି ସେ ଗଣମାଧ୍ୟମକୁ କହିଥିଲେ। କେତେଜଣ ମାଫିଆ ଏହାକୁ ନିୟନ୍ତ୍ରଣ କରୁଥିବାରୁ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଉ ଲିଜ୍ ଆଇନରେ ମଧ୍ୟ ପରିବର୍ତ୍ତନ ହେବ ବୋଲି ସୂଚନା ଦେଇଛନ୍ତି। ବିଭିନ୍ନ ଶିଳ୍ପ ପାଇଁ ଜମିହରା ଓ ବାସଚ୍ୟୁତଙ୍କ ପାଇଁ ୨୦୦୬ ଆଇନ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି। ୨୦୨୫ ଜାନୁୟାରୀ ଶେଷ ବେଳକୁ ରାଜ୍ୟ ସରକାର ନୂଆ ନିୟମ ଆଣିବେ, ଯାହା ଜମିହରା ଓ ବାସଚ୍ୟୁତଙ୍କୁ ବେଶ୍ ସୁହାଇବ ବୋଲି ମନ୍ତ୍ରୀ କହିଥିଲେ। ତେବେ ଜିଲାର ବିଭିନ୍ନ ତହସିଲରେ ହଜାରେ ସଂଖ୍ୟାରେ ଜିପିଏଲ୍‌ସି, ଓଏଲ୍‌ଆର୍, କଲମ୍-୨ ରାଜସ୍ୱ ମାମଲା ବର୍ଷାଧିକ କାଳ ହେବ ପଡିରହିଥିବା ନେଇ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଥିଲେ, କର୍ମଚାରୀ ଅଭାବ ପାଇଁ କାମ ବିଳମ୍ବ ହେଉଛି। ତେଣୁ ଅଧିକ ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ ସମେତ ଅନ୍ୟ କର୍ମଚାରୀ ନିଯୁକ୍ତି ପାଇବେ। ଅପରପକ୍ଷରେ ମଙ୍ଗଳବାରଠାରୁ ଜିଲାରେ ଧାନମଣ୍ଡି ଆରମ୍ଭ ହେଉଥିବାରୁ ମଣ୍ଡିକୁ ଦଲାଲମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ କିଭଳି ସୁବିଧାରେ ଧାନ ବିକ୍ରି କରିବେ ସେଥିପ୍ରତି ସଜାଗ ରହିବା ପାଇଁ ଜିଲା ପ୍ରଶାସନକୁ କୁହାଯିବା ସହ ପୋଲିସ ପାଟ୍ରୋଲିଂ ହେବ ବୋଲି ସୂଚନା ଦେଇଥିଲେ। ଏଥିସହ ସମସ୍ତ ବିଧାୟକ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ସମୀକ୍ଷା ବୈଠକରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକ୍କା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସମେତ ଜିଲାପାଳ ପାରୁଲ ପଟୱାରି, ଏସ୍‌ପି ସ୍ୱାଥି ଏସ୍. କୁମାର, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଗୁଣପୁର ଉପଜିଲାପାଳ କୀରଣଦୀପ କୌର ସାହୋଟା ଓ ଜିଲାର ସମସ୍ତ ତହସିଲଦାର ଉପସ୍ଥିତ ଥିଲେ।

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ କେନ୍ଦୁଝର ଗସ୍ତ

## ସରକାରୀ, ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବେ

କେନ୍ଦୁଝର,୧୬।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାରଠାରୁ ତିନି ଦିନିଆ କେନ୍ଦୁଝର ଗସ୍ତରେ ଆସିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗସ୍ତ ଅବସରରେ ସଦର, ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସରକାରୀ ଓ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସ୍ୱତନ୍ତ୍ର ଏୟାର କ୍ରାଫ୍ଟରେ ସକାଳ ୯ଟା ୨୫ରେ ଭୁବନେଶ୍ୱରରୁ ବାହାରି କେନ୍ଦୁଝର ସଦର ବ୍ଲକ୍ ରାଇସୁଆଁ ଏୟାର ଷ୍ଟ୍ରିପ୍‌ରେ ପୂର୍ବାହ୍ନ ୧୦ଟାରେ ଓହ୍ଲାଇବେ। ପୂର୍ବାହ୍ନ ୧୦ ଟା ୨୫ରେ ବାଲିଆଗୋଡ଼ା ନିକଟ ଅଶୋକବାଟିକା ଯାଇ ୭ମ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘର ସମ୍ମିଳନୀରେ ଯୋଗଦେବେ। ସେଠାରୁ ମଧ୍ୟାହ୍ନ ୧୨ଟା ୦୫ରେ ମୁକୁନା ଯାଇ ସତ୍ୟନାରାୟଣ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ। ଅପରାହ୍ନ ୪ଟାରେ ମଇଦାନକେଲ ଯାଇ ତାଳପଦା ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଯୋଗଦାନ କରିବେ। ସନ୍ଧ୍ୟା ୬ ଟା ୩୦ରେ ସ୍ଥାନୀୟ ଅଡ଼ିଟୋରିୟମକୁ ଯାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ସର୍କିଟ ହାଉସ୍‌ରେ ରାତ୍ର ରହଣି କରି ବୁଧବାର ପୁରୁଣା ସହର ସିଦ୍ଧମଠରେ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇ ସେଠାରୁ ମଧ୍ୟାହ୍ନ ୧୨ଟା ୧୫ରେ ଅଡ଼ିଟୋରିୟମରେ ଏକ ସ୍ୱେଚ୍ଛାସେବୀ ସଂଗଠନର ବାର୍ଷିକ ଉତ୍ସବରେ ଯୋଗଦେବେ। ସନ୍ଧ୍ୟା ୭ ଟାରେ କାଳୀ ପଡ଼ିଆଠାରେ ହେବାକୁ ଥିବା ଗୋନାସିକା ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସର୍କିଟ ହାଉସରେ ରାତ୍ରିଯାପନ କରି ଗୁରୁବାର ପୂର୍ବାହ୍ନ ୧୧ଟାରେ ଚମ୍ପୁଆ ମହତାବ ସରକାରୀ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ କରିବେ। ସେଠାରୁ ଫେରି କେନ୍ଦୁଝର ସର୍କିଟ ହାଉସରେ ବିଶ୍ରାମ ନେଇ ଅପରାହ୍ନ ୩ଟା୩୦ରେ ଏୟାର କ୍ରାଫ୍ଟରେ ଭୁବନେଶ୍ୱର ଫେରିବେ ବୋଲି ସୂଚନା ମିଳିଛି। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥାନ ଯିବା ଆସିବା ରାସ୍ତାରେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କାର୍ଯ୍ୟକ୍ରମସ୍ଥଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।

# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ବିଲକୁ ଓଲଟିଲା ବସ୍

## ଜଣେ ନାବାଳକ ସମେତ ୮ ଆହତ




ଖୋର୍ଦ୍ଧା/ବାଘମାରୀ/ବେଗୁନିଆ, ୧୬।୧୨(ପ୍ରଭାତ ପାଣିଗ୍ରାହୀ/ମିହିର ରଞ୍ଜନ ମହାପାତ୍ର/ ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରବିବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ବସ୍ ରାଜପଥ କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ବିଲ ଭିତରକୁ ଓଲଟି ପଡ଼ିଥିଲା। ଫଳରେ ବସ୍‌ରେ ଥିବା ଜଣେ ନାବାଳକଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନାବାଳକଙ୍କ ସମେତ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବାଘମାରୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ରବିବାର ରାତି ପ୍ରାୟ ୮ଟାରେ ଗଞ୍ଜାମ ଜିଲା ବଡ଼ଗଡ଼ରୁ ଚକାଡ଼ୋଲା ନାମକ ଏକ ଯାତ୍ରୀବାହୀ ବସ୍ (ଓଆର୍ ୦୨ବିଡବ୍ଲୁ ୨୧୧୧) ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ବସ୍‌ରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ବିଳମ୍ବିତ ରାତି ଯୋଗୁ ଯାତ୍ରୀମାନେ ଶୋଇପଡିଥିଲେ। ୫୭ନଂ. ଜାତୀୟ ରାଜପଥର ବେଗୁନିଆ-ବାଘମାରୀ ମଧ୍ୟରେ ଥିବା ଏକ ଇଟା ଫ୍ୟାକ୍ଟ୍ରି ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ରାସ୍ତାକଡ଼ ବିଲକୁ ଓଲଟି ପଡିଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀମାନେ ଚିତ୍କାର କରିବା ସହ ଜଣେ ୧୨ବର୍ଷୀୟ ବାଳକଙ୍କ ହାତ ଗାଡି ତଳେ ରହିଯାଇଥିଲା। ଜେସିବି ସାହାର୍ଯ୍ୟରେ ଗାଡିକୁ ଓଠାଯାଇ ନାବାଳକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଥିଲେ। ଖବରପାଇ ବାଘମାରୀ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ନାବାଳକଙ୍କ ସମେତ ୩ଜଣଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। କେତେଜଣ ଯାତ୍ରୀ କାଚ ଭାଙ୍ଗି ନିଜେ ବାହାରକୁ ଆସିଥିବା ବେଳେ ଅନ୍ୟମାନେ ଜରୁରିକାଳୀନ ଫାଟକଦେଇ ବାହାରକୁ ଆସିଥିଲେ। ଆହତମାନେ ହେଲେ ବିଘ୍ନେଶ୍ୱର ନାୟକ, ସୁଦର୍ଶନ ପାତ୍ର, ସସ୍ମିତା ଗୌଡ଼, ସୁନିତା କିନ୍ନର ଗଞ୍ଜାମ ଅଞ୍ଚଳର ବୋଲି ଜଣାପଡିଛି। ସେହିପରି ଖୋର୍ଦ୍ଧା ଅଞ୍ଚଳର ସନାତନ ଗୌଡ଼, ଗୀତା ସ୍ୱାଇଁଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟମାନଙ୍କର ପରିଚୟ ମିଳିପାରିନାହିଁ। ତେବେ ଦୁର୍ଘଟଣା ପରେ ବସ୍ ଚାଳକ ଏବଂ କଣ୍ଡକ୍ଟର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ବେଳେ ବସ୍ ଡ୍ରାଇଭରଙ୍କ ଆଖି ପଡ଼ିଯିବା କିମ୍ବା ଘନ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ସୋମବାର ବସ୍ ଉଠିବା ପରେ ନିଜ ଆସବାବପତ୍ର ନେଇ ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଫେରିଥିଲେ।

# ବର୍ଜ୍ୟବସ୍ତୁରୁ ବାହାରିବ ସିଏନ୍‌ଜି ଗ୍ୟାସ୍, ଖତ

## ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ବାୟୋଗ୍ୟାସ୍ ପ୍ଲାଣ୍ଟ




ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଏବଂ ଅଏଲ୍ ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ରଞ୍ଜନ ଗୋସ୍ୱାମୀ।

ଭୁବନେଶ୍ୱର, ୧୬।୧୨(ବନ୍ଦନା ସେଠୀ)

ସହରରୁ ବାହାରୁଥିବା ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେବ ବାୟୋଗ୍ୟାସ୍। ବର୍ଜ୍ୟରୁ ବାୟୋଗ୍ୟାସ୍ ପ୍ରସ୍ତୁତ ହେବା ସହ ଏହାକୁ ସିଏନ୍‌ଜି ଗ୍ୟାସକୁ ରୂପାନ୍ତରିତ କରାଯିବ। ଏଥିସହ ପ୍ରକ୍ରିୟାକରଣ ପରେ ବର୍ଜ୍ୟରୁ ପ୍ରସ୍ତୁତ ଖତକୁ ଚାଷକ୍ଷେତ୍ରରେ ବ୍ୟବହାର କରାଯିବ। ଏଥିପାଇଁ ଭୁବନେଶ୍ୱର ଉପକଣ୍ଠରେ ପ୍ରତିଷ୍ଠା ହେବ କମ୍ପ୍ରେସ୍‌ଡ୍ ବାୟୋଗ୍ୟାସ ପ୍ଲାଣ୍ଟ। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୮ଏକର ଜମି ପ୍ରଦାନ କରାଯାଇଛି। ଅଏଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ମହାନଗର ନିଗମ ଅଞ୍ଚଳରେ ୧୭୫କୋଟି ଟଙ୍କା ବ୍ୟୟରେ ୨୦୦ ଟିପିଡି (ଟନ୍ ପର୍ ଡେ') ବିଶିଷ୍ଟ ଏହି କମ୍ପ୍ରେସ୍‌ଡ୍ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏନେଇ ସୋମବାର ସ୍ଥାନୀୟ ଏକ ହୋଟେଲରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଏବଂ ଅଏଲ୍ ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ରଞ୍ଜନ ଗୋସ୍ୱାମୀଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆସନ୍ତା ୨ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ଯଥାଶୀଘ୍ର କାମ ସାରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ରାଜ୍ୟରେ ଅଏଲ୍ ଇଣ୍ଡିଆ ପକ୍ଷରୁ ପ୍ରଥମ କରି ଏହି ପଦକ୍ଷେପ ନିଆଯାଇ ଥିବାବେଳେ ଏହା ବିଏମ୍‌ସିର ସଫଳତା କ୍ଷେତ୍ରରେ ଆଉ ଏକ ମାଇଲ ଖୁଣ୍ଟ ସୃଷ୍ଟି କରିବ। 'ଗ୍ରେଟର ଭୁବନେଶ୍ୱରକୁ ବେଟର ଭୁବନେଶ୍ୱର' କରିବା ଦିଗରେ ଏହା ସହାୟକ ହେବ। ଆଗାମୀ ଦିନରେ ଭୁବନେଶ୍ୱର ସମେତ କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ସମ୍ବଲପୁର ଆଦି ସହରରେ ମଧ୍ୟ ଏଭଳି ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିସହ ଖୁବ୍‌ଶୀଘ୍ର 'ୱେଷ୍ଟ୍ ଟୁ ଏନର୍ଜି' ବା ଆବର୍ଜନାରୁ ଶକ୍ତି ଉତ୍ପନ୍ନ ପାଇଁ ଲକ୍ଷ୍ୟ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅଏଲ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ପୂର୍ବରୁ ମଧ୍ୟପ୍ରଦେଶ, ଗୋଆ ଆଦି ଏକାଧିକ ରାଜ୍ୟରେ ଏଭଳି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିବାବେଳେ, ଓଡ଼ିଶାରେ ଏହା ପ୍ରଥମ କରି କରାଯାଉଥିବା ଚେୟାରମ୍ୟାନ୍ ତଥା ଏମ୍‌ଡି ରଞ୍ଜିତ ରଥ କହିଛନ୍ତି। ସାରା ଦେଶରେ ୨୫ଟି ସହରରେ ଏହି ବାୟୋଗ୍ୟାସ୍ ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ପ୍ରତିଦିନ ଏହି ପ୍ଲାଣ୍ଟରେ ୧୦ଟନ୍ ଗ୍ୟାସ ଉତ୍ପାଦନର ଲକ୍ଷ୍ୟ ରହିଛି। ସେହିପରି ପ୍ଲାଣ୍ଟର ପରବର୍ତ୍ତୀ ତତ୍ତ୍ୱାବଧାନ ପାଇଁ ୨୦କୋଟି ଟଙ୍କା ନିବେଶ ହେବ। ଏହାସହ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଆଗାମୀ ଦିନରେ ନଡ଼ା ଓ ଧାନରୁ କିଭଳି ଗ୍ୟାସ୍ ଓ ପ୍ରାକୃତିକ ଶକ୍ତି ଉତ୍ପାଦନ କରାଯିବ ସେ ନେଇ ମଧ୍ୟ କାର୍ଯ୍ୟ କରାଯିବ। ବିଶେଷକରି ସମ୍ବଲପୁର, ବୌଦ୍ଧ, ସୋନପୁର ମ୍ୟୁନିସିପାଲ୍ ଅଞ୍ଚଳରେ ଧାନ ଓ ନଡ଼ା ସହ ବଲାଙ୍ଗୀରରେ ଅଧିକ ଗୋଶାଳା ଥିବାରୁ ସେଠାରେ ଗୋବରରୁ ଗ୍ୟାସ ଓ ପ୍ରାକୃତିକ ଶକ୍ତି ଉତ୍ପାଦନ ହେବ ବୋଲି ରଥ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢୀ ଯୋଗଦେଇ ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଅପରିଚାଳିତ ବର୍ଜ୍ୟର ପ୍ରକ୍ରିୟାକରଣ ହୋଇପାରିବ ଏବଂ ଚରମ ଉପାଦେୟତା ନାଗରିକଙ୍କ ନିକଟରେ ପହଞ୍ଚିବ ବୋଲି କହିଥିଲେ। ଅଭିଜ୍ଞତା ଥିବାରୁ ପ୍ଲାଣ୍ଟରୁ ଉତ୍ପାଦିତ ବାୟୋଗ୍ୟାସ୍ ଓ ସିଏନ୍‌ଜି ବିକ୍ରି ଦାୟିତ୍ୱ ଅଏଲ ଇଣ୍ଡିଆ ନେବ। ଏହାଦ୍ୱାରା ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ପାଢୀ କହିଛନ୍ତି। ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ଧନ୍ୟବାଦ ଦେଇଥିଲେ।

# ଆଜିଠୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗର ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ୧୭ ତାରିଖ ଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହେବ। ଦୀର୍ଘବର୍ଷ ହେବ ବିପଦସଙ୍କୁଳ ଅବସ୍ଥାରେ ଥିବା ରତ୍ନଭଣ୍ଡାରର ଦୀର୍ଘସ୍ଥାୟୀ ମରାମତି କାର୍ଯ୍ୟ ଏଏସ୍‌ଆଇ ପକ୍ଷରୁ କରାଯିବ।

ନିଷ୍ପତ୍ତି ଅନୁସାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ ନିର୍ଦ୍ଧାରିତ ନୀତିନିର୍ଘଣ୍ଟ ଅନୁଯାୟୀ ଏଏସ୍‌ଆଇ ପକ୍ଷରୁ ମରାମତି କାର୍ଯ୍ୟ କରାଯିବ। ପ୍ରତ୍ୟେକ ଦିନ ପ୍ରାୟ ୫/୬ ଘଣ୍ଟା ମରାମତି କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଏହି ସମୟରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ମହାପ୍ରଭୁଙ୍କ ନୀତିକାନ୍ତିକୁ ସୁଚାରୁରୂପେ ସମ୍ପାଦିତ କରାଯିବା ନେଇ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ନୀତିନିର୍ଘଣ୍ଟ ଅନୁଯାୟୀ ରାତି ୨ଟାରୁ ଦ୍ୱାର ଖୋଲାଯାଇ ନୀତି ଆରମ୍ଭ ହୋଇ ଦିନ ୧୨.୩୦ କିମ୍ବା ୧ଟା ସୁଦ୍ଧା ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହେବ। ପ୍ରଥମେ ଲୁହାଭାରା ବନ୍ଧାଯିବା ପରେ ଡି ପ୍ଲାଷ୍ଟରିଂ କରାଯିବ ଓ ଏହା ପରେ ପୁରୁଣା ଲୁହା ବିମ୍ ଓ ପଥର ଅପସାରଣ କରାଯିବ। ଉଭୟ ବାହାର ଓ ଭିତର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ କରାଯିବ। ମରାମତି ସମୟରେ ଭକ୍ତମାନେ ବାହାର କାଠରୁ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଆଗାମୀ ୫୦୦ ବର୍ଷକୁ ଦୃଷ୍ଟିରେ ରଖି ଉନ୍ନତ ଜ୍ଞାନକୌଶଳ ଦ୍ୱାରା ରତ୍ନଭଣ୍ଡାର ମରାମତି କରିବାକୁ ମତ ରଖିଛନ୍ତି ସେବାୟତ। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ହେବ। ପ୍ରାଧିକୃତ ଅଧିକାରୀ, ସେବାୟତମାନେ ରତ୍ନଭଣ୍ଡାରକୁ ପ୍ରବେଶ କରିପାରିବେ। ସେହିପରି ଯେଉଁମାନେ ପ୍ରବେଶ କରିବେ ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

ଏନେଇ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଦୀର୍ଘଦିନ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ହେବାକୁ ଯାଉଛି। ସମସ୍ତଙ୍କ ନିଷ୍ପତ୍ତି ଅନୁଯାୟୀ ୧୭ରୁ ରତ୍ନ ଭଣ୍ଡାର କାର୍ଯ୍ୟ ହେବ। ତେବେ ଶୀଘ୍ର କାର୍ଯ୍ୟ ସମ୍ପନ୍ନ ହୋଇ ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର କରାଯାଇ ଗଣତି ମଣତି କରାଯିବ। ମରାମତି ପାଇଁ ସେବାୟତଙ୍କ ଠାରୁ ଭକ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି।




ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ

-ଦାଣ୍ଡ ପହଁରା ଓ ବାଟ ଓଷା



# ଆମେ କାମ ଚୋର

ଅତୀତରେ ରାଜାମାନେ ଶୋଷଣକାରୀ ଥିଲେ। ସେତେବେଳେ ଲୋକେ କେବଳ ଚାଷ ଉପରେ ନିର୍ଭର କରୁଥିଲେ। ଚାଷ ବ୍ୟତୀତ ଅନ୍ୟ ଅର୍ଥନୈତିକ ପନ୍ଥା ନ ଥିଲା। ଯୋଗାଯୋଗର ମଧ୍ୟ ସୁବିଧା ନ ଥିଲା। ଗୋଟିଏ ଜାଗାରୁ ଅନ୍ୟ ଏକ ଜାଗାକୁ ଲୋକ ଯାଇପାରୁ ନ ଥିଲେ। ସମ୍ଭବତଃ କ୍ୱଚିତ ଲୋକଙ୍କ ବ୍ୟତୀତ ଭାରତର ଅନ୍ୟ ପ୍ରାନ୍ତର ଲୋକମାନେ ନିଜ ଭିଟାମାଟି ଛାଡ଼ି ଅନ୍ୟ ଜାଗାକୁ ଯିବାର ଇତିହାସରେ ଲେଖାନାହିଁ। ଆଜି ମଧ୍ୟ ଦେଖିଲେ ସବୁ ରାଜ୍ୟର ଲୋକ ବିଭିନ୍ନ ଆଳରେ ନିଜ ରାଜ୍ୟକୁ ଫେରିବାକୁ ଚେଷ୍ଟା କରୁଛନ୍ତି। କାରଣ ନିଜ ଘରେ ରହିପାରିଲେ କାର୍ଯ୍ୟ କରିବାର ଚାପ ହ୍ରାସ ପାଇଥାଏ ବୋଲି ବିଶ୍ୱାସ କରାଯାଏ। ଏଥିସହିତ ଭାରତୀୟଙ୍କ ଡିଏନ୍‌ଏରେ ଅଧିକ କାର୍ଯ୍ୟ କରି ଉତ୍ପାଦନ ବଢ଼ାଇବାର ମାନସିକତା ସୃଷ୍ଟି ହୋଇନାହିଁ। କାରଣ ଗୋଟିଏ ପଟେ ବିଦେଶୀ ଶାସକମାନେ ଆମକୁ ଦମନ କରି ରଖୁଥିଲେ। ଲୋକେ ଯାହା ଉତ୍ପାଦନ କରୁଥିଲେ ତାହାର ସିଂହଭାଗ ଶାସକମାନେ ନେଇଯାଉଥିଲେ। ଲୋକଙ୍କ ଉତ୍ପାଦନ ଉପରେ ଶାସକ କିମ୍ବା ରାଜାଙ୍କ ଦୃଷ୍ଟି କିଭଳି ନ ପଡୁ ସେଥିପାଇଁ କି ଭାରତୀୟମାନେ ଅଧିକ ଉତ୍ପାଦନ କରିବାକୁ ଚାହୁଁ ନ ଥିଲେ ଏବଂ ସେହି ଭାବନା ଏବେ ସୁଦ୍ଧା ଆମ ଭିତରେ ବସା ବାନ୍ଧି ରହିଛି। ଏଭଳି ସ୍ଥିତିରେ ଭାରତୀୟମାନଙ୍କ କାର୍ଯ୍ୟଶୈଳୀରେ ଉନ୍ନତି ଓ କାର୍ଯ୍ୟ କରିବାର ମାନସିକତାର ଘୋର ଅଭାବ ଦେଖା ଦେଇଛି। ଯେତେବେଳେ ଯୁଗ ପରିବର୍ତ୍ତନ ହେଉଛି ସେତେବେଳେ ବ୍ୟକ୍ତି ବିଶେଷଭାବରେ ପରିବାର ଏବଂ ନିଜ ପାଇଁ ରୋଜଗାର ବ୍ୟତୀତ କାର୍ଯ୍ୟ ସହିତ ମିଶିକରି ଆସୁଥିବା ଓଜନିଆ ଦାୟିତ୍ୱକୁ ସମ୍ଭାଳିବାରେ ଆମେ ବିଫଳ ହେଉଛୁ; ଯେଉଁଥିପାଇଁ ସେପ୍ଟେମ୍ବରରେ ପୁଣେର ଏକ ବିଦେଶୀ କମ୍ପାନୀରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ୨୬ ବର୍ଷୀୟା ଆନ୍ନା ସେବାଷ୍ଟିନ ପେରାୟିଲ ଓ ଉତ୍ତରପ୍ରଦେଶର ଝାନ୍ସିରେ ବଜାଜ୍ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ତରୁଣ ସକ୍ସେନାଙ୍କ ଆତ୍ମହତ୍ୟାଠାରୁ ଆରମ୍ଭ କରି ଗୁଜରାଟର ସୁରଟ ସହରରେ ମୟୂର ତାରାପରା ନିଜ ଅଙ୍ଗୁଳି କାଟିଦେବା ଘଟଣା କାହାରିକୁ ଚିନ୍ତିତ କରୁନାହିଁ।

ଏବେ ଖବର ମିଳୁଛି ଯେ, ସୁରଟର ଭାରାଛା ମିନି ବଜାରରେ ଥିବା ଅନଭ ଜେମ୍ସ ଜୁଏଲେରି ଦୋକାନରେ ଆକାଉଣ୍ଟ ବିଭାଗରେ କାମ କରୁଥିବା ମୟୂର ତାଙ୍କ ବାମହାତର ୪ଟି ଅଙ୍ଗୁଳି କାଟିଦେଇଛନ୍ତି। ଏଠାରେ ତାଙ୍କୁ ଅଧିକ ସମୟ କାମ କରିବାକୁ ପଡୁଥିଲା ଓ ସେ ଏଥିରୁ ମୁକୁଳିବା ପାଇଁ ଏଭଳି କ୍ରୂର ପଦକ୍ଷେପ ନେଇଥିଲେ ବୋଲି ସ୍ୱୀକାର କରିଛନ୍ତି। ଘଟଣାକ୍ରମରେ ସତେ ଯେମିତି ଏଭଳି ପ୍ରତିକ୍ରିୟାସବୁ ଆମ ପାଇଁ ଦେହସୁହା ହୋଇଗଲାଣି। ଯେତେବେଳେ ସମାଜ ଏସବୁ ପ୍ରତିକ୍ରିୟାକୁ ସମସ୍ୟା ଭଳି ବିବେଚନା କରିବ ନାହିଁ, ସେତେବେଳେ ତାହାର କୋପ ଆହୁରି ଅଧିକ ବଢ଼ିବ। ଦେଶରେ କାର୍ଯ୍ୟଚାପ ଯୋଗୁ ନିୟମିତ ବ୍ୟବଧାନରେ ଅନେକ କର୍ମଚାରୀ ଆତ୍ମହତ୍ୟା କରୁଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ( ଏନ୍‌ସିଆର୍‌ବି)ର ୨୦୨୩ ରିପୋର୍ଟ ଅନୁଯାୟୀ, ସହରଗୁଡ଼ିକ ମଧ୍ୟରେ କାର୍ଯ୍ୟଚାପ ଯୋଗୁ ବେଙ୍ଗାଲୁରୁରେ ସବୁଠୁ ବେଶି ୧୨୧, ତା'ପରକୁ ଦିଲ୍ଲୀରେ ୭୭ ଓ ତୃତୀୟ ସ୍ଥାନରେ ଅହମଦାବାଦରେ ୭୧ ଜଣ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ବଡ଼ କଥା ହେଉଛି, ବିଗତ ଦଶନ୍ଧିରେ ବିଶେଷକରି ଦିନ ମଜୁରିଆ ଭାବେ କାର୍ଯ୍ୟରତ ଶ୍ରମିକମାନଙ୍କ ମଧ୍ୟରେ ଆତ୍ମହତ୍ୟା ହାର ଅତ୍ୟଧିକ ବୃଦ୍ଧି ଘଟିଛି।

କୋଭିଡ୍ ମହାମାରୀ ପରେ ମୁଖ୍ୟତଃ ସଂଗଠିତ ଓ ଅସଂଗଠିତ କ୍ଷେତ୍ରଗୁଡ଼ିକ ପୂର୍ବ ସ୍ଥିତିକୁ ଫେରିବାକୁ ଉଦ୍ୟମ ଚଳାଇଛନ୍ତି। ଏଭଳି ସ୍ଥିତିରେ ଭାରତରେ ବିଭିନ୍ନ ବର୍ଗର କର୍ମଚାରୀଙ୍କ ଅବଦାନ ସବୁଠୁ ଅଧିକ ରହୁଛି। ନିକଟରେ ଇନ୍‌ଫୋସିସ୍‌ର ସହ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି କହିଥିଲେ ଯେ, ଭାରତର ଲୋକେ ସପ୍ତାହକୁ ୭୦ ଘଣ୍ଟା ଅର୍ଥାତ୍ ଦିନକୁ ପାଖାପାଖି ୧୨ ଘଣ୍ଟା କାମ କରିବାକୁ ପଡ଼ିବ। ଏ କଥା ବିଶେଷକରି ଯୁବକମାନେ ହୃଦ୍‌ବୋଧ କରିବା ଉଚିତ। କାରଣ ଭାରତରେ ଏବେ ବି ୮୦ କୋଟି ଲୋକ ମାଗଣା ରାଶନ ନେଉଥିବାରୁ ଗରିବୀ ରହିଛି ଏବଂ ଦେଶକୁ ମଜଭୁତ କରିବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲ ମୂର୍ତ୍ତି ଯୁକ୍ତି ଉପସ୍ଥାପନ କରିଥିଲେ। ଦେଖିବାକୁ ଗଲେ ଆଜିର ଆଧୁନିକ ଯୁଗରେ ଜଣେ ଯଦି ମନଦେଇ ୫ରୁ ୮ ଘଣ୍ଟା କାମ କରେ ତେବେ ଯଥେଷ୍ଟ କିଛି ହାସଲ କରିହେବ। ସେଥିପାଇଁ ୧୨ ଘଣ୍ଟା କାମ କରିବା ଯଥାର୍ଥ ନୁହେଁ। ବର୍ତ୍ତମାନ କାର୍ଯ୍ୟ କରିବାର ଦୌଡ଼ ବଢ଼ିଯାଇଛି। ଏହାକୁ ଲକ୍ଷ୍ୟ କରି ମାତାପିତାମାନେ ସେମାନଙ୍କ ପିଲାଙ୍କୁ ବିନା ଚାପରେ ଅଧିକ କାମ କରିବାର ଶୈଳୀ ଶିଖାଇବା ଦରକାର। ଏବେ ମଧ୍ୟ ମାତାପିତା ପିଲାଙ୍କୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ କପି ଯୋଗାଇବା ଯାଏ ଚାଲିଯାଉଛନ୍ତି। ପିଲାମାନଙ୍କର ବିବାହ ସମ୍ପର୍କିତ ନିଷ୍ପତ୍ତି ମଧ୍ୟ ମାତାପିତା ନେଉଛନ୍ତି; ଯେଉଁଥିପାଇଁ ଯୌତୁକ ପ୍ରଥା ଲୋପ ହୋଇପାରୁ ନାହିଁ। ଆଇନ ନଜରରୁ ବଞ୍ଚିବା ପାଇଁ ହୁଏତ କିଛି ବର କହୁଛନ୍ତି ଆମର କୌଣସି 'ଡିମାଣ୍ଡ' ନାହିଁ। କିନ୍ତୁ ଝିଅ ଘରକୁ ପଚାରିଲେ ବାପ କହୁଛନ୍ତି ଯେ, ମୁଁ ସବୁ ବାଧରେ ଦେଉଛି। ଏଥିରୁ ବୁଝାପଡୁଛି ଯେ, ଆମେ ପିଲାଙ୍କ ଜୀବନକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ଚାହୁଁଛୁ। ତାଙ୍କୁ ତାଙ୍କର ନିଜ ଭବିଷ୍ୟତ ପାଇଁ ନିଷ୍ପତ୍ତି ନେବାର ସୁଯୋଗ ଦେଉନାହୁଁ। ସେହିଭଳି ଗୁରୁଜନମାନେ ଅଧିକ କାମ କରୁଥିବା ପିଲାମାନଙ୍କୁ ପ୍ରୋତ୍ସାହନ ଦେବା ବଦଳରେ ସମାଲୋଚନା କରିଥାନ୍ତି ଏବଂ ଏତେ କାମ କରୁଛୁ, ଘରକୁ ନ ଆସି ଦେଖେଇ ହେଉଛୁ ବୋଲି କହିଥାନ୍ତି। ପିଲାଙ୍କୁ ସଚ୍ଚୋଟ ଓ କଠୋର ପରିଶ୍ରମୀ ହେବାର ଶିକ୍ଷାଦେବାରେ କୌଣସି ଅସୁବିଧା ନାହିଁ। ଏଥିପାଇଁ ମୁଖ୍ୟତଃ ମାତାପିତାଙ୍କ ଉଦ୍ୟମ ଦରକାର। ଏହା ବ୍ୟତୀତ ଯୁବକମାନେ କିଭଳି କୌଶଳଗତ ଜ୍ଞାନ ହାସଲ କରିବେ ଏବଂ ମାନସିକ ସ୍ତରରେ ଯୋଗ୍ୟ ରହିବେ ସେଥିପ୍ରତି ସମ୍ପୃକ୍ତ ନିଯୁକ୍ତିଦାତା ସଂସ୍ଥାର ଉତ୍ତରଦାୟିତ୍ୱ ରହିବା ଦରକାର। ଏହାସହ କର୍ମଚାରୀମାନେ ସେମାନଙ୍କ କାମକୁ ଚାପ ଭାବେ ନ ନେଇ ସଂସ୍ଥାପ୍ରତି ନିଷ୍ଠା ଓ ସହନଶୀଳତା ମନୋଭାବ ପୋଷଣ କଲେ ଉତ୍ପାଦକତା ବୃଦ୍ଧି ହେବା ସହ ସେମାନଙ୍କ ମଧ୍ୟରେ ଚାକିରି ଛାଡ଼ିବା କିମ୍ବା ଆତ୍ମହତ୍ୟା ପ୍ରବଣତା ହ୍ରାସ ପାଇବ।

# ଇଣ୍ଡିଆ ମେଣ୍ଟର ଭବିଷ୍ୟତ



ସୌଭାଗ୍ୟ ସୁନ୍ଦରରାୟ

୨୦୨୪ ମସିହା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଏନ୍‌ଡିଏ ବିପକ୍ଷରେ ବିରୋଧୀ ଦଳ ପକ୍ଷରୁ ମିଳିତ ମେଣ୍ଟ ଗଠନ ହୋଇଥିଲା। ଭାଜପାରୁ ସମ୍ପର୍କ ତୁଟାଇବା ପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏ ଦିଗରେ ଉଦ୍ୟମ କରି କେତେକାଂଶରେ ସଫଳ ହୋଇଥିଲେ। ନୂଆ ବିରୋଧୀ ମେଣ୍ଟର ନାମ 'ଇଣ୍ଡିଆ' ରଖାଯାଇଥିଲା। ଏହାର କେତେକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। କିନ୍ତୁ ନୀତୀଶ କୁମାର ଆକସ୍ମିକ ଭାବେ ଆରଜେଡିରୁ ସମ୍ପର୍କ ତୁଟାଇବା ସହ ପୁନର୍ବାର ଭାଜପା ନେତୃତ୍ୱାଧୀନ ଏନଡିଏରେ ସାମିଲ ହୋଇଥିଲେ। ଏହାପରେ ଲୋକ ସଭା ଓ ଏକାଧିକ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଲୋକ ସଭା ନିର୍ବାଚନରେ ଆସନ ବୁଝାମଣା ଯୋଗୁ କଂଗ୍ରେସ ସମେତ ଇଣ୍ଡିଆ ମେଣ୍ଟ ବେଶ୍ ଭଲ ଫଳାଫଳ କଲା। କଂଗ୍ରେସର ଭୋଟ ହାର ୧୮% ରୁ ୨୧%କୁ ବୃଦ୍ଧି ପାଇଲା। ଲୋକ ସଭାରେ ବିରୋଧୀ ଦଳର ମାନ୍ୟତା ପାଇବାରେ କଂଗ୍ରେସ ସମର୍ଥ ହେଲା। କିନ୍ତୁ ବିଧାନସଭା ନିର୍ବାଚନ ଗୁଡ଼ିକରେ କଂଗ୍ରେସର ଫଳାଫଳ ଲଗାତର ନୈରାଶ୍ୟଜନକ ହେଲା। ଏହି ଦୃଷ୍ଟିରୁ ଇଣ୍ଡିଆ ମେଣ୍ଟର ସ୍ଥାୟିତ୍ୱ ଓ ପ୍ରାସଙ୍ଗିକତାକୁ ନେଇ ଏବେ ପ୍ରଶ୍ନ ଉଠିଛି। କଂଗ୍ରେସ ନେତୃତ୍ୱରେ ଏହି ମେଣ୍ଟ ପରିଚାଳିତ ହେବ ନା ଅନ୍ୟ କୌଣସି ଆଞ୍ଚଳିକ ଦଳ ନେତୃତ୍ୱରେ ମେଣ୍ଟ ଅଧିକ ଗତିଶୀଳ ହୋଇପାରିବ ସେଥିନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ହରିୟାଣାରେ ୨୦୨୪ ବିଧାନସଭା ନିର୍ବାଚନରେ କଂଗ୍ରେସ ଯେଉଁ ସଫଳତା ପାଇବ ବୋଲି ଆଶା କରାଯାଉଥିଲା ତାହା ହୋଇପାରିଲା ନାହିଁ। ୨୦୧୯ ନିର୍ବାଚନରେ ରାଜ୍ୟରେ ଭାରତୀୟ ଜନତା ପାର୍ଟି ୪୦ଟି ଆସନରେ ବିଜୟୀ ହୋଇ ସରକାର ଗଠନ କରିଥିଲା। କଂଗ୍ରେସ ୩୧ଟି ଆସନ ପାଇ ବିରୋଧୀ ଦଳ ଆସନରେ ବସିଥିଲା। ୨୦୨୪ ନିର୍ବାଚନରେ ଭାଜପା ଅଧିକ ୮ଟି ପାଇ ୪୮ ଆସନରେ ବିଜୟୀ ହେଲା। କଂଗ୍ରେସକୁ ମିଳିଲା ୩୭ ଆସନ। ହରିୟାଣାର ମୋଟ ବିଧାନସଭା ଆସନ ସଂଖ୍ୟା ୯୦। ଚଳିତ ନିର୍ବାଚନର ଭୋଟ ହାର ଦେଖିଲେ କଂଗ୍ରେସ ୩୯% ଭୋଟ ପାଇଥିବାବେଳେ ଭାଜପାକୁ ମିଳିଛି ୩୯.୯% ଭୋଟ। ଅନ୍ୟାନ୍ୟ ଦଳ ୫% ଭୋଟ ପାଇଛନ୍ତି। ୨୦୨୪ ନିର୍ବାଚନର କିଛି ଦିନ ପୂର୍ବରୁ ହରିୟାଣାର ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କୁ ହଟାଇ ନାଏବ ସିଂହ ସାଇନିଙ୍କୁ ନୂତନ ମୁଖ୍ୟମନ୍ତ୍ରୀ ପଦରେ ଭାଜପା ଆସୀନ କରିଥିଲା। ନୂଆ ମୁଖ୍ୟମନ୍ତ୍ରୀ ଚେହେରା ଦ୍ୱାରା ପଛୁଆ ବର୍ଗ ଭୋଟ ହାତେଇ ଦଳ ଯେଉଁ ସଫଳତା ପାଇବ ବୋଲି ଆଶା ରଖିଥିଲା ତାହା ଫଳବତୀ ହେଲା। ହରିୟାଣାରେ ମୋଟ ଜନସଂଖ୍ୟାର ଏକ ଚତୁର୍ଥାଂଶ ହେଉଛନ୍ତି ଜାଠ। ଏହି କାରଣରୁ କଂଗ୍ରେସ ଜାଠ ସମ୍ପ୍ରଦାୟ




ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡା ଓ ତାଙ୍କ ପୁତ୍ରଙ୍କ ଉପରେ ଭରସା କରିଥିଲା। ଦଳିତ ନେତ୍ରୀ କୁମାରୀ ଶୈଳଜାଙ୍କୁ ଗୁରୁତ୍ୱ ଦିଆ ନ ଯିବାରୁ ସେ ପ୍ରଚାର କାର୍ଯ୍ୟରୁ ଦୂରେଇ ରହିଥିଲେ। ଏହାଦ୍ୱାରା ଜାଠ ଭୋଟ କଂଗ୍ରେସ ସପକ୍ଷରେ ଗଲା, କିନ୍ତୁ ଅଣଜାଠ ଓ ଦଳିତ ଭୋଟ କଂଗ୍ରେସ ନିଜ ନିକଟକୁ ଆଣିବାରେ ସଫଳ ହୋଇପାରିଲା ନାହିଁ। ୨୦୧୯ ନିର୍ବାଚନରେ ଭାଜପା ସହରାଞ୍ଚଳ ଓ ରାଜ୍ୟର ଦକ୍ଷିଣାଞ୍ଚଳ ଆସନରେ ଉତ୍ତମ ଫଳାଫଳ କରିଥିଲା। ଏହି ଭୋଟ ଚଳିତ ଥର ମଧ୍ୟ ଭାଜପା ନିକଟରେ ରହିଲା। ଏଥିସହ ଅଣଜାଠ ବା ପଛୁଆବର୍ଗଙ୍କ ଭୋଟ ଭାଜପା ସପକ୍ଷରେ ଗଲା। ଦେଖିବାକୁ ଗଲେ ଚଳିତ ଥର ରାଜ୍ୟରେ ବହୁମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଠାରେ ଇଣ୍ଡିଆ ମେଣ୍ଟ ନଥିଲା। ଇଣ୍ଡିଆ ମେଣ୍ଟ ଅନ୍ୟତମ ସହଯୋଗୀ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଓ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ନ ହେବାରୁ ଉଭୟ ଦଳ ପୃଥକ୍ ଭାବେ ନିର୍ବାଚନ ଲଢ଼ୁଥିଲେ। ଗତ ନିର୍ବାଚନରେ ହରିୟାଣାରେ ଆମ୍ ଆଦ୍‌ମୀ ପାର୍ଟିର ଉପସ୍ଥିତି ନଥିଲା। ଏଥର ଦଳ ଅଧିକାଂଶ ଆସନରେ ପ୍ରାର୍ଥୀ ଦେଇଥିଲା। ଏହାଦ୍ୱାରା ଭୋଟ ବିଭାଜନ ଘଟିଲା, ଯାହା ଭାଜପା ସପକ୍ଷରେ ଗଲା।

ସେହିପରି ମହାରାଷ୍ଟ୍ରରେ ସର୍ବଶେଷ ନିର୍ବାଚନରେ ମଧ୍ୟ ଇଣ୍ଡିଆ ମେଣ୍ଟର ଫଳାଫଳ ନୈରାଶ୍ୟଜନକ ରହିଲା। କଂଗ୍ରେସ, ଏନ୍‌ସିପି (ଶରଦ) ଓ ଶିବ ସେନା (ଉଦ୍ଧବ), ସମାଜବାଦୀ ପାର୍ଟି ମିଳିତ ଭାବେ ଏମ୍‌ଭିଏ ଛତା ତଳେ ନିର୍ବାଚନ ଲଢ଼ୁଥିଲେ ମଧ୍ୟ ଆଶାଜନକ ଫଳାଫଳ ପାଇପାରି ନାହାନ୍ତି। ୨୦୧୯ ନିର୍ବାଚନରେ ରାଜ୍ୟରେ କଂଗ୍ରେସର ବିଧାୟକ ସଂଖ୍ୟା ୪୪ ଥିବାବେଳେ ୨୦୨୪ ନିର୍ବାଚନରେ ଏହା ୧୬କୁ ଖସି ଆସିଛି। ଏନ୍‌ସିପି ଓ ଶିବ ସେନା ବିଭାଜିତ ହୋଇଯାଇଛି। ଦୁଇ ବର୍ଷ ପୂର୍ବେ ଏହି ଦୁଇ ଦଳ ଭାଙ୍ଗିଥିଲା। ଦୁଇ ଦଳ ଭାଙ୍ଗିବା ପରେ ଶାସକ ଦଳ ହୋଇଥିଲା ଶିବସେନା (ସିନ୍ଦେ) ନେତୃତ୍ୱାଧୀନ ଭାଜପା ଓ ଏନସିପି (ଅଜିତ୍) ମେଣ୍ଟ। ଏହି ତିନି ପକ୍ଷ ମହାଯୁତି ନାମରେ ନିର୍ବାଚନ ଲଢ଼ୁଥିବାବେଳେ ଶିବସେନା (ଉଦ୍ଧବ), ଏନସିପି (ଶରଦ) ଓ କଂଗ୍ରେସ ମିଳିତ ଭାବେ ଏମ୍‌ଭିଏ ନାମରେ ନିର୍ବାଚନ ଲଢ଼ୁଥିଲେ। ନିର୍ବାଚନରେ ଭାଜପାର ଆସନ ସଂଖ୍ୟା ପୂର୍ବ ନିର୍ବାଚନ ତୁଳନାରେ ୨୭ଟି ବୃଦ୍ଧି ପାଇ ୧୩୨ ହୋଇଛି।

ଚଳିତ ବର୍ଷ ଜମ୍ମୁ-କଶ୍ମୀର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଦୁଇ ଆଞ୍ଚଳିକ ଦଳ କ୍ଷମତାସୀନ ହୋଇଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ଆମ୍ ଆଦମୀ ପାର୍ଟି ଏକାକୀ ଲଢ଼ିବ ବୋଲି ଘୋଷଣା କରିଛି। ଏପ୍ରକାର ସ୍ଥିତିରେ ଇଣ୍ଡିଆ ମେଣ୍ଟର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ଦେଖା ଦେଇଛି। ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ବସ୍ତୁତଃ ଇଣ୍ଡିଆ ମେଣ୍ଟରେ ନାହିଁ। କିନ୍ତୁ ଦଳ ଶକ୍ତ ଭାବେ ରାଜ୍ୟରେ ନିଜ ଗଡ଼ ରକ୍ଷା କରିପାରିଛି, ଯାହାକି ମମତାଙ୍କ ପାରିବାର ପଣିଆକୁ ପ୍ରତିପାଦିତ କରୁଛି। ଗତ ଉପନିର୍ବାଚନରେ ବିଭିନ୍ନ ରାଜ୍ୟରେ ଇଣ୍ଡିଆ ମେଣ୍ଟ ସେତେ ଉତ୍ସାହଜନକ ଫଳାଫଳ ପାଇ ନ ଥିବାବେଳେ ପଶ୍ଚିମବଙ୍ଗରେ ସମସ୍ତ ୬ଟି ଯାକ ଆସନରେ ତୃଣମୂଳ କଂଗ୍ରେସ ବିଜୟୀ ହୋଇଥିଲା। ଏଣୁ ଇଣ୍ଡିଆ ମେଣ୍ଟର ଦାୟିତ୍ୱ ମମତା ବହନ କରିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଲାଣି। ତେବେ ଜାତୀୟ ଦଳ ଓ ଲୋକ ସଭାର ବିରୋଧୀ ଦଳ ଭାବେ ଏକ ଆଞ୍ଚଳିକ ଦଳ ନେତୃତ୍ୱକୁ କଂଗ୍ରେସ ସହଜରେ ଗ୍ରହଣ କରିପାରିବ ନାହିଁ। ଏପରି ସ୍ଥିତିରେ ଇଣ୍ଡିଆ ମେଣ୍ଟରେ ଥିବା ଦଳ କ୍ରମଶଃ ଅପସରି ଯିବେ ନା ମେଣ୍ଟ ଅତୁଟ ରହିବ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅତୀତରେ ବିରୋଧୀ ଏକତା ନିମନ୍ତେ ମମତା ଉଦ୍ୟମ କରିଥିଲେ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୯ ଜାନୁୟାରୀରେ କୋଲକାତାରେ ମମତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଭାଜପା ବିରୋଧୀ ସମାବେଶ। ଏହି ସମାବେଶରେ ଜନତା ଦଳ(ଏସ୍) ନେତା ଏଚ୍.ଡି. ଦେବେଗୌଡ଼ା,ଏଚ୍.ଡି.କୁମାରସ୍ୱାମୀ, ଏନ୍‌ସି ନେତା ଫାରୁକ ଅବଦୁଲ୍ଲା, ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ, ଟିଡିପି ନେତା ଚନ୍ଦ୍ରବାବୁ ନାଇଡୁ, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ଏନ୍‌ସିପି ନେତା ଶରଦ ପାୱାର, ଅରୁଣାଚଳ ପ୍ରଦେଶର ଗେଗଙ୍ଗ ଅପଙ୍ଗଙ୍କ ସମେତ କଂଗ୍ରେସର ପ୍ରତିନିଧି ଯୋଗ ଦେଇଥିଲେ। କିନ୍ତୁ ସୋନିଆ ଗାନ୍ଧୀ ବା ରାହୁଲ ଗାନ୍ଧୀ ସମାବେଶରେ ଯୋଗ ଦେଇ ନ ଥିଲେ। ଏହି ସମାବେଶ ପରେ ଅନୁଷ୍ଠିତ ନିର୍ବାଚନରେ ତୃଣମୂଳ କଂଗ୍ରେସର ଲୋକ ସଭା ସଦସ୍ୟ ସଂଖ୍ୟା ୩୪ରୁ ହ୍ରାସ ପାଇ ୨୨ ହୋଇଥିଲା। ଭାରତୀୟ ଜନତା ପାର୍ଟିର ସଦସ୍ୟ ସଂଖ୍ୟା ୨ରୁ ବୃଦ୍ଧି ପାଇ ୧୮ରେ ପହଞ୍ଚିଥିଲା। କଂଗ୍ରେସର ଆସନ ସଂଖ୍ୟା ୪ରୁ ୨କୁ ହ୍ରାସ ପାଇଥିଲା। ଲୋକ ସଭା ପରାଜୟର ଝଟ୍‌କାରେ ମମତା ସେହିଦିନରୁ ଆରମ୍ଭ କରିଥିଲେ ବିଧାନସଭା ନିର୍ବାଚନ ପାଇଁ ରଣନୀତି। ଶହ ଶହ କର୍ମକର୍ତ୍ତା ଓ କର୍ମୀଙ୍କ ଦଳ ପରିତ୍ୟାଗ ସତ୍ତ୍ୱେ ୨୦୨୧ ବିଧାନସଭା ନିର୍ବାଚନରେ ମମତା ପିନ୍ଧିଲେ ରାଜମୁକୁଟ। ପଶ୍ଚିମବଙ୍ଗରେ ଭାଜପାକୁ କଡ଼ା ଟକ୍କର ଦେଇ ମମତା ଗୋଟି ଚାଳନା କରୁଛନ୍ତି ସତ, କିନ୍ତୁ ସର୍ବଭାରତୀୟ ସ୍ତରରେ ତାଙ୍କର ରାଜନୈତିକ କୌଶଳ କେତେ ପ୍ରଭାବଶାଳୀ ହେବ ତାହା ପଶ୍ଚିମବଙ୍ଗ ଦୃଷ୍ଟିକୋଣରୁ ବିଚାର କରାଯାଇପାରିବ ନାହିଁ। କାରଣ ତେଲଙ୍ଗାନା ପୂର୍ବତନ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ମଧ୍ୟ ୨୦୧୯ ମସିହାରେ ବିରୋଧୀ ମେଣ୍ଟ ପାଇଁ ତତ୍ପରତା ପ୍ରକାଶ କରି ସଫଳ ହୋଇପାରି ନ ଥିବାର ନଜିର ରହିଛି। ଏଣୁ ଆଗକୁ ଇଣ୍ଡିଆ ମେଣ୍ଟର କାର୍ଯ୍ୟଧାରା କ'ଣ ରହିବ ତାହା ଦେଖିବାର କଥା।

ମୋ: ୯୪୩୭୨୨୯୨୩୩

# ଥରେ ବୁଝନ୍ତୁ ପିଲାର ମନ



ରାନୀ ନାୟକ

ଯୁଗ ସହ ତାଳ ଦେଇ ମଣିଷ ମଧ୍ୟ ଧୀରେ ଧୀରେ ପରିବର୍ତ୍ତନ ହୋଇଛି। ପ୍ରତି ମୁହୂର୍ତ୍ତରେ ଅନ୍ୟମାନଙ୍କଠାରୁ ଭିନ୍ନ ହେବା ଲକ୍ଷ୍ୟରେ ସଭିଙ୍କ ମନରେ ବଢ଼ି ଚାଲିଛି ପ୍ରତିଯୋଗିତାମୂଳକ ମନୋଭାବ। ଏହି କୌତୂହଳ ରେସ୍‌ରେ କିଏ ଆଗକୁ ବଢୁଛି ତ କିଏ ଥକିଯାଉଛି। କିନ୍ତୁ ଭାଙ୍ଗି ଯାଇଥିବା ସ୍ୱପ୍ନକୁ ନିଜର ସନ୍ତାନମାନଙ୍କ ଦ୍ୱାରା ଅଧାଭଙ୍ଗା ଇଚ୍ଛାକୁ ପୂରଣ କରିବା ଆଶାରେ ଅଭିଭାବକମାନେ ଲାଗି ପଡୁଛନ୍ତି। ଶିଶୁ ହେଲା ମାଟି ପିତୁଳା, ତାକୁ ଆମେ ଯେମିତି ରୂପ ଦେବା ସେ ସେମିତି ଗଢ଼ି ହେବ। କିନ୍ତୁ ନିଜର ଇଚ୍ଛାକୁ ପୂରଣ କରିବାକୁ ଯାଇ ପିଲାଟିର ମନକୁ ଆମେ ବଳି ଦେଇ ଦେଉଛେ। ପ୍ରତ୍ୟେକ ମାତାପିତା ଚାହାନ୍ତି ପିଲାଟି କିପରି ବଡ଼ ହେଲେ ନିଜ ଗୋଡ଼ରେ ନିଜେ ଠିଆ ହେଉ ଅର୍ଥାତ୍ ଭଲରେ ପାଠ ପଢ଼ି ରୋଜଗାରକ୍ଷମ ହେଉ। କିନ୍ତୁ ଜାଣତରେ ହେଉ ଅବା ଅଜାଣତରେ ତାର ଶୈଶବକୁ ଆମେ ଛଡ଼େଇ ନେଉଛେ। ଛୋଟ ବେଳର ଖେଳ ବଦଳରେ ଲଦି ଦେଉଛେ ତା' ଉପରେ ପାଠ ରୂପକ ବୋଝ। ଯେଉଁ ବୟସରେ ଖେଳଣା ଧରି ନାଚି ଖେଳି ଆନନ୍ଦ ନେବା କଥା, ସେହି ବୟସରୁ ସ୍କୁଲ ଛାଡ଼ି ଧରେଇ ଦିଅନ୍ତି ବସ୍ତାନିର ବୋଝ। ତେଣୁ ଥରେ ବୁଝିବାକୁ ଚେଷ୍ଟା କରନ୍ତୁ ପିଲାର ମନ।

ୟୁନି ଫାଏଡ୍ ଡିଷ୍ଟ୍ରିକ୍ଟ ଇନ୍‌ଫରମେଶନ ସିଷ୍ଟମ ଅଫ୍ ଏଜୁକେଶନ ତରଫରୁ ଏକ ରିପୋର୍ଟରେ ଦର୍ଶାଯାଇଛି, ହାରାହାରି ୨୨୫ ଦିନ ପିଲା ସ୍କୁଲ ଯାଆନ୍ତି। ପ୍ରତିଦିନ ୮ କିଲୋ ଓଜନର ସ୍କୁଲ ବ୍ୟାଗ ନେଇ ବିଦ୍ୟାଳୟ ଯିବାକୁ ହୁଏ। ତେବେ ବର୍ଷକୁ ପ୍ରାୟ ୧୮ ଶହ କିଲୋ ଓଜନ ନେଇ ଭାରତୀୟ ପିଲାମାନେ ବସ୍ତାନି ରୂପକ ବୋଝକୁ କାନ୍ଧରେ ଲଦି ଥାଆନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ୨୦୧୮ ମସିହାରେ ଏକ ଗାଇଡ୍ ଲାଇନ ପ୍ରସ୍ତୁତ କରାଯାଇଥିଲା:- ପ୍ରଥମ-ଦ୍ୱିତୀୟ(୧.୫) କେ.ଜି, ତୃତୀୟ-ପଞ୍ଚମ(୨.୩), ଷଷ୍ଠ-ସପ୍ତମ (୪ କେ.ଜି.), ଅଷ୍ଟମ-ନବମ (୪.୫), ଦଶମ-(୫ କେ.ଜି)। କିନ୍ତୁ ଏହି ଗାଇଡ୍‌ଲାଇନ ମାନୁଛି କିଏ ? ଯଦି ପ୍ରଥମ ଶ୍ରେଣୀର କଥା ନେବା, ତେବେ ତା'ର ସିଲାବସ୍ ଏତେ ବଢ଼ିଯାଇଛି ଯେ ବାଧ୍ୟ ହୋଇ ବହି ଖାତା ନେବାକୁ ପଡୁଛି, ଯଦ୍ଦ୍ୱାରା ବ୍ୟାଗ୍‌ର ଓଜନ ବଢୁଛି। ଅଷ୍ଟାଦଶ ଶତାବ୍ଦୀର ପିଲାଙ୍କ କଥା ଯଦି ଚିନ୍ତା କରିବା, ତେବେ ନା ଥିଲା ପାଠର ଭୟ ନା ଥିଲା ହୋମ୍‌ୱାର୍କର ଚିନ୍ତା। ତଥାପି ଅନେକ ମେଧାବୀ ଛାତ୍ରୀଛାତ୍ର ବାହାରୁଥିଲେ। ହୋମ୍‌ୱାର୍କ କ'ଣ ଜାଣି ନ ଥିଲେ, କେବଳ ବିଦ୍ୟାଳୟରେ ଯାହା ପଢ଼ାଯାଏ, ତାହାକୁ ପଢ଼ି ମନେରଖନ୍ତି। କିନ୍ତୁ ଆମ ଦେଶର ପରିସ୍ଥିତି ବର୍ତ୍ତମାନ ଏମିତି ହୋଇଗଲାଣି ଯେ ପାଠ ପାଇଁ ପିଲାଙ୍କ ନିଦ ହଜି ଯାଉଛି। ଅନେକଙ୍କ ଘରେ ପ୍ରାୟ ପିଲାଟି ଜନ୍ମ ହେଉ ହେଉ ତା' ପାଇଁ ଅଲଗା ରହିବା କୋଠରି ଓ ସେ ଦୁଇ ତିନି ବର୍ଷର ହୋଇଗଲେ ତା' ପାଇଁ ପାଠ ପଢ଼ିବାକୁ ଷ୍ଟଡିରୁମ୍ କରାଯାଉଛି। ତେଣୁ



ଶିଶୁଟି ମନରେ ପାଠକୁ ନେଇ ବଢ଼ି ଯାଉଛି ଡର। କିନ୍ତୁ ଆମେରିକାରେ ପିଲାଙ୍କୁ ଏତେ ଛୋଟବେଳୁ ଚାପ ଦିଆଯାଇ ନ ଥାଏ। ସେମାନଙ୍କର ଷ୍ଟଡିରୁମ୍ ଥାଏ, କିନ୍ତୁ ତାକୁ ସେମାନେ ପାଠଗୃହ କୁହନ୍ତି ନାହିଁ, ଖେଳ ଗୃହ ବୋଲି ସମ୍ବୋଧନ କରନ୍ତି। ଏତେ ଆକର୍ଷଣ ଭାବରେ ଭଳିକି ଭଳି ଖେଳନା ଦ୍ୱାରା ସଜାଇ ଦିଆଯାଇଥାଏ ଯେ, ପିଲାମାନେ ଖୁସିରେ ସେଠିକି ଯିବାକୁ ଇଚ୍ଛା ପ୍ରକାଶ କରନ୍ତି। ନ୍ୟାଶନାଲ ଆଚିଭ୍‌ମେଣ୍ଟ ସର୍ଭେରୁ ଜଣାପଡ଼ିଛି ପ୍ରାୟ ପ୍ରତିଦିନ ୨ରୁ ୪ ଘଣ୍ଟା ୪୦% ପିଲା ହୋମ୍‌ୱାର୍କ କରନ୍ତି, ୫୮% ପିଲା ଟ୍ୟୁଶନର ସାହାରା ନିଅନ୍ତି। ସ୍କୁଲରେ ଛୁଟି ହେଲେ ପ୍ରାୟ ମନରେ ଥାଏ ଟିକେ ଖେଳିବା ଆଉ ଶୋଇବା। କିନ୍ତୁ ଆମ ପିଲାଙ୍କୁ ଆମେ ଏତେ ବ୍ୟସ୍ତ ରଖୁଛେ ଯେ ଆଉ ତାଙ୍କୁ ଦେଖିବା ବି ମୁସ୍କିଲ ହୋଇପଡୁଛି। ସ୍କୁଲ ପାଠ, ଘର ପାଠ, ଟ୍ୟୁଶନ ପାଠ ଭିତରେ ପିଲା ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଆଉ ଖେଳିବାକୁ ତାଙ୍କ ପାଖରେ ସମୟର ଅଭାବ। ଦୈନିକ ହାରାହାରି ୮ ଘଣ୍ଟା ଶୋଇବା ଆବଶ୍ୟକ, ୧୨ ବର୍ଷର ପିଲାଙ୍କ କ୍ଷେତ୍ରରେ ଦେଖିଲେ ୯ରୁ ୧୦ ଘଣ୍ଟା ଶୋଇବା ଆବଶ୍ୟକ। ଆମେ ଏତେ ବ୍ୟସ୍ତବହୁଳ ଯେ, ଭୁଲିଯିବାକୁ ବସିଲୁଣି ନିଦ ବୋଲି କ'ଣ। ପ୍ରାୟ ଅଭିଭାବକ ଏବେ କାର୍ଯ୍ୟରତ। ସେଥିପାଇଁ ପିଲାଙ୍କୁ ଆମେ ପ୍ରତି ମୁହୂର୍ତ୍ତରେ କିଛି ନା କିଛି କାର୍ଯ୍ୟ ଯଥା ନାଚ, ଗୀତ, ଚିତ୍ରାଙ୍କନ ଇତ୍ୟାଦିରେ ନିୟୋଜିତ କରିବାକୁ ବାଧ୍ୟ ହେଉଛେ। କିନ୍ତୁ ଏହିସବୁ ଦ୍ୱନ୍ଦ୍ୱ ଭିତରେ ପିଲାଟିର ଶୈଶବ ଛଡ଼େଇ ନିଉଛେ। ଅଭିଭାବକମାନେ ଭାବନ୍ତି, କାଳେ ହୋମ୍‌ୱାର୍କ ଦେଲେ ପିଲାଟି ଭଲ ପଢ଼ିବ ତା' ସହିତ ଘରେ ଯେଉଁ ଦୁଷ୍ଟାମି କରନ୍ତି କିଛି କମିଯିବ। କିନ୍ତୁ ତାକୁ ଅନେକ କାର୍ଯ୍ୟରେ ନିୟୋଜିତ କରାଇବା ଦ୍ୱାରା ଛୋଟ ବେଳରୁ ହିଁ ଆସ୍ତମା, ଥକାପଣ, ଶରୀର ପତଳା, ମୁଣ୍ଡବିନ୍ଧା, ଆଖି ବିନ୍ଧିବା, ଚିଡ଼ଚିଡ଼ାପଣ, ପାଠ ମନେ ନ ରହିବା ଇତ୍ୟାଦି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଉଛି।

ଆମେରିକାର କଥା ପୂର୍ବରୁ ଆଲୋଚନା ହୋଇଥିଲା, ତାଙ୍କ ପିଲା କିପରି ଖେଳି ନାଚି ପାଠ ପଢନ୍ତି। ତଥାପି ପ୍ରତି କ୍ଷେତ୍ରରେ ସେମାନେ ଆମମାନଙ୍କଠାରୁ ବହୁ ଆଗରେ। ଆଜିକାଲି ପିଲା ପ୍ରାୟ ଘରେ ଏକୁଟିଆ ରହୁଛନ୍ତି। କାହା ସହିତ କାହାର କଥା ହେବା ପାଇଁ ମଧ୍ୟ ସମୟର ଅଭାବ। କିନ୍ତୁ ପିଲାଟି ପ୍ରତି ମୁହୂର୍ତ୍ତରେ ସେ ଖୋଜୁଥାଏ ଜଣେ ସାଥୀ, ଯିଏକି ତା' ସହିତ କିଛି ସମୟ ଖେଳିବ ଓ ମନକଥା ତା'ର କହିବ। କିଛି ଉପାୟ ନ ପାଇ ଟିଭି ଆଉ ମୋବାଇଲ୍‌କୁ ଏବେ ସେ ସାଥୀ କରିଛି। ଅତି ବ୍ୟସ୍ତ ନ ହୋଇ ପିଲାଙ୍କୁ ଖେଳି ନାଚି ପଢ଼ିବାକୁ ଦିଅନ୍ତୁ। ପ୍ରାୟତଃ ପିଲା ଅନୁକରଣ କରିଥା'ନ୍ତି। ତେଣୁ ନିଜେ ପ୍ରଥମେ ନିଜର ଆଚରଣରେ ପରିବର୍ତ୍ତନ ଆଣନ୍ତୁ। ତେଣୁ ପିଲା କ'ଣ ଚାହୁଁଛି ବୁଝିବାକୁ ଚେଷ୍ଟା କରନ୍ତୁ।

ଢେଙ୍କାନାଳ, ମୋ: ୭୬୦୬୯୯୬୦୫୩

## ଏଇ ଭାରତରେ

ସେବା ମନୋଭାବକୁ ବୟସ ବାଧା ଦେଇପାରେ ନାହିଁ, ଯାହା ପ୍ରମାଣ କରିଛନ୍ତି ବଙ୍କିମ ଚକ୍ରବର୍ତ୍ତୀ। ବଙ୍କିମଙ୍କ ବୟସ ୮୨କୁ ଛୁଇଁଲାଣି। ତଥାପି ସେ ଯୁବକଙ୍କ ଭଳି ଚଳଚଞ୍ଚଳ। ଗଛ ଲଗାଇବା ପାଇଁ ସେ ଯେପରି ପ୍ରତିଶ୍ରୁତିବଦ୍ଧ। ସେଥିପାଇଁ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେବା ପରେ ସେ ନିରବଚ୍ଛିନ୍ନ ଭାବେ ଗଛ ଲଗାଇ ଚାଲିଛନ୍ତି। ସବୁଠୁ ବଡ଼ କଥା ହେଉଛି ସେ ବହୁ ପ୍ରଜାତିର ଦୁର୍ଲଭ ଗଛ ଲଗାଉଛନ୍ତି। ଏବେ ସୁଦ୍ଧା ବଙ୍କିମ ୫୦୦୦ ଗଛ ଲଗାଇ ସାରିଲେଣି। ପରିବେଶ ସୁରକ୍ଷା ପାଇଁ ଏଭଳି କାର୍ଯ୍ୟ କରୁଥିବାରୁ ତାଙ୍କୁ ଶ୍ରଦ୍ଧାରେ ଲୋକେ ଡାକୁଛନ୍ତି 'ଗଛଦାଦୁ'। ତାଙ୍କ ଘର ଚାରିପାଖ ଜଙ୍ଗଲ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଆବାସ ପାଲଟିଛି। ବଙ୍କିମ, ତାଙ୍କ ସ୍ତ୍ରୀ ମାଳତି ଓ ସାନ ପୁଅ ଗଛର ଯତ୍ନ ନେବା ସହ ପକ୍ଷୀମାନଙ୍କ ଦେଖାରଖା କରୁଛନ୍ତି। ଏହି ଦମ୍ପତି ଗଛକୁ ସେମାନଙ୍କ ଝିଅ ଭାବେ ଯତ୍ନ ନେଉଛନ୍ତି। ନିଜେ ମଧ୍ୟ ଚାରାଗଛ ପ୍ରସ୍ତୁତ କରୁଛନ୍ତି। ଘରକୁ କୌଣସି କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ନିମନ୍ତ୍ରଣ କଲେ ସେମାନଙ୍କୁ ଉପହାର ଭାବେ ଚାରାଗଛ ଦେଇଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଡିସେମ୍ବର ୧୯୭୫

- ରାଜ୍ୟର ଦରିଦ୍ର ଓ ନିଃସ୍ୱ ଜନତାଙ୍କୁ ଆଇନଗତ ସାହାଯ୍ୟ ଦେବା ଉଦ୍ଦେଶ୍ୟରେ ଏକ ପରିକଳ୍ପନା ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ଅନୁମୋଦିତ।
- ବିଶିଷ୍ଟ ସାମ୍ବାଦିକ, ସମ୍ବିଧାନ ବିଶେଷଜ୍ଞ ତଥା ଲେଖକ ବି. ଶିବରାଓଙ୍କ ୮୫ ବର୍ଷ ବୟସରେ ପରଲୋକ।
- ରାଜନୈତିକ ବ୍ୟାପାର ସମ୍ପର୍କୀୟ କ୍ୟାବିନେଟ କମିଟିରେ କେନ୍ଦ୍ର ରେଳ୍‌ୱେ ମନ୍ତ୍ରୀ କମଳାପତି ତ୍ରିପାଠୀଙ୍କୁ ଏକ ସଭ୍ୟ ଭାବରେ ଗ୍ରହଣ କରାଯାଇଛି।

## ଚିରନ୍ତନୀ

ଜଳେ ଥଳେ କେତେ ନିରେଖିଲି ନୂଆ ଭାବର
ନୂଆ ଛବି
ନୂଆ ନୂଆ ରୂପ କଲି ପୂଜା, କଲି ଆଦର
ସୁଖ ଲଭି।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | | | |
| 7 | | | 3 | | 4 | | | |
| | | 2 | 9 | | | | | 8 |
| | 9 | | | | | | 4 | |
| | 2 | 6 | | | | 3 | | |
| 4 | 1 | 5 | | | | | | |
| | | 4 | | | 9 | | 5 | |
| | | | | 5 | | | | 7 |
| | 3 | | | | | 8 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 3 | 9 | 6 | 2 | 1 | 8 | 7 |
| 1 | 9 | 7 | 5 | 8 | 4 | 6 | 3 | 2 |
| 2 | 6 | 8 | 1 | 7 | 3 | 4 | 9 | 5 |
| 7 | 8 | 9 | 3 | 4 | 6 | 5 | 2 | 1 |
| 5 | 4 | 2 | 7 | 9 | 1 | 8 | 6 | 3 |
| 6 | 3 | 1 | 8 | 2 | 5 | 9 | 7 | 4 |
| 9 | 1 | 5 | 2 | 3 | 8 | 7 | 4 | 6 |
| 8 | 2 | 6 | 4 | 5 | 7 | 3 | 1 | 9 |
| 3 | 7 | 4 | 6 | 1 | 9 | 2 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତରେ ଶିକ୍ଷାର ସ୍ଥିତି

ମହାଶୟ,

ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ତଥ୍ୟ ଅନୁସାରେ ଭାରତରେ ୧୨୦୦ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଛି। ଏହା ୪ କୋଟି ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରିବାକୁ ସାମର୍ଥ୍ୟ ରଖିଥିବା ବେଳେ ମାତ୍ର ୨୯ ପ୍ରତିଶତ ବିଦ୍ୟାର୍ଥୀଙ୍କ ଶିକ୍ଷା ପାଇଁ ସୁବିଧା ରହିଛି। ଏବେ ଦେଶରେ ୨୫୦୦ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ରହିଛି। ଯୋଗ୍ୟ ଶିକ୍ଷକ, ଉପଯୁକ୍ତ ପାଠ୍ୟକ୍ରମ, ଶିକ୍ଷା ଭିତ୍ତିଭୂମି ଓ ଅନ୍ୟାନ୍ୟ ମୌଳିକ ସୁବିଧା ଉପଲବ୍ଧ ହେବା ଦରକାର। ଆମ ଦେଶରେ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ସାଧାରଣ ଶିକ୍ଷା ଓ ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ। ସରକାରୀ କ୍ଷେତ୍ରରେ ସମ୍ବଳର ଅଭାବ ଓ ସରକାରୀ ଉଦାସୀନତା ଏହାର ମୁଖ୍ୟ କାରଣ। ଶିକ୍ଷା ବିଭାଗର ବଜେଟ ଦେଶର ଜିଡିପିର ୬ ପ୍ରତିଶତକୁ ବୃଦ୍ଧି କରିବା ସହ ଏହିସବୁ ପ୍ରତି ସରକାର ଯତ୍ନଶୀଳ ହେଲେ ଶିକ୍ଷାର ମାନ ବୃଦ୍ଧି ପାଇବ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାଇକ୍ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଜୁନାଗଡ଼/କୋକସରା,୧୬।୧୨
(ସୁନୀଲ କୁମାର ସିଂହ/ଦୁଷ୍ମନ୍ତ କୁମାର ପାଟଯୋଷୀ)


ମୃତଦେହ ରଖି ରାଜପଥ ଅବରୋଧ କରାଯାଇଛି।

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ପଖନାଗୁଡା ଛକ ନିକଟରେ ସୋମବାର ଅପରାହ୍ନରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଗୋଟିଏ ବାଇକ୍‌ରେ ବସିଥିବା ଦେଉଣ୍ଡି (ରାମପଡ଼ା)ର ଈଶ୍ୱରୀ ସିଂ (୫୫)ଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ସଭ୍ୟା ସିଂହ ଗୁରୁତର ହୋଇଛନ୍ତି। ସେହିପରି ଅନ୍ୟ ବାଇକ୍‌ରେ ବସିଥିବା ଚାରବାହାଲ ଗ୍ରାମର ଜଣେ ଯୁବକ ଗୁରୁତର ହୋଇଛନ୍ତି। ଖବର ପାଇ ମୃତ ଈଶ୍ୱରୀଙ୍କ ସମ୍ପର୍କୀୟ କ୍ଷତିପୂରଣ ଦାବିରେ ସ୍ଥାନୀୟ ୨୬ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଆନ୍ଦୋଳନ କାରୀଙ୍କୁ ସରକାର ସହାୟତା ମିଳିବା ନେଇ ପ୍ରତିଶ୍ରୁତି ଦେବା ପରେ ରାତ୍ରି ୭ଟା ୪୫ରେ ରାସ୍ତାରୋକୋ ହଟିଥିଲା। ମିଳିଥିବା ସୂଚନା ଅନୁସାରେ, ଦେଉଣ୍ଡି ରାମପଡ଼ାର ଈଶ୍ୱରୀ ଓ ସ୍ତ୍ରୀ ସଭ୍ୟା ରାଣୀ କୌଣସି କାର୍ଯ୍ୟ ପାଇଁ ଚାହାରବାହାଲକୁ ଯାଇ ଫେରିବା ସମୟରେ ପଖନାଗୁଡା ଛକ ନିକଟରେ ସାମ୍ନା ପଟୁ ଆସୁଥିବା ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଈଶ୍ୱରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ସଭ୍ୟାରାଣୀ ଗୁରୁତର ଥିବାରୁ ଜୁନାଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇଥିବା ଜଣେ ଯୁବକ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# ସମ୍ବଲପୁରୀ ନାଚ, ଗୀତରେ ଦୁଲୁକିଲା ମଞ୍ଚ

## ଗଡ଼ଜାତ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ହରଭଙ୍ଗା ,୧୬।୧୨(ନରେନ୍ଦ୍ର କୁମାର ସାହୁ)


ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ହାଇସ୍କୁଲ ପଡିଆଠାରେ ଆରମ୍ଭ ହୋଇଥିବା ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସୋମବାର ଥିଲା ଦ୍ୱିତୀୟ ଦିବସ । ଗଡଜାତ ଲୋକ ମହୋତ୍ସବ କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଗାଇଗରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ବିଧାୟକ ଉମାଶଙ୍କର ମଲିକ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ଗନ୍ଧରାଡୀ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ସାହୁ ଯୋଗଦେଇ ମଞ୍ଚାସୀନ ଥିଲେ। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳା, ମୀନାବଜାର, ଘରକରଣା, ଖାଦ୍ୟଷ୍ଟଲ ଖୋଲାଯାଇଛି। ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ମେଲୋଡି ଗାୟକ ରାଜୁ ନନ୍ଦ ଓ ଗାୟିକା ଟୁମକି ଓ ତାଙ୍କ ଦଳର ଗୀତ, ନାଚ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ପରେ ବଉଳି କଳା ପରିଷଦ ଓ ବାଉଁଶୁଣୀ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା । ମଞ୍ଚ ଢୋଲ, ନିଶାନରେ କମ୍ପି ଉଠିଥିଲା । ପ୍ରବଳ ଶୀତ ସତ୍ତ୍ୱେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ସମ୍ବଲପୁରୀ ନାଚ ଓ ଗୀତର ମଜା ନେଇଥିଲେ।

# କଂସ ବଧ ସହ ଶେଷ ହେଲା ବୌଦ୍ଧ ଧନୁଯାତ୍ରା


କଂସ ମହାରାଜଙ୍କ ନଗର ପରିକ୍ରମା ।


କୃଷ୍ଣ ବଳରାମଙ୍କ ନଗର ପରକ୍ରିମା।

## ଶୋଭାଯାତ୍ରା ସହ କୃଷ୍ଣ ବଳରାମଙ୍କ ନଗର ପରିକ୍ରମା

ବୌଦ୍ଧ,୧୬।୧୨( ଅଜିତ କୁମାର ବାରିକ)

ବୌଦ୍ଧ ସହରର ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଦୀର୍ଘ ୭ ଦିନ ଧରି ଚାଲିଥିବା ଧନୁଯାତ୍ରା ନାଟ୍ୟୋତ୍ସବରେ ସୋମବାର କଂସ ବଧ ନାଟକ ମଞ୍ଚସ୍ଥ ହୋଇଛି। ଏହି ନାଟକରେ ଅକ୍ରୁର କୃଷ୍ଣ ଓ ବଳରାମ ଦୁଇ ଭାଇଙ୍କୁ ରଥରେ ବସାଇ ସହରର ରାଜରାସ୍ତାରେ ଶୋଭାଯାତ୍ରା କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ପ୍ରଭୁ କୃଷ୍ଣ ବଳରାମଙ୍କ ଶୋଭାଯାତ୍ରା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଜନସାଧାରଣ ଦର୍ଶନ କରିବା ସହ ଆତସବାଜି ଓ ଦୁଲଦୁଲି ବାଜାରେ ପୁରା ସହର କମ୍ପି ଉଠିଥିଲା । ଗୋଟିଏ ପଟେ ପ୍ରଭୁ କୃଷ୍ଣ ବଳରାମଙ୍କ ଶୋଭାଯାତ୍ରା ଚାଲିଥିବା ବେଳେ ଅନ୍ୟପଟେ ପ୍ରତାପୀ କଂସ ମହାରାଜ ନିଜର ସୈନ୍ୟ ସାମନ୍ତଙ୍କ ସହିତ ଏକ ବିରାଟ ପଟୁଆରରେ ସୁସଜ୍ଜିତ ରଥରେ ନଗର ପରିଭ୍ରମଣ କରିଥିଲେ । ଉଭୟଙ୍କ ରଥ ଯାତ୍ରା ପଡିଆକୁ ଆସିବା ପରେ ନାଟକ ଆରମ୍ଭ ହୋଇଥିଲା । ନାଟକରେ ସୁଦାମା ମାଳିର ଫୁଲ ବେଶ, ମଲ୍ଲ ଯୁଦ୍ଧ, କୁବୁଜା ଉଦ୍ଧାର, ରଜକ ଦର୍ପ ଦଳନ ଆଦି ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା । ଏହି ନାଟ୍ୟୋତ୍ସବରେ ବୌଦ୍ଧ ଜିଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ପୌରାଣିକ କଥାବସ୍ତୁକୁ ନାଟକ ଶୈଳୀରେ ପରିବେଷିତ ହୋଇଆସୁଥିଲା । ଅନୁଷ୍ଠାନ କଳାକାରମାନେ ନିଖୁଣ ଭାବରେ ପୌରାଣିକ ଚରିତ୍ରଗୁଡିକ ଅଭିନୟ କରି ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। କଂସବଧ ନାଟକ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ ଲାଗି ରହିଥିଲା।

# ବିଡିପିଏଲ୍ କ୍ରିକେଟ ପ୍ରତିଯୋଗିତା: ବୀରନରସିଂହପୁର ଚାମ୍ପିୟନ

ହରଭଙ୍ଗା,୧୬।୧୨ (ନରେନ୍ଦ୍ର କୁମାର ସାହୁ)


ପୁରସ୍କାର ରାଶି ସହ ଚାମ୍ପିୟନ ଦଳ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସାମ୍ପୋଚ ପଞ୍ଚାୟତସ୍ଥିତ ବିଡିପିଏଲ ପଡିଆଠାରେ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ ପ୍ରତିଯୋଗିତା ସୋମବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଫ୍ଲଡ ଲାଇଟ୍‌ରେ ଖେଳା ଯାଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଏଏମସି ହରଭଙ୍ଗା ଓ ଏମବିସିଟି ବୀରନରସିଂହପୁର ମଧ୍ୟରେ ହୋଇଥିଲା। ବୀରନରସିଂହପୁର ଟିମ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୭୯ ରନ କରିଥିଲା। ଏହାର ଜବାବରେ ହରଭଙ୍ଗା ଏଏମସି ଟିମ ନିର୍ଦ୍ଧାରିତ ୧୫ ଓଭର ମଧ୍ୟରେ ମାତ୍ର ୬୬ ରନ କରିବାରେ ସକ୍ଷମ ହୋଇଥିଲା। ଫଳରେ ବୀରନରସିଂହପୁର ୧୩ ରନରେ ବିଜୟୀ ହୋଇଥିଲା। ବୀରନରସିଂହପୁର ପକ୍ଷରୁ ମାନସ ଜେନା ଉତ୍ତମ ଖେଳ ପ୍ରଦର୍ଶନ କରି ମ୍ୟାନ ଓଫ ଦି ମ୍ୟାଚ ହୋଇଥିବା ବେଳେ ସତ୍ୟବ୍ରତ ବେହେରା ମ୍ୟାନ ଓଫ ଦି ସିରଜ ହୋଇଥିଲେ। ବିଜେତା ଦଳକୁ ଟ୍ରଫି ସହିତ ୨୧ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ୧୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବରେ ବିଡିପିଏଲର ନିର୍ଦ୍ଦେଶକ ରାଜୁ ପ୍ରସାଦ, ସିଓଓ ଦେବଦତ୍ତ ମିଶ୍ର ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରାମଗଡ ଦଳକୁ ଶୃଙ୍ଖଳିତ ଦଳ ଭାବରେ ପୁରସ୍କୃତ କରାଯାଇଥିଲା।

**ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪, ପୁରୀ**
**ବିଜ୍ଞାପନ**
ଏତଦ୍ୱାରା ପୁରୀ ତଥା ଆଖପାଖ ଅଞ୍ଚଳର ଜନସାଧାରଣ ଓ କୃଷକ ଭାଇ ଏବଂ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ଆସନ୍ତା ତା୧୬।୧୨।୨୦୨୪ରୁ ତା୨୧।୧୨।୨୦୨୪ରିଖ ପର୍ଯ୍ୟନ୍ତ ପୁରୀ ଶରଧାବାଲିଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କୃଷି ବିଭାଗ, ପୁରୀ ତରଫରୁ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ପ୍ରଚାର ଓ ପ୍ରସାର ନିମନ୍ତେ ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା ଅଛି। ତେଣୁ ପୁରୀ ଜିଲ୍ଲାର ସମସ୍ତ ଜନସାଧାରଣ ଏବଂ କୃଷକ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ହେବେ।
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ

# ବିଷମୁକ୍ତ, ପୁଷ୍ଟିଯୁକ୍ତ ଖାଦ୍ୟକୁ ଗୁରୁତ୍ୱ


ବୈଠକରେ ଉପସ୍ଥିତ ପ୍ରଗତିଶୀଳ କୁଲିତା ସମାଜର ପ୍ରତିନିଧିବୃନ୍ଦ।

ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ମହିମା ଆଶ୍ରମରେ ପ୍ରଗତିଶୀଳ କୁଲିତା ସମାଜର ବୈଠକ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଲିତା ସମାଜର ମୁଖ୍ୟ ଜୀବିକା କୃଷି ହୋଇଥିବା ଯୋଗୁ ବିଭିନ୍ନ ଚାଷ, ଫସଲ ଉପରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ହଟାଇବା, ବିଷମୁକ୍ତ ଓ ପୁଷ୍ଟିଯୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷିବିତ୍ ଅମୀୟ କୁମାର ସାହୁ, ହରେକୃଷ୍ଣ ଭୋଇ, ଜେଠୁ ଭୋଇ, ଗୌର ଚନ୍ଦ୍ର ଖମାରୀ, ସ୍ୱରୂପ ଭୋଇ, ଲୋକନାଥ ସାହୁ, ସୌରୀ ବାରିକ, ଭବାନୀ ସାହୁ, ମନୋରଞ୍ଜନ ସାହୁ, ମୁକ୍ତକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲେ। ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି ଜିଲାର ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ।

# ଗୁଣାତ୍ମକ ଶିକ୍ଷାଦାନକୁ ଗୁରୁତ୍ୱ


ଅତିଥିଙ୍କ ଗହଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଛାତ୍ରୀମାନେ।

ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ର କ୍ରୀଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଶିକ୍ଷକ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏହା ୫ ଦିନ ଧରି ଚାଲିବ। ଶିବିରର ପ୍ରଥମ ଅଧିବେଶନରେ କ୍ରିଷ୍ଣା ବିକାଶ ଅନୁଷ୍ଠାନର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଚେୟାରମ୍ୟାନ ଶୁଭଶ୍ରୀ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ଶିକ୍ଷା ଏବଂ ଶିକ୍ଷକଙ୍କ ଗୁରୁତ୍ୱ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଶିକ୍ଷକମାନେ ଶିକ୍ଷାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବା ଉଚିତ୍ ବୋଲି ସେ କହିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ମହେନ୍ଦ୍ର ପ୍ରସାଦ ବେହେରା ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ଡ. ଶିବପ୍ରସାଦ ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇ ସମାଜରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ବିଷୟ ବିଶେଷଜ୍ଞ ପ୍ରଫେସର ଦୁଲ୍ଲଭ କୁମାର ସା, ଡ. ଅତୁଲ କୁମାର ପ୍ରଧାନ, ଡ. ସତ୍ୟନାରାୟଣ ନନ୍ଦ, ଡ. ତ୍ରିଲୋଚନ ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିବା ସହିତ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଶିବିରରେ ୪୦ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। କ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍. କାନ୍ତାରାଓ, ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ମନୋରଞ୍ଜନ ବେହେରା, ଦେବାଶିଷ ଦାସ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

**TP SOUTHERN ODISHA DISTRIBUTION LIMITED**
(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010
**NOTICE INVITING TENDER**
Dt.: 17.12.2024
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | PO for Supply of MS Windows Server Data Centre Edition OS (2 core) | TPSODL/OT/ 2024-25/044 | 2,00,000 | 5,000 | 23.12.2024; 18:00 Hrs. |
| 2 | RC for shifting of lines and Sub-stations under School and Anganwadi in turnkey basis. | TPSODL/OT/ 2024-25/045 | 2,00,000 | 5,000 | 27.12.2024; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

**छत्तीशगढ़ शासन, जल संसाधन विभाग**
कार्यालय मुख्य अभियंता, महानदी परियोजना, जल संसाधन विभाग, रायपुर (छ.ग.)
**ई-प्रोक्यूरमेंट निविदा सूचना**
e-Procurement Portal: https://eproc.cgstate.gov.in
(प्रथम आमंत्रण)
सिस्टम निविदा क्र. 162740/निविदा सूचना क्र. 07/व.ले.लि./2024-25 दि. 13.12.2024
निम्नलिखित कार्यों के लिए दिनांक 03.01.2025 17.30 तक ऑन लाईन निविदाए आमंत्रित की जाती है।
**कार्य का नाम - रायपुर जिले के विकासखण्ड आरंग की महानदी परियोजना अंतर्गत लवन शाखा नहर के वितरक शाखा क्र. 02 का रिमॉडलिंग, सी.सी. लाईनिंग एवं स्ट्रक्चर्स का पुनर्निर्माण/जीर्णोद्धार कार्य।**
अनुमानित लागत - रू. 1116.56 लाख
(एस.ओ.आर. दिनांक 01.08.2010 से प्रचलित (यथा संशोधित दिनांक 22.08.2022 तक))
अन्य विवरण एवं विस्तृत निविदा छत्तीसगढ़ शासन की ई-प्रोक्योरमेंट वेबसाइट https://eproc.cgstate.gov.in पर दिनांक 20.12.2024 समय 17.31 बजे से देखे तथा डाउनलोड किये जा सकते है।
**नोट:** निविदा में भाग लेने हेतु ठेकेदारों को ई-प्रोक्योरमेंट वेबसाइट https://eproc.cgstate.gov.in पर नामांकित/पंजीयन तथा लोक निर्माण विभाग की एकीकृत पंजीयन प्रणाली के अंतर्गत ठेकेदार को उपयुक्त श्रेणी में पंजीयन कराना अनिवार्य है।
स्वा./- कार्यपालन अभियंता
जल प्रबंध संभाग क्र 2, बलौदाबाजार
कृते मुख्य अभियंता महानदी परियोजना
जल संसाधन विभाग, रायपुर, छ.ग.
G-242504594/4

**कार्यालय जिला परिषद्, चतरा।**
(अतिअल्पकालिक ई0निविदा आमंत्रण सूचना)
ई–निविदा सूचना संख्या – 20/2024-25
1. कार्य की विस्तृत विवरणी: 608/D 05.10.2024 (15th F.C)

| क्र. | प्रखण्ड | योजना | प्राक्कलित राशि | परिमाण विपत्र का मूल्य | अग्रधन की राशि | कार्य पूर्ण करने की अवधि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | चतरा | प्राथमिक स्वास्थ्य केन्द्र उटॉ का निर्माण। | 1,43,00,000.00 | 10,000.00 | 2,87,000.00 | 09 माह |

1. वेबसाइट में निविदा प्रकाशन की तिथि – 20/12/2024
2. ई–निविदा प्राप्ति की तिथि एवं समय – 23.12.2024 से 31.12.2024 के अपराह्न 5:00 बजे तक
3. निविदा खोलने की तिथि एवं समय – 02.01.2025 पूर्वाह्न 11:00 बजे।
4. सरकार द्वारा लिए गए निर्णय के आलोक में सभी कागजात के साथ निविदा शुल्क एवं अग्रधन की राशि online Mode द्वारा स्वीकार्य होगा।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही संबंधित निविदाकार की होगी।
6. निविदा आमंत्रित करने वाले पदाधिकारी का नाम एवं पता – जिला अभियंता जिला परिषद चतरा।
7. ई–निविदा प्रकोष्ठ का दूरभाष सं० – 9835777636
10. विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

जिला अभियंता,
जिला परिषद, चतरा।
PR 342050 District(24-25)D

**TPWODL**
**ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)**
କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା, ସମ୍ବଲପୁର - ୭୬୮୦୧୭ (ଓଡ଼ିଶା)
**ସର୍ବସାଧାରଣ ବିଜ୍ଞପ୍ତି**
ମାମଲା ନଂ. ୮୪/୨୦୨୪
**ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀର ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ ଅନୁଯାୟୀ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ମୋଟ ରାଜସ୍ୱ ଆବଶ୍ୟକତାର ଅନୁମୋଦନ ଏବଂ ହ୍ୱିଲିଂ ଶୁଳ୍କସୂଚୀ ଓ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ଦ୍ୱାରା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱର-୨୧ଙ୍କ ନିକଟରେ ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୬୪(୨) ସହିତ ପଠନପୂର୍ବକ ଓଇଆର୍‌ସି (ବ୍ୟବସାୟର ସଞ୍ଚାଳନ) ନିୟମାବଳୀ, ୨୦୦୪ର ନିୟମ ୫୩(୭) ଅଧୀନରେ ଦାଖଲ କରିଥିବା ଦରଖାସ୍ତର ପ୍ରକାଶନ ।**

୧. ଟିପିଡବ୍ଲ୍ୟୁଓଡିଏଲ୍, ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ଏହାର ମୋଟ ରାଜସ୍ୱ ଆବଶ୍ୟକତାର ଅନୁମୋଦନ ଏବଂ ହ୍ୱିଲିଂ ଶୁଳ୍କସୂଚୀ ଓ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ତା୩୦।୧୧।୨୦୨୪ରିଖ ଦିନ ନିଜର ଦରଖାସ୍ତ ଦାଖଲ କରିଛି, ଯାହା **ମାମଲା ନଂ.୮୪/୨୦୨୪** ଭାବେ ପଞ୍ଜୀକୃତ ହୋଇଛି । ଏହି ଦରଖାସ୍ତକୁ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୬୨ ଓ ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥାପନ ସହିତ ପଠନପୂର୍ବକ ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨, ଓଇଆର୍‌ସି (ବ୍ୟବସାୟର ସଞ୍ଚାଳନ) ନିୟମାବଳୀ, ୨୦୦୪ ଏବଂ ଭେଷ୍ଟିଂ ଅର୍ଡର ଅଧୀନରେ ଦାଏର କରାଯାଇଛି । ଆୟୋଗ ଏକ ଜନଶୁଣାଣି ମାଧ୍ୟମରେ ମାମଲାକୁ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।
୨. ଉପରୋକ୍ତ ଫାଇଲିଂ ତଥା ଏହା ସପକ୍ଷରେ କାଗଜପତ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ୍, ବୁର୍ଲା ତଥା ବିତରଣ ଡିଭିଜନର ସମସ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଉପଲବ୍ଧ ଯଥା (i) ରାଉରକେଲା ଇଲେକ୍ଟ୍ରିକାଲ ଡିଭିଜନ, ଉଦିତ ନଗର, ରାଉରକେଲା, (ii) ରାଉରକେଲା ସଦର ଇଲେକ୍ଟ୍ରିକାଲ ଡିଭିଜନ, ଶିଳ୍ପାଞ୍ଚଳ, ରାଉରକେଲା, (iii) ରାଜଗାଙ୍ଗପୁର ଇଲେକ୍ଟ୍ରିକାଲ ଡିଭିଜନ, ରାଜଗାଙ୍ଗପୁର, (iv) ସୁନ୍ଦରଗଡ଼ ଇଲେକ୍ଟ୍ରିକାଲ ଡିଭିଜନ, ସୁନ୍ଦରଗଡ଼, (v) ସମ୍ବଲପୁର ଇଲେକ୍ଟ୍ରିକାଲ ଡିଭିଜନ, ସମ୍ବଲପୁର, (vi) ଝାରସୁଗୁଡ଼ା ଇଲେକ୍ଟ୍ରିକାଲ ଡିଭିଜନ, ଝାରସୁଗୁଡ଼ା, (vii) ବରଗଡ଼ ଇଲେକ୍ଟ୍ରିକାଲ ଡିଭିଜନ, ବରଗଡ଼, (viii) ଦେଓଗଡ଼ ଇଲେକ୍ଟ୍ରିକାଲ ଡିଭିଜନ, ଦେଓଗଡ଼, (ix) ବରଗଡ଼ ୱେଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ, ବରଗଡ଼, (x) ସମ୍ବଲପୁର ଇଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ, ସମ୍ବଲପୁର, (xi) ବଲାଙ୍ଗୀର ଇଲେକ୍ଟ୍ରିକାଲ ଡିଭିଜନ, ବଲାଙ୍ଗୀର, (xii) ଟିଟିଲାଗଡ଼ ଇଲେକ୍ଟ୍ରିକାଲ ଡିଭିଜନ, ଟିଟିଲାଗଡ଼, (xiii) ସୋନପୁର ଇଲେକ୍ଟ୍ରିକାଲ ଡିଭିଜନ, ସୋନପୁର, (xiv) କଳାହାଣ୍ଡି ଇଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ, ଭବାନୀପାଟଣା, (xv) କଳାହାଣ୍ଡି ୱେଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ, ଭବାନୀପାଟଣା, (xvi) ନୂଆପଡ଼ା ଇଲେକ୍ଟ୍ରିକାଲ ଡିଭିଜନ, ନୂଆପଡ଼ା, (xvii) ବ୍ରଜରାଜନଗର ଇଲେକ୍ଟ୍ରିକାଲ ଡିଭିଜନ, ବ୍ରଜରାଜନଗର ।
୩. (କ) ଆଗ୍ରହୀ ବ୍ୟକ୍ତିବିଶେଷମାନେ ଅନୁଚ୍ଛେଦ (୧)ରେ ପ୍ରଦତ୍ତ ମାମଲା ସମ୍ପର୍କିତ ରେକର୍ଡଗୁଡ଼ିକୁ ଅନୁଚ୍ଛେଦ (୨)ରେ ପ୍ରଦତ୍ତ କାର୍ଯ୍ୟାଳୟଗୁଡ଼ିକ ମଧ୍ୟରୁ ଉପରୋକ୍ତ ଯେକୌଣସି କର୍ତ୍ତୃପକ୍ଷଙ୍କ ନିକଟରୁ **ତା୧୬।୦୧।୨୦୨୫ରିଖ** କିମ୍ବା ଏହା ପୂର୍ବ ସୁଦ୍ଧା କାର୍ଯ୍ୟାଳୟ ସମୟ ମଧ୍ୟରେ ସାଦା କାଗଜରେ ଆବେଦନ କରି ନିରୀକ୍ଷଣ/ପରୀକ୍ଷା କରିପାରିବେ । ବିକଳ୍ପ ଭାବେ ଉପରୋକ୍ତ ସର୍ବସାଧାରଣ ବିଜ୍ଞପ୍ତି ସହିତ ଫାଇଲିଂର ବିବରଣୀ ଓ ଏ ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ଟିପିଡବ୍ଲ୍ୟୁଓଡିଏଲ୍‌ର ୱେବ୍‌ସାଇଟ www.tpwesternodisha.com ତଥା ଆୟୋଗଙ୍କ ୱେବ୍‌ସାଇଟ www.orierc.orgରୁ ଡାଉନ୍‌ଲୋଡ୍ କରିପାରିବେ ।
(ଖ) ସାଧାରଣ ସନ୍ଦର୍ଭ ପାଇଁ ପ୍ରସ୍ତାବର ଏକ ସଂକ୍ଷିପ୍ତ ସାରାଂଶ **ତା୧୩।୦୧।୨୦୨୫ରିଖ** ପରେ ଆୟୋଗଙ୍କ ୱେବ୍‌ସାଇଟରେ ସ୍ଥାନିତ କରାଯିବ ।
୪. ମୋଟ ରାଜସ୍ୱ ଆବଶ୍ୟକତା ତଥା ଶୁଳ୍କସୂଚୀ ଦରଖାସ୍ତର ଖଣ୍ଡ-I ଆଗ୍ରହୀ ବ୍ୟକ୍ତିବିଶେଷମାନଙ୍କ ପାଇଁ **ତା୧୬।୦୧।୨୦୨୫ରିଖ** କିମ୍ବା ଏହା ପୂର୍ବ ସୁଦ୍ଧା ଉପରପ୍ରଦତ୍ତ ଅନୁଚ୍ଛେଦ (୨)ରେ ଦର୍ଶାଯାଇଥିବା କାର୍ଯ୍ୟାଳୟରେ କାର୍ଯ୍ୟ ସମୟ ମଧ୍ୟରେ ଫଟୋକପି ଦେୟ **(ଟ.୧୦୦/-)**ର ପୈଠ ମାଧ୍ୟମରେ ଉପଲବ୍ଧ ହେବ ।
୫. ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ରାଜସ୍ୱ ଆବଶ୍ୟକତା ଓ ଖୁଚୁରା ଯୋଗାଣ ଶୁଳ୍କସୂଚୀ ଦରଖାସ୍ତର ଏକ ସମ୍ପୂର୍ଣ୍ଣ ସେଟ୍ ମଧ୍ୟ **ତା୧୬।୦୧।୨୦୨୫ରିଖ** କିମ୍ବା ଏହା ପୂର୍ବ ସୁଦ୍ଧା ଅନୁଚ୍ଛେଦ (୨)ରେ ଦର୍ଶାଯାଇଥିବା କାର୍ଯ୍ୟାଳୟଗୁଡ଼ିକରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ଫଟୋକପି ଦେୟ (ଟ.୨୦୦/-) ପୈଠ କରି ହାସଲ କରାଯାଇପାରିବ ।
୬. ମତାମତ/ଆପତ୍ତି, ଯଦି ଥାଏ, ତେବେ ତାହା ସପକ୍ଷରେ କାଗଜପତ୍ର ସହିତ ସେକ୍ରେଟାରୀ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ପ୍ଲଟ୍ ନଂ.୪, ଚୁନକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ଙ୍କ ନିକଟରେ ବ୍ୟକ୍ତିଗତ ଭାବେ ଅଥବା ପଞ୍ଜୀକୃତ ଡାକ/କୋରିଅର ସେବା ଯୋଗେ ନିଶ୍ଚିତ ଭାବେ **ତା୧୬।୦୧।୨୦୨୫ରିଖ** କିମ୍ବା ତା' ପୂର୍ବରୁ ଦାଖଲ କରାଯିବା ଆବଶ୍ୟକ । କଥିତ ମତାମତ/ଆପତ୍ତିର ଏକ ନକଲ ତଥା ଆବଶ୍ୟକୀୟ କାଗଜପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ମଧ୍ୟ ପଠାଯିବା ଆବଶ୍ୟକ ।
**(କ)** ମତାମତ/ଆପତ୍ତି ସାତ କିତା ନକଲରେ ଦାଖଲ କରାଯିବା ଆବଶ୍ୟକ ଏବଂ ଏହା ସହିତ ମତାମତ/ଆପତ୍ତି ଉଠାଇଥିବା ବ୍ୟକ୍ତିବିଶେଷ/ସଙ୍ଗଠନ/ଅନୁଷ୍ଠାନର ସମ୍ପୂର୍ଣ୍ଣ ନାମ ଓ ଡାକ ଠିକଣା ସମେତ ପିନ୍ କୋଡ୍, ଇ-ମେଲ୍ ଆଇଡି ଏବଂ ଯୋଗାଯୋଗ ଟେଲିଫୋନ୍ ନମ୍ବର ତଥା ଏହା ସପକ୍ଷରେ ଏକ ସତ୍ୟପାଠ ଦାଖଲ କରାଯିବା ଆବଶ୍ୟକ ।
**(ଖ)** ମତାମତ/ଆପତ୍ତି ଯଦି କୌଣସି ବର୍ଗର ଉପଭୋକ୍ତାଙ୍କ ପ୍ରତିନିଧିତ୍ୱ କରୁଥିବା ସଙ୍ଗଠନ/ଅନୁଷ୍ଠାନ ତରଫରୁ ଦାଏର କରାଯାଇଥାଏ, ତେବେ ଏହାକୁ ସ୍ପଷ୍ଟ ଭାବେ ଦର୍ଶାଯିବା ଆବଶ୍ୟକ । ଏହାକୁ ବ୍ୟକ୍ତିଗତ ଭାବେ ଆୟୋଗଙ୍କ ଦ୍ୱାରା ଶୁଣାଣି କରାଯିବ କି ନାହିଁ ଏହା ମଧ୍ୟ ବିଶେଷ ରୂପେ ଦର୍ଶାଯିବା ଆବଶ୍ୟକ ।
**(ଗ)** ଉପରେ ଦର୍ଶାଯାଇଥିବା ତାରିଖ ପରେ ପ୍ରାପ୍ତ ହୋଇଥିବା ଅଥବା ଉପରୋକ୍ତ ଯେ କୌଣସି ମାନଦଣ୍ଡ ପୂରଣ କରିପାରୁ ନ ଥିବା ମତାମତ/ଆପତ୍ତିକୁ ଶୁଣାଣି ଲାଗି ଅନୁମୋଦନ କରାଯିବ ନାହିଁ । କେବଳ ସତ୍ୟପାଠ ମାଧ୍ୟମରେ ଦାଖଲ କରାଯାଇଥିବା ମତାମତ/ଆପତ୍ତିଗୁଡ଼ିକୁ ଶୁଣାଣି ପାଇଁ ଅନୁମୋଦନ କରାଯିବ ।
୭. ଜନଶୁଣାଣିର ତାରିଖ ଓ ସ୍ଥାନ ବିଧିବଦ୍ଧ ଭାବେ ଖବରକାଗଜଗୁଡ଼ିକରେ ପ୍ରକାଶିତ ହେବ ଏବଂ ଯେଉଁମାନଙ୍କର ଆପତ୍ତି ଗ୍ରହଣ କରାଯାଇଥିବ, ସେମାନଙ୍କୁ ମଧ୍ୟ ଏ ସମ୍ପର୍କରେ ସୂଚିତ କରାଯିବ ।
**ତାରିଖ: ୧୬।୧୨।୨୦୨୪** **ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ୍, ବୁର୍ଲା**
**ଦ୍ରଷ୍ଟବ୍ୟ:** i) ଉପରୋକ୍ତ ସର୍ବସାଧାରଣ ବିଜ୍ଞପ୍ତି ଟିପିଡବ୍ଲ୍ୟୁଓଡିଏଲ୍‌ର ୱେବ୍‌ସାଇଟ www.tpwesternodisha.com ତଥା ଆୟୋଗଙ୍କ ୱେବ୍‌ସାଇଟ www.orierc.orgରେ ମଧ୍ୟ ଉପଲବ୍ଧ ।
ii) ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ କୌଣସି ସନ୍ଦେହ ଉପୁଜିବା କ୍ଷେତ୍ରରେ, ସତ୍ୟତା ପାଇଁ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତି ଦେଖାଯିବା ଆବଶ୍ୟକ ।

## ସଂକ୍ଷେପରେ

### ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ଖଡ଼ିଆଳ,୧୬।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲର ଚତୁର୍ଥ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଖଡ଼ିଆଳ ବ୍ଲକ ଏବିଇଓ ପରେଶ କୁମାର ପଣ୍ଡା ମୁଖ୍ୟ ଅତିଥି, ପିଇଟି ରାଜା ଏଟି ସ୍କୁଲ ରତନ ସିଂ ବାରିକ, ନୂଆପଡ଼ା ଜିଲା ପ୍ରେସ୍ କ୍ଲବ୍ ସଭାପତି ପରମେଶ୍ୱର ବାରିକ, ଅବସରପ୍ରାପ୍ତ ଆର୍ମି ଯବାନ ସୁରେନ୍ଦ୍ର କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ର ଖେଳୁଆଡ ମନୋଭାବ ନେଇ ଖେଳିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି। ଛାତ୍ରୀଛାତ୍ର ଖଡ଼ିଆଳସ୍ଥିତ ମା' ସମଲେଶ୍ୱରୀ ମନ୍ଦିରଠାରୁ ମଶାଲ ଆଣି ମଞ୍ଚରେ ସ୍ଥାପନ କରିଥିଲେ। ଛାତ୍ରୀ ଅମିଶାରାନୀ ବାରିକ ଓ ଦୋଲେଶ୍ୱରୀ କୈବର୍ତ୍ତ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ପରେ ବିଭିନ୍ନ ପ୍ରକାର ଖେଳ ଅନୁଷ୍ଠିତ ହୋଇଥିଲା।

### ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ମନ୍ଦିରରେ ଧନୁ ସଂକ୍ରାନ୍ତି

**ରିଷିଡ଼ା,୧୬।୧୨ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ମନ୍ଦିରଠାରେ ସୋମବାର ଧନୁ ସଂକ୍ରାନ୍ତି ପାଳନ କରାଯାଇଛି। ମା'ଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୂର୍ଯ୍ୟୋଦୟ ସମୟରେ ବାବା ନାଗେଶ୍ୱର ଓ ଦେବୀମାନଙ୍କୁ ସ୍ନାନ ମାର୍ଜନା କରାଯାଇଥିଲା। ସକାଳ ୯ଟାରେ ବଲ୍ଲଭ ଧୂପ କରାଯାଇ ଗୋଟିଏ ଲେଖାଏ ଚକାମୁଆଁ ଓ ଦୁଇଟି ଗଜାମୁଆ ସମର୍ପଣ କରାଯାଇଥିଲା। ଏଥିରେ ପୂଜକ ରଞ୍ଜନ ରଣା, ପୀତାମ୍ବର ରଣା, ସୂର୍ଯ୍ୟମଣି ରଣା, ମହେନ୍ଦ୍ର ପ୍ରଧାନୀ, ମନ୍ଦିର ପରିଚାଳନା କମିଟି ସଭାପତି କୈଳାସ କୁମୁରା, ଉପସଭାପତି କୁଞ୍ଜବିହାରୀ ରଣା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ଗୋଲାମୁଣ୍ଡା,୧୬।୧୨(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ଚହକା ଗ୍ରାମପଞ୍ଚାୟତ ପ୍ରକୋଷ୍ଠରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ କୁମାର ନାୟକ, ସିଡିପିଓ କେ. ଉଷା ଲକ୍ଷ୍ମୀ, ଏବିଇଓ ଲିନା ଦାଶ, ଚହକା ସରପଞ୍ଚ ହେମବନ୍ତି ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୩୩୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ୯୮ଜଣଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ୨୦୪ଜଣ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୮୧, ପିଡିଏସ୍ ବାବଦରେ ୧୦, ପେନ୍‌ସନ ୨୮, ତହସିଲ ସମ୍ବନ୍ଧୀୟ ୧୨, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସମ୍ବନ୍ଧୀୟ ୪ ଅଭିଯୋଗ କରିଥିବା ଜଣାପଡ଼ିଛି।

### ମୋବାଇଲ ଦୋକାନରେ ଅଗ୍ନିକାଣ୍ଡ



**ବୋଡ଼େନ,୧୬।୧୨ (ଟିକେଶର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ମୋବାଇଲ ଦୋକାନରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଓ ଅନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଦୋକାନୀ ସୁଶାନ୍ତ ମେହେର ଏ ନେଇ ବୋଡ଼େନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକ୍ରମେ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିବା ଜାଣିବା ପରେ ଦମକଳ ବାହିନୀକୁ ଖବର ଦେଇଥିଲେ। ହେଲେ କର୍ମଚାରୀ ପହଞ୍ଚିବା ବେଳକୁ ମୋବାଇଲ ଓ ସାମଗ୍ରୀ ପୋଡ଼ିଯାଇଥିଲା। କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ସେ ଅଭିଯୋଗ କରିଛନ୍ତି। ବୋଡ଼େନ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଭଦ୍ରା ଡ୍ୟାମ୍



**ଭବାନୀପାଟଣା,୧୬।୧୨(ଉତ୍ତମ କୁମାର ଦାଶ)**

ବୋଟିଂ, ପିକ୍‌ନିକ୍‌ର ନେଉଛନ୍ତି ମଜା

ବର୍ତ୍ତମାନ ଚାଲିଛି ପିକ୍‌ନିକ୍ ଋତୁ। ଏଥିଯୋଗୁ କଳାହାଣ୍ଡି ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଚଳିତବର୍ଷ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ଜିଲାର ଜୁନାଗଡ଼ ବ୍ଲକରେ ଥିବା ଭଦ୍ରା ଡ୍ୟାମ୍। ପୂର୍ବରୁ ଏହି ଡ୍ୟାମ୍ ଜଳସେଚନ ବ୍ୟବସ୍ଥା, ବିରଳ ପ୍ରଜାପତିର ପକ୍ଷୀଙ୍କ ବାସସ୍ଥାନ ଓ ମାଛଧରା ପାଇଁ ଜିଲାରେ ପରିଚିତ ଥିବାବେଳେ ଏବେ ବୋଟିଂ ପାଇଁ ଚର୍ଚ୍ଚାରେ ରହିଛି। ଏଥିପାଇଁ ଏହି ସ୍ଥଳ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ପ୍ରତ୍ୟହ ଏଠାକୁ ୨ଶହରୁ ୩ଶହ ପର୍ଯ୍ୟଟକ ପିକ୍‌ନିକ୍ କରିବାକୁ ଆସି ଡ୍ୟାମ୍‌ର ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ସହ ବୋଟିଂର ମଜା ନେଉଛନ୍ତି। କିଛି ମାସ ତଳେ ଏହି ଡ୍ୟାମ୍‌ରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଓ ଜଳବାୟୁ ଓ ପାଣିପାଗ ବିଭାଗ ପକ୍ଷରୁ ୨ଟି ବୋଟ୍ ଉଦ୍‌ଘାଟନ କରାଯାଇଥିଲା। ସେବେଠାରୁ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ବନ ବିଭାଗ ପକ୍ଷରୁ ଇକୋ ଟୁରିଜମ୍ ଯୋଜନାରେ ପାରିପାର୍ଶ୍ୱିକ ଉନ୍ନତି ଯଥା ଲୁହା ପାଚେରି, ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ଗୃହ ଓ ଶୌଚାଳୟ ଆଦି ନିର୍ମାଣ କରାଯାଇଛି। ୧୯୫୮ରେ ଭଦ୍ରାଜୋର ଡ୍ୟାମ୍ ନିର୍ମାଣ ଆରମ୍ଭ ହୋଇ ଜୁନ୍ ୧୯୬୩ରେ ଶେଷ ହୋଇଥିଲା। ପ୍ରଥମେ ଏହି ଡ୍ୟାମ୍‌ଟି କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବାବେଳେ ୨୦୦୧ଠାରୁ ଏହା ଉପର ଇନ୍ଦ୍ରାବତୀ ପ୍ରକଳ୍ପ ଅଧୀନରେ ରହିଛି। ଡ୍ୟାମ୍‌ର ଲମ୍ବ ୬୭୧ ମିଟର ଥିବାବେଳେ ପ୍ରାୟ ୧୭୧୩.୩୭ ହେକ୍ଟର ଜମିକୁ ଉଭୟ ଖରିଫ୍ ଓ ରବି ପାଇଁ ଏଠାରୁ ଜଳସେଚିତ ହୋଇପାରୁଛି।

**ଏମାନେ ଯାହା କୁହନ୍ତି...**



"ବନ ବିଭାଗ ପକ୍ଷରୁ ତାଲିମ ନେଇ ଆମେ ବୋଟ୍ ଚଳାଉଛୁ। ପ୍ରତିଦିନ ନୂଆ ନୂଆ ପର୍ଯ୍ୟଟକଙ୍କୁ ବୋଟ୍‌ରେ ବସାଇ ବୁଲାଇବା ବେଳେ ଖୁସି ଲାଗେ।
–ଆଶିଷ ରଞ୍ଜନ ଆଚାର୍ଯ୍ୟ, ବୋଟ୍ ଚାଳକ



"ଜିଲାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଥିବାବେଳେ ବୋଟିଂ ପାଇଁ କୌଣସି ସୁବିଧା ନ ଥିଲା। ବୋଟିଂ ବ୍ୟବସ୍ଥା ହେବା ଯୋଗୁ ଅଞ୍ଚଳ ସମେତ ଜିଲାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ନିଜ ପରିବାର ସହ ଏଠାକୁ ଆସି ପିକ୍‌ନିକ୍ କରିବା ସହ ବୋଟିଂର ମଜା ନେଉଛନ୍ତି।
–ଡ. ପ୍ରୀତିମଞ୍ଜରୀ ନାୟକ, ପର୍ଯ୍ୟଟକ



"ବୋଟିଂ କରିବା ସମୟରେ ନିଆରା ଅନୁଭବ ହେଉଛି। ସତେଯେମିତି ଚିଲିକା ଓ ତା'ର ଚାରିପାଖରେ ଥିବା ପାହାଡ଼ ଅବା ପକ୍ଷୀ ଉଡ଼ିବା ଭଳି ଏଠାରେ ମଧ୍ୟ ପରିଲକ୍ଷିତ ହେଉଛି।
–ମୁରାରୀ ପ୍ରଧାନୀ, ପର୍ଯ୍ୟଟକ

## ବାଇକ୍‌କୁ ଧକ୍କା ଦେଲା କାର୍: ଜଣେ ମୃତ

**ନୂଆପଡା,୧୬।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଲଖନା ଥାନା ଲଖନା ପୁରୁଣା ବସ୍ତି ନିକଟରେ ସୋମବାର ବାଇକ୍‌କୁ କାର୍ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମୁଣ୍ଡାପଲା ପଞ୍ଚାୟତ କଦଳିପଡା ଗାଁର ପୁନିତ ବରିହା (୫୫)। ସୂଚନା ଅନୁଯାୟୀ ପୁନିତ ଓ କୁକୁରିମୁଣ୍ଡି ଗାଁର ଶକ୍ତି ବରଦିହା (୩୨) ବାଇକ୍‌ରେ ଲଖନା ସାପ୍ତାହିକ ହାଟକୁ ଯାଇ ଅପରାହ୍ନରେ ଫେରୁଥିଲେ। ଏହି ସମୟରେ ଏକ କାର୍ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଏଥିରେ ଆହତ ଦୁଇ ବାଇକ୍ ଆରୋହୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପୁନିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶକ୍ତି ଚିକିତ୍ସାଧୀନ ଅଛନ୍ତି। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ଦୁର୍ଘଟଣା ଘଟାଇଥିବା କାର୍ ନମ୍ବର ପ୍ଲେଟ (ଓଡି୧୫ଭି–୯୭୭୬) ଘଟଣାସ୍ଥଳରେ ପଡିରହିଥିବାରୁ ଏହା ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଆଞ୍ଚଳିକ ବିକାଶ ପରିଷଦର ରାସ୍ତାରୋକୋ



ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ।

**ଥୁଆମୂଳ ରାମପୁର,୧୬।୧୨ (ଦୁର୍ଗା କୀର୍ତ୍ତି)**

ଗ୍ରାମର ବିଭିନ୍ନ ସମସ୍ୟା ନେଇ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣ୍ଡୁପୁରଠାରେ ସୋମବାର ଗୁଣ୍ଡୁପୁର ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଭବାନୀପାଟଣା–ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗ୍ରାମରେ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ ଖେଳ ପଡିଆ ଭଳି ସମସ୍ୟା ଲାଗିରହିଛି। ଏ ନେଇ ବାରମ୍ବାର ବ୍ଲକ ଓ ଜିଲା ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସମାଧାନ ନ ହେବାରୁ ରାସ୍ତାରୋକୋ କରାଯାଇଥିଲା। ଏଥିଯୋଗୁ ଭବାନୀପାଟଣା, ଥୁଆମୂଳ ରାମପୁର, କାଶିପୁର ଆଦି ସ୍ଥାନକୁ ଯାତାୟାତ କରୁଥିବା ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ଥୁଆମୂଳ ରାମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ୭ଦିନ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ବୋଡ଼େନ,୧୬।୧୨ (ଟିକେଶର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ କେଶରାଜପୁର ଆଦର୍ଶ ବିଦ୍ୟାଳୟରେ ୬ଷ୍ଠ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ବୋଡ଼େନ ଅତିରିକ୍ତ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ଦେ ମୁଖ୍ୟ ଅତିଥି, ବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ମଟାରୀ, ଅନିମା ବାରିଖ ଯଦୁମଣି ବାରିକ, ସନ୍ତୋଷ କୁମାର ଦାସ, ନରୋତ୍ତମ ବାଗ, ଦେବସ୍ମିତା ହାସଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ କ୍ରୀଡାବିତ୍ ମନୋଭାବ ନେଇ ଖେଳ ଖେଳିବା ପାଇଁ ଆହ୍ୱାନ କରିଥିଲେ। କ୍ରୀଡା ଶିକ୍ଷକ ପ୍ରକାଶ ବେହୁରିଆଙ୍କ ତତ୍ତ୍ୱାବଧାନରେ ୫୦ ଓ ୧୦୦ ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆ, ବେଙ୍ଗ ଡିଆଁ, ଶଟପୁଟ ଆଦି ୧୯ ପ୍ରକାର ଖେଳ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପଦକ ପ୍ରଦାନ କରାଯାଇଥିଲା। ସାର୍ଥକ ସାରଥି ସିଂ ପୁରସ୍କାର ବିତରଣ ସଞ୍ଚାଳନ କରିଥିବା ବେଳେ ଜୟ କିଷାନ ଶିକା ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ୱାଇସି କପ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**ନୂଆପଡ଼ା,୧୬।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ରାଜିଙ୍ଗ ଷ୍ଟାର ୟୁଥ୍ କ୍ଲବ (ଆର୍‌ଏସ୍‌ୱାଇସି) ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ନୂଆପଡା ଓ ଦିଆନମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆପଡା ଦଳକୁ ହରାଇ ଦିଆନମୁଣ୍ଡା ଚାମ୍ପିୟନ ହୋଇଛି। ଦିଆନମୁଣ୍ଡା ଦଳ ଟସ୍ ଜିଣି ଫିଲଡିଙ୍ଗ ନିଷ୍ପତ୍ତି ନେଇଥିଲା। ନୂଆପଡ଼ା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୭୭ ରନ କରିଥିଲା। ଜବାବରେ ଦିଆନମୁଣ୍ଡା ଦଳ ୮ ଓଭରରେ ୬ ଉଇକେଟ ହରାଇ ୭୮ ରନ ସଂଗ୍ରହ କରି ବିଜୟୀ ହୋଇଛି। ୟୁଥ୍ କ୍ଲବ ସଭାପତି ଉମାକାନ୍ତ ବନଚୋରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ନୂଆପଡା ବିଧାୟକ ପ୍ରତିନିଧି ଜୟ ଢୋଲକିଆ ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ଗରିବ ସେନା ଜିଲା ଆବାହକ ରବି ମଙ୍ଗରାଜ, ସମାଜିକ କର୍ମୀ ଡ. ମାଧୋ ପ୍ରସାଦ ସାହୁ, ତରବୋଡ ସରପଞ୍ଚ ଶ୍ୟାମ ସୁନ୍ଦର ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ନେହେରୁ ଯୁବକେନ୍ଦ୍ର ନୂଆପଡା ଯୁବ ଅଧିକାରୀ ପ୍ରସନ୍ନ ମେହେର ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ହେମନ୍ତ ଚିରାଙ୍ଗୁଲ ଓ ସାହୁଲ ବଘେଲ ଖେଳ ପରିଚାଳନା କରିଥିଲେ।

## ଖଡ଼ିଆଳରେ ୭୮ ଅଭିଯୋଗ ଶୁଣାଣି

**ଖଡ଼ିଆଳ,୧୬।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲାପାଳ ମଧୁସୂଦନ ଦାସଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୭୮ ଅଭିଯୋଗ ମଧ୍ୟରୁ ୬୪ଟି ବ୍ୟକ୍ତିଗତ ଓ ୧୪ଟି ଗୋଷ୍ଠୀଗତ ରହିଥିଲା। ଜିଲାପାଳ ଅଭିଯୋଗର ଶୁଣାଣିକରି କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝୀ, ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଖଡ଼ିଆଳ ବିଡିଓ ନରସିଂହ ଗଡ଼ବାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

## ୧୯୮୨ ଗ୍ରାଜୁଏଟ ଗ୍ରୁପର ବାର୍ଷିକ ସମାବେଶ

**ଧର୍ମଗଡ଼,୧୬।୧୨ (ଆକାଶ କୁମାର ଜଗତ)**

ସରକାରୀ ମହାବିଦ୍ୟାଳୟ ଭବାନୀପାଟଣା (ବର୍ତ୍ତମାନର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ) ର ୧୯୮୨ ଗ୍ରାଜୁଏଟ ଗ୍ରୁପର ପଞ୍ଚମ ସମାବେଶ ଧର୍ମଗଡ଼ ନିକଟ ତେଲନଦୀ ପଠାରେ ଆୟୋଜନ ହୋଇଥିଲା। ସମାବେଶରେ ଦୂର ଦୂରଦୂରାନ୍ତରୁ ସାଥୀମାନେ ଆସି ସାମିଲ ହୋଇଥିଲେ। ପ୍ରାରମ୍ଭରେ ଦିବଂଗତ ସାଥୀମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସହପାଠୀମାନେ ଅତୀତ କଲେଜ ଜୀବନକୁ ମନେ ପକାଇ ନାଚ, ଗୀତ କରି ଖୁସି ମନାଇଥିଲେ। ଏହାସହ ଶାରୀରିକ ପରିଶ୍ରମ ମାଧ୍ୟମରେ ଆନନ୍ଦମୟ ନିରୋଗ ଜୀବନ କିଭଳି ପ୍ରାପ୍ତ କରିହେବ ସେ ବିଷୟରେ ଚର୍ଚ୍ଚା କରିଥିଲେ।

## ରେଣ୍ଡୋ ମାଝୀ କ୍ରିକେଟ୍: ଟୁର୍ଚି ଚାମ୍ପିୟନ

**ରିଷିଡ଼ା/କର୍ଲାମୁଣ୍ଡା,୧୬।୧୨ (ସୁଶାନ୍ତ ମଲ୍ଲିକ/ପ୍ରଦୀପ କୁମାର ସାହୁ)**

ରେଣ୍ଡୋ ମାଝୀ ସ୍ପୋର୍ଟ୍ସ କ୍ଲବ ବିନ୍ଧାଣି ଆନୁକୂଲ୍ୟରେ ଚାଲିଥିବା ରେଣ୍ଡୋ ମାଝୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଟୁର୍ଚି ଦଳ ନର୍ଲା ସଗିଗୁଡ଼ା ରେଲୱେ ଦଳକୁ ପରାସ୍ତକରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କର୍ଲାମୁଣ୍ଡା ଜିଲା ପରିଷଦ ଜୋନ୍ 'କ' ସଦସ୍ୟ ମହେନ୍ଦ୍ର ରଣା ମୁଖ୍ୟ ଅତିଥି, କର୍ଲାମୁଣ୍ଡା ଯାଦବ ସମାଜ ସଭାପତି ଗରୁଡ଼ଧ୍ୱଜ ଗହୀର ମୁଖ୍ୟବକ୍ତା, ଖବରଦାତା ନରୋତ୍ତମ ସେଲମା, ପୂର୍ବତନ ସମିତି ସଭ୍ୟ ବିଦେଶୀ ଘିଭେଲା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ସଭାପତି ଚରଣ ବାଗ ସଭାପତିତ୍ୱ କରିଥିବା ବେଳେ କ୍ରୀଡ଼ା ସମ୍ପାଦକ ସୁରେଶ ଘିଭେଲା ମଞ୍ଚ ପରିଚାଳନା କରିଥିଲେ। ରେଫରି ସୁଧୀର ବାଗ, ଅମ୍ପାୟର ସତ୍ୟରଞ୍ଜନ ସୁନା, ଠାକୁର ହରପାଲ ମ୍ୟାଚ ପରିଚାଳନା କରିଥିଲେ। ସଂଘ ଉପସଭାପତି ଅମରଦାସ ହରପାଲ, ସମ୍ପାଦକ ଯଜ୍ଞ ଭୋଇ, କୋଷାଧ୍ୟକ୍ଷ ଗିରିଧାରୀ ଭୋଇ, ଭଗତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ୨୪ଘଣ୍ଟା ପରେ ରାସ୍ତାରୋକୋ ହଟିଲା

**କୋକସରା,୧୬।୧୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

**ହାଇୱା ଧକ୍କାରେ ନାବାଳକ ମୃତ୍ୟୁ ଘଟଣା**

ଧର୍ମଗଡ଼ ବ୍ଲକ୍ ଶାଗବେହେଲି ଗ୍ରାମର ହୃଷୀକେଶ ନାଏକ(୩୬) ଓ ୬ ବର୍ଷର ନାବାଳକ ପୁଅ କ୍ଷୀରୋଦ ନାଏକ ରବିବାର ସନ୍ଧ୍ୟାରେ ବାଇକ୍‌ରେ ଡଙ୍ଗରିଗୁଡା ନିଜ ଶ୍ୱଶୁର ଘରକୁ ଆସୁଥିବା ବେଳେ କୋକସରା ଥାନା ଢ଼ୁହଗାଁ ହାଇସ୍କୁଲ ଛକ ନିକଟରେ ଏକ ହାଇୱା ଧକ୍କାଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ନାବାଳକ ପୁଅର ଶୋଚନୀୟ ମୃତ୍ୟୁ ହୋଇଥିଲା। ଅନ୍ୟପଟେ ବାପାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚିକିତ୍ସା ପାଇଁ ଭବାନୀପାଟଣାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ମୃତକଙ୍କ ପରିବାର ଓ ସମ୍ପର୍କୀୟ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ପହଞ୍ଚି ବୁଝାଶୁଝା କରିବା ପରେ ମଧ୍ୟ ସେମାନେ ଜିଦରେ ଅଟଳ ରହିଥିଲେ। ସୋମବାର ସକାଳେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଆଇଆଇସି କୋକସରା ସ୍ନିଗ୍ଧାରାଣୀ ସୁନା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତେବେ ପୋଲିସ ପକ୍ଷରୁ ଦୁର୍ଘଟଣା ଘଟାଇଥିବା ହାଇୱା ଓ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି ଏବଂ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ସନ୍ଧ୍ୟାରେ କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୁଣି ଥରେ ଆଲୋଚନା କରିଥିଲେ। ହାଇୱା ଗାଡି ମାଲିକେ ୧ ଲକ୍ଷ ୫୦ ହଜାର, ରେଡ୍‌କ୍ରସ୍ ପକ୍ଷରୁ ୩୦ ହଜାର ଓ ବ୍ଲକ୍ ଉପାଧ୍ୟକ୍ଷଙ୍କ ପକ୍ଷରୁ ୨୦ ହଜାର ମୋଟ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପରେ ୨୪ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।



ଆନ୍ଦୋଳନକାରୀଙ୍କୁ ବ୍ଲକ୍ ଉପାଧ୍ୟକ୍ଷ ବୁଝାଶୁଝା କରୁଛନ୍ତି।

# ଖଣି ଠିକା ଶ୍ରମିକଙ୍କ ରାଜପଥ ଅବରୋଧ

ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଡୁଙ୍ଗୁରି ଚୂନପଥର ଖଣିର ଠିକା ଶ୍ରମିକମାନେ ବିଭିନ୍ନ ଦାବି ନେଇ ସୋମବାର ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ବରଗଡ଼-ବଲାଙ୍ଗୀର ଏବଂ ବରଗଡ଼-ପଦ୍ମପୁର ରାସ୍ତାରେ ଯାନବାହନ ଚଳାଚଳ ଠପ୍ ପଡ଼ି ଯାଇଥିଲା। ଶ୍ରମିକମାନେ ପିଲାଛୁଆ ଧରି ରାଜପଥ ଉପରେ ବସିଥିବାବେଳେ ରାସ୍ତାପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଖବର ପାଇ ପୋଲିସ ଆନ୍ଦୋଳନସ୍ଥଳରେ ପହଞ୍ଚି ସେମାନଙ୍କୁ ଉଠାଇ ନେଇଥିଲା ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ଡୁଙ୍ଗୁରି ଚୂନପଥର ଖଣିର ଲିଜ୍ ଅବଧି ଥିବା ପର୍ଯ୍ୟନ୍ତ ଖଣିକୁ କାର୍ଯ୍ୟକ୍ଷମ କରାଯିବା, ଖଣି କାର୍ଯ୍ୟକ୍ଷମ ନ ହେଲେ ଲିଜ୍ ଅବଧି ପର୍ଯ୍ୟନ୍ତ ସମସ୍ତ ଶ୍ରମିକମାନଙ୍କୁ ସମ୍ପୂର୍ଣ୍ଣ ଦରମା ପ୍ରଦାନ, ୨୦୨୩ ଅକ୍ଟୋବରରୁ ବର୍ତ୍ତମାନ ଯାଏ ବକେୟା ଦରମା ପ୍ରଦାନ ନେଇ ଖଣି ଶ୍ରମିକମାନେ ବାରମ୍ବାର ଦାବି କରିଆସୁଛନ୍ତି। ଏ ନେଇ ଆଦାନୀ ଗ୍ରୁପ୍ ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କିଛି ସୁଫଳ ମିଳି ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଦାବି ସମୂହକୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ସୋମବାର ସକାଳୁ ଖଣି ଠିକା ଶ୍ରମିକମାନେ ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ରାଜପଥ ଉପରେ ବସିଥିଲେ। ଖବର ପାଇ ପୋଲିସ ଅଧିକାରୀଙ୍କ ସମେତ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ତହସିଲଦାର ସୋନାଲି ପଟ୍ଟନାୟକ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ। ଚୂନପଥର ଖଣିର ଅଧିକାରୀମାନେ ମଧ୍ୟ ସେଠାରେ ପହଞ୍ଚିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା ଏବଂ ପରେ ପୋଲିସ ଆନ୍ଦୋଳନକାରୀଙ୍କୁ ସ୍ଥାନୀୟ ସଦର ଥାନାକୁ ଉଠାଇ ନେଇଥିଲା। ଆସନ୍ତା ୨୩ତାରିଖରେ ଚୂନପଥର ଖଣି ଠିକା ଶ୍ରମିକଙ୍କ ଦାବି ସମୂହ ନେଇ ତ୍ରିପାକ୍ଷିକ ବୈଠକ ହେବ ବୋଲି ସୂଚନା ମିଳିଛି।



ହଳଦୀପାଲି ଛକରେ ଖଣି ଠିକା ଶ୍ରମିକଙ୍କ ରାଜପଥ ଅବରୋଧ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକୋତ୍ସବ



ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ପଦ୍ମପୁର,୧୬।୧୨(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅଧ୍ୟକ୍ଷା ପଦ୍ମିନୀ ଦାସଙ୍କ ସଭାପତିତ୍ୱରେ ସୋମବାର ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଦେବଗଡ଼ କଣ୍ଢଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସନ୍ତୋଷ ଦେବତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ ବିଭାଗ ଉପ ସଭାପତି ପ୍ରାଧ୍ୟାପିକା ମମତା ସାହୁ ବାର୍ଷିକ ବିବରଣୀ ପଠନ ଓ ଅଧ୍ୟାପକ କୃଷ୍ଣ ଚରଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଅମିତା ପତି, ଅଧ୍ୟାପକ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ ମଞ୍ଚାସୀନ ଅତିଥି ଥିଲେ। ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁମତି ସାହୁଙ୍କ ରଚିତ ଓ ଅଧ୍ୟାପିକା ଦିବ୍ୟା ଭାରତୀ ପ୍ରଧାନଙ୍କ ନିର୍ଦ୍ଦେଶିତ ନାରୀ ରତନ, ଯେନ୍ତା ଠାନେ ରହେଲେ ସେନ୍ତା ଯତନ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଛତିଶଗଡ଼ ଗଲେ ହାତୀପଲ

ପଦ୍ମପୁର,୧୬।୧୨(ପ୍ରଦୀପ୍ତ ଦାଶ)

ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆତଙ୍କ ସୃଷ୍ଟି କରି ଅନେକ ଫସଲ କ୍ଷୟକରି କରିବା ପରେ ଶେଷରେ ଘେଁସ ବନାଞ୍ଚଳରୁ ହାତୀପଲ ଛତିଶଗଡ଼ ପଳାଇଛନ୍ତି। ଏ ନେଇ ଘେଁସ ବନାଞ୍ଚଳ ଅଧିକାରୀ ବିଜୟ ଲକ୍ଷ୍ମୀ ପଟେଲ ଓ ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ସୂଚନା ଦେଇଛନ୍ତି । ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ସ୍କ୍ୱାଡ୍ ଗଠନ କରି ଡ୍ରୋନ ସାହାଯ୍ୟରେ ହାତୀପଲର ଗତିବିଧି ଉପରେ ସ୍ୱତନ୍ତ୍ର ନଜର ରଖିଥିଲା। ବିଭାଗ ପକ୍ଷରୁ ୨୫୦ ଏକର ଧାନ ଓ ପନିପରିବା ଫସଲ କ୍ଷୟକ୍ଷତି ଆକଳନ କରି ଅନୁକମ୍ପା ଆପ୍‌ରେ ସହାୟତା ପାଇଁ ରିପୋର୍ଟ କରାଯାଇଛି। ଅବଶିଷ୍ଟ ଚାଷୀଙ୍କୁ ଆବେଦନ କରିବାକୁ ସଚେତନ କରାଯାଇଥିବା କୁହାଯାଇଛି।

# ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ମିଳିତ ଜାତିସଂଘ ନମୁନା କାର୍ଯ୍ୟକ୍ରମ

ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ମଡ଼େଲ ଅଫ୍ ୟୁନାଇଟେଡ୍ ନେଶନ୍ସ (ମିଳିତ ଜାତିସଂଘ ନମୂନା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଉକ୍ତ କାର୍ଯ୍ୟକ୍ରମରେ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ ସମେତ ବଲାଙ୍ଗୀର ଆଇଡ଼ିଏମ ପବ୍ଲିକ ସ୍କୁଲ ଏବଂ ଝାରସୁଗୁଡ଼ାର ବେଲ୍ଟ ପବ୍ଲିକ ସ୍କୁଲର ମୋଟ୍ ୧୨୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସ୍କୁଲର ସ୍ୱାମୀ ବିବେକାନନ୍ଦ ହଲରେ ଅନୁଷ୍ଠିତ ପ୍ରଥମ ଦିବସ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ବିଭିନ୍ନ ଦେଶର ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ମୁମ୍ବାଇରୁ ଆସିଥିବା ରାଜ ଖୋଟେ, ଦୀପ୍ତି କେ. କଲ୍ୟାଣ, ପ୍ରାଚୀ ସାୱନ୍ତ, ଆଦର୍ଶ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱାଡ଼ିଆ ପ୍ରମୁଖ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।


କାର୍ଯ୍ୟକ୍ରମରେ ଆୟୋଜକ ଏବଂ ଅତିଥିବୃନ୍ଦ।

ଶିକ୍ଷୟିତ୍ରୀ ନେହା ଶର୍ମା, ଅନ୍ୱେଷା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ବିଭିନ୍ନ ସାମାଜିକ ପ୍ରସଙ୍ଗରେ ବିତର୍କ, ଆଲୋଚନା ହୋଇଥିଲା। ଏଥିରେ ଆରୁଷ ଅଗ୍ରୱାଲ, ଶ୍ରେୟା ଅର୍ପିତା ଟପ୍ପୋ, ଦିପାଂଶୀ ମୋଦି, କେ. ବିନୟ ଦୋରା, ସମ୍ମାନ ପ୍ରିୟଦର୍ଶୀ ସେଠ, ଜିତ୍ ଅଗ୍ରୱାଲ, ଅସୀମା ଅଗ୍ରୱାଲ, ହର୍ଷ ମୋଦି, ମିହିକା ଅଗ୍ରୱାଲ, ରିୟା ଜୈନ, ସ୍ମୃତି ଚୌଧୁରୀ, ସମୃଦ୍ଧି ଲାଠ, ପ୍ରିନ୍ସ ଅଗ୍ରୱାଲ, ପରି ଅଗ୍ରୱାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବଶ୍ରେଷ୍ଠ ପ୍ରତିନିଧି ଭାବେ ଅକ୍ଷୟ ମିତ୍ତଲ, ତୋୟାଶ ଲୋକଚନ୍ଦାନି, ହର୍ଷିଲ କୁମାର ମେହେର, ମୋହନ ଅଗ୍ରୱାଲଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଏକାଡ଼େମିକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ମମତା ସିହ୍ନା, ରୀତା ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଅନ୍ୱେଷା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରାଚାର୍ଯ୍ୟ ଅକ୍ଷୟ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ଯୋଗେଶ ରାଣା, ପ୍ରଧାନ ଶିକ୍ଷକ ପର୍ଶୁରାମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୁମିତ୍ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଇଶା ମେନନ୍ ଏବଂ କବିତାରାଣୀ ମଞ୍ଚ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ନରେନ୍ଦ୍ର କୁମାର, ପି. କେ. ସାହୁ, ଉମାକାନ୍ତ ବାରିକ, ରଶ୍ମିରଞ୍ଜନ ଦେହୁରୀ, ଧ୍ରୁବଚରଣ ଦେହେରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ପ୍ରଭୁ ଯିଶୁଙ୍କ ଜନ୍ମ ସ୍ୱାଗତ ସମାରୋହ


କାର୍ଯ୍ୟକ୍ରମରେ ଅତିଥି, ଆୟୋଜକବୃନ୍ଦ।

ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗାନ୍ଧିନଗର ସିଏନ୍‌ଆଇ ଚର୍ଚ୍ଚରେ ପ୍ରଭୁ ଯୀଶୁଙ୍କ ଜନ୍ମର ସ୍ୱାଗତ ସମାରୋହ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଧାର୍ମିକ ଉତ୍ସବରେ ଫାଇଟ୍ ଅନ୍ ରାଇଟ୍(ଫର୍) ଅନୁଷ୍ଠାନର ଅଧ୍ୟକ୍ଷା ମିନାକ୍ଷୀ ମିଶ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ତପସ୍ୱନୀ ଗୁରୁ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ରେଭେରେନ୍ ଜୈନ ମାଥୁର, ଲିନି ମାଥୁର, ବିଶ୍ୱଜିତ ବାଗ ବାକ୍ୟ ପରିବେଷଣ ସହିତ ପ୍ରଭୁଙ୍କ ଜନ୍ମର ତାତ୍ପର୍ଯ୍ୟ, ଉପାସନା ଉପରେ ଆଲୋକପାତ କରିଥିଲେ। ରେଭେରେନ ଆନନ୍ଦ ବାଗ, ରେଭେରେନ ଅମୂଲ୍ୟ ସୁନା, ସୁବାଷିନୀ ନନ୍ଦ, ଝରଣା ବାଗ, ଜ୍ୟୋସ୍ନା ଦୀପ୍, ଚୈତନ୍ୟ ପାଇକ, ଉମେଶ ବିଶ୍ୱାଳ, ଲିବାନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡଳୀ ସମ୍ପାଦକ ଚନ୍ଦ୍ରଶେଖର ବାଗ ଉପାସନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁମୁଦିନୀ ବାଗଙ୍କ ଶେଷ ପ୍ରାର୍ଥନା ପରେ ଧାର୍ମିକ ଉତ୍ସବ ସମାପନ ହୋଇଥିଲା।

# ସ୍ମିଷ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ସୋହେଲା,୧୬।୧୨(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲାରେ ଥିବା ସ୍ମିଷ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ସୋହେଲା ମିନି ଷ୍ଟାଡିୟମଠାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଅନୁଷ୍ଠାନର ସଭାପତି ବାବୁଲୁ ପଧାନ ଉଦ୍‌ଘାଟନ କରିଥିଲେ। ଆଦିତ୍ୟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ବାବୁଲୁ ପଧାନ, ଅନିଲ କୁମାର ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସୁମିତ୍ରା ଗିରି ସ୍ୱାଗତ ଭାଷଣ ଦେଇଥିଲେ। ଗାୟତ୍ରୀ ପଧାନଙ୍କ ପରିଚାଳନାରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ସାଗରିକା ଜେନା, ରିଙ୍କି ବାରିକ ସହଯୋଗ କରିଥିଲେ।


କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଅତାବିରାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ସରଣ୍ଡା,୧୬।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବରଗଡ଼ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲ ଏଥିରେ ଯୋଗଦେଇ ୧୦୬ଟି ଅଭିଯୋଗର ଶୁଣାଣି କରିଥିଲେ। ବିଭିନ୍ନ ବିଭାଗରୁ ଆସିଥିବା ଅଭିଯୋଗଗୁଡ଼ିକର ତର୍ଜମା କରିବା ସହ ଏହାର ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତାବିରା ବିଡ଼ିଓ ରିପୁନାଥ ସୁନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ବରଗଡ଼ ଜିଲାପାଳ ଗୋୟଲଙ୍କ ସମେତ ଏସ୍‌ପି ଏସ୍. ପ୍ରହଲ୍ଲାଦ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ସିଡିଏମ୍‌ଓ ନିରୂପମା ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଅତାବିରା ବ୍ଲକରେ ଖାଲିଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ପଦବୀ ପୂରଣ, ଗୋଡ଼ଭଗା- ଲହଣ୍ଡା ରାସ୍ତାରେ ଆବଶ୍ୟକତାଠାରୁ ଅଧିକ ଗାଡି ମୋଟର ଚଳାଚଳ ତଥା ଆସ୍ ଓ ମାଟି ଚାଲାଣ ଯୋଗୁ ପରିବେଶ ପ୍ରଦୂଷଣ, ଝିଲିମିଣ୍ଡା ପଞ୍ଚାୟତର ଭୈରୋପାଲି- କୁମାରବନ୍ଦ ରାସ୍ତା ମାଟିକାମ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ପାନୀୟ ଜଳ ଯୋଗାଣରେ ହେଉଥିବା ସମସ୍ୟା ଭଳି ଅଭିଯୋଗ ହୋଇଥିଲା। ଏହି ଅବସରରେ ୬ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା। ଜିଲା ତଥା ବ୍ଲକସ୍ତରର ଅଧିକାରୀ ଉପସ୍ଥିତ ରହିଥିଲେ। ଏବିଡ଼ିଓ ଗିରୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ବରଗଡ଼ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

# ଜମି ଅଧିଗ୍ରହଣ ଆରମ୍ଭ କରିବାକୁ ଦାବି

ପଦ୍ମପୁର,୧୬।୧୨ (ପ୍ରଦୀପ୍ତ ଦାଶ)

ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପର ଜମି ଅଧିଗ୍ରହଣ କାମ ଖୁବଶୀଘ୍ର ଆରମ୍ଭ କରିବାକୁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଲୋକସଭାରେ ଦାବି କରିଛନ୍ତି। ଏହାସହ ପ୍ରକଳ୍ପ କାମ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ଦାବି ରଖିଛନ୍ତି। ସୋମବାର ସଂସଦର ଶୂନ୍ୟକାଳରେ ବରଗଡ଼-ନୂଆପଡ଼ା ପ୍ରକଳ୍ପ ବାବଦରେ ଏମ୍‌ପି ପୁରୋହିତ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ପଶ୍ଚିମ ଓଡ଼ିଶାର ବିକାଶ ହେବା ସହ ରୋଜଗାରର ମାଧ୍ୟମ ହୋଇପାରିବ। ଗମନାଗମନରେ ଲୋକଙ୍କ ଅନେକ ସୁବିଧା ହୋଇପାରିବ ବୋଲି ସେ କହିଥିଲେ। ଏହି ରେଳ ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର କଳା ସାହିତ୍ୟର ବିକାଶ ହେବ। ବାଣିଜ୍ୟ ବୃଦ୍ଧି ପାଇବ ବୋଲି ପୁରୋହିତ କହିଥିଲେ। ବହୁ ବର୍ଷ ଧରି ଏହି ରେଳ ପ୍ରକଳ୍ପ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସରକାର ଧ୍ୟାନ ଦେଉ ନ ଥିଲେ। ବରଗଡ଼-ନୂଆପଡ଼ା ୧୩୮ କିଲୋମିଟର ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୨ ହଜାର ୯୨୬ କୋଟି ଟଙ୍କା ଅନୁଦାନ ଦେଇଥିବାରୁ ପୁରୋହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଶିବିରରେ ୧୨୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବରପାଲି,୧୬।୧୨(ଚିତ୍ତରଞ୍ଜନ ସାହୁ)

ବରପାଲି ସରସ୍ୱତୀ ସଂଘ ପକ୍ଷରୁ ରାବଣଗୁଡାଠାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୧୨୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କାଳୀଚରଣ ଦାଶ ଡା. ସୁସ୍ମିତା ପଣ୍ଡା, ଡା. କଲ୍ୟାଣୀ କାଲସାଇ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ସୁଧାଂଶୁ ପାତ୍ର, ନୀଳାଞ୍ଚଳ ବାଗ, ଭୌତିକ ଚିକିତ୍ସକ ଡଶ. ସସୀମ ପଧାନ ସହଯୋଗ କରିଥିଲେ। ରୋଗୀମାନଙ୍କ ପଞ୍ଜୀକରଣ ଦାୟିତ୍ୱରେ ପ୍ରଶାନ୍ତ ସାମଲ ଓ ପ୍ରତାପ ବିଶ୍ୱାଳ ଥିବାବେଳେ ସୁନିତା କୁମ୍ଭାର ଓ ସେବତୀ ପଧାନ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ସଂଘ ସଭାପତି ଲୀଳାବତୀ ତ୍ରିପାଠୀ, ସମ୍ପାଦିକା ସୁନିତା ମୁଣ୍ଡ, ଘରଜୁଗୀ ଗଡତିଆ, ବେଦମତୀ ପରିଡାଙ୍କ ସମେତ ସଦସ୍ୟାଗଣ ଉପସ୍ଥିତ ରହି କମ୍ବଳ ବାଣ୍ଟିଥିଲେ। ରାବଣଗୁଡା ଗ୍ରାମବାସୀ ସହଯୋଗ କରିଥିଲେ।

# ୫ ଦଫା ଦାବିରେ ଆମରଣ ଅନଶନ

ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗାନ୍ଧୀ ଛକରେ ୫ଦଫା ଦାବି ନେଇ ମିଳିତ କୋଶଳ କ୍ରିୟାନୁଷ୍ଠାନ କମିଟି ଆମରଣ ଅନଶନକୁ ଓହ୍ଲାଇଛି। ସମ୍ବଲପୁରୀ/କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ, ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ/କୋଶଲି ଭାଷାରେ କରାଯିବା, ଧନୁଯାତ୍ରା ସମ୍ପର୍କିତ ଟେଣ୍ଡର ପ୍ରକ୍ରିୟା ଠିକ୍ ଭାବେ ସମ୍ପନ୍ନ କରିବା, ଏସ୍‌ଏଚ୍‌ଜି ମହିଳାଙ୍କ ଭଳି ବରଗଡ଼ ଜିଲାର ଉଦ୍ୟମୀ ଯୁବତୀ, ଯୁବକଙ୍କୁ ଧନୁଯାତ୍ରାରେ ନ୍ୟୁନତମ ଦରରେ ଷ୍ଟଲ ପ୍ରଦାନ, ଧନୁଯାତ୍ରାକୁ ଦୃଷ୍ଟିରେ ରଖି ନିଶା କାରବାର ବନ୍ଦ କରିବାକୁ କମିଟି ଦାବି କରିଛି। ଏହି ଦାବି ନେଇ କମିଟିର ସୁଶାନ୍ତ ମିଶ୍ର, ଅଭିଷେକ ନାୟକ, ଧରଣୀଧର ରୋହିଦାଶ, ଦୀପକ ମହାପାତ୍ର ଅନଶନରେ ବସିଛନ୍ତି। ସେହିପରି ରିଙ୍କୁ ମହାପାତ୍ର, ଗିରି ମେହେର, କୃତାର୍ଥ ପ୍ରଧାନ, ରମଣୀ ଦନ୍ତା, ପପୁ ଦାଶ, ରିଙ୍କୁ ଶତପଥୀ, ଚାଷୀନେତା ସୁରେଶ ନେକାଣ୍ଡି, ସ୍ୱାଭିମାନ ମହାପାତ୍ର, ଅନନ୍ତ ସାହୁ, ନାଗାର୍ଜୁନ କମ୍ପ, କାଳିଆ ପ୍ରଧାନ ପ୍ରମୁଖ ଅନଶନକୁ ସମର୍ଥନ ଜଣାଇଥିଲେ।



ବରଗଡ଼ ଗାନ୍ଧୀ ଛକରେ ଅନଶନରେ ବସିଥିବା କୋଶଲପ୍ରେମୀ।

# ମଥୁରା କଳାକାରଙ୍କ ରିହର୍ସାଲ ଆରମ୍ଭ


କଳାକାରଙ୍କ ରିହର୍ସାଲ ପୂର୍ବରୁ ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି।



ଗାନ୍ଧୀ ଛକ କଲ୍ୟାଣ ମଣ୍ଡପରେ ଧନୁଯାତ୍ରା କଳାକାରଙ୍କ ରିହର୍ସାଲ ଚାଲିଛି।

ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ)

**ବରଗଡ଼ ଧନୁଯାତ୍ରା ମହୋତ୍ସବ**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ୨୦୨୫ ଜାନୁୟାରୀ ୩ତାରିଖରୁ ଆରମ୍ଭ ହେବ। ତେବେ ଅନ୍ୟ ବର୍ଷ ଅପେକ୍ଷା ଏଥର ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମହୋତ୍ସବ ସମିତିର ବିଭିନ୍ନ କମିଟି ପୁନର୍ଗଠନ ହୋଇଥିବାବେଳେ ଉଭୟ ମଥୁରାନଗରୀ (ବରଗଡ଼ ସହର) ଏବଂ ଗୋପପୁର(ଅମ୍ବାପାଲି)ରେ କଳାକାର ଚୟନ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ଅନ୍ୟପଟେ ସୋମବାରଠାରୁ ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ମଥୁରା କଳାକାରଙ୍କ ରିହର୍ସାଲ ଆରମ୍ଭ ହୋଇଛି। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, କଳାକାର ଉପଦେଷ୍ଟା ସମନ୍ୱୟ କମିଟିର ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ସହ ଆବାହକ ଅଶୋକ ବେହେରା, କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା ସହିତ ରିହର୍ସାଲର ଶୁଭାରମ୍ଭ କରାଯାଇଥିଲା। କଂସ ଅଭିନେତା ପ୍ରଧାନ, ଉଗ୍ରସେନ ଅଭିନେତା ଆର୍ତ୍ତତ୍ରାଣ ମହାପାତ୍ରଙ୍କ ସମେତ ଅନ୍ୟ ଚରିତ୍ରର କଳାକାରମାନେ ରିହର୍ସାଲ କରିଥିଲେ। ଉଗ୍ରସେନଙ୍କ ରାଜାଭିଷେକ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସଙ୍କ ସିଂହାସନ ଆରୋହଣ, ଦେବକୀ ବସୁଦେବଙ୍କୁ କାରାଗାର ପ୍ରେରଣ ଆଦି ଦୃଶ୍ୟାଭିନୟ ଗୁଡ଼ିକର ରିହର୍ସାଲ କରାଯାଇଥିଲା। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ କଳାକାର ଉପଦେଷ୍ଟା ସମନ୍ୱୟ କମିଟିର ନକୁଳ ବାଦୀ, ଭୁବନ ଭୋଇ, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଳାକାରଙ୍କ ରିହର୍ସାଲ ଦେଖିବା ପାଇଁ ପ୍ରଥମ ଦିବସରୁ ସ୍ଥାନୀୟ ଲୋକେ କଲ୍ୟାଣ ମଣ୍ଡପରେ ଭିଡ଼ ଜମାଇଥିଲେ।

### ଶଟ୍ ସର୍କିଟ୍ରୁ ଅଗ୍ନିକାଣ୍ଡ

**ବଡ଼ଗାଁ,୧୬।୧୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ପାମରା ନୂଆପଡ଼ା ଗ୍ରାମର ଜଣେ ମହିଳାଙ୍କ ଘରେ ବିଦ୍ୟୁତ୍ ଶଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ଫଳରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଘଟଣା ଅନୁଯାୟୀ ପାମରା ଗ୍ରାମର ସୁଶୀଳା ମହାକୁଳ ସପରିବାର ଚାଷଜମିରେ ଧାନ କାଟିବା ପାଇଁ ଯାଇଥିବା ସମୟରେ ଘରେ ବିଦ୍ୟୁତ୍ ଶଟ୍ ସର୍କିଟ ହୋଇଥିଲା। ସୂଚନାପାଇ ବିଲରୁ ଆସିବାପରେ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଥିଲେ। ୨ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀ ପୋଡ଼ି ଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### କୁଆଁରମୁଣ୍ଡାରେ ଜନ ଅଭିଯୋଗ ଶୁଣାଣି

**କୁଆଁରମୁଣ୍ଡା,୧୬।୧୨(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କୁଆଁରମୁଣ୍ଡା ବ୍ଲକ୍ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୧ଟି ଗୋଷ୍ଠୀଗତ ଏବଂ ୩୪ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ମୋଟ ୮୫ଟି ଅଭିଯୋଗ ଆଗତ ହୋଇଥିଲା। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଜନସାଧାରଣଙ୍କ ଦ୍ୱାରା ଆଗତ ଅଭିଯୋଗଗୁଡ଼ିକ ଶୁଣିବା ସହ ସେଗୁଡ଼ିକର ସମାଧାନ ପାଇଁ ଉପସ୍ଥିତ ଥିବା ବିଭାଗୀୟ ଜିଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ରାଉରକେଲା ଡିଏଫ୍ଓ ଯଶୋବନ୍ତ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ପାନପୋଷ ଉପଜିଲାପାଳ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜନ ଅଭିଯୋଗ ଶୁଣାଣି ପରେ ଜିଲାପାଳ ମହାଜନ ଦିବ୍ୟାମାନଙ୍କୁ ହ୍ୱିଲ ଚେୟାର ଓ ଶ୍ରବଣଯନ୍ତ୍ର ବଣ୍ଟନ କରିଥିଲେ। ଏହାପରେ ଗୁଡୁଛାପଲରେ ଥିବା ଗ୍ରାମୀଣ ଶିଳ୍ପ ପାର୍କ,ପୁତ୍ରିଖମନରେ ଜଣେ ଉଦ୍ୟାନ କୃଷି ବିଭାଗ ସହାୟତାରେ କରିଥିବା ଫଳଚାଷ ଆଦି ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେର୍କେଟା,ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁରଙ୍କ ସହ ଏବିଡିଓ ପ୍ରଶାନ୍ତ କୁମାର ଜେନା, ଏଇଇ ଚୈତନ୍ୟ ହେମ୍ବ୍ରମ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ ପ୍ରକାର ସହାୟତା କରିଥିଲେ।

### ସଉନାମରାରେ ଅଭିଯୋଗ ଶୁଣାଣି,ସମାଧାନ ଶିବିର

**ବାଲିଶଙ୍କରା,୧୬।୧୨(ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସରପଞ୍ଚ ଟୁଲୁ ବାର୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧକ୍ଷା କୁଞ୍ଜଲତା ଭିତ୍ରିଆ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋର୍ତିମୟୀ ପ୍ରଧାନ ଯୋଗଦେଇ ଅଞ୍ଚଳବାସୀଙ୍କ ସମସ୍ୟା ବୁଝିଥିଲେ। ଦରଖାସ୍ତ ମଧ୍ୟରେ ଭତ୍ତା , ଶିକ୍ଷା, ସ୍ୱାସ୍ଥ୍ୟ, ଗୁହାଳ, ରାସନ କାର୍ଡ, ଶିଶୁ ବିଭାଗ, ରାସ୍ତା, ବିଦ୍ୟୁତ, ଜମି ମରାମତି, ନଳକୂପ, କୂଅ ଓ ଅନ୍ୟାନ୍ୟ ଉପରେ ୬୨ଟି ଦରଖାସ୍ତର ଅଭିଯୋଗ ପଞ୍ଜିକୃତ ହୋଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଏଡିଇଓ ମହେଶ ସାହୁ, ସମିତି ମେମ୍ବର ବେଲମତି ଧୁରୁଆ, ନାଏବ ସରପଞ୍ଚ,ୱାର୍ଡ ସଭ୍ୟାସଭ୍ୟ ତଥା କର୍ମଚାରୀମାନେ ସହଯୋଗ କରିଥିଲେ। ବିଶେଷ କରି ଖାଉଟି ସୁରକ୍ଷା କାର୍ଡ ତୃଟି ଓ ପିଡିଏସ ହେରଫେର ବାବଦରେ ଅଭିଯୋଗ ହୋଇଥିଲା। ବିଡିଓ ତଦାରଖ କରିବା ଉକ୍ତ ସମୟରେ ଏମଆଇ ଅନୁପସ୍ଥିତ ଥିଲେ।

### ଗ୍ରାହକ ପଞ୍ଚାୟତ ପୁନର୍ଗଠିତ

**ସୁନ୍ଦରଗଡ,୧୬।୧୨(ଜୟ ନାରାୟଣ ମେଣ୍ଡୁଲି)** ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ସୁନ୍ଦରଗଡ ଜିଲା ଶାଖା ପୁନର୍ଗଠିତ ହୋଇଛି। ସୋମବାର ଆବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଗ୍ରାହକର ପଞ୍ଚାୟତର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ନବୀନ କୁମାର ପଟେଲ ସଭାପତି,ସୁଧାନଂଶୁ ଚୌଧୁରୀ ଓ ଦୀପିକା ସାହୁ ଉପସଭାପତି,ସାଙ୍ଗଠାନିକ ସମ୍ପାଦକ ଡକ୍ଟର ଚିରବ୍ରତ ଦତ୍ତ, ସୁରେଶ ପୃଷ୍ଟି ସମ୍ପାଦକ, ସୂର୍ଯ୍ୟ ନାରାୟଣ ମହାପାତ୍ର ଓ ସୁପ୍ରିୟା ଚୌଧୁରୀ ଯୁଗ୍ମ ସମ୍ପାଦକ,ସନ୍ତୋଷ ପାଲ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଚିନ୍ମୟ ପାଣିଗ୍ରାହୀ, ଦୁର୍ଗା ମାଧବ ପଟେଲ, ସମୀର କୁମାର କର, ରାଜକିଶୋର ମହାରଣା, ଧରଣୀ ଧର ପଟେଲ ମନୋନୀତ ହୋଇଛନ୍ତି। ସଂଗଠନର ପଶ୍ଚିମ ଓଡ଼ିଶା ଉପସଭାପତି ମୀନାକ୍ଷୀ ନାଏକ ଉପସ୍ଥିତ ଥିଲେ।

# ଜମାକାରୀ ଜାଣିନାହାନ୍ତି, ଉଠିଯାଇଛି ଟଙ୍କା

**କୁତ୍ରା, ୧୬।୧୨(ଦେବାଶିଷ ସାହୁ)**



ଅଭିଯୋଗ କରିବାକୁ ଆସିଥିବା ଜମାକାରୀ।

କୁତ୍ରା ବ୍ଲକ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଗ୍ରାମରେ ଥିବା ଉପ ଡାକଘରୁ ଲକ୍ଷ ଲକ୍ଷ ଟଙ୍କା ହଡପ ହୋଇଥିବା ଜମାକାରୀ ଅଭିଯୋଗ କରିଛନ୍ତି। ଘଟଣା ଜଣାପଡିବା ବେଳେ ନିଲା କିରୋ ନାମକ ଜମାକାରୀ ଗତ ମାର୍ଚ୍ଚ ମାସ ୨୪ ତାରିଖରେ ଉପ ଡାକଘରକୁ ନିଜ ଜମା ଟଙ୍କା କାଢିବା ପାଇଁ ଯାଇଥିଲେ। ନିଲା ଟଙ୍କା କାଢିବା ପାଇଁ ଆବେଦନ କଲା ବେଳେ ତାଙ୍କ ଜମା ଖାତାରୁ ୨୦୨୨ ମସିହା ନଭେମ୍ବର ୨୧ ତାରିଖରେ ୫ ଲକ୍ଷ ଟଙ୍କା ଏବଂ ୨୦୨୩ ମସିହା ଜୁଲାଇ ୨୭ ତାରିଖରେ ୨ ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ଜାଣିବାକୁ ପାଇଲେ। ଏନେଇ ସେ ସେଠାକାର ପୋଷ୍ଟ ମାଷ୍ଟର ବସନ୍ତ ନାୟକଙ୍କୁ ଅଭିଯୋଗ କରିଥିଲେ। ପୂର୍ବରୁ ଉଠା ଯାଇଥିବା ଟଙ୍କା ନେଇ ତଦନ୍ତ କରାଯିବ ବୋଲି ବସନ୍ତ କହିଥିଲେ। ପରବର୍ତ୍ତୀ ସମୟରେ ପୁଣି ଯୋଗାଯୋଗ କରାଯିବାରୁ ତଦନ୍ତ ଚାଲିଥିବା ସହ ଏକ ମାସ ମଧ୍ୟରେ ଟଙ୍କା ଖାତାରେ ଜମା କରାଯିବ ବୋଲି ଲିଖିତ ଆକାରରେ

**ଲାଞ୍ଜିବେର୍ଣ୍ଣା ଉପଡାକଘର**

କହିଥିଲେ। ଏହିଭଳି ବାରମ୍ବାର ସମୟ ଗଡାଇ ଚାଲିବାରୁ ଜମାକାରୀ ପୋଷ୍ଟଲ ବିଭାଗର ଜିଲା ନିରୀକ୍ଷକଙ୍କ ନିକଟରେ ୨୯/୫/୨୦୨୪ରେ ଅଭିଯୋଗ କରିଥିଲେ। ସେ ମଧ୍ୟ ଏହାର ତଦନ୍ତ ସହ ଶୀଘ୍ର ଟଙ୍କା ଜମା କରିଦିଆଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ପର୍ଯ୍ୟନ୍ତ ଜମାକାରୀ ନିଲାଙ୍କ ଖାତାକୁ ଟଙ୍କା ଫେରସ୍ତ କରାଯାଇନାହିଁ। ଅନ୍ୟପକ୍ଷରେ ସୁକାନ୍ତି ଧନୱାର ଓ ପ୍ରତିମା କିଶପଟ୍ଟାଙ୍କ ଯୁଗ୍ମ ଜମା ଖାତାରୁ ତା ୨୭/୭/୨୩ ରେ ଏକ ଲକ୍ଷ ଟଙ୍କା ଉଠାଇ ନିଆଯାଇଛି। ସେହିପରି ଲଳିତା ବାରାଙ୍କ ଫିକ୍ସ ଜମା ମଚୁରିଟୀ ହେବା ପରେ ତାଙ୍କ ଖାତାରୁ ୮୪ ହଜାର ଟଙ୍କା ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଏହାସହିତ ସୁକରୁ ଏକ୍କାଙ୍କ ଆକଉଣ୍ଟରୁ ୬ ହଜାର ଟଙ୍କା ଉଠାଇ ନେଇଛନ୍ତି। ଆଉ କେତେକ ଜମାକାରୀଙ୍କ ଟଙ୍କା ହଡପ କରାଯାଇଥିବା ଲୋକଙ୍କଠାରୁ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ଠକାମୀର ଶିକାର ହୋଇଥିବା ଜମାକାରୀମାନେ ଏସମ୍ପର୍କରେ ଲାଞ୍ଜିବର୍ଣ୍ଣା ଉପ ଡାକଘରକୁ ଯାଇଥିବା ବେଳେ ଡାକଘରେ ତାଲା ଝୁଲୁଥିବା ଦେଖିବାକୁ ପାଇଥିଲେ। କିଛି ଦିନ ହେଲା ସଂପୃକ୍ତ ପୋଷ୍ଟ ମାଷ୍ଟର ଡାକଘର ନ ଖୋଲି ଲୁଚି ବୁଲୁଥିବା ନେଇ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହାକୁ ନେଇ ତାଙ୍କ ଉପରିସ୍ଥ ଅଧିକାରୀ ପ୍ରଶାନ୍ତ କୁମାର ଦାସଙ୍କୁ ତାଙ୍କ ଫୋନ ନମ୍ବର ୮୨୪୯୫୪୫୬୭୩ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ ରିସିଭ କରି ନ ଥିଲେ। ଏଭଳି ଯଦି ଲୋକଙ୍କ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ହଡପ କରାଯିବ ତାହାଲେ ପୋଷ୍ଟ ଅଫିସ ଉପରୁ ଲୋକଙ୍କ ବିଶ୍ୱାସ ଉଠିଯିବ ବୋଲି କହିଛନ୍ତି ଜମାକାରୀ। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ତାଙ୍କର ଟଙ୍କା ଫେରସ୍ତ ଦିଗରେ ଧ୍ୟାନ ଦେବା ପାଇଁ ନିବେଦନ କରିଛନ୍ତି।

# ପଞ୍ଚାୟତ ସ୍ତରୀୟ ଜନଶୁଣାଣି


ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**ବଡ଼ଗାଁ,୧୬।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ରୁନଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ ବ୍ଲକ୍ ଅଧକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଯୁଗ୍ମ ଜନଶୁଣାଣିରେ ବିଡ଼ିଓ ସୁମତି ପଣ୍ଡା ଯୋଗଦେଇ ରୁନଗାଁ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତି ଗରଡ଼ିଆଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ରୁନଗାଁ ପଞ୍ଚାୟତର ସରପଞ୍ଚ ଆସିସାନ କେର୍କେଟା ଏହି ଜନଶୁଣାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିସ୍ତଲ, ଛୁରି ଦେଖାଇ ଟଙ୍କା ଲୁଟ୍ ଘଟଣା: ୨ଗିରଫ

**ସୁନ୍ଦରଗଡ,୧୬।୧୨(ଜୟ ନାରାୟଣ ମେଣ୍ଡୁଲି)**



୨ ବଙ୍ଗୀୟ ମିସ୍ତ୍ରୀଙ୍କୁ ପିସ୍ତଲ ଓ ଛୁରି ଦେଖାଇ ୫ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟ ଘଟଣାରେ ସୁନ୍ଦରଗଡ଼ ଟାଉନଥାନା ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ଼ ଡେଙ୍ଗିଭାଡିର ଏମଡି ଇକୁ ଓରଫ ଏକ୍ରମ(୨୯) ଓ ଏମ ଡି ମୋବିନ(୩୨)। ପୋଲିସ ସେମାନଙ୍କ ନିକଟରୁ ଲୁଟ ହୋଇଥିବା ୪୫୦୦ଟଙ୍କା ଓ ୩ଟି ମୋବାଇଲ ଫୋନକୁ ଜବତ କରିବା ସହିତ ଅନ୍ୟ ୭ଟି ମୋବାଇଲ ଫୋନ, ଗୋଟିଏ ବାଇକ, ଗୋଟିଏ ଦେଶୀ ପିସ୍ତଲ ଓ ଗୋଟିଏ ଛୁରୀ ଜବତ କରିଛି ବୋଲି ଟାଉନଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆଇପିଏସ ଶିକ୍ଷା ନବୀସ ଅନନ୍ୟା ଅବସ୍ଥୀ ସୂଚନା ସୂଚନା ଦେଇଛନ୍ତି। ମୋବିନଙ୍କ ନାଁରେ ଟାଉନଥାନା, ରାଜଗାଙ୍ଗପୁର ଥାନା ଓ ତଳସରା ଥାନାରେ ୭ଟି ବିଭିନ୍ନ ଲୁଟ ଓ ଅପରାଧିକ ମାମଲା ରହିଛି। ସୂଚନାଅନୁଯାୟୀ, ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ରଘୁନାଥଗଞ୍ଜ ଥାନା ଅନ୍ତର୍ଗତ ଜମିପୁର ଗ୍ରାମର ଆକବର ଶେଖ(୨୮)ସୁନ୍ଦରଗଡ ସହର ଅରଣ୍ୟ ନଗରରେ ମିତ୍ରଭାନୁ ପଟେଲଙ୍କ ଘରତିଆରି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ଅଭିଯୁକ୍ତମାନେ ତାଙ୍କର ଜଣେ ସହଯୋଗୀଙ୍କ ସହ ବାଇକରେ ସେଠାକୁ ଆସିଥିଲେ। ଏହାପରେ ଏକ ପିସ୍ତଲ ଓ ଛୁରୀ ଦେଖାଇ ସେମାନଙ୍କୁ ଭୟଭୀତ କରି ତାଙ୍କ ଠାରୁ ନଗଦ ୫ହଜାର ଟଙ୍କା ଓ ୩ଟି ମୋବାଇଲ ଫୋନ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଏ ସମ୍ପର୍କରେ ଆକବର ଟାଉନଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ପରେ ପୋଲିସ ଟାଉନଥାନାରେ କେଶ ନଂ. ୪୧୩/୨୦୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ହିମାନଂଶୁ ବେହେରା, ଟାଉନଥାନା ଆଇଆଇସି ଆଦିତ୍ୟ ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏକ ଦିବସୀୟ କ୍ୟାରମ ଟୁର୍ନାମେଣ୍ଟ ସମ୍ପନ୍ନ

**ବନ୍ଧମୁଣ୍ଡା,୧୬।୧୨(ସୁବ୍ରତ ଦେ)**

ବନ୍ଧମୁଣ୍ଡା ତିଲକନଗରଠାରେ ଆୟୋଜିତ ଏକ ଦିବସୀୟ ଜୟ ମା' ଦୁର୍ଗା କ୍ୟାରମ ଟୁର୍ନାମେଣ୍ଟ ସମ୍ପନ୍ନ ହେଇଯାଇଛି। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ ଯୋଗଦେଇ ଟୁର୍ନାମେଣ୍ଟରେ ଉପସ୍ଥିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସୁନୀଲ ଶର୍ମା ଏବଂ ପଙ୍କଜ ମିଶ୍ରଙ୍କ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ସୁନୀଲ ଶର୍ମା ଜିତ ହାସିଲ କରିଥିଲେ। ଟୁର୍ନାମେଣ୍ଟ ଶେଷରେ ବିଜେତା ଏବଂ ଉପ ବିଜେତାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ପ୍ରଶାନ୍ତ ସେଠୀ ଅଞ୍ଚଳର ଯୁବକମାନଙ୍କୁ ନିଶା ଠାରୁ ଦୂରେଇ ରହିବାକୁ ଏବଂ କ୍ରୀଡା ପ୍ରତି ଆଗ୍ରହ ବଢାଇବାକୁ କହିଥିଲେ। କାର୍ଯ୍ୟକ୍ରମର ପରିଚାଳନାରେ ଚନ୍ଦନ ଚୌବେ, ଉତ୍କଳ ମହାନ୍ତି, ଅଖିଳେଶ ସିଂ, କେ ଦୁର୍ଯ୍ୟୋଧନ ରାଓ, ଶେଖର ବସ୍ତକର, ତରୁଣ କୁମାର ସାହୁ, ଗଣେଶ ପ୍ରସାଦ, ବିଶ୍ୱନାଥ ମହାନ୍ତି, ରାଜେଶ ଯାଦବ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଆରଏସ୍ପି ଅଣ୍ଡର-୧୬ କ୍ରିକେଟ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା,୧୬।୧୨(ଦିନେଶ ମିଶ୍ର)**



ରାଉରକେଲା ଇସ୍ପାତ କାରଖାନା(ଆରଏସ୍ପି) ଡିଷ୍ଟ୍ରିକ୍ଟ କ୍ରିକେଟ୍ ଟିମ୍ର ଅଣ୍ଡର-୧୬ ପାଇଁ କ୍ରିଷ୍ଣାସ୍ ବିକାଶ ଇଣ୍ଡ ଗ୍ଲୋବାଲ ବିଦ୍ୟାଳୟର ୨ ଜଣ ଖେଳାଳିଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟର ପାରସ୍ ଜୈନ ଓ ଉଦୟ ପ୍ରଧାନ ଚଳିତ ବର୍ଷ ଜିଲାସ୍ତରୀୟ ଅଣ୍ଡର-୧୬ ଷ୍ଟେଟ୍ ପ୍ରୋବାବଲରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇ କ୍ରିଷ୍ଣାସ୍ ବିକାଶ ଇଣ୍ଡ ଗ୍ଲୋବାଲ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ମନୋଜ କୁମାର ତ୍ରିପାଠୀ ଦୁଇ କ୍ରିକେଟରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଏହି ୨ ଖେଳାଳିଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଉରକେଲା ୟୁଥ୍ କ୍ରିକେଟ୍ କ୍ଲବର କୋଚ୍ ଅଶୋକ ବାରିକଙ୍କ ନେତୃତ୍ୱରେ ଏହି ଦୁଇ ଖେଳାଳି କ୍ରିକେଟ୍ ତାଲିମ୍ ନେଉଛନ୍ତି।

# ସର୍ଗୁକିଷାନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କୁତ୍ରା,୧୬।୧୨(ଦେବାଶିଷ ସାହୁ)**


କ୍ରୀଡ଼ା ଉତ୍ସବରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ପ୍ରତିଯୋଗୀ।

କୁତ୍ରା ବ୍ଲକ ଅନ୍ତର୍ଗତ ଡୁନମୁରା ସ୍ଥିତ ସର୍ଗୁକିଷାନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରିଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ତରୁଣିସେନ ବରିହା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ବଏଲୋ କିଷାନ, ଜେଏସଡବ୍ଲୁ ସିଏସଆର ବିଭାଗ ଅଧିକ୍ଷକ ଆଲେଖ ଧଳାଇ, ସମିତି ସଭ୍ୟା କରଦୁଲା କୁଲୁ, କଟଙ୍ଗ ସାନ୍ତାଦେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟନନ୍ଦ ବେହେରା, ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ,ଏସଏମସି ସଭାପତି ଶ୍ରୀକାନ୍ତ ମାଝି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପାଠ ପଢା ସହିତ କ୍ରିଡାକୁ ନିଜ ଜୀବନର ଅବିଚ୍ଛେଦ ଅଙ୍ଗ ଭାବେ ଗ୍ରହଣ କରିବାକୁ କହିଥିଲେ। ଯେଉଁମାନେ କ୍ରିଡା କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଛନ୍ତି ସେମାନେ କ୍ରୀଡାରେ କଠିନ ପରିଶ୍ରମ କରି ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଉପଦେଶ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ଉମାଶଙ୍କର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମସ୍ତ ଖେଳ ପରିଚାଳିତ ହୋଇଥିଲା। ଶିକ୍ଷକ ବିକାଶ ଟପ୍ପୋ, ତୁଷାର ତାଣ୍ଡି, କରିସ୍ମା କେର୍କେଟା, ରାମେଶର ଲାକ୍ରା,ମନଭାଙ୍ଗି ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



**ସୁନ୍ଦରଗଡ,୧୬।୧୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଡେଙ୍ଗିଭାଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୀପପ୍ରଜ୍ୱଳନ ପୂର୍ବକ ଏହି ବାର୍ଷିକ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ତ୍ରିପାଠୀ ତାଙ୍କ ଅଭିଭାଷଣରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦାନ ସହ ଆଧ୍ୟାତ୍ମିକ ଓ ସଂସ୍କାରିତ କରି ରାଷ୍ଟ୍ରର ଜଣେ ଉତ୍ତମ ନାଗରିକ ଭାବେ ଗଢି ତୋଳିବାରେ ବଳିଷ୍ଠ ଭୂମିକା ଗ୍ରହଣ କରି ଆସିଛି ବୋଲି କହିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ଦୂର ସଂଚାର ବିଭାଗର ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଦିଗରେ ଧ୍ୟାନ ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। କମିଟିର ଅଧ୍ୟକ୍ଷ ଅବସରପ୍ରାପ୍ତ ପ୍ରଫେସର ଡ. ଗୌରୀ ଶଙ୍କର ପଟେଲ ସଭାରେ ପୌରହିତ୍ୟ କରିଥିଲେ। ସମ୍ପାଦକ ଶ୍ରୀବସ କୁମାର ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରିଚାଳନା କମିଟି ସଦସ୍ୟ ଡକ୍ଟର ମଙ୍ଗଳ ଗର୍ଡିଆ,ସୁଧାନଶୁ କୁମାରୀ ଚୌଧୁରୀ, ଡ. ଚିରବ୍ରତ ଦତ୍ତ, ଚିନ୍ତାମଣି ଓରାମ, ଗୋପୀନାଥ ନାଏକ, ପ୍ରକାଶ କୁମାର ସାହୁ, ରାଜେନ୍ଦ୍ର କୁମାର ରଣା, ପ୍ରକାଶ ପଟେଲ, ଅମିତ ନାଏକ ଓ ସମସ୍ତ ଗୁରୁ ମା,ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଇଏସ୍ଏମ୍ ଅଞ୍ଚଳ ରୂପାନ୍ତରୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ

**ରାଉରକେଲା,୧୬।୧୨(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍ପି ଷ୍ଟୋର୍ସ ବିଭାଗ ଇଏସ୍ଏମ୍ ଅଞ୍ଚଳର ରୂପାନ୍ତରୀକରଣ ପାଇଁ ସୋମବାର ଆର୍ଏସ୍ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଳ ଚୌଧୁରୀ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାରଙ୍କ ସମେତ ବହୁ ମୁଖ୍ୟ ମହାପ୍ରବନ୍ଧକ ଓ ବିଭାଗ ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଇଏସ୍ଏମ୍ ଅଞ୍ଚଳର ରୂପାନ୍ତରୀକରଣ ବିଭାଗର କାର୍ଯ୍ୟ ସାମର୍ଥ୍ୟକୁ ଅଧିକ ସୁଦୃଢ କରିବା, ପ୍ରକଳ୍ପଗୁଡିକର ନିପୁଣ ଷ୍ଟୋରେଜ, ଉନ୍ନତ ସାମଗ୍ରୀ ଉପଯୋଗ ଏବଂ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରାଇବା ଲକ୍ଷ୍ୟ ରଖିଛି। କାର୍ଯ୍ୟଦକ୍ଷତାକୁ ବ୍ୟାପକ କରିବା ଏବଂ ସମ୍ବଳର ସର୍ବଶ୍ରେଷ୍ଠ ଉପଯୋଗକୁ ନିଶ୍ଚିତ କରିବା ପ୍ରତିବଦ୍ଧତାକୁ ଦୋହରାଇ ଆଗାମୀ ଦିନରେ ଅଣଗତିଶୀଳ ସାମଗ୍ରୀର ନିପୁଣ ଉପଯୋଗ ପାଇଁ ଷ୍ଟୋର୍ସ ସାମୂହିକ ଇନଭେଣ୍ଟୋ କରୁଥିବା ସମସ୍ତ ବିଭାଗ ସହିତ ସକ୍ରିୟ ଯୋଗାଯୋଗ କରିବାକୁ ଯୋଜନା କରିଛି।



# ଉନ୍ନୟନ କାର୍ଯ୍ୟର ସମୀକ୍ଷା, ଖଣି ଅଧିକାରୀଙ୍କୁ ତାଗିଦ

**ଟେନସା,୧୬।୧୨(ସମୀର କୁମାର ପାଢୀ)**

ଉପବାଚସ୍ପତି ଭବାନୀ ଶଙ୍କରଭୋଇ ସୋମବାର କୋଇଡା ଗସ୍ତରେ ଆସି ପ୍ରଥମେ ବ୍ଲକ ସମ୍ମିଳନୀ କକ୍ଷଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ସରକାରଙ୍କ ସମସ୍ତ ବିଭାଗର କାର୍ଯ୍ୟ ସମୀକ୍ଷା କରିଥିଲେ। ଠିକ ଏବଂ ସ୍ୱଚ୍ଛତା ସହ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ସେ ବାର୍ତ୍ତା ପ୍ରେରଣ କରିଥିଲେ। ପରେ କୋଇଡା ଖଣି ମଣ୍ଡଳ ଅଧୀନସ୍ଥ କାର୍ଯ୍ୟରତ ଖଣି ଅଧିକାରୀଙ୍କୁ ନେଇ ଓଡିଶା ଖଣି ନିଗମ କାର୍ଯ୍ୟାଳୟ ସଭା ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଖଣି ଅଧିକାରୀଙ୍କ ଠାରୁ ଖଣି ଦ୍ୱାରା କରାଯାଉଥିବା ସମସ୍ତ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ, ନିଯୁକ୍ତି, ପଦକ୍ଷେପ ଆଦି ରିପୋର୍ଟ ନେଇ ସମୀକ୍ଷା କରିବା ସହ ଖଣି ପ୍ରଭାବିତ ଗ୍ରାମବାସୀଙ୍କ ସହ


କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

କୋଇଡା ବ୍ଲକ ଭୂମିପୁତ୍ରଙ୍କ ପ୍ରତି ସମସ୍ତ କାର୍ଯ୍ୟରେ ଯତ୍ନବାନ ହେବା, ସବୁ କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ସ୍ଥାନୀୟ ଏକ ଷ୍ଟିଲ ପ୍ରକଳ୍ପ ପାଇଁ ବିସ୍ଥାପିତ ଲୋକଙ୍କ ଦୁଃଖ ଶୁଣିବା ପାଇଁ କମଣ୍ଡ ଠାରେ ପହଞ୍ଚିଥିଲେ। ଯେଉଁଥିରେ ବିସ୍ଥାପିତ ଲୋକଙ୍କ ଠିକ ପ୍ରାପ୍ୟ ଓ ଯଥା ଶୀଘ୍ର ନ୍ୟାୟ ପ୍ରଦାନ କରାଯାଉ ବୋଲି ଉପସ୍ଥିତ ଅଧିକାରୀ ଓ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଅଧକ୍ଷତାରେ ବଣାଇଁ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ସୋନାଲି ସିଂ, କୋଇଡା ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ, କୋଇଡା ବ୍ଲକ

**କୋଇଡା ଗସ୍ତରେ ଉପବାଚସ୍ପତି**

ବିଡିଓ ରଶ୍ମିରେଖା ପାତ୍ର, କୋଇଡା ବ୍ଲକ ଅଧକ୍ଷ ସୁରେଶ କୁମାର ନାଏକ ପ୍ରମୁଖଙ୍କୁ ସମସ୍ତ ଅଭିଯୋଗ ଓ ନିର୍ଦ୍ଦେଶ ତଦାରଖ ରଖିବାକୁ କହିଥିଲେ। କୋଇଡା ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ କୋଇଡା ବ୍ଲକର ମୁଖ୍ୟ ସମସ୍ୟା ଯଥା ଅଧପନ୍ତରିଆ ନୂତନ ଓପିଡି ଗୃହ, ଗୋପିସାହି ପୋଲ, ତେହେରାଇ ଠାରୁ କଳମଙ୍ଗ ରାସ୍ତା ଟେଣ୍ଡର, ତେହେରାଇ ପୋଲ, ଗୀତାରାଣୀ ଖଣି ଗେଟ ଠାରୁ କୁସୁମୁଣ୍ଡି ରାସ୍ତା ନିର୍ମାଣ, ମେଗା ପାନୀୟଜଳ ପ୍ରକଳ୍ପ, ବିଦ୍ୟାଳୟ ଶିକ୍ଷକ ଉପରେ ଉପବାଚସ୍ପତିଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଯେଉଁଥିରେ ଉପବାଚସ୍ପତି ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ।

## ସଂକ୍ଷେପରେ

### ସଂକ୍ରାନ୍ତି ଉପଲକ୍ଷେ ଷୋଡ଼ଷ ଉପଚାର, ୧୦୮ ହୋମପୂଜା



ଝାରସୁଗୁଡ଼ା,୧୬।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ସାହାପଡା ଗ୍ରାମର ହନୁମାନ ମନ୍ଦିରଠାରେ ସୋମବାର ଷୋଳ ଉପଚାର ପୂଜା ଓ ୧୦୮ ହୋମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜକ ପଣ୍ଡିତ ଲଳିତ ପାଣିଗ୍ରାହୀ ଓ ଶକର୍ଷଣ ନାଥ ଷୋଳ ଉପଚାର ପୂଜା, ହନୁମାନଙ୍କ ୧୦୮ ହୋମ କରିଥିବା ବେଳେ ହୃଷିକେଶ ସେନାପତି, ସନାତନ ପାଣିଗ୍ରାହୀ ସହଯୋଗ କରିଥିଲେ। କର୍ତ୍ତା ଭାବେ ମନୋଜ ମିଶ୍ର, ମଞ୍ଜୁ ମିଶ୍ର କାର୍ଯ୍ୟ ତୁଲାଇଥିବା ବେଳେ ପ୍ରସନ୍ନ ମହାରଣା ପୂଜା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ। ଏଥିରେ ପ୍ରମୋଦ ପାଢ଼ୀ, ଝସକେତନ ପାତ୍ର, ପ୍ରକାଶ ସାହୁ, ହରି ସାହୁ, ଦେବାନନ୍ଦ ସେଠି ତଥା ସାହାପଡ଼ା ଗ୍ରାମର ସମସ୍ତେ ଯୋଗଦେଇଥିଲେ।

### ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକୀ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୧୬।୧୨(ଆଶିଷ ରଞ୍ଜନ ଦାଶ)

ପୂର୍ବତନ ଓଡ଼ିଶାର ବାଚସ୍ପତି ତଥା ଝାରସୁଗୁଡାର ପୂର୍ବତନ ବିଧାୟକ କିଶୋର ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୦ ତାରିଖରେ ଝାରସୁଗୁଡା ମଙ୍ଗଳବଜାରସ୍ଥିତ ଅଡିରିୟମଠାରେ ସର୍ବଧର୍ମ ପ୍ରାର୍ଥନା ଏବଂ ଶ୍ରାଦ୍ଧ ସଭା ଆୟୋଜନ ସହ ଜିଲା ସଦର ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ, ଜନମୁଖରେ କିଶୋର ମହାନ୍ତି ମାର୍ଗର ଘୋଷଣା ପାଇଁ ମାନବ ଶୃଙ୍ଖଳ କରାଯିବା ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ପାଇଁ କିଶୋର ଅନୁଗତଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। କିଶୋର ମହାନ୍ତିଙ୍କ ରାଜନୈତିକ ଜୀବନ ସହ ଜଡିତ ଥିବା କିଛି ରାଜ୍ୟସ୍ତରୀୟ ନେତାଙ୍କୁ ଅତିଥି କରିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ବରିଷ୍ଠ ଓକିଲ ତାପସରାୟ ଚୌଧୁରୀ, ହରିଶ ଗଣତ୍ରା, ତ୍ରିନାଥ ଗୁଆଳ, ମିତ୍ରଭାନୁ ସାହୁ, ପ୍ୟାରେଲାଲ ଶ୍ରୀବାସ୍ତବ, ପପୁ ଜୈନ, ଦିଲୀପ ଯାଦବ, ଅରୁଣ ଚଇନି ପ୍ରମୁଖ ଉପସ୍ଥିତ ଥିଲେ।

### ଝାରସୁଗୁଡ଼ାରେ ପ୍ରବଳ ଶୀତ

ଝାରସୁଗୁଡ଼ା,୧୬।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଗତ କିଛିଦିନ ହେବ ତାପମାତ୍ରା କମିବାରେ ଲାଗିଛି। ପ୍ରବଳ ଶୀତ ଯୋଗୁ ଲୋକେ ପୂର୍ବାହ୍ନ ୧୦ଟା ସମୟ ପର୍ଯ୍ୟନ୍ତ ବାହାରକୁ ବାହାରି ପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ରେକର୍ଡ ହୋଇଥିବା ସର୍ବନିମ୍ନ ତାପମାତ୍ରା ୬.୨ ଡିଗ୍ରୀ ଥିବା ବେଳେ ଯାହା ଏହି ୭ ଦିନ ମଧ୍ୟରେ ସର୍ବନିମ୍ନ ଅଟେ। ଗୃହପାଳିତ ପଶୁ ମଧ୍ୟ ଶୀତ ରୁରକ୍ଷା ପାଇବା ପାଇଁ ଘର ଓ ଦୋକାନ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ଆଗକୁ ତାପମାତ୍ରା ଆହୁରି କମିବା ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

# ଧାରଣାରୁ ଓହରିଲେ ବ୍ୟବସାୟୀ

ଝାରସୁଗୁଡ଼ା,୧୬।୧୨(ଆଶିଷ ରଞ୍ଜନ ଦାଶ)



ମ୍ୟୁନିସିପାଲିଟି ସମ୍ମୁଖରେ ନିର୍ବାହୀ ଅଧିକାରୀ ଓ ବ୍ୟବସାୟୀମାନେ ଆଲୋଚନା କରୁଛନ୍ତି।

ଝାରସୁଗୁଡ଼ା ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧିପାଉଛି। ସହର ମୁଖ୍ୟ ରାସ୍ତାରେ ଥିବା ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଉଠା ଦୋକାନୀମାନେ ଦୋକାନ ସମ୍ମୁଖରେ ବୋର୍ଡ, ବିଭିନ୍ନ ସାମଗ୍ରୀ ରଖାଯିବା ଯୋଗୁ ରାସ୍ତା ଅବରୋଧ ହୋଇଯାଉଛି। ଏହାର ନିୟନ୍ତ୍ରଣ ପାଇଁ ରବିବାର ପୌର ପରିଷଦ ପକ୍ଷରୁ ସହରର ଦୋକାନ ଓ ଉଠା ଦୋକାନରେ ଚଢ଼ାଉ କରାଯାଇଥିଲା। ପୁରୁଣା ବସଷ୍ଟାଣ୍ଡଠାରୁ ଝଣ୍ଡା ଛକ ପର୍ଯ୍ୟନ୍ତ ଦୋକାନୀମାନଙ୍କୁ ମ୍ୟୁନିସିପାଲିଟି ଗୋଟିଏ ଦିନ ମଧ୍ୟରେ ଦୋକାନ ସମ୍ମୁଖରେ ବୋର୍ଡ, ସାମଗ୍ରୀ ତଥା ଅନ୍ୟାନ୍ୟ ଜିନିଷ ବାହାରେ ରଖୁଥିବା ସାମଗ୍ରୀଗୁଡିକୁ ଖାଲି କରିବାକୁ ଗୋଟିଏ ଦିନ ଦିଆଯାଇଥିଲା। ସୋମବାର ସକାଳୁ ପୁରୁଣା ବସଷ୍ଟାଣ୍ଡ, ଝଣ୍ଡାଛକର ସମସ୍ତ ବ୍ୟବସାୟୀ ଦୋକାନ ବନ୍ଦ କରି ଶହ ଶହ ସଂଖ୍ୟାରେ ମ୍ୟୁନିସିପାଲିଟି ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ଝାରସୁଗୁଡ଼ା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ

### ବ୍ୟବସାୟୀ-ପୌର କର୍ତ୍ତୃପକ୍ଷ ଆଲୋଚନା

ମାନସ ରଞ୍ଜନ ମଲିକ ଓ ବ୍ୟବସାୟୀ ସଂଘ ମଧ୍ୟରେ ଏକ ଘଣ୍ଟା ଆଲୋଚନା ହୋଇଥିଲା। ବ୍ୟବସାୟୀମାନେ କହିଥିଲେ ଯେ ମ୍ୟୁନିସିପାଲଟି ଏପରି କଲେ କୌଣସି ଗ୍ରାହକ ଆମ ପାଖକୁ ଆସିବେ ନାହିଁ, ସମସ୍ତେ ମଲକୁ ପଳେଇବେ ବୋଲି ନିର୍ବାହୀ ଅଧିକାରୀଙ୍କୁ ବୁଝାଇଥିଲେ। ଶେଷରେ ନିର୍ବାହୀ ଅଧିକାରୀ ବର୍ତ୍ତମାନ ନୁହେଁ, ପରେ ଏହାର ବିଚାର କରାଯିବ ବୋଲି ଆଶ୍ୱାସନା ଦେବାରୁ ବ୍ୟବସାୟୀମାନେ ଧାରଣାରୁ ଓହରିଥିଲେ।

# ବୃକ୍ଷରୋପଣ, ଜଙ୍ଗଲ ବିକାଶ ପାଇଁ ସମ୍ବର୍ଦ୍ଧନା




ବିଧାୟକ ଜଙ୍ଗଲ ଅଧିକାରୀଙ୍କୁ ପୁରସ୍କୃତ କରୁଛନ୍ତି।

ଝାରସୁଗୁଡ଼ା,୧୬।୧୨ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ପରିବେଶ ସୁରକ୍ଷା ସକାଶେ ବୃକ୍ଷରୋପଣ ଅନ୍ତର୍ଗତ ଅଭିଯାନ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ସୋମବାର ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପାନୁଷ୍ଠାନ ଓ ଜଙ୍ଗଲ ଓ ପରିବେଶ ବିଭାଗ କର୍ମଚାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଧାୟକ ତ୍ରିପାଠୀ ଶିଳ୍ପାନୁଷ୍ଠାନ ଓ ଜଙ୍ଗଲ ବିଭାଗ ମିଳିତ ପ୍ରଚେଷ୍ଟାରେ ବୃକ୍ଷ ରୋପଣ ଅଭିଯାନର ପ୍ରଶଂସା କରିଥିଲେ। ବୃକ୍ଷରୋପଣ ସହିତ ଏହାର ନିୟମିତ ରକ୍ଷଣାବେକ୍ଷଣ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବୃକ୍ଷରୋପଣ ପୂର୍ବରୁ ଏବଂ ପରେ ଉକ୍ତ ସ୍ଥାନର ଫଟୋ ଉତ୍ତୋଳନ ପୂର୍ବକ ରେକର୍ଡ ପାଇଁ ରଖାଯିବା, ସମ୍ପୃକ୍ତ ଅଞ୍ଚଳର ଅଧିବାସୀଙ୍କ ବୃକ୍ଷରୋପଣ କାର୍ଯ୍ୟରେ ଅଂଶଗ୍ରହଣ ଓ ସହଯୋଗ ତଥା ଗଛର ସଂଖ୍ୟା ଗଣତିରେ ସୁବିଧା ପାଇଁ ରେଡିଅମଯୁକ୍ତ ନମ୍ବର ଲଗାଯିବା ଉପରେ ବିଧାୟକ ଗୁରୁତ୍ୱରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ଶିଳ୍ପାନୁଷ୍ଠାନ ପକ୍ଷରୁ କେତେ ଗଛ କେଉଁ କେଉଁ ସ୍ଥାନରେ ଲଗାଯାଇଛି, କେତେ ଗଛ ବଞ୍ଚିଛି ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ବୃକ୍ଷରୋପଣ ଅଭିଯାନକୁ ଜଙ୍ଗଲ ବିଭାଗ ପରାମର୍ଶରେ ସୁବ୍ୟବସ୍ଥିତ ଭାବରେ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ଜିଲାପାଳ ଅବୋଲି ସୁନୀଲ ନରୱଣେ ବୃକ୍ଷରୋପଣ ଅଭିଯାନର ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଝାରସୁଗୁଡା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନ, ଡିଷ୍ଟ୍ରିକ୍ଟ ୱାଇଲଡ୍ ଲାଇଫ ୱାର୍ଡେନ ପ୍ରହଲ୍ଲାଦ ନାଏକଙ୍କ ସମେତ ଜିଲା ପରିବେଶ ସୁରକ୍ଷା ସମିତି ସଦସ୍ୟ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

### ଅତାବିରାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ସରଣ୍ଡା,୧୬।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବରଗଡ଼ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲ ଏଥିରେ ଯୋଗଦେଇ ୧୦୬ଟି ଅଭିଯୋଗର ଶୁଣାଣି କରିଥିଲେ। ବିଭିନ୍ନ ବିଭାଗରୁ ଆସିଥିବା ଅଭିଯୋଗଗୁଡିକର ତର୍ଜମା କରିବା ସହ ଏହାର ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତାବିରା ବିଡ଼ିଓ ରିପୁନାଥ ସୁନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ବରଗଡ଼ ଜିଲାପାଳ ଗୋୟଲଙ୍କ ସମେତ ଏସ୍‌ପି ଏସ୍. ପ୍ରହଲ୍ଲାଦ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ସିଡିଏମ୍‌ଓ ନିରୂପମା ଷଡ଼ଙ୍ଗୀ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଅତାବିରା ବ୍ଲକରେ ଖାଲିଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ପଦବୀ ପୂରଣ, ଗୋଡ଼ଭଗା- ଲହଣ୍ଡା ରାସ୍ତାରେ ଆବଶ୍ୟକତାଠାରୁ ଅଧିକ ଗାଡି ମୋଟର ଚଳାଚଳ ତଥା ଆସ୍ ଓ ମାଟି ଚାଲାଣ ଯୋଗୁ ପରିବେଶ ପ୍ରଦୂଷଣ, ଝିଲିମିଣ୍ଡା ପଞ୍ଚାୟତର ଭୈରୋପାଲି-କୁମାରବନ୍ଧ ରାସ୍ତା ମାଟିକାମ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ପାନୀୟ ଜଳ ଯୋଗାଣରେ ହେଉଥିବା ସମସ୍ୟା ଭଳି ଅଭିଯୋଗ ହୋଇଥିଲା। ଏହି ଅବସରରେ ୬ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା। ଜିଲା ତଥା ବ୍ଲକସ୍ତରର ଅଧିକାରୀ ଉପସ୍ଥିତ ରହିଥିଲେ। ଏବିଡ଼ିଓ ଗିରୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼,୧୬।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ତାରଙ୍ଗ ଗ୍ରାମପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୪ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ରାସ୍ତା ମରାମତି, ରାଜସ୍ୱ ଗ୍ରାମ କରିବା ନିମନ୍ତେ, ୦.୦୪ ଜମିର ପଟ୍ଟା, ସୁଭଦ୍ରା ଯୋଜନାରେ ସାମିଲ କରିବା, ବିଦ୍ୟୁତ୍ ସଂଯୋଗୀକରଣ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗରଧନାଜି ରାଓସୋ, ଉପଜିଲାପାଳ ପରକ୍ଷିତ ସାହୁ, ରିଆମାଳ ଗୋଷ୍ଠି ଉନ୍ନୟନ ଅଧିକାରୀ ଉଗ୍ରେଶନ ଓରାମ, ରିଆମାଳ ତହସିଲଦାର ଜ୍ୟୋସ୍ନାରାଣୀ ନାଏକ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଝାରସୁଗୁଡ଼ା,୧୬।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରପାଳିକା ସଭା ଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ତହସିଲଦାର ସଦାକର କୁମ୍ଭାର, ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୧ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୬ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ବ୍ରଜରାଜନଗର ୧୧ ନମ୍ବର ୱାର୍ଡ଼ରେ ପାନୀୟ ଜଳ ସଂଯୋଗ, ପଞ୍ଚପଡ଼ା ୯ନମ୍ବର ୱାର୍ଡ଼ରେ ସର୍ବସାଧାରଣ ରାସ୍ତା ଅବରୋଧ ପୂର୍ବକ ଗୃହ ନିର୍ମାଣ, ତେଲେନପାଲିରେ ଟାଉନ ହାଇସ୍କୁଲ ପଡିଆରେ ଷ୍ଟାଡିୟମ ନିର୍ମାଣ, ବ୍ରଜରାଜନଗର ରେଲୱେ କଲୋନୀରେ ବିଦ୍ୟୁତ୍ ଓ ପାନୀୟ ଜଳ ସଂଯୋଗ ଏବଂ ବ୍ରଜରାଜନଗର ଇଏସଆଇ ଚୌକରେ ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ଶିବିରରେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ଶିବିରରେ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ସାମାଜିକ ସୁରକ୍ଷା ସହାୟତା ବାବଦରେ ଜଣେ ଦିବ୍ୟାଙ୍ଗଙ୍କୁ ୧୨୦୦ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ସମ୍ବନ୍ଧରେ ତର୍ଜମା ପୂର୍ବକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଜମି ଅଧିଗ୍ରହଣ ଆରମ୍ଭ କରିବାକୁ ଦାବି

ପଦ୍ମପୁର,୧୬।୧୨ (ପ୍ରଦୀପ୍ତ ଦାଶ)

ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପର ଜମି ଅଧିଗ୍ରହଣ କାମ ଖୁବଶୀଘ୍ର ଆରମ୍ଭ କରିବାକୁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଲୋକସଭାରେ ଦାବି କରିଛନ୍ତି। ଏହାସହ ପ୍ରକଳ୍ପ କାମ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ଦାବି ରଖିଛନ୍ତି। ସୋମବାର ସଂସଦର ଶୂନ୍ୟକାଳରେ ବରଗଡ଼-ନୂଆପଡ଼ା ପ୍ରକଳ୍ପ ବାବଦରେ ଏମ୍‌ପି ପୁରୋହିତ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ପଶ୍ଚିମ ଓଡ଼ିଶାର ବିକାଶ ହେବା ସହ ରୋଜଗାରର ମାଧ୍ୟମ ହୋଇପାରିବ। ଗମନାଗମନରେ ଲୋକଙ୍କ ଅନେକ ସୁବିଧା ହୋଇପାରିବ ବୋଲି ସେ କହିଥିଲେ। ଏହି ରେଳ ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର କଳା ସାହିତ୍ୟର ବିକାଶ ହେବ। ବାଣିଜ୍ୟ ବୃଦ୍ଧି ପାଇବ ବୋଲି ପୁରୋହିତ କହିଥିଲେ। ବହୁ ବର୍ଷ ଧରି ଏହି ରେଳ ପ୍ରକଳ୍ପ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସରକାର ଧ୍ୟାନ ଦେଉ ନ ଥିଲେ। ବରଗଡ଼-ନୂଆପଡ଼ା ୧୩୮ କିଲୋମିଟର ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୨ ହଜାର ୯୨୬ କୋଟି ଟଙ୍କା ଅନୁଦାନ ଦେଇଥିବାରୁ ପୁରୋହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଛତିଶଗଡ଼ ଗଲେ ହାତୀପଲ

ପଦ୍ମପୁର,୧୬।୧୨(ପ୍ରଦୀପ୍ତ ଦାଶ)

ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆତଙ୍କ ସୃଷ୍ଟି କରି ଅନେକ ଫସଲ କ୍ଷୟକରି କରିବା ପରେ ଶେଷରେ ଘେଁସ ବନାଞ୍ଚଳରୁ ହାତୀପଲ ଛତିଶଗଡ଼ ପଳାଇଛନ୍ତି। ଏ ନେଇ ଘେଁସ ବନାଞ୍ଚଳ ଅଧିକାରୀ ବିଜୟ ଲକ୍ଷ୍ମୀ ପଟେଲ ଓ ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ସୂଚନା ଦେଇଛନ୍ତି । ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ସ୍କ୍ୱାଡ୍ ଗଠନ କରି ଡ୍ରୋନ ସାହାଯ୍ୟରେ ହାତୀପଲର ଗତିବିଧି ଉପରେ ସ୍ୱତନ୍ତ୍ର ନଜର ରଖିଥିଲା। ବିଭାଗ ପକ୍ଷରୁ ୨୫୦ ଏକର ଧାନ ଓ ପନିପରିବା ଫସଲ କ୍ଷୟକ୍ଷତି ଆକଳନ କରି ଅନୁକମ୍ପା ଆପ୍‌ରେ ସହାୟତା ପାଇଁ ରିପୋର୍ଟ କରାଯାଇଛି। ଅବଶିଷ୍ଟ ଚାଷୀଙ୍କୁ ଆବେଦନ କରିବାକୁ ସଚେତନ କରାଯାଇଥିବା କୁହାଯାଇଛି।

# ୧୧ତମ କୃଷି ଗଣନା ପ୍ରଶିକ୍ଷଣ ଶିବିର

ଦେବଗଡ଼,୧୬।୧୨ (ଶଶାଙ୍କ ଶେଖର ଝାଙ୍କର)

ନୂତନ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ




କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ତାଲିମ ଦିଆଯାଉଛି।

ଜିଲାସ୍ତରୀୟ ୧୧ତମ କୃଷି ଗଣନା (୨୦୨୧-୨୨) ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ରାମସେବକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଗତିକୃଷ୍ଣ ବେହେରା ଓ ପରିସଂଖ୍ୟାନ ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନ, ଭରତଚନ୍ଦ୍ର ସୁଣ୍ଡି ପ୍ରମୁଖ ମଞ୍ଚାସୀନ ରହିଥିଲେ। ଜିଲାରେ କୃଷି ଭିତ୍ତିକ, କୃଷକଙ୍କ ଆର୍ଥିକସ୍ଥିତି, ଶିକ୍ଷାଗତ ଯୋଗ୍ୟତା, ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର, ମୃତ୍ତିକା ପରୀକ୍ଷା ଏବଂ ଯୌବିକ କୃଷି ଜାତି ଆଦି ବିଷୟରେ ଘରକୁ ଘର ବୁଲି ନମୁନା ଗ୍ରାମରେ ତଥ୍ୟ ସଂଗ୍ରହ କରାଯିବ, ଦ୍ୱିତୀୟ ପର୍ଯ୍ୟାୟର ମୋଟ ୧୫୧ଟି ନମୁନା ଗ୍ରାମ ଓ ତୃତୀୟ ପର୍ଯ୍ୟାୟର ୫୪ଟି ଗ୍ରାମରୁ ତଥ୍ୟ ସଂଗ୍ରହ କରାଯିବା ଉପରେ ଶିବିରରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୩ ତହସିଲରୁ ଆସିଥିବା ଗ୍ରାମ କୃଷି କର୍ମଚାରୀ, କୃଷି ଅଧିକାରୀ, ବରିଷ୍ଠ ପରିସଂଖ୍ୟାନ କ୍ଷେତ୍ର ପରିଦର୍ଶକ, ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଏବଂ ରାଜସ୍ୱ ନିରୀକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଆଜି ପ୍ରୋଗ୍ରେସିଭ୍ ଏକାଡେମୀ-ସାଇନିଂ ଷ୍ଟାର ମଧ୍ୟରେ ଫାଇନାଲ

ଝାରସୁଗୁଡ଼ା,୧୬।୧୨(ଆଶିଷ ରଞ୍ଜନ ଦାଶ)

**ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍**

ଝାରସୁଗୁଡା ସହରସ୍ଥିତ ସରବାହାଲ ଖେଳ ପଡ଼ିଆଠାରେ ସୋମବାର ପୂର୍ବାହ୍ନ ୯ଟାରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଡେମୀ ଓ ବେଲପାହାଡ଼ ଲିଓ କ୍ରିକେଟ ଏକାଡେମୀ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଲିଗ୍ ମ୍ୟାଚ୍‌ରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ୯ଉଇକେଟରେ ବିଜୟୀ ହୋଇଛି। ମଙ୍ଗଳବାର ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଡେମୀ ଓ ଝାରସୁଗୁଡ଼ା ସାଇନିଙ୍ଗ ଷ୍ଟାର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ବେଲପାହାଡ଼ ଲିଓ କ୍ରିକେଟ ଏକାଡେମୀ ଟସ ଜିତି ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଦଳର ମହମ୍ମଦ ତବରେଜ ୯୩ ବଲରୁ ୬୬ ରନ କରିଥିବା ବେଳେ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ସନ୍ତୋଷ ଜନକ ବ୍ୟାଟିଂ କରି ପାରି ନ ଥିଲେ। ଫଳରେ ଲିଓ କ୍ରିକେଟ ୪୨ ଓଭର ୯ ଉଇକେଟ ହରାଇ ୧୭୬ ରନରେ ସୀମିତ ରହି ଯାଇଥିଲେ। ଜବାବରେ ପ୍ରୋଗ୍ରେସିଭ ଏକାଡେମୀ ୧୭୭ ରନର ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିଲା। ଦଳର ଯତୀନ ରାଜାକ ୫୭ ବଲରେ ୮୦ ରନ ଓ ପୁଷ୍କର ରାଜ ୩୨ ବଲରେ ୫୭ ରନ କରିଥିଲେ। ମାତ୍ର ଗୋଟିଏ ଉଇକେଟରେ ୧୯ ଓଭରରେ ପ୍ରୋଗ୍ରେସିଭ ଏକାଡେମୀ ୧୭୯ ରନ କରି ୯ ଉଇକେଟରେ ମ୍ୟାଚ୍ ବିଜୟୀ ହୋଇଥିଲା। ଯତୀନ ରାଜାକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଆଲୋକ ଚନ୍ଦ୍ର ତ୍ରିପାଠୀ ଓ ବିମଳ ତାଣ୍ଡି ଯୋଗଦେଇଥିବା ବେଳେ ମୁକେଶ ଦଳାଇ ଓ ପ୍ରଭାଞ୍ଜନ ବଳ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

**ବାଇକ୍ ଧକ୍କାରେ ଜଣେ ଗୁରୁତର**

**ଲୋଇସିଂହା,(ସୁଶାନ୍ତ ବାରିକ):** ସୋମବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭଦ୍ରା ଗ୍ରାମରେ ଏକ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଆହତ ବ୍ୟକ୍ତି ହେଲେ ଭଦ୍ରା ଗ୍ରାମର ଦାମୋଦର ପଟେଲ। ପରିବାର ଲୋକେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ଘଟାଇ ବାଇକ୍ ଆରୋହୀ ଫେରାର ହୋଇ ଯାଇଛନ୍ତି। ଉକ୍ତ ବାଇକ୍‌ରେ ୩ ଜଣ ବ୍ୟକ୍ତି ଯାଉଥିଲେ ବୋଲି ଜଣାଯାଇଛି।

# ଜାଲ୍ ଜାତି ପ୍ରମାଣପତ୍ର ବାତିଲ ଦାବି



କଚେରି ଛକ ନିକଟରେ ରାସ୍ତାରୋକୋ କରାଯାଉଛି।

- ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀଙ୍କ ରାସ୍ତାରୋକୋ
- ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବଲାଙ୍ଗୀର,୧୬।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇ ଏକ ନିର୍ଦ୍ଦିଷ୍ଟ ଜାତିକୁ ଆଦିବାସୀ ତାଲିକାରୁ ହଟାଇବାକୁ ଦାବି କରାଯାଇଛି। ଆଦିବାସୀ କଲ୍ୟାଣ ସଂଘ ସଦସ୍ୟମାନେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଏକ ରାଲିରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳ କାର୍ଯ୍ୟାଳୟ ନିକଟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ସେମାନେ କଚେରି ଛକ ନିକଟରେ ପ୍ରାୟ ୩ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ପବିତ୍ର ବେହୋରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ । ଜାଲ୍ ଜାତି ପ୍ରମାଣପତ୍ର ନେଇ ଏକ ନିର୍ଦ୍ଦିଷ୍ଟ ଜାତିର ଲୋକେ ଆଦିବାସୀଙ୍କ ସୁବିଧା ନେଉଛନ୍ତି। ଏହି ଜାତି ପ୍ରମାଣପତ୍ରକୁ ତୁରନ୍ତ ବାତିଲ କରିବାକୁ ସେମାନେ ଦାବି କରିଥିଲେ। ବାସ୍ତବରେ ସେହି ଜାତିର ଲୋକେ ହେଉଛନ୍ତି ବୃତ୍ତି ଅନୁଯାୟୀ ବୁଣାକାର। ସେହି ଜାତିର ଲୋକେ ସମ୍ପ୍ରତି ବେଆଇନ ଭାବେ ଅନୁସୂଚିତ ଜନଜାତି ପ୍ରମାଣପତ୍ର ହାସଲ କରୁଥିବା ସେମାନେ ଅଭିଯୋଗ କରିଥିଲେ। ବାସ୍ତବରେ ସେହି ଜାତିର ଲୋକଙ୍କ ପ୍ରଥା, ପରମ୍ପରା, ବିବାହ, ଯାନିଯାତ୍ରା ଆଦିବାସୀ ସଂସ୍କୃତିରେ ନୁହେଁ ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ଉଚିତ୍ ପଦକ୍ଷେପ ଗ୍ରହଣ କରି ଜାଲ ଜାତିଗତ ପ୍ରମାଣ ପତ୍ର ହାସଲ କରିଥିବା ଲୋକଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଜିଲା ପ୍ରଶାସନ ଏଭଳି ଜାଲ ଜାତିବର୍ଗଙ୍କୁ ଅନୁସୂଚିତ ଜନଜାତି ପ୍ରମାଣପତ୍ର ଦେବା ବନ୍ଦ କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ, ମୁଖମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଦିବାସୀ କଲ୍ୟାଣ ସଂଘ ସଭାପତି ଶ୍ୟାମସୁନ୍ଦର ବିଶି, କାର୍ଯ୍ୟକାରୀ ସଭାପତି ବନଲତା ମାଝି, ଜିଲା ସାଧାରଣ ସମ୍ପାଦକ ଥବୀର ପୂଜାରୀ, ସୁରଥ ଧରୁଆ, ଗୌରୀଶଙ୍କର ବରିହା, ନିତ୍ୟାନନ୍ଦ ମାଝି, ମନୋରଞ୍ଜନ ଭୋଇଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା।

## ସଂକ୍ଷେପରେ

### ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ବୈଠକ

ବଲାଙ୍ଗୀର,୧୬।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସହସମ୍ପାଦିକା ଅନୁପମା ପ୍ରହରାଜଙ୍କ ଆହ୍ୱାନକ୍ରମେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଜିଲା ସଭାନେତ୍ରୀ ଶାନ୍ତିଲତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ସମସ୍ତ ବ୍ଲକର ଶିକ୍ଷକ ପ୍ରତିନିଧି ଯୋଗ ଦେଇଥିଲେ। ମଧୁସୂଦନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଜିଲାର ଶିକ୍ଷକମାନଙ୍କ ପଦୋନ୍ନତି, ବକେୟା ପାଉଣା, ଇନ୍‌କ୍ରିମେଣ୍ଟ ପାଇଁ ଜିଲା ତଥା ରାଜ୍ୟସ୍ତରୀୟ ପଦାଧିକାରୀମାନଙ୍କୁ ଲିଖିତ ଅଭିଯୋଗ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ରସୁଲ ଖାନ, ସଞ୍ଜୁକ୍ତା ପାଣିଗ୍ରାହୀ, ରଘୁନାଥ ଷଡଙ୍ଗୀ, ସଞ୍ଜୀବ ଦୋରା, ବସନ୍ତ ବୁଡେକ, ନରେନ୍ଦ୍ର କୁମାର, ସୌଭାଗ୍ୟବନ୍ତ ନାୟକ ଉପସ୍ଥିତ ଥିଲେ। ହରେକୃଷ୍ଣ ରଥ, ଦୁର୍ଯ୍ୟୋଧନ ପଶାୟତ, ଧ୍ରୁବ ଚରଣ ଚୋପଦାର, ଅନୁପମା ପ୍ରହରାଜ, ଶ୍ୟାମସୁନ୍ଦର ଦାସ, ମଧୁ ବାବୁ, ଶଶୀଭୂଷଣ ପଟେଲ, ଜୟଦେବ ବିଶି, ପ୍ରଶାନ୍ତ ପୁରୋହିତ, ମୀନ କେତନ ଡାଙ୍ଗ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଟ୍ରାକ୍ଟର ଚାପାରେ ଶ୍ରମିକ ମୃତ୍ୟୁ ଘଟଣା: ଡ୍ରାଇଭର ଗିରଫ

ଲୋଇସିଂହା,୧୬।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ପୁଡାପଦର ଗ୍ରାମରେ ଗତ ୧୧ ତାରିଖରେ ଟ୍ରାକ୍ଟରରୁ ଖସି ପଡି ଡୋଳାମଣି ଦଣ୍ଡସେନାଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପରଠାରୁ ଫେରାର ଥିବା ଟ୍ରାକ୍ଟର ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ଗିରଫ ଡ୍ରାଇଭର ହେଲେ ପୁଡାପଦର ଗ୍ରାମର ପବିତ୍ର ନାଏକ(୩୦)। ସୋମବାର ଅଭିଯୁକ୍ତ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି। ପୁଡାପଦର ଗ୍ରାମର ଏକ ଟ୍ରାକ୍ଟରରେ ଡୋଳାମଣି ଶ୍ରମିକ ଭାବେ କାମ କରୁଥିଲେ। ଖସି ପଡିବାରୁ ଟ୍ରାକ୍ଟର ଚାପାରେ ତାଙ୍କର ମୃତ୍ୟୁ ଘଟିଥିଲା।

### କୁର୍ଲୁା କଲେଜରେ ବିଜୟ ଦିବସ ପାଳିତ

ଦେଓଗାଁ,୧୬।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ କୁର୍ଲୁା ପଞ୍ଚାୟତ ଅଧୀନସ୍ଥ କୁର୍ଲୁା ଧ୍ରୁବା ଆନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ତଥା କୋଶଳୀ ଲୋକନୃତ୍ୟ ଏକାଡେମୀ ମିଳିତ ସହଯୋଗରେ ବିଜୟ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କୋଶଳୀ ଲୋକନୃତ୍ୟ ଅନୁଷ୍ଠାନର ସଂପାଦକ ଧରଣୀଧର ନାଏକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ବଳରାମ ପଧାନ ଓ ଇଂରାଜୀ ଅଧ୍ୟାପକ ମଙ୍ଗଳ ସାହୁ ଯୋଗଦେଇ ବିଜୟ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କୁ ବିଜୟ ଦିବସ ସଂପର୍କିତ ପ୍ରାମାଣିକ ଚିତ୍ର ଦେଖାଯାଇଥିଲା। ଶେଷରେ କ୍ରୀଡା ଶିକ୍ଷକ ସରୋଜ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ଚଳଚ୍ଚିତ୍ର ବଦ୍‌ଲାର ପ୍ରିମିୟର ଶୋ

ବଲାଙ୍ଗୀର,୧୬।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

କୋଶଲୀ-ସମ୍ବଲପୁରୀ ଚଳଚ୍ଚିତ୍ର 'ବିଧିର ବିଧାନ'ର ସିକ୍ୱେଲ 'ବଦ୍‌ଲା'ର ପ୍ରିମିୟର ଶୋ ରବିବାର ସନ୍ଧ୍ୟାରେ ସ୍ଥାନୀୟ ପିପି ଏକାଡେମୀଠାରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀରର ଏମ୍‌ଏମ୍ ପ୍ରଡକ୍ସନ ପକ୍ଷରୁ ନିର୍ମିତ ବଦ୍‌ଲା ଚଳଚ୍ଚିତ୍ରର କାହାଣୀ, ସ୍କ୍ରିନ୍ ପ୍ଲେ ଏବଂ ସଂଳାପ ରଚନା କରିଛନ୍ତି ଲୋକପ୍ରିୟ ଅଭିନେତା ରତନ ମେହେର। ଏହି ଚଳଚ୍ଚିତ୍ରକୁ ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ବିଜୟ କୁମାର ତ୍ରିପାଠୀ। ଉକ୍ତ ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ରତନ ମେହେର, ଅନିତା ତ୍ରିପାଠୀ, ପ୍ରଦ୍ୟୁମ୍ନ ସାହୁ, ହିମାଂଶୁ ଖମାରୀ, ଲଳିତ ପୂଜାରୀ, ରବୀନ୍ଦ୍ର ସାହୁ, ଅନୁପ୍ରିୟା ମିଶ୍ର, ଆର୍ଯ୍ୟା ଶୁଭଦର୍ଶନୀ ତ୍ରିପାଠୀ, ବ୍ରଜ କିଶୋର ପଣ୍ଡା, ଦେବାଶିଷ ମେହେର, ସୋନୁ, ରିତେଶ ଓ ବାପି ଅଭିନୟ କରିଛନ୍ତି। ବଦ୍‌ଲାର କଥାବସ୍ତୁ ଏବଂ ଅଭିନେତାଙ୍କ ଅଭିନୟ ଦର୍ଶକଙ୍କୁ ଛୁଇଁଛି। ସସ୍‌ପେନ୍ସ ଥ୍ରିଲର ଭାବେ ବଦ୍‌ଲା ଦର୍ଶକଙ୍କୁ ଭିନ୍ନ ଅନୁଭୂତି ଦେଇଛି। କିଭଳି ପୋଲିସ ଏକ ହତ୍ୟା ଘଟଣାର ଉନ୍ମୋଚନ କରିବାକୁ ଯାଇ ଚମତ୍କାର ନାଟ୍ୟାଭିନୟ କରି ଅଭିଯୁକ୍ତମାନଙ୍କୁ ଗୋଟି ଗୋଟି କରି ନିଶାନା କରିଛି। ଏହି ଚଳଚ୍ଚିତ୍ରକୁ ଦର୍ଶକ ଓ ଅଭିନେତାମାନେ ପସନ୍ଦ କରିଥିଲେ। ଏହି ପ୍ରିମିୟର ଶୋ କାର୍ଯ୍ୟକ୍ରମରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସନାତନ ଠାକୁର, ଡ. ଶ୍ରୀକର ମିଶ୍ର, ଅରୁଣ ମିଶ୍ର, ଭାଗୀରଥି ମିଶ୍ର, ନିଶାର ମହମ୍ମଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଚଳଚ୍ଚିତ୍ର 'ବଦ୍‌ଲା'ର ପ୍ରିମିୟର ଶୋ'ରେ ଉପସ୍ଥିତ ଅଭିନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି।

# 'ବିକଳ୍ପ ଆହ୍ୱାନର ମୁକାବିଲାରେ ମଞ୍ଚ ନାଟକର ସଫଳତା'

**ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମ**

ବଲାଙ୍ଗୀର,୧୬।୧୨ (ବୀରେନ୍ଦ୍ର କୁମାର ଝାଙ୍କର)





ରଚନା ପକ୍ଷରୁ ଆୟୋଜିତ ମାସିକ ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ।

ବଲାଙ୍ଗୀରର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସମାଜ-ସାହିତ୍ୟ-ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟରତ ରଚନା ପକ୍ଷରୁ ସ୍ଥାନୀୟ ପିପି ଏକାଡେମୀ ସଭାକକ୍ଷରେ ଆମ ମଞ୍ଚ ନାଟକ: ଆଶା ଓ ଆଶଙ୍କା ଶୀର୍ଷକ ଆଲୋଚନାଚକ୍ର ଶନିବାର ସନ୍ଧ୍ୟାରେ ପିପି ଏକାଡେମୀଠାରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଅତିଥି ବକ୍ତା ଭାବେ ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଥନାପତି, ମଞ୍ଚଶିଳ୍ପୀ ଦତ୍ତାନନ୍ଦ ପଣ୍ଡା ଓ ରେଭେନ୍ସା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷା ଡ଼. ଆରତୀ ତ୍ରିପାଠୀ ଯୋଗଦେଇ ମଞ୍ଚ ନାଟକର ଇତିହାସ, ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ ସମ୍ଭାବନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ନିର୍ଦ୍ଦେଶକ ଅଶୋକ କୁମାର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି ମଞ୍ଚ ନାଟକକୁ ଆହୁରି ଗରିମାମୟ କରିବା ପାଇଁ ନାଟ୍ୟାନୁଷ୍ଠାନ, ନାଟ୍ୟକାର, ନିର୍ଦ୍ଦେଶକ ଓ କଳାକାରମାନଙ୍କ ସମ୍ମିଳିତ ଉଦ୍ୟମ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅତିଥି ବକ୍ତାମାନେ କହିଥିଲେ, ସାଧାରଣ ମଣିଷର କଥା, ବ୍ୟାଥା ଓ ଗାଥା ଏବଂ ସର୍ବୋପରି, ତାର ଜୀବନ ଓ ଅନୁଭୂତିକୁ ନେଇ ମଞ୍ଚସ୍ଥ ହେଉଥିବା ନାଟକ ଦର୍ଶକଙ୍କୁ ଆକୃଷ୍ଟ କରିବା ସହିତ ସମାଜରେ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ। ଆଜିକାଲି ମନୋରଞ୍ଜନର ବିଭିନ୍ନ ବିକଳ୍ପ ସହଜରେ ମିଳି ଯାଉଥିବାରୁ ଆମ ପାରମ୍ପରିକ ନାଟ୍ୟକଳା ସମ୍ମୁଖରେ ଏକ ବିରାଟ ଆହ୍ୱାନ ସୃଷ୍ଟି ହୋଇଛି। ଯୋଜନାବଦ୍ଧ ଭାବରେ ଏହାର ସାମ୍ନା କରିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ମଞ୍ଚ ନାଟକକୁ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଜିତେନ୍ଦ୍ରିୟ ତ୍ରିପାଠୀ ସଂଯୋଜନା କରିଥିଲେ। ରଚନା ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ। ସହରର ବହୁ ନାଟ୍ୟପ୍ରେମୀ, ମଞ୍ଚ କଳାକାର ଓ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଶାସ୍ତ୍ରୀୟ ସଙ୍ଗୀତ ସମାରୋହ

ଟିଟିଲାଗଡ଼,୧୬।୧୨
(ସନ୍ତୋଷ ପଟ୍ଟନାୟକ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳର ଅଗ୍ରଗାମୀ ସାଂସ୍କୃତିକ ସଂସଦ ପକ୍ଷରୁ ୨୪ତମ ବାର୍ଷିକ ମା' ଘଣ୍ଟେଶ୍ୱରୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର ସନ୍ଧ୍ୟା ୬ଟାରୁ ରବିବାର ସକାଳ ୬ଟା ପର୍ଯ୍ୟନ୍ତ ସ୍ଥାନୀୟ ମହାବୀର ପଞ୍ଚାୟତି ଧର୍ମଶାଳାଠାରେ ଆୟୋଜିତ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଦର୍ଶକଙ୍କ ମନ ମୋହିଥିଲା । କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରର ବିଶିଷ୍ଟ ଯନ୍ତ୍ର ବାଦକ ଏବଂ କଣ୍ଠଶିଳ୍ପୀ ଡ. ତାପସ ଘୋଷ, ସନ୍ତୋଷ ଦାଶ, ଶ୍ରୀତମା ଘୋଷ, ଅମିତ ରଥ, ଶଶିକାନ୍ତ ସାହୁ, ପ୍ରଦୀପ ପଣ୍ଡା, ନିକୁଞ୍ଜ ବିହାରୀ ସାମଲ, ଏଚ. ରାମଚରଣ, ଏମ. କାମେଶ, ଶୁଚିସ୍ମିତା ନନ୍ଦ, ଟିଏନ ଚୈତନ୍ୟ, ମୋନାଲି ଘୋଷ, ମୁରଲୀଧର ସ୍ୱାଇଁ, ପ୍ରକାଶ ରାଉତ, ସୁମନା ଭଟ୍ଟାଚାର୍ଯ୍ୟ, ମାନଭଞ୍ଜନ ମିଶ୍ର, ସୁପ୍ରଭାତ ଭଟ୍ଟାଚାର୍ଯ୍ୟ, ସୁଶାନ୍ତ ପାଣି, ସୌମ୍ୟରଞ୍ଜନ ଗାହାଣ, ସୁପ୍ରିୟା ପ୍ରିୟଦର୍ଶନୀ ପଣ୍ଡା, କୁଳମଣି ମିଶ୍ର, ରାଜକିଶୋର ପାଢ଼ୀ ସେମାନଙ୍କ ଉଚ୍ଚକୋଟୀର ସଙ୍ଗୀତ, କଳା ପ୍ରଦର୍ଶନ କରିଥିଲେ। ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅଧ୍ୟାପକ ଥିବା ସ୍ୱର୍ଗତ ପଞ୍ଚାନନ ମିଶ୍ରଙ୍କ ସ୍ମୃତିରେ ତାଙ୍କ ପୁଅ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଆଶିଷ ମିଶ୍ରଙ୍କ ପକ୍ଷରୁ ବିଶିଷ୍ଟ ସଙ୍ଗୀତଜ୍ଞ ଧନେଶ୍ୱର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଭାପତି ଡ. ଛାୟାକାନ୍ତ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ପ୍ରବୀଣ ଦାଶ ବିବରଣୀ ପାଠ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ପଙ୍କଜ ଜାଲ,. ମାନସୀ ପାଣିଗ୍ରାହୀ, ବ୍ୟଙ୍ଗ କବି ଟିକେଲାଲ ବେହେରା ତଥା ଅନୁଷ୍ଠାନର ସଦସ୍ୟ ଉମେଶ ଚନ୍ଦ୍ର ଦାଶ, ପ୍ରତାପ ତ୍ରିପାଠୀ, ବୁଲୁ ଦାଶ, ରଞ୍ଜନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଶିଷ୍ଟ କଳାକାର ମାନଭଞ୍ଜନ ମିଶ୍ର ସଙ୍ଗୀତ କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କରିଥିଲେ ।

### ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ପାଟଣାଗଡ,୧୬।୧୨
(ସଚ୍ଚିଦାନନ୍ଦ ମହାକୁର)

ପେଟ ପୋଷିବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅନେକ ସମୟରେ ଶ୍ରମିକଙ୍କ ଅକାଳ ମୃତ୍ୟୁ ଘଟୁଛି। ହେଲେ ଏଥିପ୍ରତି ସରକାର କି ପ୍ରଶାସନ କାହାରି ଚିନ୍ତା ଥିବା ପରି ମନେ ହେଉନି। ଫଳରେ ଏଭଳି ଘଟଣା ବଢି ଚାଲିଛି। ହାଇଦ୍ରାବାଦର ସାନସାନିବାଦ ଜିଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଛି। ମୃତ ଶ୍ରମିକ ଜଣକ ହେଲେ ପାଟଣାଗଡ଼ ଥାନା କୁଆଁବାଉଁଶ ଗ୍ରାମର ଶିବ ମାଝୀ।



ପ୍ରକାଶ ଯେ, ଶିବ ନିଜ ପରିବାର ଲୋକଙ୍କ ସହ ଖପ୍ରାଖୋଲ ଥାନା ଅଞ୍ଚଳର ଜଣେ ଦାଦନ ଦଲାଲଙ୍କ ଜରିଆରେ ହାଇଦ୍ରାବାଦ ରାଜ୍ୟକୁ ଇଟା ଗଢ଼ିବାକୁ ଯାଇଥିଲେ। ସେଠାରେ ଇଟାଭାଟି ମାଲିକ ଅତ୍ୟଧିକ କାମ କରାଇବା ଫଳରେ ଶିବ ଅସୁସ୍ଥ ହୋଇ ପଡ଼ିଥିଲେ। ଉପଯୁକ୍ତ ଚିକିତ୍ସା ଅଭାବରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେଠାରେ ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହ ସୋମବାର ଘରକୁ ଫେରିଛି। ଦଲାଲଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବେଆଇନ ଦାଦନ ଚାଲାଣ ଦିନକୁ ଦିନ ବୃଦ୍ଧି ପାଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ବୁର୍ଡା ପ୍ୟାକ୍ସରେ ଧାନକ୍ରୟ ପାଇଁ ଚାଷୀଙ୍କୁ ନେଇ ବୈଠକ

**କଟନୀ ଛଟନୀ, ଅଖାବସ୍ତାକୁ ନେଇ ଉଦ୍‌ବେଗ**

ଲୋଇସିଂହା,୧୬।୧୨(ସୁଶାନ୍ତ ବାରିକ)

ସୋମବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ ସମବାୟ ସମିତି ଅଧୀନ ଗ୍ରାମର ଚାଷୀଙ୍କୁ ନେଇ ଧାନକ୍ରୟ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବୁର୍ଡା ପ୍ୟାକ୍ସର ପରିଚାଳନା କମିଟି ସଭାପତି ବାଳଗୋପାଳ ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଥର ପାଇଁ ଧାନକ୍ରୟ ବୈଠକରେ ଶତାଧିକ ଚାଷୀ ଉପସ୍ଥିତ ରହିଥିବାରୁ ସଭାପତି ସାହୁ ଖୁସି ବ୍ୟକ୍ତ କରିବା ସହିତ ଧାନକ୍ରୟ ଉପରେ ମତାମତ ଦେବାକୁ ଚାଷୀଙ୍କୁ ଆହ୍ୱାନ କରିଥିଲେ। ଚଳିତବର୍ଷ ପଲିଥିନ ପ୍ୟାକେଟ ବଦଳରେ ଅଖାବସ୍ତାରେ ଧାନ କିଣିବାକୁ ସରକାର ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଡିସେମ୍ବର ୨ ଏବଂ ବୁର୍ଡା ପ୍ୟାକ୍ସ ପକ୍ଷରୁ ଡିସେମ୍ବର ୪ ତାରିଖରେ ଧାନକ୍ରୟ ଶୁଭାରମ୍ଭ କରାଯାଇଥିଲେ ସୁଦ୍ଧା ଅଦ୍ୟାବଧି ଜଣେ ମଧ୍ୟ ଚାଷୀଙ୍କ ଠାରୁ ଧାନ କିଣା ଯାଇ ନ ଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଫଏକ୍ୟୁ ଆଳରେ ନିକଟସ୍ଥ ପ୍ୟାକ୍ସଗୁଡିକରେ ମିଲର୍ସ ପକ୍ଷରୁ ୫ କେଜି ଧାନ କଟନୀ ଛଟନୀ କରିବାକୁ ଚୂଡାନ୍ତ ହୋଇଥିବା ବୁର୍ଡା ପ୍ୟାକ୍ସର ଜଣେ କର୍ମଚାରୀ ବୈଠକରେ କହିଥିଲେ। ପରୋକ୍ଷରେ ଉକ୍ତ ପ୍ୟାକ୍ସରେ ୫ କେଜି କଟନୀ ଛଟନୀ କରିବାକୁ ଉକ୍ତ କର୍ମଚାରୀ କହୁଥିବା କହି ବୈଠକରେ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରଥିଲେ। ପ୍ରକୃତରେ ଚାଷ ହୋଇଥିବା ଜମିର ପରିମାଣ କମାଯାଇ ଚାଷୀଙ୍କୁ କମ ପରିମାଣ ଧାନ ବିକ୍ରି ପାଇଁ ଟୋକନ ଦିଆଯାଇଛି। ସେହିପରି କେତେକ ଚାଷୀଙ୍କ ଜମି ରହିଛି ସତ ହେଲେ ସେମାନେ ଚାଷ ନ କରି ମଧ୍ୟ ଟୋକନ ହାତେଇ ଦଲାଲଙ୍କ ମାଧ୍ୟମରେ ଧାନ ବିକ୍ରି କରୁଥିବା ବୋର୍ଡ ସଭ୍ୟ ତଥା ପୂର୍ବତନ ସରପଞ୍ଚ ସହଦେବ ସା ଅଭିଯୋଗ କରିଥିଲେ। ଏପରି ଟୋକନରେ ଯଦି ଧାନ ବିକ୍ରି ହୁଏ ଓ ଏ ନେଇ ଅନିୟମିତତା କରାଯାଏ ତେବେ ପରିସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଥିଲେ। ଏହାଛଡା ଅଧିକାଂଶ ଚାଷୀ ଧାନ ଅମଳ କରି ପଲିଥିନ ପ୍ୟାକେଟରେ ଧାନ ଭର୍ତ୍ତି କରି ଧାନବିକ୍ରି ସକାଶେ ଘରେ ସଂରକ୍ଷଣ କରି ସାରିଲେଣି। ଏବେ ସେହି ବସ୍ତାରୁ ପୁଣି ଅଖାବସ୍ତାରେ ଭର୍ତ୍ତି କରି ଧାନ ମଣ୍ଡିକୁ ଆଣିବା ଆଉ ସମ୍ଭବପର ନୁହେଁ ବୋଲି ଚାଷୀ କହିଥିଲେ। ପୂର୍ବବର୍ଷ ଭଳି ନିଜସ୍ୱ ବସ୍ତାରେ ଧାନ ବିକ୍ରି କରିବାକୁ ଚାଷୀମାନେ ମତ ରଖିଥିଲେ। ଏନେଇ ଜିଲା ପ୍ରଶାସନକୁ ଫେରାଦ ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷେ ଉକ୍ତ ବୈଠକରେ ପ୍ୟାକ୍ସ ଦାୟିତ୍ୱରେ ଥିବା ନୋଡାଲ ଅଫିସର, ମିଲର୍ସ ଏବଂ ପ୍ୟାକ୍ସ ସମ୍ପାଦକ ଉପସ୍ଥିତ ରହି ନ ଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଡିସେମ୍ବର ୫ରୁ ଟୋକନ ଆସିଥିଲେ ସୁଦ୍ଧା ବୁର୍ଡା ପ୍ୟାକ୍ସକୁ କେହି ଚାଷୀ ଧାନ ବିକ୍ରି ପାଇଁ ଆଣି ନ ଥିବାରୁ ଧାନକ୍ରୟ ହୋଇ ନ ଥିବା ଅନ୍ୟ ଜଣେ ପ୍ୟାକ୍ସ କର୍ମଚାରୀ କହିଛନ୍ତି।

# ଜିଲାସ୍ତରୀୟ କରମା ମହୋତ୍ସବ ଉଦ୍‌ଯାପିତ

ବେଲପଡ଼ା,୧୬।୧୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ନାଗଫେଣା ଗ୍ରାମରେ ଜିଲା କରମସାନୀ ସାଂସ୍କୃତିକ କଳା ପରିଷଦ ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ୪ ଦିନ ଧରି ଚାଲିଥିବା ୧୧ତମ ଜିଲାସ୍ତରୀୟ କରମା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଷ୍ଠାତା ତଥା ତତ୍ତ୍ୱାବଧାରକ ବରିଷ୍ଠ କଳାକାର ଭୋଜରାଜ ସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବବ୍ରତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୀବନ୍ୟାସ ଓ ପଶ୍ଚିମ ଓଡ଼ିଶା ସଂଗଠନ ସଂପାଦକ ମୀନକେତନ ପ୍ରଧାନ, ଧୂମାଭଟା ସରପଞ୍ଚ ବନମାଳୀ ନାଏକ, ଯୁବା ସରପଞ୍ଚ ସୁଷମା ସେଠ, ସମିତି ସଭ୍ୟା ବାସନ୍ତୀ ବେନିଆ, ନାଏବ ସରପଞ୍ଚ ବବିତା ସୁନା, ବ୍ଲକ କଳାକାର ସଂଘ ଉପ ସଭାପତି ହରେକୃଷ୍ଣ ବାରିକ, ହାସ୍ୟ ଅଭିନେତା ଦୀନବନ୍ଧୁ ବର୍ଗତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ ମହୋତ୍ସବରେ ଅଞ୍ଚଳର ଲୁପ୍ତପ୍ରାୟ ଲୋକକଳା, ଲୋକନୃତ୍ୟ, କରମା, ସମ୍ବଲପୁରୀ, ଡାଲଖାଇ, ରସରକେଲି, ମାଏଲାଜଡ, ହଲିଆ ଗୀତ, ସଂକୀର୍ତ୍ତନ, ଘୋଡ଼ା ନାଚ, ଘୁଡୁକା, ଦଣ୍ଡନୃତ୍ୟ ଆଦି ପୁନଃଉଦ୍ଧାର ପାଇଁ କାଳାକାରମାନେ ନିଜ ନିଜ କଳା ପରିବେଷଣ କରିଥିଲେ। ଅଂଶଗ୍ରହଣ କରିଥିବା ୧୭ଜଣ ଗୁରୁ କଳାକାରଙ୍କୁ ଫୁଲତୋଡ଼ା, ମାନପତ୍ର, ଟ୍ରଫି ଆଦି ଦେଇ ପଶ୍ଚିମ ଓଡ଼ିଶା ପ୍ରତିଭା ଓ ମାତୃଶକ୍ତି ସମ୍ମାନରେ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଲୋକକଳା ଓ ଲୋକ ସଂସ୍କୃତିର ପୁନଃରୁଦ୍ଧାର ପାଇଁ ନାଗଫେଣା ଭଳି ଗାଁରେ ଏଭଳି ମହୋତ୍ସବ ଆୟୋଜନ କରାଯାଇଥିବାରୁ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ। ସରକାରଙ୍କ ତରଫରୁ କରମା ମହୋତ୍ସବ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଗଲେ ଏହା ଆହୁରି ସରସ ସୁନ୍ଦର କରାଯାଇପାରିବ ବୋଲି ଜୀବନ୍ୟାସ ସଂପାଦକ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିବା ସହ ସରକାରଙ୍କ କଳାକାର ଯୋଜନା ଉପରେ ସୂଚନା ଦେଇଥିଲେ। ଜିଲା କରମା ସାଂସ୍କୃତିକ କଳା ପରିଷଦର କାର୍ଯ୍ୟକାରୀ ସଭାପତି ଭେଙ୍କଟେଶ୍ୱର ଦାସ, ସଂପାଦକ ପଦ୍ମଚରଣ ମଲ୍ଲିକ, ସାଧୁଚରଣ ବିଶି, ବିଶନାଥ ସୁନା, ମୁରଲି ଦୀପ, ଟଙ୍କଧର ମେହେର, ଛଡ଼ସିନ୍ଧୁ ବାରିକ, ଲକ୍ଷ୍ମଣ ମେହେର, ରଣଜିତ ମାଝୀ, ସୁଦର୍ଶନ ମାଝୀ, ଉହକସନ ବରିହା, ଗୋବିନ୍ଦ ସୁନା, ଗୋବର ଧରୁଆ, ପୂଜକ ଶୁକ୍ରୁ ମାଝୀ, ଗୌର ବାଗ, ଫକିର ମାଝୀଙ୍କ ସମେତ ଶିବଶକ୍ତି, ବୀଣାପାଣି, ଲକ୍ଷ୍ମୀ, ଗୋଲାପି, ପ୍ରଗତି, ଜଗନ୍ନାଥ ଆଦି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଓ ଗ୍ରାମବାସୀ ସହଯୋଗ କରିଥିଲେ। ମୀନକେତନ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ କୈଳାଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



କଳାକାରଙ୍କୁ କରମା ମହୋତ୍ସବରେ ସମ୍ମାନିତ କରାଯାଉଛି ।

# ଜରାସିଂହା ପ୍ୟାକ୍ସରେ ଧାନ କ୍ରୟ ଶୁଭାରମ୍ଭ

- ମିଲର୍ସ ଓ ଚାଷୀଙ୍କ ଭିତରେ ଛିଡୁନି କଟନୀ ଛଟନୀ
- ଅନ୍ୟ ମଣ୍ଡିରେ ପଡ଼ିଛି ଧାନ

ଦେଓଗାଁ,୧୬।୧୨
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଜରାସିଂହା ପ୍ୟାକ୍ସରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଉଛି।

ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା କୃଷି ସେବା ସମବାୟ ସମିତିରେ ସୋମବାର ଧାନ କ୍ରୟ ଶୁଭାରମ୍ଭ କରାଯାଇଛି। ପ୍ୟାକ୍ସ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଆରସିଏସ ପ୍ରମୋଦ କୁମାର ବରିହା ଯୋଗଦେଇ ଧାନ କ୍ରୟର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ସୋମକେଶ ନାୟକ, ଆରଏମସିରୁ ଶରତ କୁମାର ମିଶ୍ର, କେନ୍ଦ୍ର ସମବାୟ ବ୍ୟାଙ୍କରୁ ଜ୍ୟୋସ୍ନାମୟୀ ପଧାନ, ସୁପରଭାଇଜର ସଞ୍ଜୀବ ଶତପଥୀ, ଧାନ କ୍ରୟ କମିଟିର ସଦସ୍ୟ ସୁନୀଲ ମେହେର, ପ୍ରଫୁଲ୍ଲ କରନ, ଛବିଳ ସିଂଚିନ୍ଦା ଯୋଗ ଦେଇଥିଲେ । ଏହି ଅବସରରେ ବଡଡୁଙ୍ଗୁରୀପାଲିର ଚାଷୀ ପ୍ରେମରାଜ ମେହେର, ଉଡାରର ଚାଷୀ ରାମକୃଷ୍ଣ ସାହୁ, ଜରାସିଂହାର ଚାଷୀ ସାଧୁ ବଘାର, ବରକାନୀର ସନ୍ୟାସୀ ମେହେର, ଚନ୍ଦ୍ରପୁରର ବସନ୍ତ ଭୁଏ ଓ ସାଲେପାଲିର ଦେବବ୍ରତ ସାମଲଙ୍କ ଠାରୁ ୨୪୯ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା । କାର୍ଯ୍ୟକ୍ରମକୁ ସମ୍ପାଦକ ତୀର୍ଥରାଜ ସାହୁ, ସହ ସଂପାଦକ ନୀଳକଣ୍ଠ ନାଏକ, ଡାଟା ଏଣ୍ଟ୍ରି ଅପେରେଟର ଭୀମଜାନ ବର୍ଗତି ପ୍ରମୁଖ ସହଯୋଗ କରିଥିଲେ । ଅପରପକ୍ଷରେ ବ୍ଲକର ଅନ୍ୟ ପ୍ୟାକ୍ସଗୁଡିକରେ ଚାଷୀ ଧାନ ବିକ୍ରି କରିବା ପାଇଁ ନେଇଥିବା ବେଳେ ଅଦ୍ୟାବଧି କୌଣସି ପ୍ୟାକ୍ସରୁ ଧାନ କିଣା ଯାଇପାରିନାହିଁ । ଚାଷୀଙ୍କ କହିବା ଅନୁଯାୟୀ, ଏଫଏକ୍ୟୁ ମାନର ଧାନ ଆସୁ ନ ଥିବା ଦର୍ଶାଇ ମିଲର୍ସ ଧାନ କିଣୁନାହିଁ । ଧାନ ବିକ୍ରି ନେଇ କଟନୀ ଛଟନୀ ଛିଣ୍ଡୁ ନ ଥିବାରୁ ପ୍ୟାକ୍ସ ଧାନକ୍ରୟ କରୁ ନ ଥିବା ଶୁଣିବାକୁ ମିଳୁଛି । ଫଳରେ ଏଯାଏ ବ୍ଲକର ଅନ୍ୟ ପ୍ୟାକ୍ସଗୁଡିକରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ । ରାଜ୍ୟ ସରକାର କଟନୀ ଛଟନୀ ନ କରିବାକୁ ଘୋଷଣା କରିଥିବା ବେଳେ ଏଭଳି ପରିସ୍ଥିତିରେ କଟନୀ ଛଟନୀକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି । ଫଳରେ ଚାଷୀ ହନ୍ତସନ୍ତ ହେବା ସାର ହେଉଛି । ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି ।

## ସଂକ୍ଷେପରେ

### କୋହିବାହାଲ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

ବିନିକା, ୧୬।୧୨ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୋହିବାହାଲ ଉଚ୍ଚବିଦ୍ୟାଳୟରେ ସୋମବାର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲୀଧର ବିଶ୍ୱାଳ କ୍ରୀଡା ଉତ୍ସବ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୧୪୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ମ୍ୟୁଜିକ ଚେୟାର, ଦୌଡ, ଲମ୍ବଡିଆଁ, ଉଚ୍ଚ ଡିଆଁ, ସଟ୍‌ପୁଟ, ଡିସକସ, ସାଇକେଲ ସ୍ଲୋ, ରଶିଡିଆଁ, ବସ୍ତା ଦୌଡ, ରିଲେ ରେସ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳଗୁଡ଼ିକୁ ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ ରୋହିତ ପୁଟେଲ, ଲୁଲୁଣ୍ଡା ହାଇସ୍କୁଲର ଖେଳ ଶିକ୍ଷକ ମନୋଜ ପାତ୍ର, କୋହିବାହାଲ ପ୍ରାଥମିକ ବିଦ୍ୟାଳୟର ସୁରେନ୍ଦ୍ର ସାହୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନଶିକ୍ଷକ ବିଶ୍ୱାଳ କହିଛନ୍ତି। ଏଥିରେ ଶିକ୍ଷକ କୁଞ୍ଜବିହାରି ସାହୁ, ଡୋଲାମଣି ପଧାନ, ଶେଷଦେବ ଛତ୍ର, ତପନେଶ୍ୱର ସାହୁ, ରଞ୍ଜୟ ଧରୁଆ, ସୁଦାମ ମାଝୀ, ଅଞ୍ଜଳି ଧରୁଆ, ଲଳିତ ମୋହନ ପଧାନ, ଅସର୍ପି କାଲସେ, ମନ୍ଦାକିନୀ ଡୁଙ୍ଗୁରୀ ପ୍ରମୁଖ ସହଯୋଗ କରିଥିଲେ।

# ଖେଲୋ ସର୍ଗୁଲ ୨୪ ଉଦ୍‌ଯାପିତ


ଖେଲୋ ସର୍ଗୁଲର ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ କୃତୀ ଛାତ୍ରୀଛାତ୍ର, କଳାକାର ଓ କର୍ମକର୍ତ୍ତା।

ଡୁଙ୍ଗୁରିପାଲି, ୧୬।୧୨ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସର୍ଗୁଲଠାରେ ପ୍ରୟାସ ସଙ୍ଗଠନ ପକ୍ଷରୁ ଖେଲୋ ସର୍ଗୁଲ ୨୪ ସିଜନ ୩ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଉତ୍ସବ ଉଦଘାଟିତ ହୋଇଥିଲା। ପ୍ରଥମ ଦିନ ଶନିବାର କ୍ରୀଡାର ବିଭିନ୍ନ ବିଷୟ ଉପରେ ପ୍ରତିଯୋଗିତା କରାଯାଇଥିଲା। ସର୍ବମୋଟ ୩୦ଟି ବିଷୟକୁ ନେଇ ପ୍ରତିଯୋଗିତା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖେଳକୁଦ ଅନୁଷ୍ଠିତ ହୋଇଥିଲା। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ପାଇଁ ମୋଟ ୯୦ ଗୋଟି ପୁରସ୍କାର ରାଶି ମାନପତ୍ର ଆୟୋଜନ କରାଯାଇଥିଲା। ଅଞ୍ଚଳର ସବୁବର୍ଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଖେଳଶିକ୍ଷକ ଯାଦବ ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ଖେଳକୁଦ କ୍ରୀଡାକୁ ସୂଚାରୁ ରୂପେ ସେ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସ ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଛାତ୍ରୀଛାତ୍ର, କୁନିକୁନି ଶିଶୁ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କବି ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ କବି ସମ୍ମିଳନୀରେ 'ପ୍ରୟାସ' ସଙ୍ଗଠନର ସଭାପତି ପ୍ରଫୁଲ୍ଲ ବାରିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସମ୍ପାଦକ ଜୈମିନି ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଡ. ସୁବାସଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ବିପ୍ରଚରଣ ସାହୁ, ପବିତ୍ର ମୋହନ ପାଣ୍ଡିଆ, ବନମାଳୀ ପୋଡ଼, ଦୀନବନ୍ଧୁ ସୁନା, ମହାଦେବ ଗଡତିଆ ଓ ସର୍ଗୁଲ ସରପଞ୍ଚ କୁଞ୍ଜିତ ପାଣ୍ଡେ, ସମିତିସଭ୍ୟ ପୁରନ୍ଦର ସାହୁ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ମାନପତ୍ର ସହ ଉପଢ଼ୌକନଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ମଧ୍ୟରେ ବିଶେଷ ଆକର୍ଷଣଥିବା କବାଡି ପ୍ରତିଯୋଗିତାରେ କଦଳିମୁଣ୍ଡା ଦଳକୁ ପରାଜିତକରି ଚାମ୍ପିୟନ ହୋଇଥିବା ସର୍ଗୁଲ କବାଡିଦଳକୁ ଟ୍ରଫି ସହ ମାନପତ୍ର ଦିଆଯାଇଥିଲା। ରାତ୍ରିର ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚରେ ଡୁଙ୍ଗୁରିପାଲିକୁ ଉପଖଣ୍ଡ ଜିଲା ଚିକିତ୍ସାଳୟ ମାନ୍ୟତା, ଶବ ବ୍ୟବଚ୍ଛେଦ କେନ୍ଦ୍ର ଓ ରକ୍ତ ଭଣ୍ଡାର ସଂଗ୍ରହ ଗୃହ, ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆଗାମୀ ଦିନରେ ଦାବି ଏବଂ ସଙ୍ଗଠନ ପକ୍ଷରୁ ଆସନ୍ତା ଡିସେମ୍ବର ୨୯ତାରିଖରୁ ଦସ୍ତଖତ ଅଭିଯାନ ଆରମ୍ଭ କରାଯିବ ବୋଲି ଘୋଷଣା କରିବା ସହ ଉକ୍ତ ବିଷୟକୁ ନେଇ ଏକ ବେନର ଉନ୍ମୋଚନ କରାଯାଇଥିଲା। ସର୍ଗୁଲଠାରେ ଏକ ରକ୍ତଦାନ ଶିବିର କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ପରେ ବ୍ୟଙ୍ଗକବି ସଚି ପଣ୍ଡା, ନକୁଲ ମେହେର,ମନୋରଞ୍ଜନ ଲୁହାଙ୍କ କବିତା ପାଠ ମଞ୍ଚରେ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଛାତ୍ରୀଛାତ୍ର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ, ରସରକେଳି, ଡାଲଖାଇ, ମାଇଲାଜଡ଼ ନୃତ୍ୟଗୀତ ଦର୍ଶକମାନଙ୍କୁ ରାତି ତମାମ ବାନ୍ଧି ରଖିଥିଲା। ସଙ୍ଗଠନର କ୍ରୀଡା ସଭାପତି ଦେବାନନ୍ଦ ବାଘ ଓ କ୍ରୀଡା ସମ୍ପାଦକ ଦିଲ୍ଲୀପ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜା ରଣା, ଘନଶ୍ୟାମ ସାହୁ, ଅମିତାବ ଗୁରୁ, ସୁରେନ ସାହୁ, ସିଦ୍ଧାନ୍ତ ମେହେର ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# କୁକୁର କାମୁଡ଼ାରେ ୨୦ ଆହତ


କୁକୁର କାମୁଡ଼ାରେ ଆହତମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

### ସୁବର୍ଣ୍ଣପୁରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ

ସୋନପୁର, ୧୬।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରବିବାର ସହରର ପଟାଭାଡି, ଧୀବରପଡା, ଥନାପତିପଡା, ନୂଆମାଲିପଡା ଓ ଅନ୍ୟ ଅଞ୍ଚଳରୁ ୧୭ ଜଣ କୁକୁର କାମୁଡାରେ ଆହତ ହୋଇଥିଲେ। ସୋମବାର ପୁଣି ମଝିପଡା ରାମ ମନ୍ଦିର ପଛପାର୍ଶ୍ୱ ଓ ବ୍ଲକ ଛକରେ ୩ ଜଣ କୁକୁର କାମୁଡାରେ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। କୁକୁର କାମୁଡାରେ ଆହତ ବ୍ୟକ୍ତିମାନେ ହେଲେ ମଝିପଡାର ରଞ୍ଜୁ ସାହୁ, ବନବାସୀ ନାଏକ, ଧୀବରପଡାର ସିଦ୍ଧାନ୍ତ ପଧାନ, ପଟାଭାଡିର ଅଲକା ମେହେର, ଥନାପତିପଡାର ସୌମ୍ୟ ପ୍ରଧାନ, ବ୍ଲକ ଛକର ଗୋଲକ ସାହୁ ଓ ନୂଆ ମାଲିପଡାର ଗିରି ଗୋବର୍ଦ୍ଧନ ମହାପାତ୍ର ବୋଲି ଜଣାପଡିଛି। କୁକୁର କାମୁଡାରେ ଅନ୍ୟ ଆହତଙ୍କ ପରିଚୟ ମିଳି ପାରିନି। ସହରର ମୁଖ୍ୟ ଛକ ଓ ଗଳିମାନଙ୍କରେ ଦଳଦଳ ହୋଇ କୁକୁର ବୁଲୁଛନ୍ତି। ଶିଶୁ, ମହିଳା ଓ ବୟସ୍କମାନେ ଘରୁ ବାହାରକୁ ବାହାରିଲେ ବୁଲା କୁକୁର ଆକ୍ରମଣ କରୁଛନ୍ତି। ଜିଲାରେ କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ବନ୍ଧ୍ୟାକରଣ ଯୋଜନା କିମ୍ବା ବୁଲା କୁକୁରଙ୍କୁ ଧରି ବାହାରେ ଛାଡିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ନାହିଁ। ତେଣୁ ସହରରେ ବୁଲା କୁକୁରଙ୍କ ସଂଖ୍ୟା ଅନେକ ପରିମାଣରେ ବୃଦ୍ଧି ପାଇଛି। ସେହିପରି ପଡୋଶୀ ଜିଲାରୁ ବୁଲା କୁକୁରଙ୍କୁ ଟ୍ରକ୍‌ରେ ଆଣି ସହର ଉପକଣ୍ଠ ଅର୍ଜୁନପୁର ଜଙ୍ଗଲରେ ଛାଡି ଦିଆ ଯାଉଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୧ ବର୍ଷ ମଧ୍ୟରେ ୮୯୩ ବ୍ୟକ୍ତି କୁକୁର କାମୁଡା ଯୋଗୁ ଚିକିତ୍ସିତ ହୋଇଛନ୍ତି। ଏଭଳି ସ୍ଥିତିରେ ପୌର ପ୍ରଶାସନ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ସହ ଓ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

# ଉର୍ସ ଉତ୍ସବ ଉଦ୍‌ଯାପିତ

ତରଭା, ୧୬।୧୨ (ମାନଭଞ୍ଜନ ମିଶ୍ର)

ଭାଇଚାରାର ସହର ସୁବର୍ଣ୍ଣପୁର ଜିଲାର ତରଭାରେ ଫକୀର ବାବାଙ୍କ ୨ ଦିନ ଧରି ଚାଲିଥିବା ଉର୍ସ ଉତ୍ସବ ଶେଷ ହୋଇଯାଇଛି। ହଜରତ ସାୟାଦ ଅବଦୁଲ ଶକୁରସାହା ଅଲେହେ ଓରଫ ଫକୀର ବାବାଙ୍କ ୪୨ତମ ଉର୍ସ ଉତ୍ସବ ପାଇଁ ଶନିବାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୬ଟି ଚାଦର ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସନ୍ଧ୍ୟା ୭ଟା୩୦ରେ ଶୋଭାଯାତ୍ରାରେ ଆସିଥିବା ଚାଦର ମସଜିଦରେ ପହଞ୍ଚିବା ପରେ ଫକୀର ବାବା ଓ ଅମ୍ମାଜାନଙ୍କ ମଜାରରେ ଚାଦର ଚଢା ଯାଇଥିଲା। ଉର୍ସ ଉତ୍ସବର ୨ୟ ଦିନ ରବିବାର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଦର ଫକୀର ବାବାଙ୍କ ମଜାରରେ ଚାଦର ଚଢା ଯାଇଥିଲା। ରାତ୍ରରେ ୧୦ଟା ୫ମିନିଟ ସମୟରେ ପାରମ୍ପରିକ ସମ୍ପ୍ରଦାୟ ନୀତି ଅନୁଯାୟୀ କୁଲ ଫାତିଆ କାର୍ଯ୍ୟକ୍ରମ ପରେ ଉର୍ସ ଉତ୍ସବ ଶେଷ ହୋଇଥିଲା। ରବିବାର ସନ୍ଧ୍ୟାରେ ପୂର୍ବତନମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ନିରଞ୍ଜନ ପୂଜାରୀ ବାବାଙ୍କ ପୀଠରେ ଚାଦର ଚଢାଇବା ସହ ଦର୍ଶନ କରିଥିଲେ। ତରଭା ମସଜିଦ ମଜାର କମିଟି ସଭାପତି ଗୁଲାମ ଫାରୁକ ଆଜମ ଖାନ, (ସେହେବାଜ)ଙ୍କ ସହ ଉପ ସଭାପତି ଖୁଆଜ ମହମ୍ମଦ, ସମ୍ପାଦକ ଅସଲାମ ଖାନ, କୋଷାଧ୍ୟକ୍ଷ ମୁଜିଦ ଖାନ, ପୂର୍ବତନ ସଭାପତି ଅଜନବି ଖାନ, ଆକବର ଅଲ୍ଲୀ, ନବାବ ଖାନ, ନସାଦ ମହମ୍ମଦ, ଇମ୍ରାନ ଖାନ, ଗୁଲାମ କାଦର ଖାନଙ୍କ ସମେତ କମିଟିର ସମସ୍ତ ସଭ୍ୟ, ବିଭିନ୍ନ ଅଞ୍ଚଳରୁ ଆସିଥିବା ମୁସଲିମ ସମ୍ପ୍ରଦାୟ ବିଶିଷ୍ଟ ବ୍ୟକ୍ତି, ସହଯୋଗୀ, ତରଭା, ଖଲିଆପାଲି ସମ୍ପ୍ରଦାୟ ବ୍ୟକ୍ତି, ସମସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଶୋଭାଯାତ୍ରା ଓ ଉର୍ସ ଉତ୍ସବକୁ ଶୃଙ୍ଖଳିତ କରିବା ପାଇଁ ଶନିବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସୁବର୍ଣ୍ଣପୁର ଏସ୍‌ପି ରାମପ୍ରସାଦ ସାହୁ, ଅତିରିକ୍ତ ଏସ୍‌ପି ବୀରେନ୍ଦ୍ର ନାଏକ, ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ ପ୍ରମୁଖ ସ୍ଥିତି ଅନୁଧ୍ୟାନ କରିଥିଲେ। ତରଭା ଆଇଆଇସି ଅନିତା କିଡୋଙ୍କ ନେତୃତ୍ୱରେ ଜିଲାସ୍ତରୀୟ ସମସ୍ତ ଅଧିକାରୀ ଓ ପ୍ରାୟ ୮ ପ୍ଲାଟୁନ ପୋଲିସ ମୃତୟନ ହୋଇ ଥିବାର ସୂଚନା ରହିଛି।


ତରଭାରେ ଅନୁଷ୍ଠିତ ଉର୍ସ ଉତ୍ସବ।

# 'ସୁଖ ହଜିଗଲା ଅଧାବାଟରେ' ମଞ୍ଚସ୍ଥ


ନାଟକ ପ୍ରାରମ୍ଭରେ ଅତିଥିମାନେ।

ଅମରପାଲି, ୧୬।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡ଼ବର୍ଡ଼ାକଟା ଠାରେ ମାହେଶ୍ୱରୀ ନାଟ୍ୟ ସଂସଦ ତରଫରୁ ମାସବ୍ୟାପି ଲକ୍ଷ୍ମୀପୂଜା ଉଦ୍‌ଯାପନୀ ଅବସରରେ ସାମାଜିକ ନାଟକ 'ସୁଖ ହଜିଗଲା ଅଧା ବାଟରେ' ମଞ୍ଚସ୍ଥ ହୋଇଯାଇଛି। ୧୯୮୪ ମସିହାରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀପୂଜା ଚଳିତବର୍ଷ ଚାଳିଶ ବର୍ଷରେ ପଦାର୍ପଣ କରିଛି। ପୂର୍ବରୁ ଗ୍ରାମର କଳାକାରମାନଙ୍କ ଦ୍ୱାରା ମାର୍ଗଶିର ମାସ ପ୍ରତି ଗୁରୁବାର ପୌରାଣିକ ନାଟକ ଲକ୍ଷ୍ମୀ ପୁରାଣ କରାଯାଉଥିଲା। ମାତ୍ର କିଛି ବର୍ଷ ହେବ ସାମାଜିକ ନାଟକ ପରିବେଷଣ କରାଯାଉଛି। ଏହି ଅବସରରେ ଚଳିତବର୍ଷ ସାମାଜିକ ନାଟକ ସୁଖ ହଜିଗଲା ଅଧା ବାଟରେ ପରିବେଷଣ କରିଥିଲେ ନାଟ୍ୟ ସଂସଦର ସଦସ୍ୟମାନେ। ପ୍ରାରମ୍ଭରେ ଆୟୋଜିତ ସାଂସ୍କୃତିକ ସଭାରେ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା,ଚମ୍ପାମାଲ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ମାହେଶ୍ୱରୀ ନାଟ୍ୟ ସଂସଦ ସଭାପତି ରତନ ନାୟକ, ଉପଦେଷ୍ଟା ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହିତ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ହିମାଂଶୁ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଆନନ୍ଦ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଦେବବ୍ରତ ପୁରୋହିତ ଓ ନରେଶ ପଧାନ ନିର୍ଦ୍ଦେଶିତ ନାଟକରେ ଅଗସ୍ତି ରଣା, ସୁମନ ବେଲଘରିଆ, ସାନ ଦେହେରି, ବିଦ୍ୟା ଦେହେରି, ସୁନୁ ପୁରୋହିତ,ଗଣେଶ କର୍ଣ୍ଣ, ଶଙ୍ଖବ୍ରତ ପୁରୋହିତ, ରଥି ଗାଇଗରିଆ, ବିଶ୍ୱ ଗାଇଗରିଆ, ବିନୋଦ ଗାଇଗରିଆ, ବୁଦ୍ଧଦେବ ସାହୁ, ବ୍ୟାସଦେବ ସାହୁ ପ୍ରମୁଖ ଅଭିନୟ କରିଥିଲେ।

# ଏନାଲାଇଜର ମେଶିନକୁ ବିରୋଧ କରି ଚାଷୀ ମେଳି

ବିନିକା, ୧୬।୧୨ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ମାର୍କେଟ ୟାର୍ଡ୍‌ରେ ଏନାଲାଇଜର ମେଶିନକୁ ବିରୋଧ କରାଯାଇଛି। ସୋମବାର ଚାଷୀ ନେତା ତଥା ଶ୍ରୀଗଣେଶ କୃଷକ ସଙ୍ଗଠନର ସଭାପତି ଅଜିତ ପଣ୍ଡାଙ୍କ ଆହ୍ୱାନ କ୍ରମେ ଓ ନେତୃତ୍ୱରେ ଅଞ୍ଚଳର ଶତାଧିକ ଚାଷୀ ଏକଜୁଟ ହୋଇ ଆର୍‌ଏମ୍‌ସି ପ୍ରାଙ୍ଗଣରେ ରୁଣ୍ଡ ହୋଇଥିଲେ। ବିନିକା ବ୍ଲକରେ ଚାଲିଥିବା ଯୁଗ୍ମ ଶୁଣାଣିକୁ ଆସି ଏନାଲାଇଜର ମେଶିନ ହଟାଇବା ପାଇଁ ଜିଲାପାଳଙ୍କୁ ଦାବି କରିଥିଲେ। ଏପଟେ ଜିଲାପାଳଙ୍କୁ ପଚାରିବାରୁ ଏନାଲାଇଜର ମେଶିନରେ ଧାନର କ୍ୱାଲିଟି ଖରାପ ବାହାରିଥିବା ଚାଷୀ ଅଭିଯୋଗ କରିଥିବାରୁ ଏହାର ସମାଧାନ କରାଯିବ ବୋଲି କହିଛନ୍ତି। ସେପଟେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୪ ସେକ୍ସନ ପୋଲିସ ଫୋର୍ସ ସହିତ ୪ ଜଣ ପୋଲିସ ଅଫିସର ମୁତୟନ କରାଯାଇଛି। ଦିନେ ୨ ଦିନ ମଧ୍ୟରେ ପ୍ରଶାସନ ସମାଧାନ ନ କଲେ ବିରାଟ ଆନ୍ଦୋଳନ କରାଯିବ ବୋଲି କୃଷକ ସଙ୍ଗଠନର ସଭାପତି ପଣ୍ଡା ଚେତାବନୀ ଦେଇଛନ୍ତି।


ବିନିକା ଚାଷୀ ଏନାଲାଇଜର ମେଶିନ ବିରୋଧରେ ମେଳି କରିଛନ୍ତି।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଶାଖା ଗଠିତ

ସୋନପୁର, ୧୬।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଶାଖା ଗଠିତ ହୋଇଯାଇଛି। ସହରସ୍ଥିତ ଶ୍ରୀଗୋପାଳ ଜୀ ଯୋଗାଳୟ ସାଧନା ପୀଠରେ ଗରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଓଡ଼ିଶା ସଂଯୋଜକ ଗିରିଜା ଶଙ୍କର ରଥ ଯୋଗଦାନ କରି ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଡ. ଜ୍ୟୋତିରଞ୍ଜନ ବହିଦାର, ଡ. ପ୍ରଫୁଲ୍ଲ ରଥ ଓ ଡ. ଆର୍ତ୍ତତ୍ରାଣ ବାବୁ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ ପରିଷଦ ଶାଖା ଗଠନ ହୋଇଥିଲା। ସଭାପତି ଭାବେ ଡ. ଜ୍ୟୋତିରଞ୍ଜନ ବହିଦାର, ଉପସଭାପତି ଭାବେ ଡ.ପ୍ରଫୁଲ୍ଲ ରଥ, ସମ୍ପାଦକ ଭାବରେ ଡ. ଆର୍ତ୍ତତ୍ରାଣ ବାବୁ, ସହ ସମ୍ପାଦକ ଭାବରେ ପଙ୍କଜ ଖମାରୀ, କୋଷାଧ୍ୟକ୍ଷ ଭାବେ ଦେବ କିଶୋର ଦାନୀ ଓ ସଂଯୋଜକ ଭାବେ ପ୍ରଦୀପ ପୁରୋହିତଙ୍କୁ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ଗୋରେଖ ନାଥ ସାହୁ ଓ ରମେଶ ପ୍ରସାଦ ନାୟକଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ମନୋନୀତ କରାଯାଇଥିଲା। ସୋନପୁରରୁ ଆଦିତେଶ୍ୱର ମିଶ୍ର, ସୁଦାମ ନାଏକ, ଶ୍ରୀଧର ବାଗ, ବିନିକାରୁ ପ୍ରମୋଦ ପଣ୍ଡା, ତରଭାରୁ ଜୟପ୍ରକାଶ ସାହୁ, ବୀରମହାରାଜପୁରରୁ ଦିତିକୃଷ୍ଣ ପଣ୍ଡା, ଉଲୁଣ୍ଡାରୁ ଯୋଗିନ୍ଦ୍ର ପଣ୍ଡା ଓ ଡୁଙ୍ଗୁରିପାଲିରୁ ସୁବାସ ପାତ୍ରଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି।

# ମାରୱାଡି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

### ୩୫ ୟୁନିଟ୍ ରକ୍ତ ସଂଗ୍ରହ

ସୋନପୁର, ୧୬।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ଆହ୍ୱାନ କ୍ରମେ ମାରୱାଡି ଯୁବାମଞ୍ଚ ସୁବର୍ଣ୍ଣପୁର ଶାଖା ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ସହର ଭଗବତୀପ୍ଲଟ ସ୍ଥିତ ମାରୱାଡି ଧର୍ମଶାଳା ପରିସରରେ ଏହି ଶିବିର ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ମହାପୂଣ୍ୟ। ରକ୍ତଦାନ କରି ରକ୍ତ ଅଭାବରୁ ମୃତ୍ୟୁବରଣ କରୁଥିବା ମୂଲ୍ୟବାନ ଜୀବନକୁ ରକ୍ଷା କରିବା ଏକ ମହତ କାମ ବୋଲି ପ୍ରଧାନ କହିଥିଲେ। ସମ୍ମାନିତ ଅତିଥି ଭାବରେ ମାରୱାଡି ସମାଜର ସଭାପତି ଗୋପାଳ ପ୍ରସାଦ ଭୁତ, ଯୁବାମଞ୍ଚ ସଭାପତି ମନୋଜ ଅଗ୍ରୱାଲ, ସମ୍ପାଦକ ଅଙ୍କିତ ଅଗ୍ରୱାଲ, ଅମିତ ଅଗ୍ରୱାଲ ଓ ରକ୍ତଦାନ ଶିବିର ଆବାହକ ନନ୍ଦଲାଲ ଅଗ୍ରୱାଲ ମଞ୍ଚାସୀନ ଥିଲେ। ଲେଫ୍ଟନାଣ୍ଟ ଆଶିଷ କୁମାର ଅଗ୍ରୱାଲ ସଭାକୁ ସଂଯୋଜନା କରିଥିଲେ। ମାରୱାଡି ମହିଳା ସମିତିର ସଭାନେତ୍ରୀ ମୁନି ଅଗ୍ରୱାଲ, ମୀନା ଅଗ୍ରୱାଲ, ଉର୍ମିଳା ଅଗ୍ରୱାଲ, ପ୍ରାଚୀ ଅଗ୍ରୱାଲ, ରାଘବ ଅଗ୍ରୱାଲ, ସନ୍ତୋଷ ଶର୍ମା, ଶେଖର ଅଗ୍ରୱାଲ ଓ ପବନ ଅଗ୍ରୱାଲ ପ୍ରମୁଖ ମାରୱାଡି ସମାଜ, ମହିଳା ସମିତି, ଯୁବା ମଞ୍ଚର କର୍ମକର୍ତ୍ତା ଓ ସଦସ୍ୟମାନେ ଶିବିର ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡାକ୍ତର ଗୌରିଶଙ୍କର ମେହେରଙ୍କ ତତ୍ତ୍ୱାବଧାନରେ ଜିଲା ରକ୍ତ ଭଣ୍ଡାର ଟେକ୍‌ନିସିଆନ ଜଗତ ଦରୱାନ ଓ ଟିଟୁ ଭୋଇ ରକ୍ତ ସଂଗ୍ରହ କରିଥିଲେ।


ଶିବିରରେ ଦୁଇ ଯୁବତୀ ରକ୍ତଦାନ କରୁଛନ୍ତି।

# ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକ

ଅମରପାଲି, ୧୬।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଲୟା ଗ୍ରାମ ପଞ୍ଚାୟତ ସଭାଗୃହ ଠାରେ ରେଆର ତରଫରୁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତାରେ ଗ୍ରାମପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବଲୟା ସରପଞ୍ଚ ପ୍ରମୋଦ ମହାପାତ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ନାଏବ ସରପଞ୍ଚ ଜୟନ୍ତୀ ମେହେର, ସୁବଲୟା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସର୍ଣ୍ଣଲତା ବେହେରା, ଯୋଗାଣ ସହାୟକ ଭରତ ଖମାରୀ,ବନ୍ୟା ଆଶ୍ରୟ ସ୍ଥଳୀ ପରିଚାଳନା କମିଟି ର ସମ୍ପାଦକ ଚକ୍ରଧର ପଧାନ,ଏମ ବି କେ ବବିତା ରାଣୀ ମହାପାତ୍ର ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ବିଶ୍ୱମ୍ଭର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ମିତ୍ରଭାନୁ ମଲ୍ଲିକ ବୈଠକ ର ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ରେ ପଞ୍ଚାୟତ ର ସିଆରପି, ୱାର୍ଡ ସଭ୍ୟ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ର ସଦସ୍ୟା ମାନେ ଉପସ୍ଥିତ ଥିଲେ। ଶେଷରେ ସୁଦାମ ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୁତୁରପଙ୍କ କ୍ରିକେଟ କପ୍‌ର ଚଏସ୍ ଲକିଂ ଉତ୍ସବ

- ଅଂଶଗ୍ରହଣ କରିବେ ରାଜ୍ୟ ଓ ରାଜ୍ୟ ବାହାରର ୯ ଦଳ
- ଡିସେମ୍ବର ୨୨ ରୁ ୨୯ ହେବ ମ୍ୟାଚ

ଅମରପାଲି, ୧୨।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ଗ୍ରାମରେ ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆସନ୍ତା ୨୨ରୁ ଆରମ୍ଭ ହେବ ୨୮ତମ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ୯ ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଛନ୍ତି। ଏହାର ଫାଇନାଲ ଡିସେମ୍ବର ୨୯ରେ ହେବ। ଟୁର୍ଣ୍ଣାମେଣ୍ଟରେ ସମସ୍ତ ୯ଟି ଦଳ ପାଇଁ ଏହାର ଚଏସ ଲକିଂ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟିର ସଭାପତି ସୁଶିଲ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜୋନ –୧ ଜିଲା ପରିଷଦ ସଭ୍ୟ ଲବ କୁମାର ସହୁ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ଗ୍ରାମ୍ୟ ପରିଚାଳନା କମିଟିର ସଭାପତି କଳ୍ପତରୁ ମହାକୁର, ସ୍ଥାନୀୟ ଦିବ୍ୟ କିଶୋର ପାଠାଗାରର ସଭାପତି ବୀରେନ ପ୍ରଧାନ, ବିଶିଷ୍ଟ ବ୍ୟବସାୟୀ ଗୋପାଳ ନେଗୀ,ସଞ୍ଜୟ ବଡପଣ୍ଡା, ସୁବାସ ପଣ୍ଡା, ମନୋଜ ମଲ୍ଲିକ, ପିଙ୍କୁଲ ଚନ୍ଦ୍ର ପଣ୍ଡା, ରାମ ନାରାୟଣ ହୋତା, ଘନ ଚିରଗୁନ, ରଞ୍ଜୁ ଅମାତ, ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ନେଇ ନିଜ ନିଜର କ୍ରୀଡ଼ାବାର୍ତ୍ତା ପ୍ରଦାନ କରିଥିଲେ। ସଭା ପରେ ଚଏସ ଲକିଂ ମାଧ୍ୟମରେ ଟିମ୍‌ଗୁଡ଼ିକୁ ଫ୍ରାଞ୍ଚାଇଜମାନେ ପାଇଥିଲେ। ଚଳିତବର୍ଷ ଉକ୍ତ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରର ୯ ଟି ଦଳ ଅଂଶ ଗ୍ରହଣ କରୁଛନ୍ତି। ଓଡ଼ିଶା ରୁ ଏସଡିସିଏ ସୁବର୍ଣ୍ଣପୁର ଓ ସ୍ୱାର୍ଟନ ଭୁବନେଶର ଦଳ ଅଂଶ ଗ୍ରହଣ କରୁଛନ୍ତି। ଏହା ସହିତ ଏନଏନଏସ ପ୍ରୟାଗରାଜ (ୟୁପି), ଗୁଲବର୍ଗା ସିଟି –୧୧ କର୍ଣ୍ଣାଟକ, ବିରାଟ କ୍ରିକେଟ କ୍ଲବ କୋଲକତା (ପଶ୍ଚିମବଙ୍ଗ), ଏନସିଏ ବିଶାଖାପାଟନା (ଆନ୍ଧ୍ରପ୍ରଦେଶ), ପାନ୍ଥର କ୍ରିକେଟ କ୍ଲବ ହଜାରୀବାଗ(ଝାଡଖଣ୍ଡ), ବାଘଲପୁର କ୍ରିକେଟ କ୍ଲବ ପାଟନା (ବିହାର) ଏବଂ କ୍ୟୁସିଆଇ ୱାରିଆର ଛତିଶଗଡ଼ ଦଳ ଅଂଶ ଗ୍ରହଣ କରୁଛନ୍ତି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଦଳକୁ ଟ୍ରଫି ସହିତ ନଗଦ ୫୦ ହଜାର ଓ ରନର୍ସ ଅପ ଦଳକୁ ଟ୍ରଫି ସହିତ ନଗଦ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ସହିତ ଅନ୍ୟାନ୍ୟ ପୁରସ୍କାର ରାଶି ମଧ୍ୟ ରହିଛି। ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟହ ବିଶିଷ୍ଟ ଜନପ୍ରତିନିଧି, ପ୍ରଶାସକ, ବ୍ୟବସାୟୀ, ସମାଜସେବୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଚଏସ ଲକିଂ କାର୍ଯ୍ୟକ୍ରମରେ ଆୟୋଜକ ସମ୍ପାଦକ ମାଧବ ମହାକୁର, ଉପସଭାପତି ଟୁଟୁ ମହାକୁର, ସହସମ୍ପାଦକ ଆଶିଷ ମେହେର ଓ କୋଷାଧ୍ୟକ୍ଷ ଦେବରାଜ ମହାକୁରଙ୍କ ସମେତ ଗ୍ରାମ୍ୟ ପରିଚାଳନା କମିଟିର ସମ୍ପାଦକ ସନାତନ ମହାକୁର, ସୁଧୀର ପ୍ରଧାନ, ଶଶାଙ୍କ ପ୍ରଧାନ, ସୁନିଲ ପ୍ରଧାନ, ବିକାଶ ମହାକୁର, ସତ୍ୟଜିତ ମହାକୁର, ରାଧା ମାଧବ ବେହେରା, ପୃଥ୍ୱୀରାଜ ମହାକୁର, ପ୍ରମୋଦ ବେଦୋକ୍ତା, ରାକେଶ ପ୍ରଧାନ, ଦୀପକ ପଧାନ, ଡୁଗୁ ପ୍ରଧାନ, ପ୍ରାଣବନ୍ଧୁ ଭୁକ୍ତା, ବିମଳ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ। ଶେଷରେ ପ୍ରଭୁଦତ୍ତ ବେଦୋକ୍ତା ଧନ୍ୟବାଦ ଅର୍ପଣ କରିଥିଲେ।


ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପର ଚଏସ ଲକିଂ ଉତ୍ସବରେ ଅତିଥିମାନେ।

## ଦୃଷ୍ଟିହୀନ ବିଦ୍ୟାଳୟ ଅନ୍ତେବାସୀଙ୍କୁ ସହାୟତା



ରାଉରକେଲା,୧୬।୧୨(ଦିନେଶ ମିଶ୍ର): ରାଉରକେଲା ଛେଣ୍ଡ କଲୋନୀ ସ୍ଥିତ ବାଗୁଡିରେ ଥିବା ବ୍ୟାଙ୍କ କର୍ମଚାରୀ ଆବାସିକା ସମବାୟ ସଂଘର ଏକ ପ୍ରତିନିଧି ଦଳ ଲାଠିକଟା କର୍ଲାଖମନଠାରେ ଥିବା ରାଧାକୃଷ୍ଣ ଦିବ୍ୟାଙ୍ଗ(ଦୃଷ୍ଟିହୀନ) ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ଗସ୍ତ କରି ସୋମବାର ସହାୟତା ପ୍ରଦାନ କରିଛନ୍ତି। ସଂଘର ସଭାପତି ଉମେଶ ଚନ୍ଦ୍ର ପ୍ରଧାନ ଓ କୋଷାଧ୍ୟକ୍ଷ ବିଜୟ କୁମାର ପାତ୍ର ଏହି ଅବସରରେ ବିଦ୍ୟାଳୟର ପରିଚାଳକ ଗୋପିନାଥ ନାୟକଙ୍କ ସହାୟତାରେ ୩୧ ବାଳକ ଓ ୨୬ ବାଳିକାଙ୍କୁ ୫୭ ହଳ ଚପଲ ବିତରଣ କରିଥିଲେ। ପରେ ଅନୁଷ୍ଠାନର କର୍ମକର୍ତ୍ତାଗଣ ଏକତ୍ରିତ ହୋଇ ଦୃଷ୍ଟିହୀନ ଅନ୍ତେବାସୀଙ୍କ ସହ କିଛି ସମୟ ମତବିନିମୟ କରିବା ପରେ ସେମାନଙ୍କୁ ମିଷ୍ଟାନ ପ୍ରଦାନ କରିଥିଲେ। ସଂଘର ଏଭଳି କାର୍ଯ୍ୟପାଇଁ ବିଦ୍ୟାଳୟର ପରିଚାଳକ ନାୟକ ସାଧୁବାଦ ଜଣାଇଥିଲେ।

# ୨୧ରୁ ଖରିଫ ଧାନକିଣା ଆରମ୍ଭ

**ପାନପୋଷ କୃଷି ଜିଲା**
- ୧୩ ପ୍ୟାକ୍ସ ଓ ୧ ଏସ୍ଏଚ୍‌ଜି କିଣିବେ
- ୬,୪୩୬ ଚାଷୀ ବିକିବେ ଧାନ

ରାଉରକେଲା,୧୬।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପାନପୋଷ କୃଷି ଜିଲାରେ ୨୦୨୪-୨୫ ଖରିଫ ଧାନକିଣା ଆସନ୍ତା ୨୧ତାରିଖରୁ ଆରମ୍ଭ ହେବ। ପୂର୍ବରୁ ଏହି ଧାନକିଣା ପ୍ରକ୍ରିୟା ୧୬ ତାରିଖରୁ ଆରମ୍ଭ ହେବାକୁ ଧାର୍ଯ୍ୟ କରାଯାଇଥିଲା। ପାନପୋଷ କୃଷି ଜିଲାର ସମୁଦାୟ ୧୩ ପ୍ୟାକ୍ସ ଓ ବିରଡା କାମଧେନୁ ଏସ୍ଏଚ୍‌ଜି ମାଧ୍ୟମରେ ଧାନକିଣା ହେବ। ସୁନ୍ଦରଗଡ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିଏନ୍‌ପିସି ବୈଠକ ପରେ ପାନପୋଷ କୃଷି ଜିଲାର ଚାଷୀମାନଙ୍କୁ ଧାନ କାଟିବା ଓ ଶୁଖାଇବା ଆଦି ଅମଳ ସଂକ୍ରାନ୍ତୀୟ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଧାନକିଣା ତାରିଖକୁ ଆଉ ୪ଦିନ ବୃଦ୍ଧି କରାଯାଇଛି। ସୁନ୍ଦରଗଡ ଜିଲାର ଅନ୍ୟ ସ୍ଥାନରେ ୨୦ତାରିଖରୁ ଧାନକିଣା ଆରମ୍ଭ ହେବାକୁ ଥିବାବେଳେ ପାନପୋଷ କୃଷି ଜିଲାରେ ୨୧ରୁ ଧାନକିଣା ହେବ। ଚଳିତ ବର୍ଷ ଧାନ ବିକ୍ରିଜନିତ କଟନୀ ଛଟନୀ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଅସିଦ୍ଧ ଘୋଷଣା କରାଯାଇଛି। ଧାନର ମାନ ନିର୍ଦ୍ଧାରଣ ଲାଗି ଏଥର ସ୍ପେଶାଲ ଆଡଭାଜଇର ରହିବେ। ଚଳିତ ବର୍ଷ ଉକ୍ତ କୃଷି ଜିଲାର ୬ହଜାର ୪୩୬ଜଣ ଚାଷୀଙ୍କ ନାଁ ଧାନ ବିକ୍ରି ପାଇଁ ସମବାୟ ଓ ଯୋଗାଣ ବିଭାଗ ପକ୍ଷରୁ ପଞ୍ଜୀକରଣ କରାଯାଇଛି। ଏଥିସହ ଚଳିତ ବର୍ଷ ଯେଭଳି ପଡୋଶୀ ରାଜ୍ୟ ଝାଡ଼ଖଣ୍ଡକୁ ଜିଲାର ଧାନ ଚୋରାଚାଲାଣ ନ ହୁଏ, ସେଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏ ନେଇ ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇଛି। ଏଥିସହ ରାଉରକେଲା ସୀମାନ୍ତ ଅଞ୍ଚଳରେ ସ୍କ୍ୱାଡ୍ ମୁତୟନ କରାଯିବା ସହ ସିସି କ୍ୟାମେରା ବ୍ୟବସ୍ଥା ମଧ୍ୟ କରାଯାଇଛି।

ପ୍ରକାଶଥାଉ କି, ବିଗତବର୍ଷ ସୁନ୍ଦରଗଡ଼ ଜିଲାରୁ ୨୧ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଥିଲା। ପାନପୋଷ କୃଷି ଜିଲା ଅନ୍ତର୍ଗତ ୬ଟି ରାଇସ ମିଲ୍‌କୁ ମଣ୍ଡିରୁ ଧାନ ଯିବାକୁ ନିର୍ଦ୍ଧାରିତ ହୋଇଥିଲା। ମାତ୍ର ୭ଲକ୍ଷ କୁଇଣ୍ଟାଲ ଧାନ ମଣ୍ଡିଗୁଡିକୁ ଆସିଲା ନାହିଁ। ଚାଷୀମାନଙ୍କ ଧାନ ମଣ୍ଡିକୁ ଆସୁ ନ ଥିବା ନେଇ ସ୍ଥାନୀୟ ଯୋଗାଣ ଓ ସମବାୟ ବିଭାଗ ଦ୍ୱନ୍ଦ୍ୱରେ ପଡିଥିଲା। ଅନ୍ୟପଟେ ଧାନ ମଣ୍ଡିକୁ ନ ଆସିବା ପଛରେ କଳାବଜାରୀଙ୍କ ଭୂମିକା ରହିଥିଲା। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ପ୍ରଲୋଭନ ଦେଖାଇ ପଡୋଶୀ ଛତିଶଗଡ ଏବଂ ଝାଡ଼ଖଣ୍ଡକୁ ବେଆଇନ ଭାବେ ଧାନ ଚାଲାଣ ହେଉଥିଲା। ଫଳରେ ପାନପୋଷ କୃଷି ଜିଲା ମଣ୍ଡି ମାଧ୍ୟମରେ ସ୍ଥାନୀୟ ରାଇସ ମିଲ୍‌କୁ ଆଶା ମୁତାବକ ଧାନ ପହଞ୍ଚୁ ନ ଥିଲା। ଅନ୍ୟପଟେ ଅବଧି ମଧ୍ୟରେ ରାଇସ ମିଲର୍ସ ସରକାରଙ୍କ ଧାର୍ଯ୍ୟ ମୁତାବକ ଚାଉଳ ପ୍ରସ୍ତୁତ ଲକ୍ଷ୍ୟ ପୂରଣ ନ କଲେ ଆଗାମୀ ଦିନରେ ସରକାରଙ୍କ ଦ୍ୱାରା ଅସିଦ୍ଧ ଘୋଷିତ ହେବାର ଆଶଙ୍କା ମିଲର୍ସଙ୍କ ଆଖିରୁ ନିଦ ହଜାଇ ଦେଇଥିଲା। ଏଣୁ ଚଳିତ ବର୍ଷ ସରକାରଙ୍କ ନିର୍ଦ୍ଧାରିତ କୋଟା କିଭଳି ପୂରଣ ହେବ ଓ ଚାଷୀକୁଳ ଧାନବିକ୍ରି ଜନିତ ଉଚିତ ପ୍ରାପ୍ୟ ଯେଭଳି ତୁରନ୍ତ ପାଇବେ ସେ ନେଇ ଜିଲା ପ୍ରଶାସନ ଏବଂ ବିଭାଗୀୟ ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ କୁଇଣ୍ଟାଲ ପିଛା ଦର ୩୧ଶହ ଟଙ୍କା ଘୋଷଣା ହୋଇଥିବାରୁ ପୂର୍ବଭଳି ଆଉ ଝାଡ଼ଖଣ୍ଡ ଏବଂ ଛତିଶଗଡ଼କୁ ଧାନ ଚୋରା ଚାଲାଣ ହେବନାହିଁ ବୋଲି କୁହାଯାଉଛି। ଏ ନେଇ ପାନପୋଷ ଜିଲା ସମବାୟ ସମିତି ମୁଖ୍ୟକେନ୍ଦ୍ର ସହାୟକ ଅଧିକାରୀ ବିକାଶ ମହନ୍ତଙ୍କୁ ପଚାରିବାରୁ ସେ କହିଲେ, ଖରିଫ ଧାନ ସଂଗ୍ରହ ପାଇଁ ଚାଷୀମାନଙ୍କ ନାଁ ପଞ୍ଜୀକୃତ ହୋଇସାରିଛି। ଚାଷୀଙ୍କ ଜମି ପରିମାଣ ମୁତାବକ ଟୋକନ ପ୍ରସ୍ତୁତି ମଧ୍ୟ ଠିକ୍ ଭାବେ ଚାଲିଛି। ପ୍ରତିବର୍ଷ ପାନପୋଷ କୃଷି ଜିଲାରେ ଖରିଫ ଧାନକିଣା ଡିସେମ୍ବର ୧୬ତାରିଖରୁ ଆରମ୍ଭ ହୋଇଥାଏ। ମାତ୍ର ଚଳିତ ବର୍ଷ ଧାନ ଚୋରାଚାଲାଣ ଯେଭଳି ନ ହେବ ଓ ଚାଷୀମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳିବ ସେ ନେଇ ଧାନକିଣା ଅବଧିକୁ ଜିଲା ପ୍ରଶାସନ ପକ୍ଷରୁ ବୃଦ୍ଧି କରାଯାଇଛି ବୋଲି ମହନ୍ତ କହିଥିଲେ।

## କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଉଦ୍‌ଯାପିତ



ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୧୬।୧୨(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ରିମ୍ସ କଲେଜ ପରିସରରେ ରାଉରକେଲା ବଧିର ସଂଘ ପକ୍ଷରୁ ଦୁଇଦିନିଆ ତୃତୀୟ ବାର୍ଷିକ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଆୟୋଜନ ସମିତି ସମ୍ପାଦକ ଫୟେଜ ଅହମ୍ମଦଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାମ୍ବର ଅଫ୍ କମର୍ସର ପୂର୍ବତନ ସଭାପତି ତଥା ସମାଜସେବୀ ସୁନିଲ କୟାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଧିର ସଂଘ ପକ୍ଷରୁ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ରଗୁଡିକ ସମାଜ ପାଇଁ ପ୍ରେରଣାଦାୟକ ବୋଲି କହିଥିଲେ। ଏହି ଉତ୍ସବରେ ରିମ୍ସ ସଭାପତି ଡ. ଆର୍ଯ୍ୟ ପଟ୍ଟନାୟକ ଓ ନିର୍ଦ୍ଦେଶକ ଡ. କରୁଣାକର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୂକ ବଧିର କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। କୋଲକତା ସ୍ଥିତ ଭାରତୀୟ ବଧିର ଚଳଚ୍ଚିତ୍ର ସଂଘ ସହଯୋଗରେ ହୋଇଥିବା ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ୧୫୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସେହିପରି ୩ଶହରୁ ଊର୍ଦ୍ଧ୍ୱ ମୂକ ବଧିର ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ୫୦ ଜଣ କୃତୀ କଳାକାରଙ୍କୁ ଅତିଥିଗଣ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୂକ ବଧିରଙ୍କ ମଧ୍ୟରେ ଏକ ର୍‍ୟାମ୍ପ ଶୋ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଆର୍ଥିକ ସହାୟତା ସହ ପୁରସ୍କାର ବିତରଣ କରାଯାଇଥିଲା। ରିମ୍ସର ଅଧ୍ୟକ୍ଷା ନଳିନୀ ପ୍ରଭା ପଟ୍ଟନାୟକ ଭିସି ମୋଡ୍‌ରେ ମୂକ ବଧିରଙ୍କ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବଧିର ସଂଘ ସୁନ୍ଦରଗଡ ଜିଲା ସଭାପତି ଦିଲୀପ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ରାଉରକେଲା ଝିଅଙ୍କ କୃତିତ୍ୱ

ରାଉରକେଲା,୧୬।୧୨(ସଙ୍ଗୀତା ଜେନା)

ରାଉରକେଲା ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀ ଅନାୟା କୋହଲି (୯) ଗତ ୧୨ରୁ ୧୪ ତାରିଖ ଯାଏ ଦୁବାଇରେ ଅନୁଷ୍ଠିତ ସାମୁଦ୍ରିକ ସନ୍ତରଣରେ ଦ୍ୱାଦଶ ସ୍ଥାନ ଅଧିକାର କରି ଦେଶ ପାଇଁ ଗୌରବ ଆଣିଛନ୍ତି। ୧୦ ବର୍ଷରୁ କମ୍ ବର୍ଗରେ ଭାରତ ପକ୍ଷରୁ ଏକମାତ୍ର ପ୍ରତିନିଧିତ୍ୱ କରିଥିଲେ ଅନାୟା। ସେ ଓସିନ୍ (କିଡ୍ସ) ବର୍ଗରେ ୫ଶହ ମିଟର ପ୍ରତିଯୋଗିତାରେ ଏହି ସଫଳତା ହାସଲ କରିଛନ୍ତି। ସେ ୫ଶହ ମିଟରକୁ ୧୧ ମିନିଟ୍ ୧୪ ସେକେଣ୍ଡରେ ସନ୍ତରଣ କରିଥିଲେ। ବିଭିନ୍ନ ଦେଶରୁ ୪୮ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଅନାୟା ଏହି କୃତିତ୍ୱ ହାସଲ କରିଛନ୍ତି। ଗତ ୨ ବର୍ଷରୁ ଅନାୟା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍‌ରେ ସନ୍ତରଣ ତାଲିମ ଗ୍ରହଣ କରୁଥିଲେ। ସେ ପ୍ରଶିକ୍ଷକ ସୋନୁ ପଟେଲ ଏବଂ ପଶ୍ଚିମ ଓଡ଼ିଶା ସଂଯୋଜକ ସୁଜୟ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇ ଆସୁଥିଲେ। ଅନାୟା କମ୍ ବୟସରେ ସନ୍ତରଣ ଆରମ୍ଭ କରିଥିଲେ। ଅନାୟାଙ୍କ ପ୍ରତିଭା ଯୋଗୁ ସେ ଅନ୍ତର୍ଜାତୀୟ ସ୍ତରରେ ସଫଳତା ପାଇଛନ୍ତି। ଆଗାମୀ ଦିନରେ ଏସିଆନ୍ ଗେମ୍ସ ଏବଂ ଅଲିମ୍ପିକ ଖେଳରେ ସେ ନିଜ ପ୍ରତିଭା ଦେଖାଇବେ ବୋଲି ରାୟ କହିଥିଲେ। ସୂଚନାଯୋଗ୍ୟ, ଅନାୟା ପିତାମାତାଙ୍କ ସହ ସିଭିଲଟାଉନଶିପ୍‌ରେ ରୁହନ୍ତି। ସେ ବିଭିନ୍ନ ଜାତୀୟ ଓପନ୍ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିସାରିଛନ୍ତି।




ଦୁବାଇରେ ଆୟୋଜିତ ପ୍ରତିଯୋଗିତାରେ ଅନାୟା।

## ରାଉରକେଲା ଶ୍ରମିକ ସଂଘକୁ ସ୍ୱୀକୃତିପ୍ରାପ୍ତ ୟୁନିୟନ ମାନ୍ୟତା



ଆର୍‌ଏସ୍‌ପି ଡିଆଇସି ମାନ୍ୟତା ପତ୍ର ପ୍ରଦାନ କରୁଛନ୍ତି।

ରାଉରକେଲା,୧୬।୧୨(ସଙ୍ଗୀତା ଜେନା)

ଗତ ନଭେମ୍ବର ୧୨ ତାରିଖରେ ରାଉରକେଲା ଇସ୍ପାତ କାରଖାନା ସ୍ୱୀକୃତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଶ୍ରମିକ ସଂଘ ବିଜୟୀ ହୋଇଥିଲା। ତେବେ ସୋମବାର ରାଉରକେଲା ଇସ୍ପାତ କାରଖାନା ତରଫରୁ ଆନୁଷ୍ଠାନିକ ଭାବେ ରାଉରକେଲା ଶ୍ରମିକ ସଂଘକୁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି। ସକାଳ ୧୦ଟାରେ ଡିଆଇସି ସମ୍ମିଳନୀ କକ୍ଷଠାରେ ରାଉରକେଲା ଇସ୍ପାତ କାରଖାନା ଇଡି ତରୁଣ ମିଶ୍ର, ସିଜିଏମ୍ ଏସ୍. ପଣ୍ଡା ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅତନୁ ଭୌମିକ ଉକ୍ତ ସ୍ୱୀକୃତି ପତ୍ରକୁ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଏବଂ ଗାଙ୍ଗପୁର ମଜଦୂର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କୁ ପ୍ରଦାନ କରିଥିଲେ। ପି. କେ. ସାହୁ ପ୍ରାରମ୍ଭିକ ସୂଚନା ଦେବା ପରେ ଡିଆଇସି ଭୌମିକ ରାଉରକେଲା ଇସ୍ପାତ କାରଖାନାର କୃତିତ୍ୱ ସମ୍ପର୍କରେ ସୂଚନା ଦେବା ସହିତ ୟୁନିୟନ ସହଯୋଗରେ ରାଉରକେଲା ଇସ୍ପାତ କାରଖାନା ଆସନ୍ତା ଦିନରେ ଇସ୍ପାତ ଶିଳ୍ପ ପାଇଁ ଆସୁଥିବା ସମସ୍ତ ଆହ୍ୱାନକୁ ସମ୍ମୁଖୀନ ହୋଇ ସଫଳତା ଦିଗରେ ଆଗେଇ ପାରିବ ବୋଲି ମନ୍ତବ୍ୟ ଦେଇଥିଲେ। ବିଗତ ବର୍ଷମାନଙ୍କ ଭଳି ୟୁନିୟନ ଏବଂ ମ୍ୟାନେଜମେଣ୍ଟ ମଧ୍ୟରେ ସୁନ୍ଦର ତାଳମେଳ ରଖି ରାଉରକେଲା ଇସ୍ପାତ କାରଖାନା ଆଗକୁ ବଢିବ ବୋଲି ସେ ଆଶା ପୋଷଣ କରିଥିଲେ। ସାଧାରଣ ସମ୍ପାଦକ କହିଥିଲେ, ୟୁନିୟନ ମହୁମାଛି ହେଲେ ମ୍ୟାନେଜମେଣ୍ଟ ଫୁଲ ସଦୃଶ। ୯୪୦୦ରୁ ଊର୍ଦ୍ଧ୍ୱ ସ୍ଥାୟୀ କର୍ମଚାରୀ ଏବଂ କାରଖାନାରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀମାନଙ୍କ ସୁଖଦୁଃଖର ସାଥି ହୋଇ ତାଙ୍କର ସେବା କରିବାର ସୁଯୋଗ ମିଳିଥିବାରୁ ବିନା ବାଛ ବିଚାରରେ ଏହି ଗୁରୁଦାୟିତ୍ୱକୁ ତୁଲେଇବା ପାଇଁ ରାଉରକେଲା ଶ୍ରମିକ ସଂଘ ଏବଂ ଗାଙ୍ଗପୁର ମଜଦୂର ମଞ୍ଚ ପ୍ରତିଶ୍ରୁତିବଦ୍ଧ। ସେବା କରିବାର ସୁଯୋଗ ଦେଇଥିବାରୁ ଗାଙ୍ଗପୁର ମଜଦୂର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ ରାଉରକେଲା ଇସ୍ପାତ କାରଖାନାର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ରାଉରକେଲା ଶ୍ରମିକ ସଂଘର ଉପସାଧାରଣ ସମ୍ପାଦକ ଦିଲୀପ ମହାପାତ୍ର, ଉପସାଧାରଣ ସମ୍ପାଦକ ଚକ୍ରଧର ପ୍ରଧାନ, ଉପସଭାପତି ସୁରେଶ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଦତ୍ତ, ବୀରକିଶୋର ଶେଖରଦେଓ, ନିହାର ଦାସ, ଏସ୍‌ସି, ଏସ୍‌ଟି, ୟୁଥ୍ ଓ ମହିଳା ମୋର୍ଚ୍ଚାର ଅଧ୍ୟକ୍ଷ ଡି. ନାୟକ, ପଦ୍ମାଳୟା ଧର ଓ ଗାଙ୍ଗପୁର ମଜଦୂର ମଞ୍ଚର ଉପସଭାପତି ସଞ୍ଜୟ ପଣ୍ଡା, ସନ୍ତୋଷ କୁଜୁର, ମାଙ୍ଗେ ଏକ୍କା, ସୁଲେମାନ କାଉଡ଼ିଆ, ଆନନ୍ଦ ଟପ୍ପୋଙ୍କ ସମେତ ଉଭୟ ୟୁନିୟନର ସମସ୍ତ ସମ୍ପାଦକ ଉପସ୍ଥିତ ଥିଲେ।

## ଜ୍ଞାନବିକାଶ କେନ୍ଦ୍ରର ମାସିକ ସାହିତ୍ୟ ଆସର

ରାଉରକେଲା,୧୬।୧୨(ଦିନେଶ ମିଶ୍ର)

ଜେଲ ରୋଡସ୍ଥିତ ପଦ୍ମାବତୀ ମେମୋରିଆଲ ହଲ୍ ପରିସରରେ ଶ୍ରୀଧର ସ୍ମୃତି ବିଜ୍ଞାନ ବିକାଶ କେନ୍ଦ୍ରର ମାସିକ ସାହିତ୍ୟ ଆସର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଇଞ୍ଜିନିୟର ଅଭୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାରେ ପତ୍ରପ୍ରତିକା ସଂଖ୍ୟା ଅନୁସାରେ ଏହାର ପାଠକ ଓ ପାଠିକା ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଆଜିକାଲି ଡିଜିଟାଲ ଯୁଗରେ ମୋବାଇଲର ବହୁଳ ବ୍ୟବହାର ଏଥିପାଇଁ ଦାୟୀ ବୋଲି ଅତିଥି ଦାସ ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୟ କୁମାର ସାହୁ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଅନୀଲ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଆ ପତ୍ରିକା ଆହ୍ୱାନ, ଆଶଙ୍କା ଓ ସମ୍ଭାବନାର ବିଷୟ ବସ୍ତୁକୁ ଆଧାରକରି ବକ୍ତାମାନେ ନିଜ ନିଜର ବକ୍ତବ୍ୟ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ଡ. ସୁବାସ ଚନ୍ଦ୍ର ଲେଙ୍କା ଅନୁଷ୍ଠାନର ବିଗତ ୪୩ ବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିବା ପରେ ଅନୁଷ୍ଠାନ ଦ୍ୱାରା ପ୍ରକାଶ ପାଇଥିବା ଜ୍ଞାନପ୍ରଭାର ବହୁଳ ପ୍ରକାଶନ ଦିଗରେ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। କବି ସୁନୀଲ ମହାନ୍ତି ଓ ଶିକ୍ଷାବିତ୍ ହିମାଂଶୁ ଶେଖର ସାହୁ ବିଭିନ୍ନ ପତ୍ରପ୍ରତିକା ଆଉ ଶିଶୁମାନଙ୍କୁ ଏ ଦିଗରେ ପଠନ ଦିଗରେ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ଉର୍ବଶୀ ଦାଶ ଓ କବି ବ୍ରହ୍ମାନନ୍ଦ ପାଢୀଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ୨୦୨୫-୨୬ ପାଇଁ ଏକ ନୂତନ କମିଟି ଇଞ୍ଜିନିୟର ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ନିର୍ବାଚନ କରାଯାଇଥିଲା। ଏଥିରେ ୫ ଜଣ ପରାମର୍ଶଦାତା ପ୍ରାଧ୍ୟାପକ ଭବେଶ ଚନ୍ଦ୍ର ସାହୁ, ପଦ୍ମନାଭ ସାମଲ, ଇଞ୍ଜିନିୟର ଅଭୟ କୁମାର ଦାସ, ଏ.ସି ମଣ୍ଡଳ ଓ ବିଜୟ କୁମାର ସାହୁଙ୍କୁ ଚୟନ କରାଯାଇଥିଲା। ସେହିଭଳି ସଭାପତି ଭାବେ ଡ. ଉମାକାନ୍ତ ପଣ୍ଡା, ଉପସଭାପତି ଉମାଶଙ୍କର ତିୱାରୀ, ଅନୀଲ କୁମାର ଦାଶ, ଦିଲୀପ କୁମାର ଭୁଇ, ଲକ୍ଷ୍ମଣ କୁମାର ପରିଡା ଓ କାର୍ଯ୍ୟକାରୀ ସଭାପତି ଭାବେ ଶଶଧର ପଣ୍ଡାଙ୍କୁ ଚୟନ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ଡ. ସୁବାସ ଚନ୍ଦ୍ର ଲେଙ୍କା ଓ ସମ୍ପାଦକ କବି ଉର୍ବଶୀ ଦାସ ଓ କବି ବ୍ରହ୍ମାନନ୍ଦ ପାଢୀଙ୍କୁ ମନୋନୀତ କରାଯାଇଥିଲା। ସେହିଭଳି ସହ ସମ୍ପାଦକ ଭାବେ ଅଶୋକ କୁମାର ବଳ, କେ. କେ ଠାକୁର ଓ କୋଷାଧ୍ୟକ୍ଷ ଭାବେ କବି ପ୍ରଣତୀ ଲେଙ୍କାଙ୍କ ସହିତ ୧୩ ଜଣଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ନିର୍ବାଚିତ କରାଯାଇଛି। ସାହିତ୍ୟିକ କବି ବ୍ରହ୍ମାନନ୍ଦ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ରାଉରକେଲା ବ୍ରାହ୍ମଣ ମହାସଭା ବୈଠକ

ରାଉରକେଲା,୧୬।୧୨(ଦିନେଶ ମିଶ୍ର): ରାଉରକେଲା ହନୁମାନ ବାଟିକାସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ରାଉରକେଲା ବ୍ରାହ୍ମଣ ମହାସଭାର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ଶ୍ରଦ୍ଧା ଷଡଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ସର୍ବସମ୍ମତି କ୍ରମେ ନୂତନ ସମ୍ପାଦକ ଭାବେ ରାଜେଶ୍ୱର ନାଏକଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ନୂତନ ସଭ୍ୟ ଭାବେ ଆଶୀଷ ଦାଶ, ଆଶୁତୋଷ ଶତପଥୀ, ଦୀପକ ଗ୍ରହଚାର୍ଯ୍ୟ, ମଦନ ମୋହନ ନାଏକ, ଶ୍ୟାମ ଶର୍ମା ଓ ସୁରେଶ ଶର୍ମାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସଭାରେ ବହୁ ବରିଷ୍ଠ ବ୍ରାହ୍ମଣ ପଣ୍ଡିତଗଣ ଉପସ୍ଥିତ ରହି ବ୍ରାହ୍ମଣ ସମାଜର ଆଭିମୁଖ୍ୟ ଓ ଆଗାମୀ ଦିନରେ କିଭଳି ବ୍ରାହ୍ମଣ ସମାଜର ଉନ୍ନତି ଘଟିବ ସେନେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ସମାଜର ସଦସ୍ୟ ବାସୁଦେବ ବାନାର୍ଜୀ ଓ ପ୍ରଦୀପ ପଣ୍ଡାଙ୍କୁ ଉତ୍ତରୀୟ ଓ ମାନପତ୍ର ସହ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲା ପାନପୋଷ ସ୍ଥିତ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ମିଡିଆ ପ୍ରଭାରୀ ଭାବେ କାର୍ଯ୍ୟରତ ବ୍ରାହ୍ମଣ ସଭାର ସଦସ୍ୟ ମହେନ୍ଦ୍ର କୁମାର ମିଶ୍ରଙ୍କୁ ମଧ୍ୟ ଏହି ସଭାରେ ସମ୍ମାନିତ କରାଯାଇଥିଲା। ଏହି ସଭାରେ ରାଉରକେଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୩୫ ବ୍ରାହ୍ମଣ ପଣ୍ଡିତ ଯୋଗ ଦେଇଥିଲେ। ଏଥିରେ ବଜେନ୍ଦ୍ର ଦାଶ ଓ ଦିଲ୍ଲୀପ କର ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରାହ୍ମଣ ମହାସଭାର ବରିଷ୍ଠ ସଦସ୍ୟ ବିକ୍ରମଚନ୍ଦ୍ର ଆଚାର୍ଯ୍ୟ, ପିଣ୍ଟୁ ମିଶ୍ର, ପ୍ରଣବ ପଣ୍ଡା, ଦିନେଶ ମିଶ୍ର, ସୁରେଶ ଶର୍ମା, ବିପଦଭଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରାଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆରଏସ୍‌ପିରେ ଅଣ ଗତିଶୀଳ ଭଣ୍ଡାର ସାମଗ୍ରୀ ପ୍ରଦର୍ଶନୀ

ରାଉରକେଲା,୧୬।୧୨(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପିର ସାମଗ୍ରୀ ପରିଚାଳନା ଷ୍ଟୋର ବିଭାଗ ଦ୍ୱାରା ଆଧୁନିକୀକରଣ ଷ୍ଟୋରରେ ଅଣ ଗତିଶୀଳ ଭଣ୍ଡାର ସାମଗ୍ରୀ ଉପରେ ସୋମବାର ଆୟୋଜିତ ହୋଇଥିବା ଏକ ପ୍ରଦର୍ଶନୀକୁ ଆରଏସ୍‌ପିର ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦ୍‌ଘାଟନ କରିଛନ୍ତି। ଏଥିରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ ବେହୁରିଆ, ଅପରେଶନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଳ ଚୌଧୁରୀ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ବହୁ ମୁଖ୍ୟ ମହାପ୍ରବନ୍ଧକ ଓ ବିଭାଗ ମୁଖ୍ୟ ଉପସ୍ଥିତ ରହିଥିଲେ। ଏହି ଅବସରରେ ବୃକ୍ଷରୋପଣ କରାଯାଇଥିଲା। ଭୌମିକ ତାଙ୍କ ଉଦ୍‌ଘାଟନୀ ଅଭିଭାଷଣରେ ଏଭଳି ପ୍ରଦର୍ଶନୀ ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଯାହା ସଠିକ୍ ପରିମାଣ ଓ ଗୁଣବତ୍ତା ବିଶିଷ୍ଟ ଉପକରଣ ଓ ଯନ୍ତ୍ରପାତି କ୍ରୟର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲା। ବୃହତ୍ ପରିମାଣର ଡିଜିଟାଲାଇଜେଶନ ଏବଂ ଅଟୋମେଶନ ଗ୍ରହଣ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନେ ମଧ୍ୟ ଆରଏସ୍‌ପି ସାମଗ୍ରୀ ପରିଚାଳନା ଓ ଆଧୁନିକୀକରଣ ଷ୍ଟୋର ଉପରେ ବିଶ୍ଳେଷଣ କରିବା ସହିତ ବିଭାଗୀୟ ମୁଖ୍ୟମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜିଏମ ଇନ୍‌ଚାର୍ଜ (ଏମ୍ଏମ୍-ଷ୍ଟୋର୍ସ, ଇନ୍ସପେକ୍ସନ ଏଣ୍ଡ ଏସିସି) ଏନ୍. ଆର୍. ରାୟଚୌଧୁରୀ ସମାବେଶକୁ ସ୍ୱାଗତ କରିଥିଲେ ଏବଂ ପ୍ରଦର୍ଶନର ଏକ ଅନ୍ତର୍ନିହିତ ସମୀକ୍ଷା ଉପସ୍ଥାପନ କରିଥିଲେ। ଜିଏମ୍ (ଏମଏମ-ଷ୍ଟୋରସ୍) ଏସ୍. ବେହେରା କାର୍ଯ୍ୟକ୍ରମ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିବା ସହିତ ସାମଗ୍ରୀ ବର୍ଗୀକରଣ ଏବଂ ଦକ୍ଷ ଉପଯୋଗର ଗୁରୁତ୍ୱକୁ ଦର୍ଶାଇଥିଲେ। ଡେପୁଟି ମ୍ୟାନେଜର ମହେଶ୍ୱର ମହନ୍ତ ଷ୍ଟୋର ବିଭାଗର ମହତ୍ତ୍ୱ ତଥା ଡିଆଇସିଙ୍କ ନେତୃତ୍ୱରେ ଚାଲିଥିବା ବିକାଶମୁଖୀ କାର୍ଯ୍ୟ ଉପରେ କବିତା ପାଠ କରିଥିଲେ। ଏମଏମ-ଷ୍ଟୋର୍ସ ବିଭାଗର ଡିଜିଏମ ଅନିନ୍ଦିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଏଜିଏମ୍ ବସନ୍ତ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପୂର୍ବରୁ ଡିଆଇସି ଆଧୁନିକୀକରଣ ଷ୍ଟୋରରେ ୨ଟି ନୂତନ ଶେଡ୍ ନିର୍ମାଣ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।




ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ଆୟୁଷ ମହାବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ**

## ସମ୍ବଲପୁର ଦଳ ଚାମ୍ପିୟନ

ରାଉରକେଲା,୧୬।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ହୋମିଓପ୍ୟାଥି କଲେଜ ଓ ହସ୍ପିଟାଲରେ ଆୟୁଷ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତାହେ ବ୍ୟାପୀ ଆରଏସ୍‌ପିର ଖେଳ ପଡିଆରେ ଚାଲିଥିବା ଏହି କ୍ରୀଡ଼ାରେ ରାଜ୍ୟର ୫ଟି ଆୟୁଷ କଲେଜ ଓ ହସ୍ପିଟାଲର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ କ୍ରିକେଟ, କ୍ୟାରମ, ଚେସ୍, ବ୍ୟାଡମିଣ୍ଟନ ଆଦି ପ୍ରତିଯୋଗୀତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସ୍ୱତନ୍ତ୍ର ଅତିଥି ଓ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଏକଜୁଟ, ଦୃଢତା ଓ ସଂଘର୍ଷ ସହିତ ବିଜୟୀ ହେବାର ରଣକୌଶଳ ଶିଖାଏ ବୋଲି ଅତିଥିମାନେ କହିଥିଲେ।




ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିଗଣ।

କ୍ରିକେଟରେ ରାଉରକେଲା ହୋମିଓପ୍ୟାଥି ଦଳ, ଓଡିଶା ମେଡିକାଲ କଲେଜ ଅଫ ହୋମିଓପ୍ୟାଥି ଆଣ୍ଡ ରିସର୍ଚ୍ଚ ସମ୍ବଲପୁର ଦଳ ଯୁଗ୍ମ ବିଜୟୀ ହୋଇଥିଲେ। କ୍ୟାରମରେ ମଧ୍ୟ ଓଡିଶା ମେଡିକାଲ କଲେଜ ଅଫ୍ ହୋମିଓପ୍ୟାଥି ଆଣ୍ଡ ରିସର୍ଚ୍ଚ ସମ୍ବଲପୁର ଦଳ ବିଜୟୀ ହୋଇଥିଲା। ଚେସରେ ରାଉରକେଲା ହୋମିଓପ୍ୟାଥି କଲେଜ ବିଜୟୀ ହୋଇଥିଲା ବେଳେ ବ୍ୟାଡମିଣ୍ଟନରେ ସମ୍ବଲପୁର ଦଳ ଏବଂ ବିଜୁ ପଟ୍ଟନାୟକ ମେଡିକାଲ କଲେଜ ବ୍ରହ୍ମପୁର ଯୁଗ୍ମ ବିଜୟୀ ରହିଥିଲେ। ଭଲିବଲରେ ମଧ୍ୟ ସମ୍ବଲପୁର ଦଳ ବିଜୟୀ ହୋଇଥିଲେ। ପ୍ରତିଯୋଗିତାରେ ସମୁଦାୟ ୧୦ଟି ଲିଗ୍ ମ୍ୟାଚ, ଦୁଇଟି ସେମି ଫାଇନାଲ ପରେ ଫାଇନାଲ ମ୍ୟାଚ୍ ହୋଇଥିଲା। ସମସ୍ତ କ୍ରୀଡ଼ାରେ ସମ୍ବଲପୁର ଦଳ ବିଜୟ ଲାଭ କରି ପ୍ରତିଯୋଗିତାର ଚାମ୍ପିୟନ ଟ୍ରଫି ହାସଲ କରିଥିଲା। କଲେଜ ଅଧ୍ୟକ୍ଷ ଡ. ଶୁଭାଶିଷ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହକୁ ଏସ୍‌ଡବ୍ଲ୍ୟୁସି ପରାମର୍ଶଦାତା ଅଧାପକ ଡା. ଅନିଲ ମିଶ୍ର, ଡା. ଡି. ସତ୍ୟ ନାରାୟଣ, ଡା. ଶୋଭନ କୁମାର ସେଠୀ, ଡା. ଦିବାକର ଦଳାଇ ପରିଚାଳନା କରିଥିଲେ। ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଛତୁ ଚାଷ ତାଲିମ ଶିବିର

ସମ୍ବଲପୁର, ୧୬।୧୨ (ଭବାନୀ ଶଙ୍କର ଭୋଇ)

ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ ସୋମବାର ଭୀମଖୋଜ ବନସୁରକ୍ଷା ସମିତିରେ ମହିଳା ଛତୁ ଚାଷୀମାନଙ୍କୁ ନେଇ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୀବନ ଜୀବିକା ବିଶେଷଜ୍ଞ ତୁଷାରକାନ୍ତ ପାଣିଗ୍ରାହୀ, ବିପଣନ ଅଧିକାରୀ ପ୍ରୀତମ ଭରଦ୍ୱାଜ ଦଳପତି, ପଙ୍କଜିନୀ ସାହୁ, କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ, ଉମାକାନ୍ତ ପୋଡ଼, ଉନ୍ନୟନ ଅଧିକାରୀ ବେଦବ୍ୟାସ ସାହୁ, ଦେବେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ। ଏହି ଶିବିରରେ ଦଳପତି ପଙ୍କଜିନୀ ସାହୁ ଓ ଉନ୍ନୟନ ଅଧିକାରୀ ବେଦବ୍ୟାସ ସାହୁ ତାଲିମ ପ୍ରଦାନ କରିଥିଲେ। ଶିବିରକୁ କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ ପରିଚାଳନା କରିଥିଲେ। ଜୀବନ ଜୀବିକା ବିଶେଷଜ୍ଞ ତୁଷାରକାନ୍ତ ପାଣିଗ୍ରାହୀ ଛତୁ ଚାଷ କରି ମହିଳାମାନେ କିଭଳି ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ ସେହି ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ବନ ସହାୟିକା ରେବତୀ ବରଗାଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାସ୍କୁଲ ୧୯୮୩ ବରିଷ୍ଠ ବ୍ୟାଚ ଶୀତକାଳୀନ ସମାବେଶ

ସମ୍ବଲପୁର, ୧୬।୧୨ (ପ୍ରମୋଦ ବହିଦାର)

ସମ୍ବଲପୁର ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲର ୧୯୮୩ ବରିଷ୍ଠ ବ୍ୟାଚ ଛାତ୍ରମାନଙ୍କ ବିଶେଷ ଶୀତକାଳୀନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବୁଢାରଜା ଜଗନ୍ନାଥ କଲୋନୀ ସ୍ଥିତ ରବୀନ୍ଦ୍ର କଲ୍ୟାଣ ମଣ୍ଡପରେ ପ୍ରଣବ ଭୋଳ ଓ ବିମଳେଶ ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାବେଶରେ ସମ୍ବଲପୁର ବାହାରେ ରହୁଥିବା ଅନେକ ପ୍ରାକ୍ତନ ଛାତ୍ର ଯୋଗଦେଇ ସ୍କୁଲ ତଥା ସହପାଠୀମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଆଲୋଚନାରେ ସତ୍ୟଜିତ ରାଏ, ରାଜୀବ ଶତପଥୀ, ସଞ୍ଜୀବ ଦୁବେ, ସୂର୍ଯ୍ୟ ପାଣିଗ୍ରାହୀ, ଶେଖର ପାଢ଼ୀ, ଅରବିନ୍ଦ ନାୟକ ଅଂଶଗ୍ରହଣ କରିଥିଲେ। ଆସନ୍ତା ଜାନୁଆରୀ ୧୨ରେ ହେବାକୁ ଥିବା ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭରତ ପ୍ରଧାନ, ବଟ କିଶୋର ରାୟଗୁରୁ, ଅପ୍ରେସ ପୂଜାରୀ, ସୂର୍ଯ୍ୟ ପ୍ରଧାନ, ଅନୀଲ ବେହିହା, ନିମେଇଁ ସାହୁ, ତପନ ଗୁରୁ, ସୁଶାନ୍ତ ସାହୁ, ମନୋରଞ୍ଜନ ପ୍ରଧାନ, ଅମ୍ବୁଜ ଦାସ ପ୍ରମୁଖଙ୍କ ସହିତ ଅନେକ ସହପାଠୀ ସାମିଲ ହୋଇଥିଲେ।

# ପ୍ରାଥମିକସ୍ତରରୁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ

## ଜନାର୍ଦ୍ଦନ ପୂଜାରୀ ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

ସମ୍ବଲପୁର, ୧୬।୧୨ (ଭବାନୀ ଶଙ୍କର ଭୋଇ)



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥି।

ପ୍ରାଥମିକସ୍ତରରୁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ଏଥିପାଇଁ ସରକାରୀସ୍ତରରେ ସବୁମତେ ଉଦ୍ୟମ କରାଯାଉଛି। ସମ୍ବଲପୁର ମହାନଗର ନିଗମ ଅଧୀନ ସିନ୍ଦୁରପଙ୍କସ୍ଥିତ ଜନାର୍ଦ୍ଦନ ପୂଜାରୀ ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସମାରୋହରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ସାଧାରଣ ଲୋକଙ୍କ ବିକାଶ ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେଉଛନ୍ତି। ସୁଭଦ୍ରା ଯୋଜନାରେ ମା' ଭଉଣୀମାନଙ୍କୁ ସିଧାସଳଖ ଡିବିଟି ସାହାଯ୍ୟରେ ଆର୍ଥିକ ସହାୟତା ମିଳିବା ଦ୍ୱାରା ସେମାନେ ସଶକ୍ତ ହେଉଛନ୍ତି। ଓଡ଼ିଶାର ଚାଷୀମାନଙ୍କର ହିତ ପାଇଁ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ଅଧିକ ୮୦୦ ଟଙ୍କାର ଇନପୁଟ ସହାୟତା ରାଶି ପ୍ରଦାନ କରାଯାଉଛି। ଏହି ସବୁ ପଦକ୍ଷେପ ଦ୍ୱାରା ସମ୍ବଲପୁର ଜିଲାର ମହିଳା, ଚାଷୀ ଭାଇମାନେ ବିଶେଷ ଲାଭାର୍ଥୀ ହେଉଛନ୍ତି। ଏ ସବୁ ଯୋଜନା ଦ୍ୱାରା ପ୍ରାୟ ୫୦୦କୋଟି ଟଙ୍କା ଏ ଅଞ୍ଚଳକୁ ପ୍ରଥମଥର ପାଇଁ ଡବଲ ଇଞ୍ଜିନ ସରକାର ପହଞ୍ଚାଇଛି। ସେହିପରି ଦଳିତ, ପଛୁଆ ଲୋକଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ ଜାରି ରହିଥିବା ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି। ସମ୍ମାନୀତ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଶିକ୍ଷାଦୃଷ୍ଟିରୁ ଓଡ଼ିଶାକୁ ଆଗକୁ ନେବାରେ ସିନ୍ଦୁରପଙ୍କ ଜନାର୍ଦ୍ଦନ ପୂଜାରୀ ସରକାରୀ ହାଇସ୍କୁଲର ଅବଦାନ ରହିଛି। ଏହି ଅନୁଷ୍ଠାନକୁ ବଟବୃକ୍ଷରେ ପରିଣତ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ, ଜନସାଧାରଣ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଏବଂ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସଦସ୍ୟମାନଙ୍କୁ ପ୍ରଧାନ ଏହି ଅବସରରେ ସାଧୁବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମୀରା ପଟେଲ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଚନ୍ଦ୍ରଶେଖର ପଣ୍ଡା ସଂଯୋଜନା କରିଥିଲେ। ସେହିପରି ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଲୁମ୍ନି କମିଟି ସଭାପତି ଜ୍ଞାନରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ରେଙ୍ଗାଲିର ବିଧାୟକ ସୁଦର୍ଶନ ହରିପାଲ ଅତିଥି ଭାବେ ଯୋଗଦେଇଥିଲେ।

# ଯୁବବର୍ଗଙ୍କୁ ଶୃଙ୍ଖଳିତ ଜୀବନର ବାର୍ତ୍ତା

## ଭାରତ ଯାତ୍ରାରେ ବାହାରିଲେ ଯୁଯୋମୁରାର ରାହୁଲ ଭୋଇ

ସମ୍ବଲପୁର, ୧୬।୧୨ (ବି.ଶଙ୍କର)

ଇଚ୍ଛା ଶକ୍ତି ଥିଲେ ଅନେକ ସ୍ୱପ୍ନରେ ପୂର୍ଣ୍ଣତା ଆପେ ଆସିଥାଏ। ଏହିକ୍ରମରେ ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ଲାଙ୍ଗବାହାଲ ଗ୍ରାମର ଯୁବକ ରାହୁଲ ଭୋଇ ଦୃଢ଼ ନିଶ୍ଚିତ ହୋଇ ସାଇକେଲ ଯୋଗେ ଭାରତ ଭ୍ରମଣ ସକାଶେ ବାହାରିଛନ୍ତି। ସୋମବାର ସେ ମା' ସମଲେଶ୍ୱରୀଙ୍କ ଦର୍ଶନ କରି ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେଠାରୁ ସେ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ, ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ରାଜ୍ୟ ସାଇକେଲ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ଅନୁସାଙ୍ଗିକ ଖର୍ଚ୍ଚ ନିମନ୍ତେ କିଛି ନିଜ ପାଖରେ ଅଛି। ଆବଶ୍ୟକସ୍ଥଳେ ସାଙ୍ଗମାନେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ତରାଖଣ୍ଡର କେଦାରନାଥ ଯାଇ ଦର୍ଶନ କରିବାର ଯୋଜନା ଅଛି। ସୁବିଧା ହେଲେ ଜମ୍ମୁ କଶ୍ମୀରର ଶ୍ରୀନଗରକୁ ମଧ୍ୟ ସାଇକେଲ ଯାତ୍ରା କରିପାରନ୍ତି ବୋଲି ଉତ୍ସାହର ସହ କୁହନ୍ତି ରାହୁଲ। ସୂଚନାଯୋଗ୍ୟ ଯେ, ରାହୁଲ ଜଣେ ୟୁଟୁବର। ତାଙ୍କର ୟୁଟୁବ ଚ୍ୟାନେଲ ଅମିରି ବୟରେ ସେ ନିୟମିତ ଭାବରେ ଅନେକ କିଛି ନୂଆ ବିଷୟ ସ୍ଥାନିତ କରିଥାନ୍ତି। ଆଜିର ଯୁବ ସମାଜ ପଥଭ୍ରଷ୍ଟ ହୋଇ ଜୀବନକୁ ନଷ୍ଟ କରିଦେଉଛନ୍ତି।




ତେଣୁ ଯୁବବର୍ଗଙ୍କୁ ଏକ ଶୃଙ୍ଖଳିତ ଜୀବନ ଯାତ୍ରା ପାଇଁ ପ୍ରେରଣା ଦେବା ସହ ସମାଜରେ ନିଜକୁ ପ୍ରତିଷ୍ଠିତ କରିବାର ବାର୍ତ୍ତା ଦେବାର ଲକ୍ଷ୍ୟରେ ସେ ଭାରତ ଭ୍ରମଣରେ ବାହାରିଛନ୍ତି ବୋଲି କୁହନ୍ତି ରାହୁଲ। ପୂର୍ବରୁ ସେ ଫୁଟବଲ ଓ କ୍ରିକେଟ ଖେଳୁଥିଲେ। ହେଲେ ଦୁଃସାହସିକ କ୍ରୀଡାରେ କେବେବି ସାମିଲ ହୋଇନାହାନ୍ତି। ଏଥିସହ ଦୁଃସାହସିକ ଅଭିଯାନ ପାଇଁ କେବେବି କାହାଠୁ ପ୍ରେରଣା ପାଇନାହାନ୍ତି। କେବଳ ୟୁଟ୍ୟୁବରମାନଙ୍କୁ ଦେଖି ସେ ଭାରତ ଭ୍ରମଣରେ କେଦାରନାଥ ଯାଏ ସାଇକେଲରେ ଯିବାକୁ ସ୍ଥିର କରିଛନ୍ତି।

# ଯୁକ୍ତ ୨ କଲେଜରେ ଫିଟ୍ ଇଣ୍ଡିଆ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡିଲେଶ୍ୱର ବେହେରା ବକ୍ତବ୍ୟ ରଖୁଛନ୍ତି।

କୁଚିଣ୍ଡା, ୧୬।୧୨ (ବିରଞ୍ଚି ଦର୍ଵା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କହ୍ଲେଇପାଲି ରାଜୀବଗାନ୍ଧୀ ସ୍ମାରକୀ ଆଦିବାସୀ ଯୁକ୍ତ ୨ କଲେଜରେ ସୋମବାର ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରା ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ବେହେରା ଫିଟ୍ ଇଣ୍ଡିଆର ମିଶନ ଉପରେ ଆଲୋଚନା କରି କହିଥିଲେ ଯେ, ଶରୀର ଓ ମନକୁ ସତେଜ ରଖି କାର୍ଯ୍ୟକ୍ଷମ କଲେ ଆମେ ନିରୋଗ ସହ ସୁସ୍ଥ ରହି ପାରିବା । ଫିଟ୍ ଇଣ୍ଡିଆ ମିଶନ ମଧ୍ୟମରେ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ଓ କୁଇଜ ଆଦି କାର୍ଯ୍ୟକ୍ରମ କରାଯିବା ଯୋଜନା ରହିଛି। ଅଧ୍ୟାପକ ପ୍ରଫୁଲ୍ଲ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅର୍ଥନୀତି ଅଧ୍ୟାପକ ଫକୀର ମୋହନ ଦଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ସନାତନ ବିଷୋୟୀ, ସୁଚିତା ଏକ୍କା, କ୍ରୀଡା ଶିକ୍ଷକ ଦିଲ୍ଲୀପ କୁମାର ନାୟକ ସହଯୋଗ କରିଥିଲେ।

# ଜଳବାୟୁ ପରିବର୍ତ୍ତନ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି

## ଏକ ହଜାର ବୃକ୍ଷ ରୋପଣ ପାଇଁ ନିଷ୍ପତ୍ତି

ସମ୍ବଲପୁର, ୧୬।୧୨ (ପ୍ରମୋଦ ବହିଦାର)

ସଂପ୍ରତି ଜଳବାୟୁ ପରିବର୍ତ୍ତନ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ର ତଥା ଯୁବକବି ତନ୍ମୟ ବାରିକଙ୍କ ଅଧ୍ୟକ୍ଷତାରେ ସୋମବାର ରାଉରକେଲାଠାରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହାର ମୁକାବିଲା ପାଇଁ ଆଲୋଚନା ହୋଇଛି। ଆସନ୍ତା ୨୦୨୫ ମସିହାରେ ୧ ହଜାର ବୃକ୍ଷରୋପଣ ପାଇଁ ସର୍ବସମ୍ମତିକ୍ରମେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଉରକେଲା ଓ ସମ୍ବଲପୁର ସହରର ବିଭିନ୍ନ ଗଳିକନ୍ଦିରେ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସୋମବାର ଏହାର ଶୁଭାରମ୍ଭ ସ୍ୱରୂପ 'ସେଭ ଟ୍ରି ସେଭ ଆର୍ଥ' ନାରା ଦିଆଯାଇ ୬ଟି ବୃକ୍ଷ କରାଯାଇଛି। ଏହି ଅଭିଯାନର ସଫଳ ରୂପାୟନ ପାଇଁ ଏକ ସଂଗଠନ ଗଠନ କରି ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଆବଶ୍ୟକ ବୃକ୍ଷରୋପଣ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥିର ହୋଇଛି। ଏଥିରେ ରିତେଶ ମାହାତୋ, ନୀତିଶ କୁମାର ସିଂ, ବିଶ୍ୱାସ ମୁଣ୍ଡା, ଆଦିତ୍ୟ କୁମ୍ଭାର, ଏସଲାନ ମୁଣ୍ଡା, ଆକାଶ ସିଂ ଯୋଗ ଦେଇଥିଲେ।

# ଶିକ୍ଷାନୁଷ୍ଠାନ ଭଲମଣିଷ ଗଠନର ପ୍ରକୃତ ପ୍ଲାଟଫର୍ମ

## କୁଟୁରାଚୁଆଁ ନୋଡାଲ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ

କୁଚିଣ୍ଡା, ୧୬।୧୨ (ବିରଞ୍ଚି ଦର୍ଵା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ନୋଡାଲ ହାଇସ୍କୁଲରେ ଦୁଇଦିନ ଧରି ଚାଲିଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ପ୍ରତାପ ଶେଖର ପୁରୋହିତଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଶିକ୍ଷାନୁଷ୍ଠାନ ହେଉଛି ଭଲମଣିଷ ଗଠନର ପ୍ରକୃତ ପ୍ଲାଟଫର୍ମ। ତେଣୁ ଛାତ୍ରୀଛାତ୍ରମନେ ଭଲ ପାଠପଢି ସୁନାମ ଅର୍ଜନ କରନ୍ତୁ। ଏଥିରେ କୁଟୁରାଚୁଆଁ କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀ, କୁଟୁରାଚୁଆଁ ହାଇସ୍କୁଲ ପ୍ରଧାନଶିକ୍ଷକ ଭବାନୀ ଶଙ୍କର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା କୁଚିଣ୍ଡା କଲେଜ ଅଧ୍ୟାପକ ସୁଧାଂଶୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୁଟୁରାଚୁଆଁ ନୋଡାଲ ହାଇସ୍କୁଲରୁ ମାଟ୍ରିକ ପାସ୍ କରିଥିବା ପ୍ରଥମ ବ୍ୟାଚର ପାଞ୍ଚଜଣ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଉପସ୍ଥିତ ଥିବା ଦୁଇ ପୁରାତନ ଛାତ୍ର ଅତୁଲ୍ୟ ପଣ୍ଡା ଓ ମହେନ୍ଦ୍ର କୁମାର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ କୁଟୁରାଚୁଆଁ ନୋଡାଲ ହାଇସ୍କୁଲ ସଂସ୍କୃତ ଶିକ୍ଷକ ରିତେଶ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପୂରାତନ ଓ ବର୍ତ୍ତମାନ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ହକି ଟୁର୍ଣ୍ଣାମେଣ୍ଟ: ଆନନ୍ଦନଗର ଚାମ୍ପିୟନ

ସମ୍ବଲପୁର, ୧୬।୧୨ (ବି.ଶଙ୍କର)

ସମ୍ବଲପୁର ଜିଲା ଯୁଯୁମୁରା ସ୍ପୋର୍ଟ କ୍ଲବ ଆୟୋଜିତ ପ୍ରଥମ ବାର୍ଷିକ ସମ୍ବଲପୁର ହକି ଟୁର୍ଣ୍ଣାମେଣ୍ଟ ଯୁଯୋମୁରା ସ୍ଥିତ ହକି ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି । ସମ୍ବଲପୁର ସମେତ ବରଗଡ଼ ଓ ସୁବର୍ଣ୍ଣପୁର ଜିଲାରୁ ମୋଟ ୩୨ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଆନନ୍ଦ ନଗର ଗୋଲଡେନ କ୍ଲବ ଓ ବାଣ୍ଟିଝରନ ଧ୍ୟାନଚାନ୍ଦ କ୍ଲବ ମଧ୍ୟରେ ହୋଇଥିଲା । ଏଥିରେ ଆନନ୍ଦନଗର ଗୋଲଡେନ କ୍ଲବ ୪–୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି । ନିତେଶ କିଣ୍ଡୋ, ଦୀପକ ଧନୱାର, କୁନା ଟପ୍ପୋ, ମୁନା ଟପ୍ପୋ, ଅମିତ ବା, ଫିରୋଜ କୁଲୁ, ଚାନ୍ଦ ମୁଣ୍ଡା, ମୁକୁନ୍ଦ ମିର୍ଜା, ଆଲୋକ ପ୍ରଧାନ ଖେଳ ପରିଚାଳନା କରିଥିଲେ ।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ଜିଲା କ୍ରୀଡା ସଂଘ ହକି ସମ୍ପାଦକ ବିନୋଦ ଟପ୍ପୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ଦେଓନିଶ ଲୁଗୁନ, ଧରଣୀ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଜେତା, ଉପବିଜେତା ତଥା ବିଶିଷ୍ଟ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରଜତ ମିଞ୍ଜ, କୁଲଦୀପ ମିଞ୍ଜ, ବିମଲ ଯୋଯୋ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଆୟୋଜକ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

# କେନାଲ ମରାମତି କାମ ମିଳୁନି, ଜିଏସ୍‌ଟି ଦେଉଛୁ

## ଅଭିଯୋଗ କଲା ପାଣି ପଞ୍ଚାୟତ

ସମ୍ବଲପୁର, ୧୬।୧୨ (ଭବାନୀ ଶଙ୍କର ଭୋଇ)

କେନାଲ ରକ୍ଷଣାବେକ୍ଷଣ ପାଇଁ ପାଣି ପଞ୍ଚାୟତଗୁଡିକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ ହେବା ପାଇଁ ୨୦୨୨ ମସିହାରେ ସରକାରୀ ନିର୍ଦ୍ଦେଶନାମା ଆସିଥିଲା। ଏହାପରେ ପାଣି ପଞ୍ଚାୟତଗୁଡିକ ଜିଏସଟି ପଞ୍ଜିକରଣ କରି ଏବେ ଦ୍ୱନ୍ଦ୍ୱରେ ପଡିଥିବା ଦଣ୍ଡେଇପାଲିସ୍ଥିତ ଛବିଳ ସାଏ ପାଣିପଞ୍ଚାୟତର ସଭାପତି ରାମ ସାଗର ସାହୁ କହିଛନ୍ତି। ପୂର୍ବରୁ ପାଣିପଞ୍ଚାୟତଗୁଡିକ କେନାଲ ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଥିଲେ। ହେଲେ ୨୦୨୨ ପରଠାରୁ କେନାଲ ମରାମତି କାମ ଟେଣ୍ଡର କରି ଠିକାଦାରମାନଙ୍କୁ ଦିଆଯାଉଛି। ହେଲେ ସେମାନଙ୍କୁ ଜିଏସ୍‌ଟି ରିଟର୍ନ ଭରିବାକୁ ପଡୁଛି। ଏହାବାଦ ଓକିଲ ଫି ମାସକୁ ୫୦୦ ଟଙ୍କା ହିସାବରେ ବର୍ଷକୁ ୬୦୦୦ ପାଣି ପଞ୍ଚାୟତକୁ ଖର୍ଚ୍ଚ କରିବାକୁ ପଡୁଥିବା ସାହୁ ଅଭିଯୋଗ କରିଛନ୍ତି। କେନାଲ ମରାମତି କାମ ପାଣି ପଞ୍ଚାୟତକୁ ଦିଆ ନ ଗଲେ କାହିଁକି ଓକିଲଙ୍କୁ ପଇସା ଦେବୁ ବୋଲି ଛବିଳ ସାଏ ପାଣି ପଞ୍ଚାୟତର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ସେଥିପାଇଁ ପାଣି ପଞ୍ଚାୟତଗୁଡିକୁ ଜିଏସ୍‌ଟିରୁ ବାଦ ଦେବାକୁ ଛବିଳ ସାଏ ପାଣିପଞ୍ଚାୟତ ପକ୍ଷରୁ ଦାବି କରାଯାଇଛି। ନଚେତ କେନାଲ ମରାମତି କାମରେ ପାଣି ପଞ୍ଚାୟତକୁ ସାମିଲ କରାଯିବାକୁ ଛବିଳ ସାଏ ପାଣି ପଞ୍ଚାୟତ ସଭାପତି ରାମସାଗର ସାହୁ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଛନ୍ତି ।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: କୁର୍ମିମୁଣ୍ଡା ଚାମ୍ପିୟନ

କୁଚିଣ୍ଡା, ୧୬।୧୨ (ବିରଞ୍ଚି ଦର୍ଵା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତ ଅନ୍ତର୍ଗତ କୁର୍ମିମୁଣ୍ଡା ଗ୍ରାମରେ ଚାଲିଥିବା ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କୁର୍ମିମୁଣ୍ଡା ନେତାଜୀ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ କୁର୍ମିମୁଣ୍ଡା ଓ ଠାକୁରପଡା ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଅମୀମାଂସିତ ରହିଥିଲା। ଶେଷରେ ପେନାଲଟି ସୁଟ ଆଉଟ ମାଧ୍ୟମରେ କୁର୍ମିମୁଣ୍ଡା ଚାମ୍ପିୟନ ହୋଇଥିଲା। କ୍ଲବ ସଭାପତି ସଭାପତି ଶ୍ୟାମସୁନ୍ଦର ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ପଟେଲ ମୁଖ୍ୟଅତିଥି, ବାଉରୀଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଘ, ଲୋରିନା ପଟେଲ, ଅବସରପ୍ରାପ୍ତ ସାମରିକ କର୍ମଚାରୀ ଶ୍ରୀକର ମାଝି, ଅବସରପ୍ରାପ୍ତ ଖେଳଶିକ୍ଷକ ପ୍ରମୋଦ ପଟେଲ, କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ କୁର୍ମିମୁଣ୍ଡା ଦଳକୁ ଟ୍ରଫିସହ ନଗଦ ୧୦ହଜାର ଟଙ୍କା ଓ ରନର ଅପ ଠାକୁରପଡା ଦଳକୁ ଟ୍ରଫି ସହ ନଗଦ ୭ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା। ଫୁଟବଲ କମିଟି ସମ୍ପାଦକ ନର ବାଘ, ରଞ୍ଜନ ପଟେଲ, ଜଗଦୀଶ ବାଘ ଓ ନେତାଜୀ କ୍ଲବ ସଭ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ଏଆଇ ଉପଯୋଗରେ ଆଇଆଇଏମ୍ ଅଗ୍ରଣୀ

## ଏନ୍‌ଏସ୍‌ଇ ଏକାଡେମୀ ଆନୁକୂଲ୍ୟରେ ଆଲୋଚନାଚକ୍ର

ସମ୍ବଲପୁର, ୧୬।୧୨ (ପ୍ରମୋଦ ବହିଦାର)



ଆଇଆଇଏମ୍ ସମ୍ବଲପୁରର ଦିଲ୍ଲୀ କ୍ୟାମ୍ପସରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ୟାନେଲିଷ୍ଟ ଓ ଛାତ୍ରୀଛାତ୍ର।

ପରିବର୍ତ୍ତନ ଓ ଗତିଶୀଳ ବଜାର ସୃଷ୍ଟି ପାଇଁ ଶିକ୍ଷାକ୍ଷେତ୍ରରେ ଏଆଇ ଉପଯୋଗ କରିବାରେ ସମ୍ବଲପୁର ଆଇଆଇଏମ୍ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଏହାର ଦିଲ୍ଲୀ କ୍ୟାମ୍ପସରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ୍ (ଏନ୍‌ଏସ୍‌ଇ) ଏକାଡେମୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ବିୟଣ୍ଡ ଦି ବ୍ରାଣ୍ଡ: ରିଫାଇନିଂ ଷ୍ଟ୍ରାଟେଜିସ୍ ଇନ୍ ଦି ଟେକ୍ନୋଲୋଜି–ଡ୍ରାଇଭେନ୍ ଡିସରପ୍‌ସନ୍' ଶୀର୍ଷକ ଏକ ରାଉଣ୍ଡଟେବୁଲ୍ ଆଲୋଚନାଚକ୍ରରେ ଏହା କହିଛନ୍ତି ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟଶ୍ୱାଲ। ଏଥିରେ ଅଧ୍ୟକ୍ଷତା କରି ନିର୍ଦ୍ଦେଶକ ଜୟଶ୍ୱାଲ କହିଥିଲେ, ଶିକ୍ଷାକ୍ଷେତ୍ରରେ ଏଆଇର ପ୍ରୟୋଗ ମାଧ୍ୟମରେ ଶିଳ୍ପମାନଙ୍କ ସହ ସମନ୍ୱୟ ରକ୍ଷା କରି ଆଇଆଇଏମ୍ ସମ୍ବଲପୁର ଓ ଏନଏସଇ ଏକାଡେମୀ ପକ୍ଷରୁ ସ୍ୱେନସର୍ସ, ସପର୍ସଷ୍ଟପ୍, ବାଟା, ଟାଟା, କେପିଏମଜି, ଡେଲଏଟ୍, ଇଣ୍ଡିଆ ମାର୍ଟ, ଆଇଟିସି, ଆଦିତ୍ୟ ବିର୍ଲା, ଫ୍ଲିପକାର୍ଟ, ଆଇପିଇ ଗ୍ଲୋବାଲ ଆଦିର ସିଏଚଆରଓ ଓ ସିଇଓଙ୍କ ସମେତ ୩୫ ଜଣ ଶିଳ୍ପ ଲିଡରଙ୍କୁ ନେଇ ଏକ ପ୍ୟାନେଲ ଗଠନ କରାଯାଇଥିଲା। ଏହି ଆଲୋଚନାରେ ଡିଜିଟାଲ୍ ଯୁଗରେ ଅନୁକୂଳତା ଓ ସ୍ଥିରତାକୁ ପ୍ରୋତ୍ସାହିତ କରିବାରେ ଦୂରଦର୍ଶୀ ନେତୃତ୍ୱ, ଗ୍ରାହକ କେନ୍ଦ୍ରୀକରଣ, ସାମାଜିକ ପ୍ରଭାବ, ପ୍ରତିଭା ଆକର୍ଷଣ ସହିତ ବୈଷୟିକ ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ କରି ଉଦ୍ଭାବନର ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ।

ବ୍ରାଣ୍ଡଗୁଡିକର ବ୍ରାଣ୍ଡିଂ ରଣନୀତି, ବଜାର ସ୍ଥିତି ଓ ଗ୍ରାହକ ସମ୍ପର୍କକୁ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳରେ ପୁନଃପରିବର୍ଦ୍ଧିତ କରିବା ଦିଗରେ ଛାତ୍ରଛାତ୍ରୀ ଓ ସଫଳ ଶିଳ୍ପଦ୍ୟୋଗୀଙ୍କୁ ଏକତ୍ରୀତ କରିବା ଏହି ଆଲୋଚନାର ମୁଖ୍ୟ ଲକ୍ଷ୍ୟ। ଏହି ଆକର୍ଷଣୀୟ ରାଉଣ୍ଡଟେବୁଲ ଆଲୋଚନାରେ ଶ୍ରେଣୀଗୃହରେ ଏଆଇ ପ୍ରଚଳନ କରିବା ସହିତ ପ୍ରଯୁକ୍ତିକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଗ୍ରହଣ କରାଯାଇଛି। ଏଥିରେ ଇ–କମର୍ସ, ଡିଜିଟାଲ ମାର୍କେଟିଂ ଓ ବ୍ରାଣ୍ଡିଂ ଭଳି ବିଭିନ୍ନ ଶିଳ୍ପର ପରିବର୍ତ୍ତନ ଉପରେ ବୈଷୟିକ ଉନ୍ନତିର ପ୍ରଭାବକୁ ଅନୁଧ୍ୟାନ କରାଯାଇଛି।

ଏନ୍‌ଏସ୍‌ଇ ଏକାଡେମୀର ସିଇଓ ଅଭିଳାଷ ମିଶ୍ର ପ୍ରଯୁକ୍ତିର ବ୍ୟବହାରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଆଇଆଇଏମ୍ ସମ୍ବଲପୁର ଦ୍ୱାରା ପ୍ରକାଶିତ ଉଦ୍ଭାବନ, ଅଖଣ୍ଡତା ଏବଂ ଅନ୍ତର୍ଭୁକ୍ତୀକରଣ ଭଳି ତିନୋଟି ଆଇର ଦୃଷ୍ଟିକୋଣ ସହିତ ସମାନ ଭାବରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ମଧ୍ୟ ସ୍ୱଚ୍ଛତା, ବିଶ୍ୱାସ ଓ ପ୍ରଯୁକ୍ତି ଭଳି ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛି। ଟାଟା କଞ୍ଜ୍ୟୁମର ପ୍ରଡକ୍ଟସର ଟ୍ୟାଲେଣ୍ଟ ଆଣ୍ଡ ଲର୍ଣ୍ଣିଂ ଉପାଧ୍ୟକ୍ଷ ନିଶିତ ବଂଶଲ କହିଥିଲେ ଯେ, ପ୍ରକୃତ ବ୍ୟବସାୟରେ ସଫଳତା ସମାଜ ଉପରେ ଏକ ଦୀର୍ଘକାଳୀନ ସକାରାତ୍ମକ ପ୍ରଭାବ ସୃଷ୍ଟି କରିଥାଏ। ଆଲୋଚନାରେ ଭାଗ ନେଇଥିବା ପ୍ୟାନେଲିଷ୍ଟମାନେ ଉଦୀୟମାନ ଜ୍ଞାନକୌଶଳର ଉପଯୋଗ କରି ଗ୍ରାହକଙ୍କ ମଧ୍ୟରେ ବ୍ୟକ୍ତିଗତ ଭାବ ବିନିମୟ, ଡିଜିଟାଲ ବିଶ୍ୱାସ ସୃଷ୍ଟି ସହିତ ଶୀର୍ଷ ପ୍ରତିଭାଙ୍କୁ ଏ ଦିଗରେ ଆକୃଷ୍ଟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବର୍ଷ ଆରମ୍ଭରୁ ଥିଲା ନିର୍ବାଚନ ତାତି। ସରଗରମ ଧରିଥିଲା ଢେଙ୍କାନାଳ-ଅନୁଗୋଳ ରାଜନୀତି। ଅନୁଗୋଳରେ ଦୀର୍ଘ ୨୪ ବର୍ଷର ପାରିବାରିକ ରାଜନୀତିରେ ଲାଗିଥିଲା ପରାଜୟର ଛିଟା। ଢେଙ୍କାନାଳରେ ମଧ ଚମକାଇ ଦେଇଥିଲେ ଭୋଟର। ଭାଜପାର ଭେଟେରାନ ରୁଦ୍ର ପାଣିଙ୍କ ଦୀର୍ଘ ୩୩ ବର୍ଷ ଅପେକ୍ଷାର ଘଟିଥିଲା ଅନ୍ତ। ଜିଲାସାରା ଫୁଟିଥିଲା ଫଦ୍ମ। ସେହିପରି ଢେଙ୍କାନାଳ ଜିଲାର ସବୁଜିମା ଖୁବ୍ ସୁହାଇଥିଲା ଐତିହ୍ୟପ୍ରାଣୀ ହାତୀଙ୍କୁ। ସେଥିପାଇଁ ରାଜ୍ୟରେ ବଂଶବୃଦ୍ଧି ତାଲିକାର ଶୀର୍ଷସ୍ଥାନରେ ରହିଥିଲା ହାତୀଙ୍କ ଅନ୍ତୁଡ଼ିଶାଳ କୁହାଯାଉଥିବା ଢେଙ୍କାନାଳ। ବିଦାୟୀ ବର୍ଷର ପ୍ରାରମ୍ଭରେ ଢେଙ୍କାନାଳର ପ୍ରସିଦ୍ଧ ମଗଜି ଲଡୁକୁ ଜିଆଇ ଟ୍ୟାଗ୍ ମିଳିବା, ମଧ ଭାଗରେ ଢେଙ୍କାନାଳର ଝିଅ ପ୍ରୀତିସ୍ମିତାଙ୍କ ବିଶ୍ୱ ରେକର୍ଡ ଜିଲାବାସୀଙ୍କୁ ଗର୍ବିତ କରିଥିବାବେଳେ ଅନୁଗୋଳ ଜିଲା ତାଳଚେରର ଅନିମେଶ ୟୁପିଏସ୍‌ସି ପରୀକ୍ଷାରେ ଦେଶରେ ଦ୍ୱିତୀୟ ହୋଇ ରାଜ୍ୟରେ ଚର୍ଚ୍ଚିତ ହୋଇଥିଲେ। ଶେଷ ଆଡ଼କୁ ଦୁର୍ନୀତି ନିବାରଣ ବିଭାଗ ହାତରେ ୨ ଜଣ କୋଟିପତି ବାବୁ ଧରାପଡ଼ିବା, ଦୁର୍ଘଟଣାରେ ୪ ଜୀବନ ଯିବା, ଅନୁଗୋଳ ଗମ୍ଭାରିମଳିହା ଗ୍ରାମରେ ଟ୍ରିପଲ ମର୍ଡର ମାମଲାରେ ୨ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ହେବା ବିଦାୟୀ ୨୦୨୪ ବର୍ଷର ଅନ୍ୟତମ ଚର୍ଚ୍ଚାର ବିଷୟ ଥିଲା।

# ସୁହାଉଛି ସବୁଜିମା

## ହାତୀ ସଂଖ୍ୟାରେ ଢେଙ୍କାନାଳ ଶୀର୍ଷରେ

ହାତୀଙ୍କୁ ସୁହାଉଛି ଢେଙ୍କାନାଳର ସବୁଜିମା। ସେଥିପାଇଁ ରାଜ୍ୟର ସର୍ବାଧିକ ହାତୀ ଢେଙ୍କାନାଳର ବିଭିନ୍ନ ବନାଞ୍ଚଳରେ ରହିଛନ୍ତି। ୨୦୨୪ରେ ହୋଇଥିବା ହାତୀ ଗଣନା ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ନଭେମ୍ବରରେ ହୋଇଥିବା ଶୀତକାଳୀନ ହାତୀ ଗଣନା ଅନୁଯାୟୀ ଢେଙ୍କାନାଳ ଜିଲାରେ ଶୀତ ସମୟରେ ତଥା ନଭେମ୍ବର ମଧ୍ୟରେ ୨୯୧ ହାତୀ ରହିଥିଲେ। ଏହାପୂର୍ବରୁ ଖରାଦିନେ ତଥା ମେ' ମାସରେ ହୋଇଥିବା ଗଣନାରେ ମଧ ରାଜ୍ୟର ସର୍ବାଧିକ ୨୩୯ ହାତୀ ଢେଙ୍କାନାଳରେ ରହିଥିଲେ। ଢେଙ୍କାନାଳ ଜିଲାର ସବୁଜ ପରିବେଶ, ଅଞ୍ଚଳବାସୀଙ୍କ ସହନଶୀଳତା, ଜଙ୍ଗଲ ବୃଦ୍ଧି ଏବଂ ପାଣି ପାଇଁ ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଥିବାରୁ ଏହା ହାତୀଙ୍କ ପସନ୍ଦର ଆବାସସ୍ଥଳୀ ପାଲଟିଯାଇଛି। ଜିଲାର ହିନ୍ଦୋଳ ରେଞ୍ଜ୍‌ରେ ସବୁଠାରୁ ଅଧିକ ୨୦୦ ହାତୀ ରହିଛନ୍ତି। ଦନ୍ତାହାତୀ ସଂଖ୍ୟା ଅଧିକ ଥିବାରୁ ହାତୀପଲ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ଏଥିସହ ସଦର, କପିଳାସ, କାମାକ୍ଷାନଗର ପଶ୍ଚିମାଞ୍ଚଳ, ପୂର୍ବାଞ୍ଚଳ, ମହାବିରୋଡ଼ ଓ ଷଡଙ୍ଗୀ ରେଞ୍ଜ୍‌ରେ ମଧ ବହୁ ହାତୀ ରହିଛନ୍ତି। ସେହିପରି ଅନୁଗୋଳ ଜିଲାର ସାତକୋଶିଆ ବନଖଣ୍ଡକୁ ଢେଙ୍କାନାଳ ଜିଲାର ହିନ୍ଦୋଳ ରେଞ୍ଜ୍ କନ୍ଦରା, କୋଇ ଏବଂ କଟକ ଜିଲାର ନରସିଂହପୁର, ବଡ଼ମ୍ବା ଓ ଆଠଗଡ଼ ଜଙ୍ଗଲ ଲାଗିଥିବାରୁ ଏହା ହାତୀଙ୍କ ଚଳପ୍ରଚଳ ପାଇଁ ସବୁଠାରୁ ଉତ୍ତମ ପରିବେଶ ହୋଇପାରିଛି।



## ଢେଙ୍କାନାଳର ମଗଜି ଲଡୁକୁ ଜିଆଇ ଟ୍ୟାଗ୍

ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ୨୦୨୪ ଜାନୁଆରୀ ୩ରେ ଢେଙ୍କାନାଳ ଜିଲାର ପ୍ରସିଦ୍ଧ ମଗଜି ଲଡୁକୁ ମିଳିଥିଲା ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜିଆଇ) ଟ୍ୟାଗ୍ ମାନ୍ୟତା। ଏହି ଖବର ଢେଙ୍କାନାଳ ଜିଲାବାସୀଙ୍କୁ ବେଶ୍ ଆନନ୍ଦିତ କରିଦେଇଥିଲା। ଢେଙ୍କାନାଳର ଏହି ପ୍ରସିଦ୍ଧ ମଗଜି ଲଡୁ ଇତିହାସ ପ୍ରାୟ ୬ଶହ ବର୍ଷ ପୁରୁଣା। ଏପରି କି ଭାଗବତ ଟିକାକାର ଶ୍ରୀଧର ସ୍ୱାମୀଙ୍କ କପିଳାସ ପୀଠରେ ରହିବା ସମୟରେ ସେଠାରେ ଚୈତନ୍ୟ ମହାପ୍ରଭୁଙ୍କୁ ମଗଜି ଲଡୁ ଖାଇବାକୁ ଦେଇଥିଲେ ବୋଲି ଇତିହାସ ଓ ଲୋକ କଥାରୁ ଜଣାପଡ଼େ। ୭ ଡିସେମ୍ବର ୨୦୨୦ରେ ଢେଙ୍କାନାଳ ସହର ମିନାବଜାରସ୍ଥିତ ଢେଙ୍କାନାଳ ସୁଇଟ୍ ଆସୋସିଏଶନ ପକ୍ଷରୁ ମଗଜି ଲଡୁକୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଦରଖାସ୍ତ (ନମ୍ବର-୭୨୪) ପଞ୍ଜୀକୃତ କରାଯାଇଥିଲା। ଓୟୁଏଟି ସହଯୋଗରେ ଏହାକୁ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ ପାଇଁ ନିୟମ ଅନୁଯାୟୀ ବିଭିନ୍ନ ପାହାଚ ଅତିକ୍ରମ ପରେ ୧ ସେପ୍ଟେମ୍ବର ୨୦୨୩ରେ ଏହା ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲା।



## ହାଇୱା ନେଲା ୪ ଜୀବନ

ଜଣେ ସମ୍ପର୍କୀୟଙ୍କୁ ବସ୍‌ଷ୍ଟାଣ୍ଡରେ ଛାଡ଼ିବାକୁ ବାଇକ୍‌ରେ ଯାଉଥିବା ବେଳେ ହାଇୱା ଧକ୍କାରେ ଯାଇଥିଲା ୪ ଜଣଙ୍କ ଜୀବନ। ଢେଙ୍କାନାଳ ଜିଲା ନିହଳପ୍ରସାଦ ଥାନା ଟୋଲରପଶି ଗ୍ରାମ ନିକଟରେ ୨୦୨୪ ମେ ୨୦ରେ ଘଟିଥିବା ଏହି ଦୁର୍ଘଟଣା ଜିଲାରେ ଶୋକର ଛାୟା ଖେଳାଇ ଦେଇଥିଲା। ମୃତକଙ୍କ ମଧ୍ୟରେ ଥିଲେ ନିହଳପ୍ରସାଦ ଥାନା ଖଙ୍କିରା ପଞ୍ଚାୟତ ଛୋଟତେନ୍ତୁଳି ନିକଟସ୍ଥ ଫୁଲଝର ଗ୍ରାମର ଗୋବିନ୍ଦ ଦେଓଗାମ୍(୩୦), ଭଉଣୀ ସୁମି ଦେଓଗାମ୍(୨୫), ଭାଣିଜୀ ପୂର୍ଣ୍ଣିମା ଦେଓଗାମ୍(୭) ଏବଂ ସମ୍ପର୍କୀୟ ମୟୂରଭଞ୍ଜ ଜିଲା କୁଲିଅଣା ଥାନା ଗେଣ୍ଡପୋଖରିଆ ଗ୍ରାମର ସନାତନ ସିଂ। ସନାତନଙ୍କୁ ପିଙ୍ଗୁଆ ବସ୍‌ଷ୍ଟାଣ୍ଡରେ ଛାଡ଼ିବାକୁ ସମସ୍ତେ ବାଇକ୍‌ରେ ଯାଉଥିବା ବେଳେ ଘଟିଥିଲା ଦୁର୍ଘଟଣା।

## ୟୁପିଏସ୍‌ସିରେ ଦ୍ୱିତୀୟ ଅନିମେଶ



୧୬ ଏପ୍ରିଲ୍ ୨୦୨୪ରେ ପ୍ରକାଶିତ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପରୀକ୍ଷା ଫଳରେ ଅନୁଗୋଳ ଜିଲା ତାଳଚେରର ଅନିମେଶ ପ୍ରଧାନ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ରହି ନିଜ ମାଟିକୁ ଗୌରବାନ୍ୱିତ କରିଥିଲେ। ତାଳଚେର ଭାଲୁଗାଡ଼ିଆର ଅନିମେଶ ଦିଲ୍ଲୀସ୍ଥିତ ଆଇଓସିଏଲ୍‌ରେ କାର୍ଯ୍ୟରତ ଥିବାବେଳେ ଏହି ସଫଳତା ପାଇପାରିଥିଲେ। ଅନିମେଶ ତାଳଚେରସ୍ଥିତ ଏକ ଘରୋଇ ସ୍କୁଲରୁ ୯୮.୪ ପ୍ରତିଶତ ମାର୍କ ରଖି ଯୁକ୍ତ ୨ ପାସ୍ କରିଥିଲେ। ଏହାପରେ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇଟି)ରୁ କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରିଥିଲେ। ଡିସେମ୍ବରରେ ଅନିମେଶଙ୍କୁ ଓଡ଼ିଶା କ୍ୟାଡର ମିଳିଛି।

## ବିଶ୍ୱ ରେକର୍ଡରେ ପ୍ରୀତିସ୍ମିତା



୨୦୨୪ ମେ'ରେ ଦକ୍ଷିଣ ଆଫ୍ରିକାର ପେରୁଠାରେ ଅନୁଷ୍ଠିତ ବିଶ୍ୱ ଯୁବ ଭାର ଉତ୍ତୋଳନ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ(୧୬) ୪୦ କେଜିବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିବା ସହ ନୂଆ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଏହାପୂର୍ବରୁ ଏହି ରେକର୍ଡ ୧୫ ବର୍ଷର ଚାଇନା ଖେଳାଳିଙ୍କ ନାମରେ ଥିଲା। ଢେଙ୍କାନାଳ ସହର ଦୁର୍ଗାବଜାରର ମହେନ୍ଦ୍ର ଭୋଇ ଏବଂ ଯମୁନା ଭୋଇଙ୍କ ସାନଝିଅ ପ୍ରୀତିସ୍ମିତା ଏହି ଇତିହାସ ସୃଷ୍ଟି କରିଥିବା ତାଙ୍କ କୋଚ୍ ଗୋପାଳକୃଷ୍ଣ ଦାସ କହିଥିଲେ। ଏହି ସଫଳତା ଦ୍ୱାରା କେବଳ ଢେଙ୍କାନାଳ କି ଓଡ଼ିଶା ନୁହେଁ, ସମଗ୍ର ଭାରତ ବର୍ଷକୁ ପ୍ରୀତିସ୍ମିତା ଗର୍ବିତ କରିଥିଲେ।

## ୨ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ଥାନା ଗମ୍ଭାରିମଳିହା ଗ୍ରାମରେ ୨୦୧୭ ମସିହା ଅକ୍ଟୋବର ୧୦ ତାରିଖରେ ଘଟିଥିବା ଟ୍ରିପଲ ମର୍ଡର ମାମଲାରେ ୨ ଅଭିଯୁକ୍ତ ନନ୍ଦକିଶୋର ସେଠୀ ଏବଂ ପ୍ରକାଶ ବେହେରାଙ୍କୁ ଆଠମଲ୍ଲିକ ଅତିରିକ୍ତ ଜିଲା ଦୌରାଜଜ୍ ଦୋଷୀ ସାବ୍ୟସ୍ତ କରିବା ସହ ୨୦୨୪ ସେପ୍ଟେମ୍ବର ୨୭ରେ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ। ଅଭିଯୁକ୍ତମାନେ ଲକ୍ଷାଧିକ ଟଙ୍କା ହାତେଇବା ଲୋଭରେ ଗମ୍ଭାରିମଳିହା ଗ୍ରାମର ଡିଜେ ସାଉଣ୍ଡ ବ୍ୟବସାୟୀ ବିରଞ୍ଚି ନାୟକ, ତାଙ୍କ ସ୍ତ୍ରୀ ତରଣୀ ନାୟକ ଓ ୮ ବର୍ଷର ପୁଅ ଏକଲବ୍ୟ ନାୟକ (ନବ)ଙ୍କ ତଣ୍ଟିକାଟି ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ସେତେବେଳେ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା।



## ଭିଜିଲାନ୍ସ ସ୍କାନରରେ କୋଟିପତି ବାବୁ



କୋଟିପତି ଜଙ୍ଗଲୀ ବାବୁଙ୍କ ଆଲିଶାନ୍ ବଙ୍ଗଳାରୁ ବାହାରିଥିଲା ପୁଳାପୁଳା ଅଳଙ୍କାର। ଏଥିରେ ଅଧକେଜି ସୁନା, ରୁପା ସହ ୨ଟି ହୀରା ଅଳଙ୍କାର ରହିଥିଲା। ଟଏଲଟ୍ ଫ୍ଲସ୍‌ରେ ଲୁଚାଯାଇଥିବା ଲକ୍ଷାଧିକ ଟଙ୍କାକୁ ମିଶାଇ ଗୋଟିଏ ଘରୁ ବାହାରିଥିଲା ୫ଲକ୍ଷ ୧୫ ହଜାର ୮୪୦ ନଗଦ ଟଙ୍କା। ଏକାଧିକ ଫ୍ଲାଟ, ୮ରୁ ଅଧିକ ପ୍ଲଟ ସମେତ ବିଳାସମୟ ଫାର୍ମ ହାଉସ୍‌ରେ ମିନି ଚିଡ଼ିଆଖାନା ଭିଜିଲାନ୍ସ ଟିମ୍‌କୁ ଚକିତ କରିଦେଇଥିଲା। ୨୦୨୪ ଅଗଷ୍ଟ ୨୨ରେ ଭିଜିଲାନ୍ସ ଜାଲରେ ପଡ଼ିଥିବା ଏହି କୋଟିପତି ବାବୁ ଥିଲେ ଢେଙ୍କାନାଳ ଫରେଷ୍ଟ ରେଞ୍ଜର ବିଭୁଦାନନ୍ଦ ମିଶ୍ର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ବିଭୁଦାନନ୍ଦଙ୍କ ଘର ସମେତ ଢେଙ୍କାନାଳ, କଟକ ଓ ଭୁବନେଶ୍ୱରର ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ କରାଯାଇଥିଲା।

୨୦୨୪ ନଭେମ୍ବର ୧୮ରେ କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଭିଜିଲାନ୍ସ ସ୍କାନର୍‌କୁ ଆସିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ନାରାୟଣଙ୍କ ଘର ସମେତ ଖୋର୍ଦ୍ଧା, ଢେଙ୍କାନାଳ, ଭଦ୍ରକ, ମୟୂରଭଞ୍ଜ ଜିଲାର ୧୦ ସ୍ଥାନରେ ଚଢ଼ାଉ କରାଯାଇଥିଲା। ନାରାୟଣଙ୍କ ଘରୁ ନଗଦ ୧ ଲକ୍ଷ ୪୮ ହଜାର ୬୮୦ ଟଙ୍କା ମିଳିଥିବାବେଳେ ଭୁବନେଶ୍ୱର ଝାରପଡ଼ାଠାରେ ନିର୍ମାଣାଧୀନ ୩ ମହଲା କୋଠା, ଭଦ୍ରକରେ ୩ ମହଲା କୋଠା, ଗେଲପୁରରେ ନିର୍ମାଣାଧୀନ ଦୁଇ ମହଲା କୋଠା, ଭୁବନେଶ୍ୱର, ଭଦ୍ରକ ଓ ପୁରୀରେ ୧୪ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିଲା। ବ୍ୟାଙ୍କ, ଜୀବନବୀମା ଓ ପୋଷ୍ଟାଲ ଜମା ୩୪ ଲକ୍ଷ ୫୭ ହଜାର ୫୨ ଟଙ୍କା ଥିବା ବେଳେ ଘରୁ ୩୬୬ ଗ୍ରାମ୍‌ର ଅଳଙ୍କାର ଭିଜିଲାନ୍ସ ପାଇଥିଲା।



## ୨୦୨୪ ନିର୍ବାଚନରେ ଚମତ୍କାର

୨୦୨୪ ସାଧାରଣ ନିର୍ବାଚନରେ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ଚମତ୍କାରିତା ଦେଖିବାକୁ ମିଳିଥିଲା। ୧୯୯୧ରୁ ୫ ଥର ଲୋକ ସଭା ନିର୍ବାଚନ ଲଢ଼ି ପରାଜୟ ବରଣ କରିଆସିଥିବା ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ୨୦୨୪ ନିର୍ବାଚନରେ ୬ଷ୍ଠ ଥର ପ୍ରତିଦ୍ୱନ୍ଦ୍ୱିତା କରିବା ସହ ବିଜୟୀ ହୋଇଥିଲେ। ଏଥିସହ ବିଜୟ ପାଇଁ ରୁଦ୍ରଙ୍କ ଦୀର୍ଘ ୩୩ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କ ଠାରୁ ଭାଜପା ଏମ୍‌ପି ପ୍ରାର୍ଥୀ ପାଣି ୭୬ ହଜାର ୫୬୭ ଅଧିକ ଭୋଟ ପାଇ ବିଜୟ ଲାଭ କରିଥିଲେ। ସେହିପରି ପ୍ରଥମ କରି ଢେଙ୍କାନାଳ ଜିଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର ଓ ପରଜଙ୍ଗରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ପୂର୍ବରୁ ଏଠାରେ ଭାଜପାର ଏପରି ଏକତରଫା ବିଜୟ କେବେ ଦେଖିବାକୁ ମିଳି ନ ଥିଲା।



### ପରିବାରବାଦ ରାଜନୀତିର ପରାଜୟ

୨୦୦୦ ମସିହାରୁ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ନିରବଚ୍ଛିନ୍ନ ଭାବେ ଚାଲିଆସିଥିଲା ପରିବାରବାଦ ରାଜନୀତି। ଗୋଟିଏ ପରିବାର ହାତରେ ଦୀର୍ଘ ୨୪ ବର୍ଷ ହେଲା ରହିଥିଲା କ୍ଷମତା। ୨୦୦୦ ମସିହାରେ ଅଦ୍ୱୈତ୍ୟ ପ୍ରସାଦ ସିଂହଙ୍କ ପରେ ତାଙ୍କ ପୁଅ ରଜନୀକାନ୍ତ ସିଂହ ୨୦୦୪ରୁ ଲଗାତର ୪ ଥର ବିଜେଡିର ବିଧାୟକ ହୋଇଥିଲେ। ଏପରି କି ଅନୁଗୋଳ ବିଜେଡିର ସମସ୍ତ କ୍ଷମତାକୁ ଏହି ପରିବାର ୨୪ ବର୍ଷ ହେଲା ଧରି ରଖିଆସିଥିଲେ। ହେଲେ ୨୦୨୪ ନିର୍ବାଚନରେ ଉକ୍ତ ପରିବାରରୁ ବିଧାୟକ ପ୍ରାର୍ଥୀ ହୋଇଥିବା ରଜନୀକାନ୍ତଙ୍କ ସ୍ତ୍ରୀ ସଂଯୁକ୍ତା ସିଂହଙ୍କୁ ପରାସ୍ତ ହେବାକୁ ପଡ଼ିଥିଲା। ଫଳରେ ପରିବାରବାଦ ରାଜନୀତିରେ ପରାଜୟର ଛିଟା ଲାଗିଥିଲା।



# ବିକ୍ଷୋଭ ବେଳେ ମହୁମାଛି ଆକ୍ରମଣ, ୧୫ରୁ ଅଧିକ ଆହତ

ଭୁବନେଶ୍ୱର, ୧୬।୧୨(ସୁନିତ୍ ମିଶ୍ର)

- ବିଷ୍ଣୁପଦ ଯେଉଁ ବିଭାଗରେ ଆଜି ପର୍ଯ୍ୟନ୍ତ ଅଛନ୍ତି ସବୁର ତଦନ୍ତ ହେଉ: ଯୁବ କଂଗ୍ରେସ
- ମହୁମାଛି ଫେଣାକୁ କିଏ ଟେକା ମାରିଲା ତା'କୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ଗିରଫ ଦାବିରେ ଯୁବ କଂଗ୍ରେସ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଏହି ସମୟରେ ଅଘଟଣ ଘଟିଥିବା ଲକ୍ଷ୍ୟ କରାଯାଇଛି। ବିଷ୍ଣୁପଦଙ୍କୁ ସିବିଆଇ ପକ୍ଷରୁ ସମନ ହେବା ପରେ ତାଙ୍କୁ ଦାୟିତ୍ୱରୁ ହଟାଇବା ସହ ଗିରଫ କରିବା ଦାବି ନେଇ ଯୁବ କଂଗ୍ରେସ ନେତା ଓ କର୍ମୀମାନେ ଫରେଷ୍ଟ ପାର୍କଠାରୁ ବାହାରିଥିଲେ। ବିଷ୍ଣୁପଦଙ୍କ ଘର ଆଡକୁ ଯୁବ କଂଗ୍ରେସ କର୍ମୀମାନେ ଯିବା ବେଳକୁ ଆଗରୁ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମୀମାନେ ସେମାନଙ୍କୁ ଅଟକାଇବାକୁ ପ୍ରସ୍ତୁତ ଥାଆନ୍ତି। ଏତିକିବେଳେ କୁଆଡୁ ପୁଳା ପୁଳା ମହୁମାଛି ମାଡ଼ି ଆସିଲେ। ଯୁବ କଂଗ୍ରେସ କର୍ମୀ ବିଷ୍ଣୁପଦଙ୍କ ସରକାରୀ କ୍ୱାର୍ଟର୍ସ ନିକଟରେ ପହଞ୍ଚିବା ପରେ ମହୁମାଛିମାନେ ପ୍ରଥମେ ପୋଲିସଙ୍କୁ ଆକ୍ରମଣ କରିବା ଆରମ୍ଭ କରିଦେଲେ। ଏହାପରେ ମହୁମାଛି ଆକ୍ରମଣରୁ ସେଠାରେ ଉପସ୍ଥିତ ଥିବା ଖବରଦାତା ଏବଂ ଯୁବ କଂଗ୍ରେସ କର୍ମୀମାନେ ମଧ୍ୟ ବର୍ତ୍ତି ନ ଥିଲେ। ଯେଉଁମାନେ ସେଠାରେ ଥିଲେ ସମସ୍ତେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଏହି ଅଘଟଣ ଯୋଗୁ ୯ ଜଣ ଯୁବ କଂଗ୍ରେସ କର୍ମୀ, ୪ ଜଣ ପୋଲିସ ଏବଂ ଦୁଇ ଜଣ ଖବରଦାତା ଆହତ ହୋଇଛନ୍ତି। ଆହତ ଯୁବ କଂଗ୍ରେସ କର୍ମୀମାନଙ୍କୁ ଇଞ୍ଜେକ୍ସନ ଏବଂ ସାଲାଇନ ମଧ୍ୟ ଦିଆଯାଇଥିବା ଜଣାପଡ଼ିଛି। ମହୁମାଛିମାନେ ଯେତେବେଳେ ଆକ୍ରମଣ କରିବା ଆରମ୍ଭ କରିଥିଲେ ଘଟଣାସ୍ଥଳରେ ଉପସ୍ଥିତ କେତେଜଣ ଦୌଡ଼ିବା ଆରମ୍ଭ କରିଥିବା ବେଳେ ଅଧିକାଂଶ ତଳେ ଶୋଇକି ଦୀର୍ଘ ସମୟ ରହିଥିଲେ। ହେଲେ ଏତେ ସଂଖ୍ୟକ ମହୁମାଛି କେଉଁଆଡୁ ଆସିଥିଲେ ତାକୁ ନେଇ ସମସ୍ତେ ପ୍ରଶ୍ନ ଉଠାଇଥିଲେ। କିଛି ଯୁବ କଂଗ୍ରେସ କର୍ମୀ କହିଛନ୍ତି, ବିଷ୍ଣୁପଦଙ୍କ ଘର ନିକଟରେ ଏକ ଗଛରେ ମହୁମାଛି ବସା ରହିଥିଲା। ଆଗରୁ ପ୍ରସ୍ତୁତ ଥିବା କିଛି ବ୍ୟକ୍ତି ଉକ୍ତ ମହୁମାଛି ଫେଣାକୁ ଟେକା ମାରିଦେଇ ସେଠାରୁ ଖସିଯାଇଥିଲେ। ସେମାନଙ୍କୁ ନିହାତି ଧରାଯିବା ଆବଶ୍ୟକ ବୋଲି ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

ଅନ୍ୟପଟେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ବିଷ୍ଣୁପଦ ସେଠୀ ହେଉଛନ୍ତି ଜଣେ ଠକ ବ୍ୟକ୍ତି। ପୂର୍ବରୁ ସେ ଗଣଶିକ୍ଷା ବିଭାଗରେ ଥିବା ସମୟରେ ବ୍ୟାପକ ଦୁର୍ନୀତି କରିଥିଲେ। ତା'ର ପର୍ଦ୍ଦାଫାଶ ହେଲା ନାହିଁ। ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଶିକ୍ଷାର ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ସେ ହଡପ କରୁଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ ଆଣ୍ଡ ରୁଫ କର୍ପୋରେଶନର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ ବିଷ୍ଣୁପଦଙ୍କ ସହ ଲୋକସେବା ଭବନରେ ଆଲୋଚନା କରିବାକୁ ନିକଟରେ ଯାଇଥିଲେ। ବିଷ୍ଣୁପଦ ଯେଉଁ ବିଭାଗ ଦାୟିତ୍ୱରେ ଆଜି ପର୍ଯ୍ୟନ୍ତ ରହି ଆସିଛନ୍ତି ସେସବୁର ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି।

# ସୁରକ୍ଷା ପାଇଁ ବିଜେଡିକୁ ବିକୁଛନ୍ତି

ଭୁବନେଶ୍ୱର, ୧୬।୧୨(ସୁନିତ୍ ମିଶ୍ର)



ଭି.କେ. ପାଣ୍ଡିଆନ୍



ପ୍ରଣବ ପ୍ରକାଶ ଦାସ

ବିଜେଡିର ଭବିଷ୍ୟତ ରାଜନୈତିକ କାର୍ଯ୍ୟପନ୍ଥା କ'ଣ ହେବ ସେନେଇ ଦଳର ବହୁ ଆଗଧାଡ଼ିର ନେତା ଏବେ ଚିନ୍ତା କଲେଣି। ଆଶ୍ଚର୍ଯ୍ୟର କଥା ହେଉଛି ବିଜେଡିରେ ଯେଉଁ ନେତାମାନେ ୨୦୧୯ ନିର୍ବାଚନ ପରଠାରୁ ପୂର୍ବତନ ବିଧାୟକ ତଥା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଟିମ୍‌ରେ ରହି ସବୁକିଛି ପରିଚାଳନା କରିଆସୁଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ନେତା ହିଁ ବିରକ୍ତି ଭାବ ପ୍ରକାଶ କଲେଣି। ପରୋକ୍ଷରେ ବିଜେଡିକୁ କିପରି ଭାଜପା ସହିତ ମିଶାଇ ଦିଆଯାଇପାରିବ ସେନେଇ ଏକ ପ୍ରକାର ଭିତିରିଆ ଉଦ୍ୟମ ହେଉଛି ବୋଲି ଏବେ ଏଇମାନେ କହିବା ଆରମ୍ଭ କଲେଣି। ଦୁଇଦିନ ତଳେ ଯେଉଁମାନେ ଦଳରେ ସବୁକିଛି ଠିକ୍ ଅଛି ଲୋକମାନେ ବିଜେଡିକୁ ପୁଣିଥରେ ସରକାରଙ୍କୁ ଆଣିବାକୁ ଚାହୁଁଛନ୍ତି ବୋଲି ବଡ଼ ପାଟିରେ ପ୍ରଚାର କରୁଥିଲେ, ସେହି ନେତାମାନେ ହିଁ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶିଙ୍କ ମତ ଦେଖିବା ପରେ ଚିଙ୍କି ଉଠିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟ ସଭା ଅଧ୍ୟକ୍ଷଙ୍କ ବିରୋଧରେ କଂଗ୍ରେସ ସମର୍ଥନରେ ବିରୋଧୀ ଦଳର ଏମ୍‌ପିମାନେ ଅନାସ୍ଥା ଆଣିବାକୁ ଘୋଷଣା କରି ଏନେଇ ନୋଟିସ୍ ମଧ୍ୟ ଦେଇସାରିଛନ୍ତି। ହେଲେ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ବିଜେଡି ସମର୍ଥନ କରିବ ନାହିଁ ବୋଲି ନିରଞ୍ଜନ ଗଣମାଧ୍ୟମକୁ ଖୋଲାଖୋଲି ଜଣାଇ ଦେଇଛନ୍ତି। ଅର୍ଥାତ୍ ନିରଞ୍ଜନଙ୍କ କହିବାନୁଯାୟୀ, ବିଜେଡି ପୁନର୍ବାର ପୂର୍ବଭଳି କେନ୍ଦ୍ରରେ ଭାଜପାକୁ ସମର୍ଥନ କରିବ। ନିରଞ୍ଜନଙ୍କ ଏଭଳି ମତ ଶୁଣିବା ପରେ ବିଜେଡି ଏଯାଏ ବି ଭାଜପାକୁ କେନ୍ଦ୍ରରେ ସମର୍ଥନ କରୁଥିବା ଏକ ପ୍ରକାର ସ୍ପଷ୍ଟ ହେଉଛି। ଏକଥାକୁ ବିଜେଡିର ଆଗଧାଡ଼ିର ନେତାମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ନଗଦ ଉପରେ ବିଜେଡିର ଦୁଇ ଜଣ ରାଜ୍ୟ ସଭା ଏମ୍‌ପି ନିଜ ପଦରୁ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇସାରିଛନ୍ତି। ଭାଜପା ରାଜ୍ୟରେ ସଂଖ୍ୟାଗରିଷ୍ଠ ଦଳ ଭାବେ ସରକାର କରିଥିବାରୁ ବିଜେଡି ଛାଡ଼ିଥିବା ଦୁଇ ରାଜ୍ୟ ସଭା ଏମ୍‌ପିଙ୍କୁ ନିଜ ଦଳରେ ମିଶାଇ ସେମାନଙ୍କୁ ପୁଣିଥରେ ରାଜ୍ୟ ସଭାକୁ ପଠାଇଛି। ଏହାଦ୍ୱାରା ରାଜ୍ୟ ସଭାରେ ଭାଜପା ସଂଖ୍ୟାରେ ବୃଦ୍ଧି ଘଟିଛି। ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ବିଜେଡି ନେତା ଓ କର୍ମୀମାନଙ୍କୁ ମଧ୍ୟ ଭାଜପା ନିଜ ଦଳରେ ସାମିଲ କରୁଛି। ଏପରିକି ପ୍ରତ୍ୟେକ ଦିନ ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନଙ୍କୁ ସ୍ୱାଭାବିକ ଭାବେ ମଧ୍ୟ ଭାଜପା ନିଜ ଦଳରେ ସାମିଲ କରିବା ସହିତ ବିଜେଡିକୁ ରାଜ୍ୟରେ ଭାଙ୍ଗିଦେବାକୁ ଉଦ୍ୟମ ଚଳାଇଛି। ଏତେସବୁ ସତ୍ତ୍ୱେ ଯେଉଁ ଭୁଲ୍ ସକାଶେ ରାଜ୍ୟରେ ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ସରକାରରୁ ଚାଲିଗଲା ସମାନ କଥା କିପରି ଦଳ ଦୋହରାଉଛି ବୋଲି ବିଜେଡି ଭିତରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏଭଳି ହେବା ଦ୍ୱାରା ଦଳର କର୍ମୀମାନଙ୍କ ମନୋବଳ ଭାଙ୍ଗିବା ସହିତ ବିଜେଡିକୁ ନଷ୍ଟ କରିବାକୁ ଯେ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି ସେକଥା ମଧ୍ୟ ଆଲୋଚନା ହେଲାଣି। ୨୦୨୪ ନିର୍ବାଚନ ପୂର୍ବରୁ ଦଳକୁ ଭାଙ୍ଗିବାକୁ ଉଦ୍ୟମ ଆରମ୍ଭ ହୋଇଥିବା କଥା ଚର୍ଚ୍ଚା ହେଉଥିଲା, ହେଲେ ଏବେ ବବିଙ୍କ ଘନିଷ୍ଠମାନେ ଏକଥା କହିବା ଆରମ୍ଭ କରିଥିବାରୁ କୌତୂହଳ ପରିସ୍ଥିତି ସୃଷ୍ଟି ହୋଇଛି।

୨୦୦୪ ମସିହାରୁ ଲଗାତର ବିଧାୟକ ଭାବେ ବିଜୟୀ ହୋଇ ଆସୁଥିବା ଉପକୂଳ ଜିଲାର ଜଣେ ବରିଷ୍ଠ ନେତା କିଛିଦିନ ତଳେ ଏକ ସର୍ବସାଧାରଣ ସ୍ଥାନରେ ବିଜେଡିକୁ ଖୁବଶୀଘ୍ର ଭାଜପାରେ ମିଶାଇ ଦେବାକୁ ଦଳ ଭିତରେ ଉଦ୍ୟମ ଆରମ୍ଭ ହୋଇଯାଇଥିବା କଥା କହିଥିଲେ। ଯଦି ଏଭଳି ନିଷ୍ପତ୍ତି ହୁଏ ତେବେ ସେମାନେ ଖୋଲାଖୋଲି ବିରୋଧ କରିବେ ବୋଲି ମଧ୍ୟ ସେ କହିଥିଲେ। ରାଜ୍ୟ ସଭାର ଜଣେ ଏମ୍‌ପି ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟା, ବିଧାନସଭାରେ ଭାଜପା ବିରୋଧରେ ଯେପରି ଆଭିମୁଖ୍ୟ ଗ୍ରହଣ କରାଯାଉଛି ଏବଂ ଆଇପିଏସ୍ ଆଶିଷ ସିଂ ଓ ଡି.ଏସ୍. କୁଟ୍ଟେଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ପଠାଯିବା ଘଟଣା ଦେଖିଲେ ଏସବୁ କଥା ସ୍ପଷ୍ଟ ହୋଇଯାଉଛି ବୋଲି ସେ ମତ ରଖିଥିଲେ। ଅନ୍ୟପକ୍ଷରେ ନବୀନ ନିବାସରେ ଯେତେବେଳେ ବୈଠକ ହେଉଛି ଯାହା ବାସ୍ତବରେ ଆଲୋଚନା ହେବା କଥା ତାକୁ ନେଇ କେହି ମୁହଁ ଖୋଲୁନାହାନ୍ତି ବୋଲି ମଧ୍ୟ କହିଥିଲେ। ଆଉ କିଛି ବିଷୟ ଥାଇପାରେ ଯାହା ସର୍ବସାଧାରଣରେ ସେ କହି ନ ଥାଇପାରନ୍ତି, ହେଲେ ଯେଉଁସବୁ ବିଷୟ ସେ ଖୋଲାଖୋଲି କହିଲେ ସେଥିରୁ ବହୁତ କିଛି ବୁଝାପଡ଼ିଯାଉଛି। ଅନ୍ୟପଟେ ବିଜେଡିରେ କେଉଁମାନେ ପ୍ରଣବ ପ୍ରକାଶଙ୍କ ଅତ୍ୟନ୍ତ ଘନିଷ୍ଠ ସେମାନଙ୍କୁ ସମସ୍ତେ ପ୍ରାୟ ଜାଣନ୍ତି। ତେଣୁ ସେହି ନେତାମାନେ ଏବେ ଅସନ୍ତୋଷ ବ୍ୟକ୍ତ କରିବା ଅର୍ଥ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସବୁଠାରୁ ଘନିଷ୍ଠ ଭି.କେ. ପାଣ୍ଡିଆନ ଭାଜପାର ଶୀର୍ଷ ନେତୃତ୍ୱଙ୍କ ସହିତ କିଛି ବୁଝାମଣା କରୁଥିବା କଥା ଆଡକୁ ଇଙ୍ଗିତ କରୁଛି। ସେହିପରି ଗତ ସପ୍ତାହରେ ରାଜସ୍ଥାନଠାରେ ଆୟୋଜିତ ହୋଇଥିବା ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ପୁଅଙ୍କ ପ୍ରି-ୱେଡ଼ିଂ ପାର୍ଟିରେ ଯୋଗଦେବା ଲାଗି ପାଣ୍ଡିଆନ ଯାଇଥିଲେ। କେବଳ ସେତିକି ନୁହେଁ ପାଣ୍ଡିଆନ ଭାଜପା ଶୀର୍ଷ ନେତୃତ୍ୱଙ୍କ ଯୋଗାଯୋଗରେ ରହି ଆଶିଷ ସିଂ ଏବଂ କୁଟ୍ଟେଙ୍କ ବିରୋଧରେ କିପରି କାର୍ଯ୍ୟାନୁଷ୍ଠାନ ନ ହେବ ସେନେଇ ମଧ୍ୟ ସବୁ ପ୍ରକାର ଯୋଗାଯୋଗ କରିଥିବା ବିଷୟ ଏବେ ଆଲୋଚନା ଚାଲିଛି। ହେଲେ ରାଜ୍ୟରେ ଭାଜପା ସରକାର ଆସିବା ପରେ ପାଣ୍ଡିଆନ ତାଙ୍କ ସହଯୋଗୀ ଅଫିସରଙ୍କୁ ସୁରକ୍ଷିତ ଥଇଥାନ କରିବା ସହିତ ନିଜର ସୁରକ୍ଷା ପାଇଁ ଏହି ଆଞ୍ଚଳିକ ଦଳର ଭବିଷ୍ୟତକୁ ବାଜିରେ ଲଗାଇଛନ୍ତି ବୋଲି କେତେଜଣ ନେତା କହୁଛନ୍ତି। ସେମାନେ ଆହୁରି ମଧ୍ୟ କହୁଛନ୍ତି, ଏ ବିଷୟରେ କୌଣସି ମତ ଶୁଣିବା ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ଆଦୌ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହା ଫଳରେ ଆସନ୍ତା ସାଢେ ୪ ବର୍ଷ ମଧ୍ୟରେ ମୁଷ୍ଟିମେୟ କେତେଜଣଙ୍କ ସୁରକ୍ଷା ପାଇଁ ଦଳକୁ ବ୍ୟବସାୟରେ ଲଗାଇ ଦିଆଯାଉଛି। ଏକଥା ସମସ୍ତେ ବୁଝୁଥିବା ସତ୍ତ୍ୱେ କେହି ଏ ପର୍ଯ୍ୟନ୍ତ ବିଦ୍ରୋହ କରିବା ପରିସ୍ଥିତିରେ ନାହାନ୍ତି ବୋଲି କେତେଜଣ ବିଧାୟକ ମତ ଦେଉଛନ୍ତି।



ଭୁବନେଶ୍ୱର ଫରେଷ୍ଟ ପାର୍କରୁ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ଘର ଆଡ଼କୁ ସୋମବାର ଯୁବ କଂଗ୍ରେସର କର୍ମୀମାନେ ଆସୁଥିବାବେଳେ ଦଳୀୟ କର୍ମୀ, ପୋଲିସ ଓ ସାମ୍ବାଦିକମାନେ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି।

# ଭାଜପାରେ ମିଶିଲେ ଜୟପୁର ବ୍ଲକ ଅଧ୍ୟକ୍ଷା

ଭୁବନେଶ୍ୱର, ୧୬।୧୨(ସୁନିତ୍ ମିଶ୍ର)

- ତିଲୋତ୍ତମାଙ୍କ ନେତୃତ୍ୱରେ ମିଶିଲେ ୧୩ ସରପଞ୍ଚ, ୧୪ ସମିତି ସଭ୍ୟ, ୧୧ ଏସ୍‌ଡିସି
- କଟକ, ଯାଜପୁର ଜିଲାର ବି ବହୁ ନେତା, କର୍ମୀ ଦଳରେ ମିଶିଲେ
- ଭାଜପା ସରକାର ଉପରେ ରାଜ୍ୟ ସରକାରଙ୍କ ଆସ୍ଥା ଓ ବିଶ୍ୱାସ ବଢୁଛି: ମନମୋହନ

ଭାଜପା ସରକାର ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସୋମବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସେ କହିଛନ୍ତି, ପ୍ରତିଦିନ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇବାରେ ଲାଗିଛି। ବିଜେଡି ଓ କଂଗ୍ରେସ ଉପରୁ ଆସ୍ଥା ହରାଇ କୋରାପୁଟ, କଟକ ଓ ଯାଜପୁର ଜିଲାର ବ୍ଲକ ଅଧ୍ୟକ୍ଷା, ଜିଲା ବିଜେଡି ଉପସଭାପତିଙ୍କ ସମେତ ବହୁ ସରପଞ୍ଚ ଓ ସ୍ପେଶାଲ ଡେଭଲପମେଣ୍ଟ କାଉନ୍‌ସିଲ (ଏସ୍‌ଡିସି) ସଦସ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ କୋରାପୁଟର ଜୟପୁର ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲିଙ୍କ ନେତୃତ୍ୱରେ ୧୩ ଜଣ ସରପଞ୍ଚ, ୧୪ ସମିତି ସଭ୍ୟ ଓ ୧୧ ଜଣ ଏସ୍‌ଡିସି ସଦସ୍ୟ ଭାଜପାରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି।

ସେହିପରି କଟକ ଜିଲା ବିଜେଡି ଉପସଭାପତି ତଥା ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଆତ୍ମା କମିଟି ଅଧ୍ୟକ୍ଷ ଆଦିତ୍ୟ ପାଣିଙ୍କ ନେତୃତ୍ୱରେ ସରପଞ୍ଚ ପ୍ରତିମା ମଲିକ, ୱାର୍ଡ ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ରୀନା ସ୍ୱାଇଁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଭାଜପାରେ ଯୋଗଦେଇଛନ୍ତି। ସେହିପରି ଯାଜପୁର ଜିଲାର ଚିଟାଲୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିଲୀପ ମହାନ୍ତି, ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ନିରୁପମା ସେଠୀଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ମନମୋହନ ସାମଲ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ପର୍ବରେ ନିଆଳି ବିଧାୟକ ଛବି ମଲିକ, ପୂର୍ବତନ ବିରୋଧୀ ଦଳନେତା ପ୍ରଦୀପ୍ତ ନାୟକ, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଅନ୍ୟ ଦଳରୁ ଆସି ମିଶିଥିବା ନେତା ଓ କର୍ମୀ।

# ନୂଆଗାଁ ବିଜୁ ଯୁବ ଭବନକୁ ନେଇ ବିବାଦ




ବିବାଦୀୟ ବିଜୁ ଯୁବ ଭବନ।

- ସରକାରୀ ଅର୍ଥ ନିର୍ମିତ, ହେଲେ ବିଜେଡି ଅକ୍ତିଆର କରିଛି: ଭାଜପା
- ସର୍ବସାଧାରଣଙ୍କ ବ୍ୟବହାରରେ ଲାଗୁଛି: ବିଜେଡି

ନୂଆଗାଁ, ୧୬।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଦର ମହକୁମାଠାରେ ନିର୍ମାଣ ହୋଇଥିବା ବିଜୁ ଯୁବ ଭବନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବିବାଦ ଲାଗି ରହିଛି। ବିଜେଡି ଏହି ଭବନକୁ ନିଜ ଅକ୍ତିଆରରେ ରଖିଥିବା ବେଳେ କ୍ଷମତାକୁ ଆସିବା ପରେ ଭାଜପା ତାହାକୁ ଛଡ଼େଇ ନେବାକୁ ବସିଛି। ସରକାରୀ ଅର୍ଥରେ ଏହା ନିର୍ମାଣ ହୋଇଥିବାରୁ ତାହାକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଖୋଲା ରଖିବା ପାଇଁ ଭାଜପା ଦାବି କରିଛି।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମିତ ହୋଇଛି ବିଜୁ ଯୁବ ଭବନ। ଏହାକୁ ୨୦୨୩ ମେ' ୨୫ରେ ବିଧାନସଭା ପାଠାଗାର କମିଟିର ୧୩ ବିଧାୟକଙ୍କ ସମେତ ନୟାଗଡ଼ ଜିଲାପାଳ ଓ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଗୋଟିଏ ପ୍ରକଳ୍ପ ପାଇଁ ବିଭିନ୍ନ ନାମରେ ଯଥା ବିଜୁ ପଟ୍ଟନାୟକ ୟୁଥ୍ କମ୍ୟୁନିଟି ସେଣ୍ଟର, ନୂଆଗାଁ ୟୁଥ ଇନଫରମେଶନ କମ୍ୟୁନିଟ ସେଣ୍ଟର, ୟୁଥ୍ କ୍ଲବ ନୂଆଗାଁ ଆଦି ନାମରେ ବିଧାୟକ ଓ ଏମ୍‌ପିଙ୍କ ପାଣ୍ଠିରୁ ସରକାରୀ ଅର୍ଥ ବ୍ୟୟ କରାଯାଇଛି। ହେଲେ ବିଜୁ ଯୁବ ଭବନ ନାମରେ ନାମିତ ଏହି ଭବନକୁ ବିଜୁ ଜନତା ଦଳର ନିର୍ଦ୍ଦିଷ୍ଟ ଗୋଷ୍ଠୀ କବ୍‌ଜା କରି ରଖିଥିବା ବେଳେ ଭାରତୀୟ ଜନତା ପାର୍ଟିର କର୍ମୀ ବିରୋଧ କରୁଛନ୍ତି। ପ୍ରଶାସନିକ ଅଧିକାରୀମାନେ ନୀରବ ରହିଥିବାରୁ ସେଥିରେ ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଭାଜପା ନେତା ରାଘବ ମଲିକ ନୂଆଗାଁ ବ୍ଲକର ତତ୍କାଳୀନ ବିଡିଓ ବାସୁଦେବ ନାୟକଙ୍କୁ ଏ ନେଇ ଅଭିଯୋଗ କରିଥିଲେ। ହେଲେ ବାସୁଦେବ ଏହି ବିବାଦ ସମାଧାନ କରିବାରେ ବିଫଳ ହୋଇଥିଲେ। ପରେ ଜିଲାପାଳଙ୍କୁ ଅଭିଯୋଗ କରିବାରେ ମଧ୍ୟ ସୁଫଳ ନ ମିଳିବାରୁ ମଲିକ ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ସରକାରୀ ଅର୍ଥରେ ନିର୍ମାଣ କରାଯାଇଥିବା ପ୍ରକଳ୍ପକୁ ବିଜେଡି କର୍ମୀ ଅକ୍ତିଆର କରି ବିଜୁ ଜନତା ଦଳର କାର୍ଯ୍ୟାଳୟ କରିଛନ୍ତି। ତେଣୁ ତାହାକୁ ସରକାର ନିଜ ହାତକୁ ନେଇ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଖୋଲା ରଖିବାକୁ ସେ ନିବେଦନ କରିଛନ୍ତି। ଅଭିଯୋଗ ପରେ ୭ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦାଖଲ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଗତ ୪ ତାରିଖରେ ନୟାଗଡ଼ ଜିଲାପାଳଙ୍କୁ ଚିଠି ଲେଖାଯାଇଥିଲା। ୨ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ପାଇଁ ନୟାଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ୬।୧୨।୨୪ରେ ନୂଆଗାଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଦ୍ୟାବଧି କୌଣସି ରିପୋର୍ଟ ଦାଖଲ କରାଯାଇ ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ବିଜେଡି ପକ୍ଷରୁ କେତେଜଣ ପ୍ରଶାସନିକ ଅଧିକାରୀଙ୍କୁ ଭୟଭୀତ କରାଇ ଏହା ସର୍ବସାଧାରଣ ବ୍ୟବହାର କରୁଥିବା ରିପୋର୍ଟ ଦାଖଲ କରିବା ପାଇଁ ଧମକ ଦେଉଥିବା ଭାଜପା ନେତା ମଲିକ ଅଭିଯୋଗ କରିଛନ୍ତି। ମଲିକଙ୍କ କହିବା ଅନୁଯାୟୀ, ବିଜେଡିର କେତେଜଣ କର୍ମୀ ବିଜୁ ଯୁବ ଭବନରେ ଆଡ୍ଡା ଜମାଇ ସ୍ଥାନୀୟ ବିଧାୟକ ଓ କର୍ମୀଙ୍କ ନିଜସ୍ୱ କାର୍ଯ୍ୟକ୍ରମ କରୁଛନ୍ତି। ଉକ୍ତ ଭବନକୁ ସର୍ବସାଧାରଣ ବ୍ୟବହାର କରୁଥିବା ଦର୍ଶାଇବା ପାଇଁ ଅଧିକାରୀମାନଙ୍କୁ ବାଧ୍ୟ କରାଯାଉଛି। ତେବେ ବିଜେଡି କର୍ମୀଙ୍କ ଚାପରେ ଭୁଲ୍ ରିପୋର୍ଟ ଦାଖଲ ନ କରି ନିରପେକ୍ଷ ତଦନ୍ତ ରିପୋର୍ଟ ଦାଖଲ କରିବା ସହ ଉକ୍ତ ଭବନକୁ ସାଧାରଣ ଲୋକଙ୍କ ବ୍ୟବହାର ନିମନ୍ତେ ପ୍ରଶାସନ ଦୃଷ୍ଟି ଦେଉ ବୋଲି ଭାଜପା ନେତା ମଲିକ ଦାବି କରିଛନ୍ତି।

ଏ ନେଇ ବିଜୁ ଜନତା ଦଳ ନୟାଗଡ଼ ଜିଲା ଉପ-ସଭାପତି ଦିଲୀପ ଦଳବେହେରାଙ୍କୁ ପଚାରିବାରେ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ଏହି ଭବନ ସର୍ବସାଧାରଣଙ୍କ ବ୍ୟବହାରରେ ଲାଗୁଛି। ଏଠାରେ ନାଟକ ଶିଖିବା, ବରିଷ୍ଠ ନାଗରିକଙ୍କ ବୈଠକ ଆଦି ହେଉଛି ବୋଲି ସେ କହିଛନ୍ତି। ଏ ବାବଦରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ ସେ ଏ ଦାୟିତ୍ୱ ଯନ୍ତ୍ରୀଙ୍କୁ ଦେଇଥିବା କହିଛନ୍ତି। ତେବେ କ'ଣ ହୋଇଛି ସେ ବିଷୟରେ ପଚାରି ବୁଝିବେ ବୋଲି ସେ କହିଛନ୍ତି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ | Union Bank of India | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ - ୭୫୩୦୦୧

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୩୧.୧୨.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଓ ଠିକଣା/ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | କୁମଣ୍ଡ ଶାଖା, ଫୋନ୍ ନଂ.: ୮୦୯୩୭୯୪୩୦୧/ ଋଣଗ୍ରହୀତା: ମେସର୍ସ ଶ୍ରୀୟା ମେଡ଼ିକାଲ୍ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ପ୍ରଶାନ୍ତ ବିଶ୍ୱାଳ, ପିତା: ଲୋଚନ ବିଶ୍ୱାଳ, ଦୋକାନ ଗୃହ ନଂ.: ୫, ବସ୍ ଷ୍ଟାଣ୍ଡ ଆର୍‌ଆଇ କୁରୁଡୁଲ କାର୍ଯ୍ୟାଳୟ ସମ୍ମୁଖ, ଜିଲ୍ଲା: ଅନୁଗୁଳ - ୭୫୯୧୩୨/ ଜାମିନ୍‌ଦାରମାନେ: ୧) ଶ୍ରୀ ଲୋଚନ ବିଶ୍ୱାଳ, ୨) ଶ୍ରୀ ରଞ୍ଜନ ବିଶ୍ୱାଳ, ଉଭୟଙ୍କ ପିତା: ସଦାନନ୍ଦ ବିଶ୍ୱାଳ, ସା: ସଙ୍କରଜଙ୍ଗ, ପୋ.: ଗୋଳବନ୍ଧ, ଥାନା: ନିଶା, ଜିଲ୍ଲା: ଅନୁଗୁଳ - ୭୫୯୧୪୩ / ବକେୟା ରାଶି: ୩୧.୦୮.୨୦୨୩ ସୁଦ୍ଧା ଟ.୧୨,୯୭,୫୮୮.୦୦ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଲୋଚନ ବିଶ୍ୱାଳ, ଶ୍ରୀ ରଞ୍ଜନ ବିଶ୍ୱାଳ, ଉଭୟଙ୍କ ପିତା: ସଦାନନ୍ଦ ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୭୭/୭୧୨, ପ୍ଲଟ୍ ନଂ.: ୨୨୩୯/୩୨୮୯, କ୍ଷେତ୍ର: ଏକର୦.୧୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୨୪୦/୩୨୯୦, କ୍ଷେତ୍ର: ଏକର୦.୧୫୦ ଡିସିମିଲି, ମୌଜା: ଶଙ୍କରଜଙ୍ଗ, ଥାନା: ନିଶା, ଜିଲ୍ଲା: ଅନୁଗୁଳ, ରାଜ୍ୟ: ଓଡ଼ିଶା, ପ୍ଲଟ୍ ନଂ.: ୨୨୩୯/୩୨୮୯ର ଚଉହଦ୍ଦିପାର୍ଶ୍ୱରେ: ଉତ୍ତର: ବାବାଜି ବିଶ୍ୱାଳ, ଦକ୍ଷିଣ: ରାସ୍ତା, ପୂର୍ବ: ନିଜ, ପଶ୍ଚିମ: ବାନାମ୍ବର ବିଶ୍ୱାଳ, ପ୍ଲଟ୍ ନଂ.: ୨୨୪୦/୩୨୯୦ର ଚଉହଦ୍ଦିପାର୍ଶ୍ୱରେ ଉତ୍ତର: ସନ୍ଧୁ ବିଶ୍ୱାଳ, ଦକ୍ଷିଣ: ନିଜ, ପୂର୍ବ: ନିଜ, ପଶ୍ଚିମ: ନିଜ | ଟ.୧୬,୦୭,୦୦୦/- / ଟ.୧,୬୦,୭୦୦/- / ଟ.୧୬,୦୭୦/- | ଆକାଉଣ୍ଟ ନଂ.: ୧୯୩୯୧୧୯୮୦୦୫୦୦୦୦ IFSC Code: UBIN0819395 |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୩୦.୧୨.୨୦୨୪ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଇ-ନିଲାମ ତାରିଖ ଏବଂ ସମୟ : ତା.୩୧.୧୨.୨୦୨୪ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ:
https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୧୬.୧୨.୨୦୨୪, କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଅନୁଷ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



**ଅନୁଷ୍କା ପ୍ରିୟଦର୍ଶିନୀ (ଗୁନୁ)**
DOB : 17.12.2012
କୋରଙ୍ଗା, ତରବୋଇ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ତ୍ରୟୋଦଶତମ ଜନ୍ମବାର୍ଷିକୀ ଅବସରରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ : ବାବା-ସୁକାନ୍ତ, ମାମା-ରାଜଶ୍ରୀ, ମିମି, ବା, ମାମୁ, ମାଇଁ, ଜେଜେ, ଜେଜେମା, ବଡ଼ବୋଉ, ବଡ଼ବାପା, ଦାଦା, ଖୁଡ଼ୀ, ଭାଇ-ରିଶି, ଆଦି, ବୀର, ଚିନ୍ତୁ, ପିଣ୍ଟୁ, ଗୁଡୁଲୁ, ରିତୁନ, ଭଉଣୀ-ଗେଲି, ଦୀୟା, ପ୍ରିୟା, ଗୁଗୁଲୁ, ବେବି, ଶ୍ରୀୟା, ମଉସା, ମାଉସୀ, ପିଉସା, ପିଉସୀ ଏବଂ ବନ୍ଧୁ ଓ ପରିବାରବର୍ଗ।
D-2278



## ନିରୁଦ୍ଦିଷ୍ଟ



ପ୍ରଫେସର ବୈଷ୍ଣବ ଚରଣ ସିଂହ, ବୟସ 79, 15 ତାରିଖ ସକାଳେ ପଟିଆ ବାସଭବନରୁ ବାହାରି ମୋ ବସ୍‌ରେ ବସି କଟକ ଶିଖରପୁରଠାରେ ବସ୍‌ରୁ ଓହ୍ଲାଇ କେଉଁଆଡେ ଯାଇଛନ୍ତି। ପୋଲିସର ସହାୟତା ନେଇ ଖୋଜା ଚାଲିଛି, ଏ ପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିନାହିଁ। ତେଣୁ ଯଦି କୌଣସି ସନ୍ଧାନ ମିଳେ ଦୟାକରି ଏହି ମୋବାଇଲ ନଂ. 9591384850, 9611655600ରେ ଯୋଗାଯୋଗ କରିବାକୁ ଅନୁରୋଧ।
ଧ-୭୧୩୯୪


# ମୋବାଇଲ ରପ୍ତାନିରେ ନୂଆ ମାଇଲଷ୍ଟୋନ୍

ଭୁବନେଶ୍ୱର,୧୬।୧୨(ଅନୁରାଧା ମହାରଣା)

ଭାରତରୁ ସ୍ମାର୍ଟଫୋନ ରପ୍ତାନି ଗୋଟିଏ ମାସରେ ପ୍ରଥମ ଥର ପାଇଁ ୨୦,୦୦୦ କୋଟି ଟଙ୍କା ଅତିକ୍ରମ କରି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି। କମ୍ପାନୀଗୁଡିକ ଦ୍ୱାରା ଉପସ୍ଥାପିତ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକରୁ ସଂଗୃହିତ ତଥ୍ୟରୁ ଏହା ପ୍ରକାଶ ପାଇଛି। ଚଳିତ ବର୍ଷ ନଭେମ୍ବରରେ ସ୍ମାର୍ଟଫୋନ ରପ୍ତାନି ୨୦,୩୯୫ କୋଟିରେ ପହଞ୍ଚିଛି, ଯାହା ଗତ ବର୍ଷ ସମାନ ସମୟ ତୁଳନାରେ ୯୨ ପ୍ରତିଶତ ଅଧିକ। ଗତ ବର୍ଷ ନଭେମ୍ବରରେ ଏହି ସଂଖ୍ୟା ୧୦,୬୩୪ କୋଟି ଟଙ୍କା ଥିଲା। ଭାରତରୁ ସ୍ମାର୍ଟଫୋନ ରପ୍ତାନିରେ ଆପଲ ଆଇଫୋନ ଅଗ୍ରଣୀ ଥିଲା, ତା'ପରେ ଦକ୍ଷିଣ କୋରିଆର ଅଗ୍ରଣୀ କମ୍ପାନୀ ସାମସଙ୍ଗ ରହିଥିଲା। ନଭେମ୍ବରର ରପ୍ତାନିରେ ଉଭୟଙ୍କର ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା । ୨୦୨୪

## ନଭେମ୍ବରରେ ୨୦ ହଜାର କୋଟି

ନଭେମ୍ବରରେ ୧୪,୦୦୦ କୋଟି ଟଙ୍କା ମୂଲ୍ୟର ଆଇଫୋନ ରପ୍ତାନି କରି ଆପଲ ଇଙ୍କ ଏବଂ ଏହାର ବିକ୍ରେତାମାନେ ଆଗରେ ଥିଲେ। କମ୍ପାନୀର ପୂର୍ବ ମାସିକ ରେକର୍ଡ ଅକ୍ଟୋବରରେ ୧୨,୦୦୦ କୋଟି ଟଙ୍କା ମୂଲ୍ୟର ସ୍ମାର୍ଟଫୋନ ରପ୍ତାନି ହୋଇଥିଲା। ପ୍ରଥମ ଥର ପାଇଁ ଆପଲ ଏହାର ୩ ବିକ୍ରେତାଙ୍କ ଦ୍ୱାରା ଭାରତରେ ସଂଗୃହିତ ଆଇଫୋନର ମୋଟ ଉତ୍ପାଦନ ମୂଲ୍ୟର ୮୦ ପ୍ରତିଶତରୁ ଅଧିକ ରପ୍ତାନି କରିଛି। ଆର୍ଥିକ ବର୍ଷ୨୦୨୪-୨୫ରେ ଉତ୍ପାଦନ ମୂଲ୍ୟର ୭୦ରୁ ୭୫% ରପ୍ତାନି କରିବାକୁ ଉତ୍ପାଦନ ଲିଙ୍କେଡ ଇନସେଣ୍ଟିଭ (ପିଏଲଆଇ) ଯୋଜନା ଅଧୀନରେ ଏହି ସଫଳତା ଅଧିକ ଅଟେ। ତେବେ ଭାରତରୁ ସ୍ମାର୍ଟଫୋନ ରପ୍ତାନିରେ ଫକ୍ସକନର ତାମିଲନାଡୁ ଆଇଫୋନ ଫ୍ୟାକ୍ଟରରି ସର୍ବାଧିକ ଅବଦାନ ରହିଛି। ଦ୍ୱିତୀୟରେ ଟାଟା ଇଲେକ୍ଟ୍ରୋନିକ୍ସର କର୍ନାଟକ ଫ୍ୟାକ୍ଟରି ଏବଂ ପେଗାଟ୍ରନ ତୃତୀୟ ସ୍ଥାନରେ ରହିଛି। ଏପରିକି ବିଭିନ୍ନ ପିଏଲଆଇ ଯୋଜନା ମଧ୍ୟରେ ସ୍ମାର୍ଟଫୋନ ପିଏଲଆଇ ଯୋଜନା ସବୁଠାରୁ ସଫଳ ବୋଲି ବିବେଚନା କରାଯାଉଛି। ସ୍ମାର୍ଟଫୋନ ପିଏଲଆଇ ଯୋଜନା ରପ୍ତାନିରେ ବିପୁଳ ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୧୯ରେ ସ୍ମାର୍ଟଫୋନ ରପ୍ତାନି ଭାରତର ରପ୍ତାନି ତାଲିକାରେ ୨୩ତମ ସ୍ଥାନରେ ଥିଲା ବର୍ତ୍ତମାନ ଏହା ତୃତୀୟ ବୃହତ୍ତମ ରପ୍ତାନି ସାମଗ୍ରୀ ହୋଇପାରିଛି । ଏହି ଅଭିବୃଦ୍ଧି ଭାରତର ସାମଗ୍ରିକ ଇଲେକ୍ଟ୍ରୋନିକ୍ସ ରପ୍ତାନିକୁ ମଧ୍ୟ ବୃଦ୍ଧି କରିଛି। ୨୦୧୯ରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ରପ୍ତାନି ସପ୍ତମ ସ୍ଥାନରେ ଥିଲା, ଯାହା ବର୍ତ୍ତମାନ ତୃତୀୟ ସ୍ଥାନରେ ପହଞ୍ଚିଛି। ଦେଶର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଶିଳ୍ପ ସଂଗଠନ ଇଣ୍ଡିଆ ସେଲୁଲାର୍ ଏବଂ ଇଲେକ୍ଟ୍ରୋନିକ୍ସ ଆସୋସିଏସନ ଅକ୍ଟୋବରରେ ପିଏଲଆଇ ଯୋଜନା ଅଧୀନରେ ଶିଳ୍ପର କାର୍ଯ୍ୟଦକ୍ଷତାକୁ ଆକଳନ କରିଥିଲା। ଅର୍ଥ ମନ୍ତ୍ରଣାଳୟ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟକୁ ଲେଖିଥିବା ଏକ ଚିଠିରେ କୁହାଯାଇଛି ଯେ, ୨୦୨୧ରୁ ୨୦୨୪ ମଧ୍ୟରେ ପିଏଲଆଇ ଯୋଜନା ଅଧୀନରେ ମୋଟ ୫,୮୦୦ କୋଟି ଟଙ୍କା ପ୍ରୋତ୍ସାହନ ବଣ୍ଟନ ହୋଇଥିବାବେଳେ ଶିଳ୍ପ ୫,୮୦୦ କୋଟି ଟଙ୍କା ପ୍ରଦାନ କରିଛି। ସାମଗ୍ରୀ ଏବଂ ସେବାଗୁଡିକର ଫର୍ମ ଏବଂ ମୋବାଇଲ ଉପାଦାନଗୁଡ଼ିକ ଉପରେ ଡ୍ୟୁଟି ୧.୧ ଲକ୍ଷ କୋଟି ଟଙ୍କା ଯୋଗଦାନ କରିଛି। ଏହି ଯୋଜନା ୩ ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୬ ଲକ୍ଷ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏଥିମଧ୍ୟରୁ ଅଧିକାଂଶ ଯୁବପିଢ଼ି ପ୍ରଥମ ଥର ପାଇଁ ନିଯୁକ୍ତି ପାଇଛନ୍ତି। ଉଦ୍ୟୋଗ କ୍ଷେତ୍ରରେ ମଧ୍ୟ ପିଏଲଆଇ ଯୋଜନା ପରେ ୪ ବର୍ଷ ମଧ୍ୟରେ ୨.୮୭ ଲକ୍ଷ କୋଟି ଟଙ୍କା ରପ୍ତାନି ଯୋଡିଛି।

## ସିଏମ୍‌ଆର୍‌ଆଇର ବାର୍ଷିକ ଉତ୍ସବ

ନୂଆଦିଲ୍ଲୀ,୧୬।୧୨

ସିକେ ବିର୍ଲା ହସ୍ପିଟାଲ-ସିଏମ୍‌ଆର୍‌ଆଇ'ର ୫୫ତମ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲ ପକ୍ଷରୁ ଆଧୁନିକ ଔଷଧ କ୍ଷେତ୍ରରେ ଉନ୍ନତି ଏବଂ ପରିବର୍ତ୍ତନକାରୀ ଜ୍ଞାନକୌଶଳ ଉପରେ ଗୁରୁତ୍ୱାରୋପ କରି 'ପାୟୋନିଅରିଂ କେୟାର: ଇନୋଭେଶନ୍ ଆଣ୍ଡ ଟେକ୍ନୋଲୋଜି ଶେପିଂ ଦି ଫ୍ୟୁଚର ଅଫ୍ ହେଲ୍‌ଥକେୟାର' ଶୀର୍ଷକ ଏକ ବିଚାରପ୍ରବଣ ପ୍ୟାନେଲ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ସିଏମ୍‌ଆର୍‌ଆଇ ପଶ୍ଚିମବଙ୍ଗବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ କଲ୍ୟାଣ କାମନା କରୁଥିବା 'ଭାଲୋଟେକୋ' ନାମକ ଏକ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ଇଣ୍ଟରନାଲ ମେଡିସିନ୍ ବିଭାଗର ପରାମର୍ଶଦାତା ପ୍ରଫେସର (ଡା) ସୁକୁମାର ମୁଖାର୍ଜୀ କହିଛନ୍ତି, ମେଡିକାଲ ଟେକ୍ନୋଲୋଜିର ଅଗ୍ରଗତି ଡାକ୍ତରମାନଙ୍କୁ ଅଭିନବ ଅସ୍ତ୍ରୋପଚାର କୌଶଳ ପ୍ରୟୋଗ କରିବାରେ ସକ୍ଷମ କରିଥାଏ। ଫଳରେ ଠିକ୍ ଅସ୍ତ୍ରୋପଚାର ହୁଏ ଏବଂ ଶୀଘ୍ର ରୋଗୀ ଆରୋଗ୍ୟ ଲାଭ କରିଥାନ୍ତି। ଦକ୍ଷତା ବିକାଶ ମାଧ୍ୟମରେ ଅତ୍ୟାଧୁନିକ ଚିକିତ୍ସା ଜ୍ଞାନକୌଶଳକୁ ଗ୍ରହଣ କରିବା ଦିଗରେ ସିଏମ୍‌ଆର୍‌ଆଇ କ୍ରମାଗତ ଭାବେ ନେତୃତ୍ୱ ନେଇଛି। ସିକେ ବିର୍ଲା ହସ୍ପିଟାଲ୍ ସିଏମ୍‌ଆର୍‌ଆଇ ୟୁନିଟ୍ ମୁଖ୍ୟ ସୋମବ୍ରତ ରାୟ କହିଛନ୍ତି, ଆରମ୍ଭରୁ ସିଏମ୍‌ଆର୍‌ଆଇ ଅଭିନବତା ଏବଂ ରୋଗୀ ସେବା ପ୍ରତି ଆଗ୍ରହ ଦ୍ୱାରା ପରିଚାଳିତ ହୋଇଛି। ଆମର ୫୫ ତମ ବାର୍ଷିକୀ ଅବସରରେ ଆମେ ସମସ୍ତଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପୁନର୍ବାର ପ୍ରତିଶ୍ରୁତି ଦେଉଛୁ।

## ଟ୍ରେଣ୍ଡ୍‌ସର ଏଣ୍ଡ ଅଫ୍ ଦି ସିଜନ ସେଲ୍

ମୁମ୍ବାଇ,୧୬।୧୨ (ଅଭୟ ଦାଶ)

ରିଲାଏନ୍ସ ଗ୍ରୁପର ପ୍ରମୁଖ ସଂସ୍ଥା ତଥା ରିଲାଏନ୍ସ ରିଟେଲର ଅଗ୍ରଣୀ କମ୍ପାନୀ ରିଲାଏନ୍ସ ଟ୍ରେଣ୍ଡସର ବହୁ ପ୍ରତୀକ୍ଷିତ 'ଏଣ୍ଡ ଅଫ୍ ଦି ସିଜନ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସେଲ ଉପରେ ଆକର୍ଷଣୀୟ ରିହାତି ଅଫର ମଧ୍ୟ ଆରମ୍ଭ ହୋଇଯାଇଛି। ସେହିଭଳି ଏହି ଅଫର ଅବଧି ମଧ୍ୟରେ କ୍ରୟ କରାଯାଉଥିବା ଟ୍ରେଣ୍ଡ୍‌ସର ଆକର୍ଷଣୀୟ ଉତ୍ପାଦ ଉପରେ ୭୦% ପର୍ଯ୍ୟନ୍ତ ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ଏହି ସେଲ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଛୋଟପିଲାଙ୍କ ପୋଷାକ ଓ ଅନ୍ୟାନ୍ୟ ଆସେସରିଜ ସାମଗ୍ରୀ ଉପରେ ମଧ୍ୟ ଉପଲବ୍ଧ।




ଅପରପକ୍ଷରେ ଟ୍ରେଣ୍ଡସ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର ୧, ୨ ସହର ଏବଂ ଏହା ବାହାରେ ଭାରତର ଉପଭୋକ୍ତା ମାନଙ୍କ ସହ ଏହାର ପହଞ୍ଚ ଏବଂ ସଂଯୋଗକୁ ସୁଦୃଢ଼ କରିଛି। ଏପରିକି ଟ୍ରେଣ୍ଡସ ପ୍ରକୃତରେ ଭାରତରେ ଫ୍ୟାଶନକୁ ଗଣତାନ୍ତ୍ରିକ କରୁଛି ଏବଂ ଏହା ଭାରତର ଫ୍ୟାଶନ ସପିଂ ଗନ୍ତବ୍ୟ ସ୍ଥଳ ପାଲଟିଛି।

ଟ୍ରେଣ୍ଡସ ଷ୍ଟୋରରେ ଆଧୁନିକ ଲୁକ୍ ଏବଂ ପରିବେଶ ରହିଛି, ଯେଉଁଥିରେ ଉତ୍ତମ ଗୁଣବତ୍ତା ଏବଂ ଫ୍ୟାଶନ ସାମଗ୍ରୀର ଏକ ଆକର୍ଷଣୀୟ ପରିସର ରହିଛି। ଯାହା ଏହି ଅଞ୍ଚଳର ଉପଭୋକ୍ତାମାନଙ୍କ ପାଇଁ ପ୍ରାସଙ୍ଗିକ ଏବଂ ସୁଲଭ ମୂଲ୍ୟରେ ଏବଂ ଟଙ୍କା ପାଇଁ ଉଚ୍ଚ ମୂଲ୍ୟ ଭାବେ ଦେଖାଯାଏ। ଏହି ସହରର ଗ୍ରାହକମାନେ ଟ୍ରେଣ୍ଡି ଓମେନ୍ସ ୱୟାର, ମେନ୍ସ ୱୟାର, କିଡ୍ସ ୱୟାର ଏବଂ ଫ୍ୟାସନ ଆସେସରିଜକୁ ଆନନ୍ଦଦାୟକ ମୂଲ୍ୟରେ କିଣିବାର ଏକ ଅନନ୍ୟ ଏବଂ ଉତ୍କୃଷ୍ଟ ଅନୁଭୂତି ପାଇପାରିବେ।

## ବର୍ଷକରେ ୧,୧୨,୯୬୨ କମ୍ପାନି ପଞ୍ଜିକୃତ

ଭୁବନେଶ୍ୱର,୧୬।୧୨(ଅନୁରାଧା ମହାରଣା)

କମ୍ପାନୀଗୁଡିକର ପଞ୍ଜୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୨୦୨୪-୨୫ ମଧ୍ୟରେ ମୋଟ୍ ୧,୧୨,୯୬୨ କମ୍ପାନୀ ପଞ୍ଜିକୃତ ହୋଇଛନ୍ତି। ସୂଚନା ଥାଉକି, ପଞ୍ଜୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ୨୦୧୬ରେ କେନ୍ଦ୍ରୀୟ ପଞ୍ଜୀକରଣ କେନ୍ଦ୍ର (ସିଆରସି) ପ୍ରତିଷ୍ଠା କରାଯାଇଥିଲା। ଏହି କ୍ରମରେ ୧୫,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରାଧିକୃତ ପୁଞ୍ଜି ଥିବା ସମସ୍ତ କମ୍ପାନୀଗୁଡିକ ଶୂନ ଡ୍ୟୁଟିରେ ଅନ୍ତର୍ଭୁକ୍ତ କରାଯାଇଛି। କର୍ମଚାରୀଙ୍କ ରାଜ୍ୟ ବୀମା ଆଇନ (ଇସିଆଇସି), ବୃତ୍ତିଗତ ଟିକସ ପଞ୍ଜୀକରଣ ପ୍ରମାଣପତ୍ର (ପିଟିଆରସି), ବୃତ୍ତିଗତ ଟିକସ ନାମଲେଖା ପ୍ରମାଣପତ୍ର (ପିଟିଇସି), ଦୋକାନ ଏବଂ ପ୍ରତିଷ୍ଠା ଆଇନ, ଜିଏସଟିଇନ୍ ସହିତ ପଞ୍ଜୀକରଣ କରିବା ଖର୍ଚ୍ଚ, ସମୟ ଏବଂ ପ୍ରକ୍ରିୟା ହ୍ରାସ କରିଛି। କମ୍ପାନୀଗୁଡିକର ନିୟମ ୩୮ (୨) ନିୟମ ୨୦୧୪ ଆଧାରାରେ ୩ଜଣ ନିର୍ଦ୍ଦେଶକ ପର୍ଯ୍ୟନ୍ତ ନିର୍ଦ୍ଦେଶକ ପରିଚୟ ନମ୍ବର ବଣ୍ଟନ, ନାମ ସଂରକ୍ଷଣ, କମ୍ପାନୀର ଅନ୍ତର୍ଭୁକ୍ତ ଏବଂ ପ୍ରସ୍ତାବିତ ଜଣେ ବ୍ୟକ୍ତି କମ୍ପାନୀ ପାଇଁ ଏକକ ଏସପିଆଇସିଡ଼+ ଫର୍ମ ବ୍ୟବହାର କରାଯାଇପାରିବ। ବେସରକାରୀ କମ୍ପାନୀ, ଏକ ସାର୍ବଜନୀନ କମ୍ପାନୀର ନିର୍ଦ୍ଦେଶକ ଏବଂ କମ୍ପାନୀ ଅଧିନିୟମ, ୨୦୧୩ ର ଧାରା ୮ ଅଧୀନରେ ଅନ୍ତର୍ଭୁକ୍ତ ଏକ କମ୍ପାନୀର ନିଯୁକ୍ତି ପାଇଁ ଆବେଦନ କରିପାରିବେ।

## ଖସିଲା ଶେୟାର ବଜାର

ମୁମ୍ବାଇ,୧୬।୧୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୩୮୪ (୩୮୪.୫୫) ପଏଣ୍ଟ ବଢି ୮୧,୭୪୯ (୮୧,୭୪୮.୫୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୦୦ (୧୦୦.୦୫) ପଏଣ୍ଟ ବୃଦ୍ଧି ଘଟି ୨୪,୬୬୮ (୨୪,୬୬୮.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ୟୁଏସ୍‌ଏଫ୍‌ବିଏଲ୍‌ର ନୂତନ ଶାଖା

ଭୁବନେଶ୍ୱର, ୧୬।୧୨

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ୟୁଏସ୍‌ଏଫ୍‌ବିଏଲ୍) ର ନୂତନ ଶାଖା ନିକଟରେ ପୁରୀ ଜିଲାର କାକଟପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏ ସମ୍ପର୍କରେ ୟୁଏସ୍‌ଏଫ୍‌ବିଏଲ୍‌ର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂ କହିଛନ୍ତି, ଆମେ ଆମର ନୂତନ ଶାଖା ପୁରୀ ଜିଲାର କାକଟପୁରଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ନୂଆ ବ୍ୟାଙ୍କିଙ୍ଗ ଆଉଟଲେଟ୍ ରାଜ୍ୟରେ ଆମର ବ୍ୟାଙ୍କିଙ୍ଗ ନେଟୱର୍କକୁ ସୁଦୃଢ଼ କରିବା ପାଇଁ ବେଶ୍ ସହାୟକ ଓ ସମର୍ପଣକୁ ପ୍ରତିଫଳିତ କରୁଛି। ସେହିଭଳି ଏହି ଆଉଟଲେଟ୍ କାକଟପୁରର ଗତିଶୀଳ ଏବଂ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ସମର୍ଥନ କରିବା ଏବଂ ଏହି ଜୀବନ୍ତ ସହରରେ ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆମର ଯାତ୍ରାରେ ଏକ ପାଦ ଆଗେଇଛି। ସେହିପରି ଏହି ବ୍ୟାଙ୍କିଙ୍ଗ ଆଉଟଲେଟ୍ ଗରିବ କିମ୍ବା ନିମ୍ନ ଆୟକାରୀ ବ୍ୟକ୍ତି କିମ୍ବା ଗୋଷ୍ଠୀ,ଯେଉଁମାନଙ୍କର ଆର୍ଥିକ ସେବାରେ ସୀମିତ ଆକ୍ସେସ୍ ଅଛି ସେମାନଙ୍କୁ ବ୍ୟବସାୟ ବିକାଶ ସେବା ପାଇଁ ମାଇକ୍ରୋ-ବ୍ୟାଙ୍କିଙ୍ଗ୍ ଋଣ ପ୍ରଦାନ କରିବେ। ଗ୍ରୁପ୍ ଋଣର ଜେଏଲ୍‌ଜି ମଡେଲରେ ଏକ ପିୟର-ଗ୍ୟାରେଣ୍ଟି ଲୋନ୍ ମଡେଲ୍ ଅନ୍ତର୍ଭୁକ୍ତ, ଯାହା ବ୍ୟକ୍ତିବିଶେଷଙ୍କୁ ବ୍ୟକ୍ତିଗତ ଭିତ୍ତିରେ ବନ୍ଧକ କିମ୍ବା ନିରାପତ୍ତା ପ୍ରଦାନ ନକରି ଋଣ ନେବାକୁ ସକ୍ଷମ କରିଥାଏ, ଯେତେବେଳେ କି ଗୋଷ୍ଠୀ ମଧ୍ୟରେ ପାରସ୍ପରିକ ସମର୍ଥନ ଏବଂ ସେମାନଙ୍କ ଋଣର ତୁରନ୍ତ ପରିଶୋଧ ମାଧ୍ୟମରେ ଋଣ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିଥାଏ । ଅପରପକ୍ଷରେ ଆମର ଗ୍ରାହକମାନେ ବ୍ୟାଙ୍କିଙ୍ଗ ଆଉଟଲେଟ୍, ମାଇକ୍ରୋ ଏଟିଏମ୍ (ବ୍ୟାଙ୍କିଙ୍ଗ୍ ସମୟରେ), ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ମୋବାଇଲ୍ ବ୍ୟାଙ୍କିଙ୍ଗ୍, ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଏବଂ କଲ୍ ସେଣ୍ଟର ଭଳି ବିଭିନ୍ନ ଚ୍ୟାନେଲ୍ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ।


# Classified Everyday
0674-2580101, 9692975378




**SALE**

Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987. D-76220

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45 000 00/-ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75585

4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399. D-2226

Gharabari converted plots available near Hitech Square, Sundarpada, Bhubaneswar. For more details contact- 9437054765, 9853035888. D-2283

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/Gen. ପ୍ଲଟ୍ କିଣନ୍ତୁ। 9658562429. D-76224

Your classified advertisement published in Dharitri will be listed free in Dharitri online edition: dharitriepaper.in

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-2284

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925. D-2287




1 BHK house, available for rent, Main Road, Nayapalli, only bachelors, Ph.- 8280760339. D-2280




Newly open health benefits spa special offer @799, Bapujinagar. 8018429809. D-76178

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Mohammed Siraj Uddin Khan, S/o Late Mehaboob Khan, Resident of House No.85, Siraj Colony, Sudapada, Balangir, P.O./P.S.- Balangir, Dist.- Balangir (Odisha) (India), Pin-767001 declare by this affidavit No.2606, Dt.14.12.2024 that now onwards I shall be known as Siraj Uddin Khan for all future purposes. D-2288

I, Barnali Patnaik, D/o Arun Kumar Patnaik, resident of Plot No.-1662/A, Nilakantheswar Mandir, Baramunda Village, Bhubaneswar-751003, Khurda, Odisha declare by this affidavit No.547, dated 11.11.2024 that, Barnali Patnaik and Barnali Pattanaik is one and same person. Hence, I shall be known as Barnali Patnaik for all future purpose. D-2286

By virtue of an affidavit sworn before Executive Magistrate, Bari, Jajpur, dated 06.12.2024, I, Alok Das, Vill.- Arangabad, P.O.- Rajapur, P.S.- Bari Ramachandrapur, Dist.- Jajpur, Pin- 755003, Odisha declare that I have changed my daughter's name from LACE DAS to LUCKY DAS. Henceforth, she shall be known as LUCKY DAS for all purposes. Alok Das D-2289

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



ସର୍ଗତ ଚୈତନ୍ୟ ବରାଳ
(ଅବସରପ୍ରାପ୍ତ ପୋଲିସ କର୍ମଚାରୀ)
ଆଳସରଙ୍ଗ, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ - ୦୧.୦୭.୧୯୩୧
ତିରୋଧାନ - ୨୮.୧୨.୨୦୨୩
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମାହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
"ତୁମ ସ୍ନେହ ଶ୍ରଦ୍ଧା ଆଦର ଆଉ କରୁଣା ବାରି, ବରଷୁ ଥାଉ ଏମିତି ତୁମ ସ୍ମୃତିରୁ ଝରି"
ଶ୍ରଦ୍ଧାଞ୍ଜଳି ସହ
ପତ୍ନୀ - କୁନ୍ତଳା, ପୁତ୍ର - ରଞ୍ଜନ, ନିରଞ୍ଜନ, ବିଜୟ, ବିଚିତ୍ରାନନ୍ଦ, ପୁତ୍ରବଧୂ, କନ୍ୟା - ମିନତୀ, ଜ୍ୱାଇଁ - ଭାସ୍କର, ନାତି ନାତୁଣୀ, ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।
D-2282

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ବିନମ୍ର ଶ୍ରଦ୍ଧାଞ୍ଜଳି



୰ ଆଶାଲତା ମିଶ୍ର
୯୧, ବାପୁଜୀନଗର, ଭୁବନେଶ୍ୱର
ତିରୋଧାନ : ୦୭.୧୨.୨୦୦୬
ପୁଷମାସ କୃଷ୍ଣପକ୍ଷ ତୃତୀୟା
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ
ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ।
D-2279

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପ୍ରଫୁଲ୍ଲ କୁମାର ଛୋଟରାୟ
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ : ୨୩.୦୫.୧୯୨୩
ତିରୋଧାନ : ୧୬.୧୨.୨୦୧୬
ଏହା ଭିତରେ ଆଠ ବର୍ଷ ଅତୀତ, ତୁମ ସ୍ମୃତି ଆମ ପାଇଁ ଜୀବନ୍ତ। ତୁମର ସଚ୍ଚୋଟତା, ଦୃଢ଼ତା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଆଦର୍ଶ ଆମ ପାଇଁ ପ୍ରେରଣା ଓ ଶକ୍ତିର ଉତ୍ସ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ପାଦପଦ୍ମ ତଳେ ଭକ୍ତିପୂତ ନିବେଦନ।
ଶୋକସନ୍ତପ୍ତ
ପୁତ୍ର - ମନ୍ମଥ ଛୋଟରାୟ (ମନ), ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
D-76402

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବିଦ୍ୟୁଲତା ଛୋଟରାୟ
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ : ୧୯.୦୫.୧୯୩୪
ତିରୋଧାନ : ୧୪.୧୨.୨୦୧୫
ଏହା ଭିତରେ ୯ ବର୍ଷ ଅତୀତ, ତୁମ ସ୍ମୃତି ଆମ ପାଇଁ ଜୀବନ୍ତ। ତୁମ ଦ୍ୱାରା ଲବ୍ଧ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଭଲ ପାଇବା ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର - ମନ୍ମଥ ଛୋଟରାୟ (ମନ), ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
D-76403

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ ଖଗେଶ୍ୱର ସ୍ୱାଇଁ
ସରସଦା, ଭଣ୍ଡାରିପୋଖରୀ, ଭଦ୍ରକ
ଆବିର୍ଭାବ : ତା ୦୩.୧୧.୧୯୫୦
ତିରୋଧାନ : ତା ୦୭.୧୨.୨୦୨୪
ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।
ଶୋକସନ୍ତପ୍ତ - ପତ୍ନୀ : ଶାନ୍ତିଲତା, ଭାଇ : ରମେଶ, ପ୍ରଭାକର, ଗୁଣାକର, ନିରାକର, ସୁଧାକର, ପୁତ୍ର : ଦୀପକ, ତପନ, କ୍ଷୀରୋଦ, ପୁତ୍ରବଧୂ : ମୋନାଲି, ତପସ୍ୱିନୀ, ଭକ୍ତିନୈବେଦ୍ୟ, ଝିଅ/ଜ୍ୱାଇଁ : ସୁସ୍ମିତା/ଜ୍ୟୋତିପ୍ରକାଶ, ପୁତୁରା/ଝିଆରୀ : ବିପିନ, ଆଲୋକ, ଆକାଶ, ଦେବାଶିଷ, ସୁଜିତ, ଅଜିତ, ସୁରଜ, ସୁନନ୍ଦା, ବିନନ୍ଦା, ସୁଚିସ୍ମିତା, ସୁଜାତା, ମୋନାଲିସା, ଗୀତାଞ୍ଜଳି, ନାତିନାତୁଣୀ : ଇପ୍ସା ଲାବଣ୍ୟ, ମଗ୍ନ ମହ୍ଲାର, ପ୍ରିୟାଲ, ରେୟାଂଶ, ଟି ଚମନ୍।
D-2290

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ୫ ଅଭିଯୁକ୍ତଙ୍କୁ ନେଇ ଫେରିବା ବେଳେ ଗାଡ଼ି ଉପରକୁ ଗୁଳିମାଡ଼

## ୨ ହାତୀଦାନ୍ତ ଜବତକଲା ବନ ବିଭାଗ

*ହାତୀ ଦାନ୍ତ ବିକ୍ରି ପାଇଁ ମୂଲଚାଲ ହେଉଥିବାବେଳେ ଖବରପାଇ କଳାହାଣ୍ଡି ଓ ରାୟଗଡ଼ାର ବନ ବିଭାଗ ମିଳିତ ଭାବେ ମୁନିଗୁଡ଼ା ଅଞ୍ଚଳରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ୨ଟି ଗାଡ଼ିରେ ଆଣି ଫେରୁଥିବାବେଳେ ବାଟରେ କେତେଜଣ ଦୁର୍ବୃତ୍ତ ରାସ୍ତା ଅବରୋଧକରି ଗାଡ଼ି ଉପରକୁ ଗୁଳିଚାଳନା କଲେ। ଏଥିରେ କାହାରି କିଛି କ୍ଷତି ହୋଇ ନ ଥିବାବେଳେ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଏନେଇ ମୁନିଗୁଡ଼ା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।*

**ମୁନିଗୁଡ଼ା,୧୬।୧୨**
**(ନନ୍ଦକିଶୋର ପଟ୍ଟନାୟକ)**



ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକର ପାତ୍ରଗୁଡ଼ା ଓ ଭୁରସିଖୁମା ମଧ୍ୟବର୍ତ୍ତୀ ସ୍ଥାନରେ ଗତ ଶନିବାର ହାତୀଦାନ୍ତ ଡିଲ୍ ହେଉଥିବା ବନ ବିଭାଗ ବିଶେଷ ସୂତ୍ରରୁ ଖବରପାଇ ମୁନିଗୁଡ଼ା ବନ ବିଭାଗ ଏବଂ ଏସ୍‌ଟିଏଫ ଟିମ୍ ଅଚାନକ ଚଢ଼ାଉ କରିଥିଲେ। ସେଠାରୁ ୫ଜଣଙ୍କୁ ଗିରଫ କରିବା ସହ ୨ ହାତୀଦାନ୍ତ ଜବତ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ରାୟଗଡ଼ା ଜିଲା ମୁନିଗୁଡା ଅଞ୍ଚଳର ପାଣିମୁଣ୍ଡା ଗ୍ରାମର ସୁଦନ ହିଆଲ(୪୮), ବିଷମକଟକ ଅଞ୍ଚଳର କାଙ୍କୁବାଡ଼ି ଗ୍ରାମର ସୀତାରାମ ମହାନନ୍ଦିଆ(୩୨), ଉର୍ଲାଯୋଡ଼ି ଗ୍ରାମର ଜିତେନ୍ଦ୍ର କୁସୁଲିଆ(୨୬), କଳାହାଣ୍ଡି ଜିଲା ମଣ୍ଡଳ ଗ୍ରାମର ଚିତ୍ରସେନ ନାୟକ(୫୧)ଓ ସୂର୍ଯ୍ୟ ନାୟକ(୨୯)। ଅଭିଯୁକ୍ତମାନଙ୍କୁ ବନ ବିଭାଗ ଏବଂ ଏସ୍‌ଟିଏଫ୍ ଟିମ୍ ଗିରଫକରି ଫେରିବା ବାଟରେ ଜାରପା ଛକ ନିକଟରେ କେତେଜଣ ଦୁର୍ବୃତ୍ତ ରାସ୍ତା ଅବରୋଧକରି ଗାଡ଼ି ଉପରକୁ ଗୁଳିଚାଳନା କରିଥିଲେ। ପ୍ରଥମ ଗାଡ଼ି ଉପରେ ୪ରାଉଣ୍ଡ ଗୁଳି ବାଜିଥିବାବେଳେ ଅନ୍ୟ ଏକ ଗାଡ଼ିରେ ଗୁଳି ବାଜି କାଚ ଭାଙ୍ଗିଯାଇଥିଲା। ତେବେ ଏଥିରେ କାହାର କିଛି କ୍ଷତି ହୋଇ ନାହିଁ। ଏହି ଘଟଣାକୁ ନେଇ ବନ ବିଭାଗ ତରଫରୁ ମୁନିଗୁଡ଼ା ଥାନାରେ ଏକ ଲିଖିତ ଅଭିଯୋଗ ପରେ ଥାନା ଓ ବନ ବିଭାଗ ଭିନ୍ନ ଭିନ୍ନ ଭାବେ ଗୁଳି ଘଟଣାର ତଦନ୍ତ ଜାରି ରଖିଥିବା ରାୟଗଡ଼ା ଏସିଏଫ୍ ସନ୍ଦୀପ ପୃଷ୍ଟି ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହିତ ଗିରଫ ୫ ଅଭିଯୁକ୍ତଙ୍କ ନାମରେ ମୁନିଗୁଡ଼ା ବନଖଣ୍ଡ କାର୍ଯ୍ୟାଳୟରେ କେସ୍ ନମ୍ବର ୧୩୩/୨୪ରେ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ହାତୀଦାନ୍ତ ବେପାରରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ଏସିଏଫ୍ ପୃଷ୍ଟି ଓ ମୁନିଗୁଡା ରେଞ୍ଜର ଅନୀଲ ବାଲା ସୂଚନା ଦେଇଛନ୍ତି ।



ଗିରଫ ଅଭିଯୁକ୍ତ।

# ୮ ଶିକାରୀ ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର,୧୬।୧୨(ସତ୍ୟଜିତ୍ ରାଉତ)**

**ହାତୀ ଦାନ୍ତ, ଦେଶୀ ବନ୍ଧୁକ ଜବତ ମାମଲା**

**୪ ଜଣଙ୍କୁ ୫ ବର୍ଷ ଲେଖାଏ ଜେଲ୍, ଫେରାର ୪ ଦୋଷୀଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ ମାଧପୁର ରେଞ୍ଜ ଅଧୀନ ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲରେ ହାତୀ ଦାନ୍ତ, ଦେଶୀ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଆଦି ଜବତ ମାମଲାରେ ୮ବର୍ଷ ପରେ ବୌଦ୍ଧ ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତଥା ସହକାରୀ ଦୌରାଜଜଙ୍କ କୋର୍ଟରେ ସୋମବାର ରାୟ ପ୍ରକାଶ ପାଇଛି। କ୍ରାଇମବ୍ରାଞ୍ଚର ଏହି ମାମଲାରେ ଅଭିଯୁକ୍ତ ଥିବା ୯ଜଣ ଶିକାରୀଙ୍କ ମଧ୍ୟରୁ ୮ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେମାନେ ହେଲେ କଟକ ଜିଲା ନରସିଂହପୁର ଥାନା ଅଞ୍ଚଳର ବାବୁଲି ମହାଳିକ, ମୁରଲୀ ମହାଳିକ, ପ୍ରକାଶ ବେହେରା, କାନପୁର ଥାନା ଅଞ୍ଚଳର ଧର୍ମରାଜ ନାୟକ ଏବଂ ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଞ୍ଚଳର ପଞ୍ଚାନନ କହଁର, ପୁରୁଣାକଟକ ଥାନା ଅଞ୍ଚଳର ମନୋରଞ୍ଜନ ପ୍ରଧାନ, ଶୁଭ୍ର ପ୍ରଧାନ ଓ ମନ୍ମଥ କହଁର। ଏମାନଙ୍କ ମଧ୍ୟରୁ ମୁରଲୀ, ବାବୁଲି, ପ୍ରକାଶ ଓ ଧର୍ମରାଜଙ୍କୁ ୫ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହ ସମସ୍ତଙ୍କୁ ୨୫ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ତାଙ୍କ ରାୟରେ ଶୁଣାଇଛନ୍ତି। ତେବେ ଶୁଣାଣି ଚାଲିଥିବାବେଳେ ଅନ୍ୟ ଅଭିଯୁକ୍ତ ନରସିଂହପୁର ଥାନା ଅଞ୍ଚଳର ଗୋପାଳ ନାୟକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଦୋଷୀ ଜାମିନରେ ଯାଇ ଫେରାର ଥିବାରୁ ତାଙ୍କ ବିରୋଧରେ କୋର୍ଟ ଏନ୍‌ବିଡବ୍ଲ୍ୟୁ ଜାରି କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଜୁନ ୧ ସକାଳୁ ଉକ୍ତ ଜଙ୍ଗଲରେ କୋମ୍ବିଂ ଅପରେଶନ୍ ଚାଲିଥିବାବେଳେ ସନ୍ଦେହଜନକ ଅବସ୍ଥାରେ ଅଭିଯୁକ୍ତମାନଙ୍କୁ କାବୁ କରାଯାଇ ଯାଞ୍ଚ ହୋଇଥିଲା। ଯାଞ୍ଚବେଳେ ସେମାନଙ୍କଠୁ ଆଠ ଖଣ୍ଡ ହାତୀଦାନ୍ତ, ୩ ଦେଶୀ ବନ୍ଧୁକ, ଗୋଟିଏ ଟାଙ୍ଗିଆ, ବାରୁଦ, ପଟାସ, କାଚଗୁଣ୍ଡ ଆଦି ଜବତ ହୋଇଥିଲା। ଅଭିଯୁକ୍ତମାନେ ଉକ୍ତ ଜଙ୍ଗଲରେ ଭଲଭାବେ ଚାଲିପାରୁ ନ ଥିବା ଏକ ଦନ୍ତାହାତୀକୁ ଗୁଳି କରି ହତ୍ୟା କରିବା ପରେ ତା'ର ଦାନ୍ତକୁ ହାଣି ନେଇଥିବା ସ୍ୱୀକାର କରିଥିଲେ। ଏନେଇ ପୁରୁଣାକଟକ ଥାନାରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ନେଇଥିଲା। ଏସ୍‌ଟିଏଫ୍ ପକ୍ଷରୁ ଏହାର ତଦନ୍ତ କରାଯାଇଥିଲା। ଶୁଣାଣି ବେଳେ ୨୨ ଜଣଙ୍କ ସାକ୍ଷ୍ୟ ଓ ୧୯ଟି ଦସ୍ତାବିଜ୍‌କୁ ଆଧାର କରି କୋର୍ଟ ରାୟ ଶୁଣାଇଛନ୍ତି। ଏସ୍‌ଟିଏଫ୍‌ର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଚନ୍ଦନ ଦାସ ବୌଦ୍ଧରୁ ସହଯୋଗୀ ଆଇନଜୀବୀ ଦେବେନ୍ଦ୍ର ବିସି ମାମଲା ପରିଚାଳନା କରୁଥିଲେ।

# ମାଙ୍ଗାନିଜ ଚୋରାଚାଲାଣ ବେଳେ ୩ ଗିରଫ

**ରାୟଗଡ଼ା/ଟିକିରି,୧୬।୧୨(ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ବନାଞ୍ଚଳ ଅନ୍ତର୍ଗତ ଲେଲିଗୁମ୍ମା ସଂରକ୍ଷିତ ଜଙ୍ଗଲରୁ ବହୁ ମୂଲ୍ୟବାନ ମାଙ୍ଗାନିଜ ଖନନ କରାଯାଇ ଆନ୍ଧ୍ରକୁ ଚୋରା ଚାଲାଣ କରାଯାଉଥିଲା। ଏହି ସମୟରେ ବନ ବିଭାଗ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଗୋଟିଏ କାର୍ ଓ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି। ଜବତ ମାଙ୍ଗାନିଜର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

ଘଟଣାରୁ ପ୍ରକାଶ, ବନ ବିଭାଗ ରେଞ୍ଜର ଅନିଲ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଲେଲିଗୁମ୍ମା ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ଟ୍ରାକ୍ଟର ଯୋଗେ ଆନ୍ଧ୍ରପ୍ରଦେଶକୁ ମାଙ୍ଗାନିଜ ଚୋରା ଚାଲାଣବେଳେ ଡୁମୁରୁଯୋଡି ଗାଁ ନିକଟରେ ବନ ବିଭାଗ ହାବୁଡରେ ପଡ଼ିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଟ୍ରାକ୍ଟର ଡ୍ରାଇଭର ଗାଡିରୁ ଡେଇଁ ଫେରାର ହୋଇଯାଇଥିଲେ। ମାଙ୍ଗନିଜ ଚାଲାଣର ୩ ମୁଖ୍ୟ କାର୍ପଟଦାର କାର୍ ଯୋଗେ ଟ୍ରାକ୍ଟର ପଛରେ ଯାଉଥିବାବେଳେ ବନ ବିଭାଗ ସେମାନଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ହେଲେ ରାୟଗଡା ସହର କସ୍ତୁରୀ ନଗରର ଏ. ରାବଣା, ଏ. ଶିବା ଓ କାଶୀପୁର ବ୍ଲକ ଭାଲୁମସ୍କା ଗ୍ରାମର ଛବିନ୍ଦ୍ର ମାଝୀ। ଫେରାର ଅଭିଯୁକ୍ତ ଏ. ନାଗାରାଜୁଙ୍କୁ ଧରିବା ପାଇଁ ଉଦ୍ୟମ କରୁଛି ବନ ବିଭାଗ। ଅନ୍ୟପକ୍ଷେ ଖଣି ବିଭାଗର ଉଦାସୀନତା ଯୋଗୁ ଦୀର୍ଘ ଦିନ ହେବ ଏହିଭଳି ମାଙ୍ଗାନିଜ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି।

# ଆଳୁ ବ୍ୟବସାୟୀଙ୍କୁ କଟୁରି ଦେଖାଇ ୧୩ ଲକ୍ଷ ଲୁଟ୍

**ରେମୁଣା, ୧୬।୧୨(ରବୀନ୍ଦ୍ର ମହାକୁଡ଼)**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ଶେରଗଡ଼ ନିକଟରେ ସୋମବାର ଏକ ବଡ଼ଧରଣର ଲୁଟ୍ ହୋଇଛି। କଲେକ୍ସନ୍ ସାରି ଫେରୁଥିବା ଜଣେ ଆଳୁବ୍ୟବସାୟୀଙ୍କୁ ତେଲେଙ୍ଗା କଟୁରି ଦେଖାଇ ଦୁର୍ବୃତ୍ତମାନେ ୧୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପୋଲିସ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି।

ଶିଳ୍ପାଞ୍ଚଳ ଥାନା ଅଧୀନ ମଙ୍ଗଳପୁର ଗ୍ରାମର ଧରଣୀଧର ସାହୁଙ୍କ ବାଲେଶ୍ୱର ସହର ନୂଆବଜାରରେ ଏକ ଆଳୁ, ପିଆଜ, ଅଦା, ରସୁଣ ଗୋଦାମ ଅଛି। ତାଙ୍କ ଗୋଦାମରୁ ନୀଳଗିରି ଓ ରେମୁଣା ଅଞ୍ଚଳର ବହୁ ବ୍ୟବସାୟୀ ଆଳୁ ପିଆଜ ଆଦି କିଣି ବ୍ୟବସାୟ କରିଥାନ୍ତି। ସୋମବାର ଧରଣୀଧରଙ୍କ ପୁଅ ବିଶ୍ୱରଞ୍ଜନ କାର୍ (ନଂ.-ଓଡ଼ି୦୧ଏମ୍-୭୬୨୬)ରେ ଡ୍ରାଇଭର ସାଗର ମଲିକଙ୍କ ସହ ନୀଳଗିରି ଓ ରେମୁଣା ଅଞ୍ଚଳର ବ୍ୟବସାୟୀଙ୍କଠାରୁ ଟଙ୍କା କଲେକ୍ସନ କରିବା ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟା ବେଳେ ଶେରଗଡ଼ ନିକଟରେ ପହଞ୍ଚିଥିଲେ। ସେଠାକାର ବ୍ୟବସାୟୀ ରଜତ ପାଣିଗ୍ରାହୀଙ୍କ ଦୋକାନରୁ ଶେଷ କଲେକ୍ସନ ସାରି ଫେରିବା ବେଳେ ସେଠାରେ ଥିବା ୟୁକୋ ବ୍ୟାଙ୍କ ନିକଟରେ ୩ଟି ବାଇକ୍‌ରେ ୬ଜଣ ଦୁର୍ବୃତ୍ତ ଆସି ସେମାନଙ୍କ କାର୍‌କୁ ଅଟକାଇଥିଲେ। ମୁହଁ ଘୋଡ଼ାଇଥିବା ଜଣେ ଦୁର୍ବୃତ୍ତ ଏକ ତେଲେଙ୍ଗା କଟୁରି ବାହାର କରି ଡ୍ରାଇଭରଙ୍କ ବେକରେ ଲଗାଇ ଭୟଭୀତ କରାଇଥିଲେ। ଟଙ୍କା ସବୁ ଦେବା ପାଇଁ ଉଭୟଙ୍କୁ ଧମକ ଦେଇଥିଲେ। ବ୍ୟାଗରେ ଥିବା ପ୍ରାୟ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିବା ନେଇ ବିଶ୍ୱରଞ୍ଜନ ଖନ୍ତାପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଛି।

# କନକଦୁର୍ଗା ଅଷ୍ଟଧାତୁ ନିର୍ମିତ ମୂର୍ତ୍ତି ସହ ୯ ମୂର୍ତ୍ତି ଚୋରି

## ସକାଳୁ ଦର୍ଶନ କରିବାକୁ ଆସି ନିରାଶରେ ଫେରିଲେ ଶ୍ରଦ୍ଧାଳୁ

**କବିସୂର୍ଯ୍ୟନଗର,୧୬।୧୨(କୃପାସିନ୍ଧୁ ସ୍ୱାଇଁ)**

ଚୋରଙ୍କ ଟାର୍ଗେଟରେ ଗଞ୍ଜାମ ଜିଲାର ଦେବଦେବୀ ମନ୍ଦିର। ବିଭିନ୍ନ ମନ୍ଦିରରୁ ଦେବଦେବୀଙ୍କ ସୁନାରୁପା ଅଳଙ୍କାର ଚୋରି ଘଟଣା ଘଟୁଥିଲା। ଏବେ ମନ୍ଦିରରୁ ଦେବଦେବୀଙ୍କ ମୂର୍ତ୍ତି ଚୋରି ହେଲାଣି। ଏପରି ଘଟଣା ଘଟିଛି କବିସୂର୍ଯ୍ୟନଗରରେ। ରବିବାର ରାତିରେ ଆଠଗଡ଼ପାଟଣା କନକଦୁର୍ଗା ମନ୍ଦିରରୁ ମୂର୍ତ୍ତି ଚୋରି ହୋଇଛି। ଖବରପାଇ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।

କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା କନକଦୁର୍ଗା ମନ୍ଦିରରେ କେଉଁ କାଳରୁ ପୂଜା ପାଉଥିବା ଅଷ୍ଟଧାତୁ ନିର୍ମିତ ମା' କନକଦୁର୍ଗାଙ୍କ ମୂର୍ତ୍ତି ସମେତ ନଅଟି ମୂର୍ତ୍ତି କେହି ଦୁର୍ବୃତ୍ତ ରବିବାର ରାତିରେ ଚୋରି କରି ନେଇଛନ୍ତି। ମନ୍ଦିର



ପୂଜାରୀ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ରବିବାର ସନ୍ଧ୍ୟାରେ ପୂଜାରୀ ନୀତି ସାରି ମନ୍ଦିରରେ ଚାବି ପକାଇ ଘରକୁ ଚାଲିଯାଇଥିଲେ । ରାତିରେ କେତେଜଣ ଦୁର୍ବୃତ୍ତ ମନ୍ଦିର ଚାବି ଭାଙ୍ଗି ଭିତରକୁ ପଶି ପୂଜା ପାଉଥିବା ଅଷ୍ଟଧାତୁ ମୂର୍ତ୍ତି ସମେତ ଅନ୍ୟ ୯ଟି ମୂର୍ତ୍ତି ଚୋରିକରି ନେଇଯାଇଥିଲେ । ସୋମବାର ସଂକ୍ରାନ୍ତି ହେତୁ ବହୁ ଶ୍ରଦ୍ଧାଳୁଙ୍କ ମନ୍ଦିରରେ ଭିଡ଼ ଜମିଥିଲା । ମାତ୍ର ମନ୍ଦିରରେ ଠାକୁର ନ ଥିଲେ। ଶ୍ରଦ୍ଧାଳୁମାନେ ଦର୍ଶନ କରି ନ ପାରି ନିରାଶରେ ଘରକୁ ଫେରିଥିଲେ। ସୂଚନାଯୋଗ୍ୟ, କିଛିଦିନ ମଧ୍ୟରେ କବିସୂର୍ଯ୍ୟ ନଗର ଛିନ୍ନମସ୍ତା ମନ୍ଦିରରୁ ଚୋରି, ସୋରଡ଼ାର ତିନୋଟି ମନ୍ଦିରରୁ ଚୋରି, ଇଷ୍ଟଦେବୀ ମା' ତାରାତାରିଣୀଙ୍କ ମନ୍ଦିରରୁ ମା'ଙ୍କ ମୁକୁଟ ଚୋରି ହୋଇଥିଲା। ଏବେ କବି ସୂର୍ଯ୍ୟନଗରର ଆଠଗଡପାଟଣାସ୍ଥିତ କନକଦୁର୍ଗାଙ୍କ ମନ୍ଦିରରୁ ଚୋରି ହୋଇଛି। ଅନ୍ୟ ମନ୍ଦିରଗୁଡ଼ିକରୁ ଟଙ୍କା, ସୁନା ଅଳଙ୍କାର ଆଦି ଚୋରି ହୋଇଥିବା ବେଳେ କନକଦୁର୍ଗାଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ଠାକୁରଙ୍କ ମୂର୍ତ୍ତି ଚୋରି କରି ନେଇଛନ୍ତି। ପୋଲିସ ତୁରନ୍ତ ସମ୍ପୃକ୍ତ ଚୋରଙ୍କୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# କାର୍‌ରୁ ପିସ୍ତଲ, ଗୁଳି ଜବତ, ୨ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ପିସ୍ତଲ।

**ରାଉରକେଲା,୧୬।୧୨(ସଙ୍ଗୀତା ଜେନା)**

ପିସ୍ତଲ ଓ ଗୁଳି ବିକ୍ରି କରିବାକୁ ଯାଉଥିବା ବେଳେ ରାଉରକେଲା ସେକ୍ଟର-୩ ଥାନା ପୋଲିସ ସେକ୍ଟର-୪ ଟିପ୍‌ଟାଇପ୍ ମାର୍କେଟ ନିକଟରେ ରବିବାର ରାତିରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସେକ୍ଟର-୭ ଥାନା ମହିଳା ଆଶ୍ରମ ବସ୍ତିର ଭିକି ଚୌଧୁରୀ(୨୪) ଓ ସେକ୍ଟର-୧୫ ସି ବ୍ଲକର ସୁମିତ ରଞ୍ଜନ ରାଉତ(୨୩)। ସେମାନଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ଗୁଳି, ମାଗାଜିନ୍, ୱାଗନର କାର୍ ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସୋମବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୮୯/୨୪) ରୁଜୁ କରିଛି। ସେକ୍ଟର-୩ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୋଲିସ ଏହି ସୂଚନା ପ୍ରଦାନ କରିଛି।

ଜୋନାଲ ଡିଏସ୍‌ପି ପୁଷ୍ପାଞ୍ଜଳି ନିନଗୀ ସୂଚନା ଦେଇ କହିଥିଲେ, ରବିବାର ରାତିରେ ଏକ କାର୍‌ରେ ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ କରାଯାଉଥିବା ପୋଲିସକୁ ସୂଚନା ମିଳିଥିଲା। ଉକ୍ତ ସୂଚନାକୁ ଆଧାର କରି ସେକ୍ଟର-୩ ଥାନା ପକ୍ଷରୁ ପାଟ୍ରୋଲିଂରେ ଥିବା ପୋଲିସ କର୍ମଚାରୀ ସେକ୍ଟର-୪ ଟିପ୍‌ଟାଇପ୍ ମାର୍କେଟ ନିକଟରେ ଏକ ୱାଗନର କାର୍ (ନଂ.ଓଡ଼ି୧୪ଏକ୍ସ/୧୮୭୨)କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ କାର୍‌ରେ ବସିଥିବା ଦୁଇଜଣ ଯୁବକଙ୍କ ନିକଟରେ ଦେଶୀ ପିସ୍ତଲ ଓ ଅନ୍ୟ ସାମଗ୍ରୀ ଥିବା ଜଣାପଡିଥିଲା। ଏ ନେଇ ଉଭୟ ଅଭିଯୁକ୍ତ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ପୋଲିସର ସନ୍ଦେହ ହେବାରୁ ଉଭୟଙ୍କୁ ଗିରଫ କରାଯାଇଥିଲା ବୋଲି ଡିଏସ୍‌ପି ନିନଗୀ କହିଥିଲେ। ଖବରଦାତା ସମ୍ମିଳନୀରେ ସେକ୍ଟର-୩ ଥାନାଧିକାରୀ ପ୍ରତିଭା ମଞ୍ଜରୀ ସାହୁ ଉପସ୍ଥିତ ଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ଶୋଇଲେ ବଢ଼ଇ ଆୟୁ**
**ଖାଇ ଧାଇଁଲେ ବଢ଼ଇ ବାୟୁ**
**ଖାଇ ବସିଲେ ବଢ଼ଇ ପେଟ**
**ଖାଇ ଖାଇଲେ ଯମର ଭେଟ ।**

ଖାଇସାରିବା ପରେ ବିଶ୍ରାମ ନେଲେ ଖାଦ୍ୟ ଭଲ ଭାବେ ହଜମ ହେବା ସହ ଏହା ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇଥାଏ। ଖାଦ୍ୟ ଗ୍ରହଣ ପରେ ଶାରୀରିକ ପରିଶ୍ରମ କରିବା ଫଳରେ ଖାଦ୍ୟ ହଜମ ନ ହେବା ସହ ପେଟ ଖରାପ ହେବାର ସମ୍ଭାବନା ରହିଥାଏ। ଖାଇପିଇ ବସି ରହିଲେ ମେଦ ବୃଦ୍ଧି ହେବା ସହ ପେଟ ବଢ଼ିଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସେହିପରି ସଦା ସର୍ବଦା ଖାଦ୍ୟ ଖାଇବା ଦ୍ୱାରା ଶାରୀରିକ ଅସୁସ୍ଥତା ଦେଖାଦେଇଥାଏ। ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଖାଇବାର ଶୈଳୀକୁ ଏଠାରେ ବର୍ଣ୍ଣନା କରାଯାଇଛି।

**ଖଡା ବଡ଼ି ଥୋଡ଼,**
**ଥୋଡ଼ ବଡ଼ି ଖଡ଼ା ।**

ଏକ ବିଷୟର ପୁନରାବୃତ୍ତି। ଥୋଡ଼ର ଅର୍ଥ କଦଳୀ ମଞ୍ଜା ହୋଇଥିବାବେଳେ ଗୋଟିଏ ପ୍ରକାର ତରକାରିକୁ ଏଠାରେ ଭିନ୍ନ ଭିନ୍ନ ପ୍ରକାରରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ**



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୮ ମିଲିସିଆ ମାଓବାଦୀ ଗିରଫ

**ମାଲକାନଗିରି,୧୬।୧୨**
**(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୮ ମିଲିସିଆ ମାଓବାଦୀଙ୍କୁ ଗିରଫ କରିବା ସହ ଅସ୍ତ୍ରଶସ୍ତ୍ର ଜବତ କରିଛି।

ସୂଚନା ଅନୁଯାୟୀ, ସୁକ୍‌ମା ଜିଲାରେ ଚାଲିଥିବା ମାଓବାଦୀ ଦମନ କାର୍ଯ୍ୟକ୍ରମରେ କୋବ୍ରା ଓ ସିଆର୍‌ପିଏଫ୍ ବାହିନୀ ମିଳିତଭାବେ ଜଗରଗୁଣ୍ଡା ଥାନା ଅଞ୍ଚଳରେ କୋମ୍ବିଂ କରୁଥିବା ସମୟରେ ପୂର୍ବର୍ତ୍ତୀ ଏବଂ ଟେକଲଗୁଡେମ ମଧ୍ୟରେ ଥିବା ଜଙ୍ଗଲ ନିକଟରେ ସୁରକ୍ଷା କର୍ମୀମାନେ ଘେରାବନ୍ଦୀକରି ୮ ମିଲିସିଆ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ସୋଡ଼ି ବାମନ, ମୁଚାକି ନନ୍ଦା, କୁମ ଭୀମା, ମାଡବି କୋସା, ସୋଡ଼ି ଦେବା, ମାଡବି ସୁକା, ମିଡିୟମ ଜଗା ଓ ବାର୍ସେ ଚୁଲା। ଏମାନଙ୍କ ନିକଟରୁ ବିଦ୍ୟୁତ୍ ତାର, କୋଡେକ୍ସ ତାର, ଟିଫିନ ବୋମା ଦୁଇ ପ୍ୟାକେଟ, ବାରୁଦ, ପେନ୍‌ସିଲ ବ୍ୟାଟେରି, ଜିଲୋଟିନ ଷ୍ଟିକ୍ ୬ଟି, ମାଚିଶ୍, ଜାରଟୋ ଡିଟୋନେଟର, ଜବତ କରିଛନ୍ତି। ସୋମବାର ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ସୂଚନା ଦେଇଛି।

# ଛତରଦାଣ୍ଡି ଜଙ୍ଗଲରୁ ବିପୁଳ ମାଓବାଦୀ ସାମଗ୍ରୀ, ବିସ୍ଫୋରକ ଜବତ

**ବଲାଙ୍ଗୀର,୧୬।୧୨(ବୀରେନ୍ଦ୍ର କୁମାର ଝାଙ୍କର)**



ଛତରଦାଣ୍ଡି ସଂରକ୍ଷିତ ଜଙ୍ଗଲରୁ ବଲାଙ୍ଗୀର ପୋଲିସ ଏବଂ ଡିଭିଏଫ୍ ଟିମ୍ ଜବତ କରିଥିବା ବିପୁଳ ମାଓବାଦୀ ସାମଗ୍ରୀ।

**■ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଦେଲେ ସୂଚନା**

**■ବଲାଙ୍ଗୀର ଓ ବରଗଡ଼ ଏସ୍‌ପିଙ୍କୁ ପ୍ରଶଂସା କଲେ ଉତ୍ତରାଞ୍ଚଳ ପୋଲିସ ଆଇଜି**

ବଲାଙ୍ଗୀର ଜିଲାର ମାଓବାଦୀ ଅଧ୍ୟୁଷିତ ଛତରଦାଣ୍ଡି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ପୋଲିସ ଓ ଡିଭିଏଫ୍ ବାହିନୀ ଚଢ଼ାଉ କରି ବିପୁଳ ପରିମାଣର ମାରଣାସ୍ତ୍ର, ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ କରିଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ୍ ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ବାହିନୀର ମାଓବାଦୀ ଅପରେଶନ ସମ୍ପର୍କରେ ସୂଚନା ଦେଇଛନ୍ତି। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ମାଓବାଦୀ ଅପରେଶନ ଦେଶରୁ ମାଓବାଦୀ ମୁକ୍ତ ଅଭିଯାନର ଅଂଶବିଶେଷ ବୋଲି ଆଇଜି ଲାଲ୍ କହିଛନ୍ତି। ବଲାଙ୍ଗୀର ଏସ୍‌ପି ଖିଲାରୀ କହିଥିଲେ, ଗୋଇନ୍ଦା ବିଭାଗର ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ଗତ ୧୪ ତାରିଖରୁ ତୁରେକେଲା ଥାନାଧିକାରୀ ରମାକାନ୍ତ ସାହୁଙ୍କ ନେତୃତ୍ୱରେ ଡିଭିଏଫ୍ ଟିମ୍ ଛତରଦାଣ୍ଡି ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଗତ ତିନିଦିନ ଧରି ଚାଲିଥିବା ଏହି ଅଭିଯାନରେ ପୋଲିସ ଓ ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରୀ ଫୋର୍ସ (ଡିଭିଏଫ୍) ଛତରଦାଣ୍ଡିର ବିଭିନ୍ନ ମାଓବାଦୀ ଆଡ୍ଡାରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ସେହି ସ୍ଥାନଗୁଡ଼ିକରୁ ବିପୁଳ ପରିମାଣର ମାରଣାସ୍ତ୍ର, ବିସ୍ଫୋରକ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ଗୋଟିଏ ରାଇଫଲ, ୩୦ ଆର୍‌ଡିଏସ୍ ୩୦୩ ଆମୁନିଶନ୍, ୨ଟି ଆର୍‌ଡିଏସ୍ ମାସକେଟ୍ ଆମୁନିଶନ୍, ୧ ପ୍ୟାକେଟ୍ ଏୟାର ଗନ୍ ଆମୁନିଶନ୍, ୧୨ଟି ୩୦୩ ଆମୁନିଶନ୍ କ୍ଲିପ୍ସ, ୨୭ ଆରଡିଏସ୍ ପିଏଜି ଆମୁନିଶନ୍, ଡେଟୋନେଟର ପାଇଁ ଉଦ୍ଦିଷ୍ଟ ୪ଟି ଛୋଟ ପ୍ଲାଷ୍ଟିକ୍ ବକ୍ସ, ଡେଟୋନେଟର ସଂଯୋଗୀକରଣ ତାର, ଗୋଟିଏ ଅଚଳ ୱାକିଟକି, ୧ଟି ମଲ୍‌ଟି ମିଟର, ୪ ବଣ୍ଡଲ ବିଦ୍ୟୁତ୍ ତାର, ଗୋଟିଏ ମୋବାଇଲ ବ୍ୟାଟେରି, ରେଡିଓ ଆଣ୍ଟିନା, ଷ୍ଟିଲ ଆଇରନ୍ ପ୍ଲେଟ୍, ସୋଲାର ପ୍ଲେଟ୍, ୧୮ଟି ହିନ୍ଦୀ ଓ ତେଲୁଗୁ ଭାଷାର ମାଓବାଦୀ ପୁସ୍ତକ, ୱାଟର ଫିଲଟର, ଆର୍ମି କଲର କିଟ୍ ବ୍ୟାଗ୍, ୟୁନିଫର୍ମ ଶାର୍ଟ ଓ ପ୍ୟାଣ୍ଟ, ଏସିଆନ୍ ପେଣ୍ଟ କଲର ବକ୍ସ, ବ୍ୟାନର ସାହି, ଶୀତବସ୍ତ୍ର, ମଶାରି, ବର୍ଷାତି, ଷ୍ଟିଲ ସାମଗ୍ରୀ, ୧୦ଟି ଟିଫିନ୍ ବକ୍ସ ଆଦି ଜବତ କରାଯାଇଛି। ବଲାଙ୍ଗୀର ଏସ୍‌ପି ଖିଲାରୀ କହିଥିଲେ, କ୍ରମାଗତ ଭାବେ ଜିଲାରେ ମାଓବାଦୀ ଗତିବିଧି କମି ଆସୁଛି। ପୋଲିସ ପକ୍ଷରୁ ଯେଉଁ ଆଣ୍ଟି ମାଓବାଦୀ କାର୍ଯ୍ୟକଳାପ ଚାଲିଛି ଓ ସ୍ଥାନୀୟ ଅଞ୍ଚଳରେ ଯେଉଁଭଳି ବିକାଶମୁଖୀ କାର୍ଯ୍ୟ ଚାଲିଛି ଏହା ହିଁ ମାଓବାଦୀ କାର୍ଯ୍ୟକଳାପ କମିବାର ଅନ୍ୟତମ କାରଣ ବୋଲି କୁହାଯାଇଛି। ଗୋଷ୍ଠୀ ପୋଲିସ କାର୍ଯ୍ୟକ୍ରମ ଯୋଗୁ ମଧ୍ୟ ସଫଳତା ମିଳିଛି ବୋଲି ସେ କହିଥିଲେ। ଆଗକୁ ପୋଲିସ ପକ୍ଷରୁ ଏଭଳି ମାଓବାଦୀ ମୁକାବିଲା ଅଭିଯାନ ଜାରି ରହିବ ଏବଂ ପଥଭ୍ରଷ୍ଟଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯିବ ବୋଲି ସେ କହିଥିଲେ। କିଛି ମାସ ମଧ୍ୟରେ ୩ ଜଣ କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ ଏହି ଅଭିଯାନର ଅଂଶବିଶେଷ ବୋଲି ସେ କହିଥିଲେ। ଏହି ଅବସରରେ ପୋଲିସ ଆଇଜି ହିମାଂଶୁ ଲାଲ୍ ବଲାଙ୍ଗୀର ଓ ବରଗଡ଼ ଏସ୍‌ପିଙ୍କ ମାଓବାଦୀ ଅଭିଯାନକୁ ପ୍ରଶଂସା କରିଥିଲେ।

# ପୁରସ୍କାର ରାଶି ଦୁଇଗୁଣାରୁ ଅଧିକ ବୃଦ୍ଧି

## ମହିଳା ୟୁରୋ ୨୦୨୫ ଫୁଟ୍‌ବଲ

ଲାଉସାନେ, ୧୬।୧୨ (ଏପି)

ମହିଳା ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ୨୦୨୫ର ପୁରସ୍କାର ରାଶିକୁ ଗତବର୍ଷ ତୁଳନାରେ ଦୁଇଗୁଣାରୁ ଅଧିକ କରାଯାଇଛି। ଟୁର୍ନାମେଣ୍ଟରେ ଭାଗ ନେଉଥିବା ୧୬ଟି ଦଳ ୪୧ ନିୟୁତ ୟୁରୋ (୪୩ ନିୟୁତ ଡଲାର) କରାଯାଇଥିବା ୟୁଫା (ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ) ସୋମବାର ପ୍ରକାଶ କରିଛି। ସୁଇଜରଲାଣ୍ଡରେ ଖେଳାଯିବାକୁଥିବା ୟୁରୋ ୨୦୨୫ରେ ଖେଳୁଥିବା ପ୍ରତ୍ୟେକ ଫେଡେରେଶନ ଅତିକମ୍‌ରେ ୧.୮ ନିୟୁତ ୟୁରୋ (୧.୯ ନିୟତ ଡଲାର) ପାଇବେ। ଏହି ରାଶିର ଅତିକମ୍‌ରେ ୩୦% ଅର୍ଥ ଖେଳାଳିମାନଙ୍କ ମଧ୍ୟରେ ବାଣ୍ଟି ଦିଆଯିବ। ୟୁଫା କାର୍ଯ୍ୟନିର୍ବାହୀ କମିଟି ଏ ବିଷୟରେ ସୋମବାର ନିଷ୍ପତ୍ତି ନେଇଛି। ଟାଇଟଲ ବିଜୟୀ ଦଳ ୫.୧ ନିୟୁତ ୟୁରୋ (ପ୍ରାୟ ୫.୩୫ ନିୟୁତ ଡଲାର) ଉପାର୍ଜନ କରିପାରିବ। ସେହିପରି ଯେଉଁ କ୍ଲବର ଖେଳାଳିମାନେ ଟୁର୍ନାମେଣ୍ଟରେ ଭାଗ ନେବେ, ସେମାନେ ଖେଳାଳି ପିଛା ଦୈନିକ ୬୫୭ ୟୁରୋ( ୬୯୦ ଡଲାର) ହିସାବରେ ୬ ନିୟୁତ ୟୁରୋ (୬.୩ ନିୟୁତ ଡଲାର) କୁ ବାଣ୍ଟି ନେବେ। ଅର୍ଥାତ ଗତବର୍ଷର ମହିଳା ୟୁରୋ ତୁଳନାରେ ୩୩% ଅଧିକ ବୃଦ୍ଧି ପାଇଛି। ପୁରୁଷ ୟୁରୋ ୨୦୨୪ ଟୁର୍ନାମେଣ୍ଟ ପାଇଁ ମୋଟ ରାଜସ୍ୱ ପ୍ରାୟ ୨.୪ ବିଲିୟନ ୟୁରୋ (୨.୫ ବିଲିୟନ ଡଲାର) ରହିଥିଲା। ସେଥିରୁ ମୋଟ ପୁରସ୍କାର ରାଶିର ପରିମାଣ ଥିଲା ୩୩୧ ନିୟୁତ ୟୁରୋ (୩୪୭ ନିୟୁତ ଡଲାର)। ଟୁର୍ନାମେଣ୍ଟରେ ଭାଗ ନେଉଥିବା ୨୪ଟି ଦଳ ପ୍ରତ୍ୟେକ ସର୍ବନିମ୍ନ ୯.୨୫ ନିୟୁତ ୟୁରୋ (୯.୭ ନିୟୁତ ଡଲାର) ପାଇଥିଲେ। ଟାଇଟଲ ବିଜୟୀ ସ୍ପେନକୁ ପୁରସ୍କାର ବାବଦରେ ୨୮.୨୫ ନିୟୁତ ୟୁରୋ (୨୯.୬ ନିୟୁତ ଡଲାର) ମିଳିଥିଲା।

# ଓଡ଼ିଶା ସେମିଫାଇନାଲ ନିକଟତର

## ରାଜମାତା ଜିଜାବାଈ ଜାତୀୟ ମହିଳା ଫୁଟବଲ

ଭୁବନେଶ୍ୱର, ୧୬।୧୨ (ସରୋଜ ଜେନା)

ଛତିଶଗଡ଼ରେ ଅନୁଷ୍ଠିତ ରାଜମାତା ଜିଜାବାଈ ଜାତୀୟ ମହିଳା ଫୁଟବଲରେ ସୋମବାର ତାମିଲନାଡୁ ସହ ମ୍ୟାଚ୍ ଡ୍ର ରଖିଛି। ଗ୍ରୁପ୍ ଏ'ରେ ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିଥିବା ଓଡ଼ିଶା ମ୍ୟାଚ୍ ଡ୍ର ରଖିଥିବା ବେଳେ ସେମି ଫାଇନାଲର ନିକଟତର ହୋଇଛି। ସୋମବାର ଓଡ଼ିଶା ଓ ତାମିଲନାଡୁ ମ୍ୟାଚ୍ ୧-୧ ଡ୍ରରେ ଶେଷ ହୋଇଥିଲା। ତାମିଲନାଡୁ ପକ୍ଷରୁ ସାନ୍ଧିୟା ରଙ୍ଗନାଥନ(୧୨) ମିନିଟରେ ସ୍କୋର କରିଥିବା ବେଳେ ୨୪ତମ ମିନିଟରେ ମାଳତୀ ମୁଣ୍ଡା ଓଡ଼ିଶା ପକ୍ଷରୁ ଗୋଲ ପରିଶୋଧ କରିଥିଲେ। ପୂର୍ବରୁ ମଣିପୁର ୫-୦ରେ ଝାଡଖଣ୍ଡକୁ ପରାସ୍ତ କରି ସେମି ଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଥିଲା। ମଣିପୁର ପକ୍ଷରୁ ନାଓରେମ ପ୍ରିୟଙ୍ଗକା ଦେବୀ(୫୦, ୭୦) ମିନିଟ ଓ ଡାଙ୍ଗମେଇ ଗ୍ରେସ୍(୫୮ ଓ ୮୬) ମିନିଟରେ ଡବଲ୍ ଗୋଲ ସ୍କୋର କରିଥିଲେ। ତୃତୀୟ ମ୍ୟାଚରେ ଲଗାତର ବିଜୟ ସହ ମଣିପୁର ସେମି ଫାଇନାଲରେ ପ୍ରବେଶ କରିସାରଛି।

ଅନ୍ୟପକ୍ଷରେ ୪ ମ୍ୟାଚ୍‌ରୁ ୨ ବିଜୟ, ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହିତ ଓଡ଼ିଶା ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶା ୭ ଗୋଲ ସ୍କୋର କରିଥିବା ବେଳେ ଏହା ବିପକ୍ଷରେ ୩ ଗୋଲ ସ୍କୋର ହୋଇଛି। ଅନ୍ୟପକ୍ଷରେ ତୃତୀୟ ସ୍ଥାନରେ ଥିବା ତାମିଲନାଡୁ ଯଦି ମଣିପୁରକୁ ୪-୦ରେ ପରାସ୍ତ କରେ ତେବେ ଯାଇ ଓଡ଼ିଶା ସେମି ଫାଇନାଲରେ ପ୍ରବେଶ କରିପାରିବ ନାହିଁ।



ମାଳତୀ ମୁଣ୍ଡା

# ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ବିଜୟୀ

## ଦୃଷ୍ଟିବାଧିତ ନାଗେଶ ଟ୍ରଫି



ରାମପାଲଙ୍କୁ ପ୍ଲେୟର୍ ଅଫ୍ ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି ଜାଫର ଇକ୍‌ବାଲ।

ଭୁବନେଶ୍ୱର, ୧୬।୧୨ (ସରୋଜ ଜେନା)

କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ଦୃଷ୍ଟିବାଧିତ ନାଗେଶ ଟ୍ରଫିର ଚତୁର୍ଥ ଦିନରେ ସୋମବାର ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ବିଜୟୀ ହୋଇଛନ୍ତି। ଗ୍ରୁପ୍ ସିର ପ୍ରଥମ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ୯ ଉଇକେଟରେ ଚଣ୍ଡୀଗଡକୁ ଓ ମଧ୍ୟପ୍ରଦେଶ ୧୩୨ ରନ୍‌ରେ ତ୍ରିପୁରାକୁ ହରାଇଥିଲା।

ପ୍ରଥମ ମ୍ୟାଚ୍‌ରେ ଚଣ୍ଡୀଗଡ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ୍ ସ୍କୋର କରିଥିଲା। ଜବାବରେ ଉତ୍ତର ପ୍ରଦେଶ ୧୪.୧ ଓଭରରେ ୧ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ରବି ବର୍ମାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୧୩୨ ରନ୍‌ରେ ତ୍ରିପୁରାକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି ମଧ୍ୟପ୍ରଦେଶ ୨୦ ଓଭରରେ ୩ ଉଇକେଟ ହରାଇ ୨୨୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାମପାଲ ୟୁଇକେ ୭୪ ବଲ୍‌ରୁ ୧୨୫ ରନ୍ ସ୍କୋର କରିଥିଲେ। ଜବାବରେ ତ୍ରିପୁରା ୯୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନ ସଭାପତି ଏମ୍‌ଡି ଜାଫର ଇକ୍‌ବାଲ ରାମପାଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ଶୀର୍ଷରେ ଟ୍ରାଇଡେଣ୍ଟ ଗାଲାକ୍ସିଆନ, ଆରିଆନା ଷ୍ଟ୍ରାଇକର୍ସ

## ସୋସାଇଟି ପ୍ରିମିୟର ଲିଗ୍



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ସବୁ ଦଳର ଖେଳାଳି।

ଭୁବନେଶ୍ୱର, ୧୬।୧୨ (ସରୋଜ ଜେନା)

ଷ୍ଟ୍ରଙ୍ଗର ଟୁଗେଦର ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ସୋସାଇଟି ପ୍ରିମିୟର୍ ଲିଗ (ଏସ୍‌ପିଏଲ୍)ର ପଞ୍ଚମ ସଂସ୍କରଣ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଏଥିରେ ହାଉସିଂ ସୋସାଇଟି ଟ୍ରାଇଡେଣ୍ଟ ଗାଲାକ୍ସି, ଟାଟା ଏରିନା, ଭିପୁଲ ଗାର୍ଡେନ୍ସ, ଆଲିସାନ ଇନ୍‌ଫିନିଆ, କସ୍ମୋପଲିସ, ଫାଲକନ କ୍ରେଷ୍ଟ, ରୟାଲ ଲଗୁନ ଓ ତାମାରିଣ୍ଡ ଟେରାସେସ୍ ଦଳ ଭାଗ ନେଇଛନ୍ତି। ଲିଗ ପର୍ଯ୍ୟାୟରେ ଖେଳାଯାଉଥିବା ଏହି ପ୍ରତିଯୋଗିତାରେ ଟ୍ରାଇଡେଣ୍ଟ ଗାଲାକ୍ସିଆନ ଓ ଆରିଆନା ଷ୍ଟ୍ରାଇକର୍ସ ଦୁଇଟି ଲେଖାଏ ମ୍ୟାଚ ଜିତି ପଏଣ୍ଟ ଟେବୁଲର ଶୀର୍ଷ ଦୁଇ ସ୍ଥାନରେ ରହିଛନ୍ତି। ଏହି ୮ ଦଳୀୟ ପ୍ରତିଯୋଗିତାର ଶ୍ରେଷ୍ଠ ୪ ଦଳ କ୍ୱାଲିଫାୟର୍ସ ଓ ଏଲିମିନେଟର ରାଉଣ୍ଡରେ ପହଞ୍ଚିବେ। ଡିସେମ୍ବର ୨୨ରେ ଫାଇନାଲ ମ୍ୟାଚ ଖେଳାଯିବ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର କୁଳପତି ସୁପ୍ରିୟା ପଟ୍ଟନାୟକ, କ୍ରୀଡ଼ା ନିର୍ଦ୍ଦେଶକ ରବିନାରାୟଣ ରାଉତ, ମୋଟୱାନୀ କନ୍‌ଷ୍ଟ୍ରକଶନ ପରିଚାଳନା ନିର୍ଦ୍ଦେଶକ ପଙ୍କଜ ମୋଟୱାନୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ କ୍ରିକେଟ: ତମାଣ୍ଡୋ, କାଇପଦର ବିଜୟୀ


ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଭୁବନେଶ୍ୱର, ୧୬।୧୨ (ବିଜୟ ରଣା)

ଭଗବାନପୁର ସ୍ପୋର୍ଟ୍ସ ଆଣ୍ଡ୍ କଲଚରାଲ ଆସୋସିଏଶନ ଟ୍ରଷ୍ଟ ଆନୁକୂଲ୍ୟରେ ମିନିଷ୍ଟାଡିୟମରେ ୧୩ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ସୋମବାର ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ଦୁଇଟି ଲିଗ୍ ମ୍ୟାଚରେ ଟିସିସି ତମାଣ୍ଡୋ ଓ କାଇପଦର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଟିସିସି ତମାଣ୍ଡୋ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୩୪ ରନ କରିଥିଲା। ଜବାବରେ କଲ୍ୟାଣପୁର ୧୫ ଓଭରରରେ ୮ ଉଇକେଟ ବିନିମୟରେ ୧୨୪ ରନ କରିପାରିଥିଲା। ଫଳରେ ଟିସିସି ୧୦ରନରେ ବିଜୟ ଲାଭ କରିଥିଲା। ପ୍ରୀତମ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ଲିଗ୍ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାଙ୍କୁଆଲ ୭ ଉଇକେଟ ବିନିୟମରେ ୧୪୩ ରନ କରିଥିଲା। ଜବାବରେ କାଇପଦର ଦଳ ୪ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସୁରେନ୍ଦ୍ର ଚମ୍ପତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁରେଶ ରାଉତରାୟ ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଅତିଥି ଥିଲେ। ଅନ୍ୟମାନଙ୍କ ମଧ୍ୟ ରଶ୍ମୀରଞ୍ଜନ ପାଢଶାଣୀ, ପ୍ରକାଶ ରଥ, ଦିବାକର ଚମ୍ପତି ଓ ଜାନକୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇଂଲଣ୍ଡକୁ ୬୫୮ ରନର ଟାର୍ଗେଟ

ହାମିଲଟନ, ୧୬।୧୨

କେନ୍ ୱିଲିୟମସନଙ୍କ ୧୫୬ରନ ସହାୟତାରେ ନ୍ୟୁଜିଲାଣ୍ଡ ଏଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ପାଇଁ ୬୫୮ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଜବାବରେ ଭ୍ରମଣକାରୀ ଦଳ ଏହାର ୨ଓପନରଙ୍କୁ ହରାଇ ୧୮ ରନ କରିଛି। ସୋମବାର ଥିଲା ମ୍ୟାଚର ତୃତୀୟ ଦିବସ। ମ୍ୟାଚ ଜିତିବା ଲାଗି ଇଂଲଣ୍ଡ ଆହୁରି ୬୪୦ରନ ଆବଶ୍ୟକ କରୁଛି। ୱିଲିୟମସନଙ୍କର ଏହା ହେଉଛି ୩୩ତମ ଟେଷ୍ଟ ଶତକ ହୋଇଥିବା ବେଳେ ସେଡନ ପାର୍କରେ ୭ମ। ହୋମ୍ ଗ୍ରାଉଣ୍ଡରେ ଏହା ଥିଲା ତାଙ୍କର କ୍ରମାଗତ ୫ଟେଷ୍ଟ, ଯେଉଁଥିରେ ତାଙ୍କର ଆଭରେଜ ୧୦୦ରୁ ଉର୍ଦ୍ଧ୍ୱ। ଇଂଲଣ୍ଡ ଇନିଂସର ଦ୍ୱିତୀୟ ଓଭରରେ ସୌଦି ଓପନର ବେନ୍ ଡକେଟ (୪) ଟିମ୍ ସୌଦିଙ୍କ ଇନ୍‌ସାଇଡ୍ ଏଜ୍‌ରେ ବୋଲ୍ଡ ହୋଇଯାଇଥିଲେ। ଭେଟେରାନ ସିମର ତାଙ୍କର ଶେଷ ଟେଷ୍ଟ ମ୍ୟାଚ ଖେଳୁଛନ୍ତି। ଅନ୍ୟତମ ଓପନର ଜ୍ୟାକ୍ କ୍ରଲି (୫) ମ୍ୟାଟ୍ ହେନ୍‌ରୀଙ୍କ ବୋଲିଂରେ ଶିକାର ହୋଇଥିଲେ। ସିରିଜରେ ସେ ୬ଷ୍ଠ ଥର ପାଇଁ ହେନ୍‌ରୀଙ୍କ ବଲ୍‌ରେ ଆଉଟ ହୋଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଜାକବ ବେଥେଲ ୯ ରନ କରି ଅପରାଜିତ ରହିଥିବା ବେଳେ ଜୋ ରୁଟ୍ ବିନା କୌଣସି ରନରେ ଅପରାଜିତ ରହିଛନ୍ତି। ସୌଦିଙ୍କ ଟେଷ୍ଟ ଉଇକେଟ ସଂଖ୍ୟା ବର୍ତ୍ତମାନ ୩୯୦ରେ ପହଞ୍ଚିଛି। ସକାଳେ ନ୍ୟୁଜିଲାଣ୍ଡ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୩୬/୩ରୁ ଖେଳ ଆରମ୍ଭ କରିଥିଲା। ସେତେବେଳେ ୱିଲିୟମସନ ୫୦ ଓ ରାଚିନ ରବୀନ୍ଦ୍ର ୨ ରନ କରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ସୋମବାର ୪୫୩ ରନରେ ଅଲଆଉଟ ହୋଇଯାଇଥିଲା। ଦୀର୍ଘ ୬ ଘଣ୍ଟା ଧରି କ୍ରିଜ୍‌ରେ ମହଜୁଦ ଥିବା ବେଳେ ୱିଲିୟମସନ ସର୍ବକାଳୀନ ସର୍ବାଧିକ ଟେଷ୍ଟ ରନ ସଂଗ୍ରହକାରୀ ବ୍ୟାଟର ତାଲିକାରେ ଦକ୍ଷିଣ ଆଫ୍ରିକାର ଗ୍ରାହମ ସ୍ମିଥ୍‌ଙ୍କୁ ଅତିକ୍ରମ କରି ୧୭ତମ ସ୍ଥାନକୁ ଉନ୍ନୀତ ହୋଇପାରିଛନ୍ତି। ଅଗ୍ରଣୀ ଟେଷ୍ଟ ସ୍କୋରର ତାଲିକାରେ ସ୍ଥାନ ପାଇଥିବା ଦକ୍ଷିଣ ଆଫ୍ରିକାର ଅନ୍ୟଜଣେ କ୍ରିକେଟର ହାସିମ ଅମ୍‌ଲାଙ୍କଠାରୁ ୬ରନ ପଛରେ ରହିଛନ୍ତି। ୱିଲିୟମସନ ସୋମବାର ରାଚିନ ରବୀନ୍ଦ୍ର(୪୪)ଙ୍କ ସହିତ ୧୦୭ରନ ଏବଂ ଡେରିଲ ମିଚେଲ (୬୦)ଙ୍କ ସହିତ ୯୨ରନର ପାର୍ଟନରଶିପ୍ କରିଥିଲେ। ସେ ତାଙ୍କ ୧୫୦ରନ ୧୯୬ ବଲ୍‌ରୁ ସଂଗ୍ରହ କରିଥିଲେ। ବର୍ଷା ଯୋଗୁ ତୃତୀୟ ଦିବସର ପ୍ରଥମ ସେସନ ଖେଳ ଆଦୌ ସମ୍ଭବପର ହୋଇପାରି ନ ଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୩୪୭
ଇଂଲଣ୍ଡ ପ୍ରଥମ ଇନିଂସ: ୧୪୩
ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୪୫୩ (କେନ୍ ୱିଲିୟମସନ-୧୫୬, ୱିଲ୍ ୟଙ୍ଗ-୬୦, ଡେରିଲ୍ ମିଚେଲ-୬୦, ମିଚେଲ ସାଣ୍ଟନର-୪୪, ଟମ୍ ବ୍ଲଣ୍ଡେଲ-୪୪; ଜାକବ ବେଥେଲ-୩/୭୨, ବେନ୍ ଷ୍ଟୋକ୍ସ-୨/୫୨, ଶୋଏବ ବସିର-୨/୧୭୦)।
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୮୧/୨।

# ସେମିଫାଇନାଲରେ ଜିପିସି


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ସୁଶାନ୍ତ ବେହେରା।

ଭୁବନେଶ୍ୱର, ୧୬।୧୨ (ସରୋଜ ଜେନା)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ର ସେମି ଫାଇନାଲରେ ପ୍ରବେଶ କରିଛି ଜିପିସି। ସୋମବାର ୨-୧ରେ କଳିଙ୍ଗ ସ୍ପୋର୍ଟିଙ୍ଗକୁ ହରାଇଥିଲା ଜିପିସି। ବିଜୟୀ ଦଳ ପକ୍ଷରୁ ରାଜ ସୋରେନ ଓ ସଚେତ ସାଗର ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଚମତ୍କାର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରଥିବା ଜିପିସିର ସୁଶାନ୍ତ ବେହେରାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

## ୱେଷ୍ଟଇଣ୍ଡିଜକୁ ହରାଇଲା ବାଂଲାଦେଶ

**କିଙ୍ଗଷ୍ଟନ, ୧୬।୧୨ (ଏପି):** ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ବାଂଲାଦେଶ ୱେଷ୍ଟଇଣ୍ଡିଜକୁ ୭ରନରେ ପରାସ୍ତ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ ଆଗୁଆ ହୋଇପାରିଛି। ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୪୭ ରନ୍ କରିଥିଲା। ଦଳର ଟପ୍ ସ୍କୋରର ଓପନର ସୌମ୍ୟ ସରକାର ୨ଚୌକା ଓ ୩ ଛକା ସହ ୩୨ ବଲ୍‌ରୁ ୪୩ ରନ ସଂଗ୍ରହ କରିଥିଲେ। ଘରୋଇ ଦଳ ପକ୍ଷରୁ ସଫଳ ବୋଲର ଅକିଲ ହୋସେନ (୨/୧୩) ଓ ଓବେଦ୍ ମ୍ୟାକ୍‌କୟ (୨/୩୦) ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଏକଦା ୧୨ ଓଭରରେ ମାତ୍ର ୬୧ ରନ ସ୍କୋରରେ ୭ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ମାତ୍ର ରୋଭମାନ ପାୱେଲ (୩୫ବଲ୍‌ରୁ ୬୦ରନ)ଙ୍କ ଲଢୁଆ ବ୍ୟାଟିଂ ଯୋଗୁ ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲା। ମାତ୍ର ଫାଇନାଲ ଓଭରର ଗୋଟିଏ ବଲ୍ ବାକିଥିବା ବେଳେ ୱେଷ୍ଟଇଣ୍ଡିଜ ୧୪୦ରନରେ ଅଲଆଉଟ ହୋଇଯାଇଥିଲା।

# କ୍ୱାର୍ଟର ଫାଇନାଲରେ ରାଧାରମଣ

## ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ

ଢେଙ୍କାନାଳ, ୧୬।୧୨ (ରତନ ନାୟାର)

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଚାଲିଥିବା ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତାର ସୋମବାର ମ୍ୟାଚରେ ରାଧାରମଣ କ୍ଲବ କଟକ ୨-୧ ଗୋଲରେ ୱାଇଡିସି ମଣିପୁରକୁ ପରାସ୍ତ କରିଛି। ଏଥିସହିତ ରାଧାରମଣ କ୍ଲବ କଟକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧରେ ୱାଇଡିସି ମଣିପୁର ୧-୦ ଗୋଲରେ ଅଗ୍ରଣୀ ଥିଲା। ଦ୍ୱିତୀୟାର୍ଦ୍ଧରେ ରାଧାରମଣ କ୍ଲବ କଟକ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୨-୧ରେ ବିଜୟୀ ହୋଇଥିଲା। ରାଧାରମଣ କ୍ଲବ ପକ୍ଷରୁ ଭିକି ସେଠୀ ଓ ବିଷ୍ଣୁ ସାମଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମଣିପୁର ପକ୍ଷରୁ ରିବାଲ୍‌ଡୋ ଏକମାତ୍ର ଗୋଲ ଦେଇଥିଲେ। ରାଧାରମଣ କ୍ଲବର ଭିକି ସେଠୀ ଶ୍ରେଷ୍ଠ ଖେଳାଳି ଭାବେ କ୍ରୀଡ଼ା ସଂଘର ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସେଠୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚକୁ ରେଫରି କିଷାନ ଦାସ, ପ୍ରଦୀପ୍ତ ନାୟକ, ଶଶିକାନ୍ତ ଦାସିଆ ଓ ଅନିଲ ନନ୍ଦ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଏସ୍‌ପି ଅଭିନବ ସୋନକର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ଉପସ୍ଥିତ ଥିଲେ। କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ସୌଭାଗ୍ୟ ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ସୁନୀଲ ପଣ୍ଡା, ସରୋଜ ପାଢୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ସମଲେଶ୍ୱରୀ ସ୍ପୋର୍ଟିଂ ସମ୍ବଲପୁର ଓ ଏମ୍‌କେଏସ୍‌ସି ବିହାର ମଧ୍ୟରେ ମ୍ୟାଚ ଖେଳାଯିବ।



ଢେଙ୍କାନାଳ ଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ବ୍ଲାକ୍ ଆଉଟ୍‌ଫିଟ୍

**ଷ୍ଟାଇଲିଶ୍ ଓ ଗ୍ଲାମରସ୍ ଦେଖାଯିବାକୁ ହେଲେ ପ୍ରଥମେ ନିଜ ଆଉଟ୍‌ଫିଟ୍ ଉପରେ ଧ୍ୟାନ ଦେବାକୁ ହେବ। ତେବେ ବ୍ଲାକ୍ କଲର ଆଉଟ୍‌ଫିଟ୍ ମୋଟାପଣକୁ କମ୍ ଦେଖାଇଥାଏ। ତେଣୁ ପ୍ଲସ୍ ସାଇଜ୍ ମହିଳା ଏହି ରଙ୍ଗର ବିଭିନ୍ନ ଡିଜାଇନ ଆପଣାଇ ପାରିବେ।**



– ବ୍ଲାକ୍ କଲର ଡ୍ରେସ୍ କିଣୁଥିଲେ ପ୍ରିଣ୍ଟେଡ୍‌ର ଲମ୍ବା ଡ୍ରେସ୍ କିଣନ୍ତୁ। ଏଭଳି ଡ୍ରେସ୍ ପିନ୍ଧିଲେ ପତଳା ଦେଖାଯିବେ।

– ଯଦି ହାଇଟ୍ ଠିକ୍ ଥିବ ଓ ପ୍ଲସ୍ ସାଇଜ୍ ହୋଇଥିବ ତା'ହେଲେ ଭର୍ଟିକାଲ ଲାଇନ୍ ଥିବା ପ୍ରିଣ୍ଟେଡ୍ ଡ୍ରେସ୍ ପିନ୍ଧନ୍ତୁ।

– ବ୍ଲାକ୍‌ର ବେଲ୍ଟ ଲାଗିଥିବା ଡ୍ରେସ୍ ମଧ୍ୟ ପ୍ଲସ୍ ସାଇଜ୍ ମହିଳାଙ୍କୁ ଭଲ ଲାଗିବ। ଏଭଳି ଡ୍ରେସ୍‌ରେ ବଡି ଫ୍ୟାଟ୍ କମ୍ ଲାଗିବ। ତେବେ ମୋଟା ବେଲ୍ଟ ପିନ୍ଧନ୍ତୁ, କିଛି ମାତ୍ରାରେ ପେଟ ଚାପି ହୋଇ ଛୋଟ ଲାଗିବ।

– କଟନ୍ ଓ ଡେନିମ୍ ଫାବ୍ରିକ୍‌ର ଡ୍ରେସ୍ ପିନ୍ଧନ୍ତୁ ନାହିଁ, ଏଥିରେ ଅଧିକ ମୋଟା ଜଣାପଡ଼ିବ।

– ଲାଇଲନ୍ କ୍ରେପ୍ ଓ ଶିଫନ୍ ଭଳି ବିଭିନ୍ନ ଫାବ୍ରିକ୍‌ର ଫିଟିଂ ଡ୍ରେସ୍ ପିନ୍ଧନ୍ତୁ, ପତଳା ଦେଖାଯିବେ।

– ବ୍ଲାକ୍ ଶାଢ଼ିରେ ମଧ୍ୟ ମୋଟାପଣକୁ କିଛି ମାତ୍ରାରେ ଲୁଚାଇହେବ। ଶାଢ଼ିରେ ଭର୍ଟିକାଲ୍ ପ୍ରିଣ୍ଟ ପିନ୍ଧନ୍ତୁ, ଅଧିକ ପତଳା ଲାଗିବ। ତେବେ ଶାଢ଼ି ପିନ୍ଧିବା ସମୟରେ ପେଟିକୋଟ୍ ଠିକ୍ ଭାବେ ଚୟନ କରନ୍ତୁ ନଚେତ୍ ମୋଟା ଲାଗିବ।

# ଲୁଣ ଅଧିକ ହୋଇଥିଲେ

– ତରକାରିରେ ଯଦି ଲୁଣ ଅଧିକ ହୋଇଯାଇଥାଏ ତେବେ ସେଥିରେ କଞ୍ଚାଆଳୁକୁ କାଟି ପକାଇ ଦିଅନ୍ତୁ। ତରକାରିର ମାତ୍ରା ଅନୁସାରେ ଆଳୁ ଖଣ୍ଡେ ଅବା ୨ଖଣ୍ଡ ପକାନ୍ତୁ। ତରକାରି ପ୍ରସ୍ତୁତ ହୋଇଯିବା ପରେ ଆଳୁକୁ ବାହାର କରିଦିଅନ୍ତୁ। ଲୁଣର ମାତ୍ରା ଠିକ୍ ହୋଇଯିବ ଏବଂ ସ୍ୱାଦିଷ୍ଟ ଲାଗିବ।



– ତରକାରିରେ ଲୁଣର ମାତ୍ରା କମ୍ କରିବା ପାଇଁ ସେଥିରେ କିଛି ଲେମ୍ବୁରସ୍ ଓ ସାମାନ୍ୟ ମାତ୍ରାରେ ଭିନେଗାର ପକାନ୍ତୁ। ଏହା ଲୁଣର ମାତ୍ରାକୁ କମ୍ କରିବା ସହ ତରକାରିକୁ ସ୍ୱାଦିଷ୍ଟ କରିବ।

– କୌଣସି ତରକାରିରେ ଲୁଣର ମାତ୍ରା କମ୍ କରିବା ପାଇଁ ଆଉ କିଛି ଅଧିକ ପରିବା କିମ୍ବା ଡାଲି ପକାଇ ଦିଅନ୍ତୁ। ତରକାରି ହୁଏତ ଅଧିକ ହୋଇପାରେ, କିନ୍ତୁ ସ୍ୱାଦ ଠିକ୍ ଲାଗିବ।

– ଆଳୁ, ଫୁଲକୋବି, ପନୀର, ଲାଉ ଆଦି ବିଭିନ୍ନ ପ୍ରକାର ତରକାରିରେ ଲୁଣ ଅଧିକ ହୋଇଗଲେ ସେଥିରେ ଅଳ୍ପ କିଛି କ୍ରିମ୍ ପକାନ୍ତୁ। ଲୁଣ କମ୍ ହେବା ସହ ତରକାରି ଭଲ ଲାଗିବ।

– ସେହିପରି ଲୁଣ କମ୍ କରିବା ପାଇଁ କିଛି ପନୀରକୁ କୋରି ତରକାରିରେ ପକାଇ ଦିଅନ୍ତୁ। ଫଳରେ ଲୁଣ ତ କମ୍ ହେବ ତା' ସାଙ୍ଗକୁ ଏହା ସୁନ୍ଦର ଦେଖାଯିବା ସହ ସ୍ୱାଦିଷ୍ଟ ଲାଗିବ।

– ବ୍ରେଡ୍ ୨ଖଣ୍ଡ ତରକାରିରେ ପକାଇଦେଲେ କିଛି ମାତ୍ରାରେ ଲୁଣ କମ୍ ହୋଇଯାଏ। ତେଣୁ ଏହି ପଦ୍ଧତିରେ ବି ତରକାରିକୁ ସ୍ୱାଦିଷ୍ଟ କରିହେବ।

# ଅଳ୍ପ ବୟସରେ ବନ୍ଧ୍ୟାଦୋଷ

**କ୍ୟାରିୟରକୁ ଗୁରୁତ୍ୱ ଦେଇ ମାତୃତ୍ୱକୁ ଗୁରୁତ୍ୱ ନ ଦେବା ଓ ଆଧୁନିକ ଲାଇଫ୍‌ଷ୍ଟାଇଲ୍ ଆଜି କମ୍ ବୟସରେ ବନ୍ଧ୍ୟାଦୋଷ ହେବାର ଅନ୍ୟତମ କାରଣ ସାଜିଛି...**

**–ଡା. ସରୋଜିନୀ ଷଡ଼ଙ୍ଗୀ**



ମାତୃତ୍ୱ ପ୍ରଭୁଙ୍କର ସବୁଠାରୁ ଶ୍ରେଷ୍ଠତମ ଓ ସୁନ୍ଦରତମ ସୃଷ୍ଟି। ହେଲେ ଆଧୁନିକ ଲାଇଫଷ୍ଟାଇଲ୍ ପ୍ରଭାବରେ ଏବେ ଅନେକଙ୍କ କ୍ଷେତ୍ରରେ କମ୍ ବୟସରେ ବନ୍ଧ୍ୟାଦୋଷ ସମସ୍ୟା ଦେଖାଯାଉଛି। ଏହାର ମୁଖ୍ୟ କାରଣ ହେଉଛି ଆଜିକାଲି ଯୁବପିଢ଼ି ପାଠପଢ଼ା ଓ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ବିଳମ୍ବରେ ବିବାହ କରୁଛନ୍ତି। ବିବାହ ପରେ ବି କାମ ଚାପରେ ବିଳମ୍ବରେ ଗର୍ଭଧାରଣ ନିଷ୍ପତ୍ତି ନେଉଛନ୍ତି, ଯାହାକି କର୍ମଜୀବୀ ମହିଳା ଓ ପୁରୁଷମାନଙ୍କର ବନ୍ଧ୍ୟାଦୋଷର ଅନ୍ୟ ଏକ କାରଣ। ଏହାଛଡ଼ା ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ଓ ଓବେସିଟି ବା ମୋଟାପଣ, ମେଟାବୋଲିକ୍ ଡିସ୍ ଅର୍ଡର ପେଲ୍‌ଭିକ୍ ଇନ୍‌ଫ୍ଲାମାଟୋରି ଡିଜିଜ, ଅଳ୍ପ ବୟସଙ୍କ ରକ୍ତଚାପ, ଥାଇରଏଡ୍ ରୋଗ, ପଲିସିଷ୍ଟିକ୍ ଓଭାରିଆନ୍ ଡିଜିଜ୍ ଅଳ୍ପ ବୟସରେ ମଧୁମେହ ରୋଗ, ଧୂମପାନ ଓ ମଦ୍ୟପାନ ଇତ୍ୟାଦି କାରଣରୁ ମଧ୍ୟ ବନ୍ଧ୍ୟାଦୋଷ ଦେଖାଦେଇଥାଏ।

**ବନ୍ଧ୍ୟାତ୍ୱର କାରଣ:** ବନ୍ଧ୍ୟାତ୍ୱ ପାଇଁ ପୁରୁଷମାନେ ଶତକଡ଼ା ୪୦ ପ୍ରତିଶତ ଦାୟୀ ହେବା ବେଳେ ମହିଳାମାନେ ଶତକଡ଼ା ୪୦–୫୫ ପ୍ରତିଶତ ଦାୟୀ ହୁଅନ୍ତି ଏବଂ ଶତକଡ଼ା ୧୦ ପ୍ରତିଶତ କ୍ଷେତ୍ରରେ ପୁରୁଷ ଓ ମହିଳା ଉଭୟେ ଦାୟୀ ହୋଇଥାନ୍ତି। କେତେକ କ୍ଷେତ୍ରରେ କୌଣସି କାରଣ ନ ଥାଇ ମଧ୍ୟ ଶତକଡ଼ା ୧୦ ପ୍ରତିଶତ ଗର୍ଭଧାରଣ କରିପାରି ନ'ଥାନ୍ତି।

**ପୁରୁଷ ବନ୍ଧ୍ୟାତ୍ୱର କାରଣ :** ଜନ୍ମଗତ (ଅନ୍ ଡିସେଣ୍ଡେଡ୍ ଟେଷ୍ଟିସ୍) : ଯଦି ପେଟ ଭିତରେ ପୁରୁଷ ଯୌନାଙ୍ଗ (ଟେଷ୍ଟିସ୍) ରହିଯାଇଥାଏ, ତେବେ ଶୁକ୍ରାଣୁ ତିଆରି ହୋଇପାରେ ନାହିଁ (ଅନ୍ ଡିସେଣ୍ଡେଡ୍ ଟେଷ୍ଟିସ୍)। ଏହାଛଡ଼ା କାର୍ଟାଜିନାର ସିଣ୍ଡ୍ରୋମ୍ ଏବଂ ହାଇପୋସ୍ପାଡିଆସ୍ ଯୋଗୁ ମଧ୍ୟ ବନ୍ଧ୍ୟାତ୍ୱ ହୋଇଥାଏ।

**ଉତ୍ତାପ:** ଖଣି ଖାଦାନରେ ଓ କାରଖାନାରେ କାମ କରୁଥିବା ଏବଂ ଭେରିକୋସିଲ୍ ଭୋଗୁଥିବା ବ୍ୟକ୍ତିମାନଙ୍କର ବେଶି ଉତ୍ତାପ ଯୋଗୁ ଶୁକ୍ରାଣୁର ମାତ୍ରା କମିଯାଏ ଏବଂ ବନ୍ଧ୍ୟାତ୍ୱ ହୋଇଥାଏ।



## ସଂକ୍ରମଣ

ଶୈଶବରେ ବା କୈଶୋରରେ ଗାଲୁଆ ବା ମମ୍ପସ୍ ସଂକ୍ରମଣ ହେଲେ ଫୁସ୍‌ଫୁସ୍‌ର ସଂକ୍ରମଣ ହୋଇ 'ବ୍ରୋଙ୍କିଏକ୍ଟେସିସ୍' ହେଲେ, ଟେଷ୍ଟିସ୍ ଓ ପ୍ରୋଷ୍ଟେଟ୍‌ରେ ଜୀବାଣୁ ବା ଭୂତାଣୁର ସଂକ୍ରମଣ ହେଲେ ତଥା କ୍ଲାମିଡିଆ ଓ ଟ୍ରାକୋମାଟିସ୍ ସଂକ୍ରମଣ ହେଲେ ଶୁକ୍ରାଣୁର କାଉଣ୍ଟ କମିଯାଏ। ଏହାଛଡ଼ା ଅତିରିକ୍ତ ଧୂମପାନ, ମଦ୍ୟପାନ, ନିଶାସେବନ କରିବା ଦ୍ୱାରା ଶୁକ୍ରାଣୁର କାଉଣ୍ଟ କମିଯାଏ। ଅନ୍ତଃସ୍ରାବୀ ରସର ଅସନ୍ତୁଳନ ଯୋଗୁ 'କଲ୍‌ମେନସ୍ ସିଣ୍ଡ୍ରୋମ୍' ହୋଇଥାଏ। ଜେନେଟିକ୍ ବା ବଂଶଗତ ରୋଗ ପାଇଁ କାହାର କାହାର ଆଦୌ ଶୁକ୍ରାଣୁ ତିଆରି ହୁଏ ନାହିଁ। ଉଚ୍ଚ ରକ୍ତଚାପ, କର୍କଟ ରୋଗ, ଅପସ୍ମାର ରୋଗ ତଥା ମାନସିକ ଅବସାଦ ପାଇଁ ଔଷଧ ସେବନକଲେ ତଥା ଇମ୍ୟୁନୋଲୋଜିକାଲ୍ ଫ୍ୟାକ୍ଟର ପାଇଁ ମଧ୍ୟ ଶୁକ୍ରାଣୁର ପରିମାଣ ତଥା କାଉଣ୍ଟ କମିଯିବାର ଆଶଙ୍କା ଥାଏ।





**ମହିଳାମାନଙ୍କ ବନ୍ଧ୍ୟାଦୋଷ (କାରଣ)**

– ଡିମ୍ବକୋଷର ଅସନ୍ତୁଳନତା (ଶତକଡ଼ା ୩୦ ରୁ ୪୦ ପ୍ରତିଶତ)

– ଫାଲୋପିଆନ୍ ଟ୍ୟୁବ୍ ବା ଡିମ୍ବବାହୀ ନଳୀର ଅସୁବିଧା (ଶତକଡ଼ା ୨୫ ରୁ ୩୫ ପ୍ରତିଶତ)

– ଜରାୟୁଜନିତ ଅସୁବିଧା –ଶତକଡ଼ା ୧୦ ଭାଗ।

– ଜରାୟୁଗ୍ରୀବା ଜନିତ ଅସୁବିଧା – ଶତକଡ଼ା ୫ ଭାଗ।

– ବସ୍ତିଦେଶର ଏଣ୍ଡୋମେଟ୍ରିଓସିସ୍।

**ସ୍ୱାମୀ–ସ୍ତ୍ରୀଙ୍କ ମିଳିତ ଅସୁବିଧା :** ବେଳେବେଳେ ସ୍ୱାମୀ ବା ସ୍ତ୍ରୀଙ୍କ ଭିତରୁ ଜଣଙ୍କର ସମସ୍ୟା ନ ଥାଇ ଉଭୟଙ୍କର ଅସୁବିଧା ହୋଇଥାଏ ଯଥା– ମହିଳାଙ୍କର ବୟସ ୩୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ (କିନ୍ତୁ ପୁରୁଷମାନଙ୍କର ଅନେକ ବର୍ଷ ଯାଏ ଶୁକ୍ରାଣୁମାନେ ଆକ୍ଟିଭ୍ ଥାଆନ୍ତି)। ଡିମ୍ବକୋଷରୁ ଠିକ୍ ସମୟରେ ଡିମ୍ବ ବାହାରି ନ ଥାନ୍ତି। ଏହାଛଡ଼ା ଠିକ୍ ସମୟରେ ସ୍ୱାମୀସ୍ତ୍ରୀଙ୍କର ମିଳାମିଶା ନ ହେଲେ, ମାନସିକ ଉଦ୍‌ବେଗ ବା ଅବସାଦ ଥିଲେ ମଧ୍ୟ ବନ୍ଧ୍ୟାଦୋଷ ହୋଇଥାଏ।

**ମହିଳାମାନଙ୍କ ବନ୍ଧ୍ୟାଦୋଷ**

ମହିଳାମାନଙ୍କର ବୟସ, କେତେ ବର୍ଷ ହେଲା ବାହାଘର ହୋଇଛି ତଥା ମେଡିକାଲ ଇତିହାସରେ ଆଗରୁ ଟି.ବି., ଗନୋରିଆ, ସିଫିଲିସ୍, ମଧୁମେହ ରୋଗ ବା ବସ୍ତିଦେଶର ପ୍ରଦାହ ରୋଗର ଇତିହାସ ତଥା ଆଗରୁ ତଳିପେଟରେ କିଛି ଅସ୍ତ୍ରୋପଚାର ହୋଇଛି କି ନାହିଁ ଜାଣିବା ଉଚିତ। ଏହା ସହ ମାସିକ ଋତୁସ୍ରାବ ଠିକ୍ ସମୟରେ ହେଉଛି କି ନାହିଁ (ନିୟମିତ ବା ଅନିୟମିତ) ଏବଂ ଏହା ସହ ଥାଇରଏଡ୍ ବା ପିଟ୍ୟୁଟାରି ହର୍ମୋନ୍ ଠିକ୍ ଅଛିକି ନାହିଁ ଏ କଥା ଜାଣିବା ଉଚିତ।

**ଆଗରୁ ହୋଇଥିବା ପ୍ରସବର ଇତିହାସ :** ଯଦି ସନ୍ତାନ ଜନ୍ମ ବା ଗର୍ଭନଷ୍ଟ ପରେ ଆଉ ଗର୍ଭଧାରଣ ହୋଇ ନ ଥାଏ ତେବେ ପ୍ରସବ ବା ଗର୍ଭନଷ୍ଟର ଇତିହାସ ଜାଣିବା ଖୁବ୍ ଜରୁରୀ ହୋଇଥାଏ ଯଥା ଆଗରୁ କେତୋଟି ଗର୍ଭନଷ୍ଟ ହୋଇଛି ଏବଂ କେତେ ବ୍ୟବଧାନରେ ଗର୍ଭଧାରଣ ହୋଇଛି, ଗର୍ଭରେ ଶିଶୁମୃତ୍ୟୁ ବା ପରେ ଶିଶୁର କିଛି ଅସୁବିଧା ହୋଇଛି କି ମା'ର ସ୍ୱାସ୍ଥ୍ୟ କେମିତି ଅଛି ଏ ସବୁ କଥା ବିଚାରକୁ ନିଆଯାଇଥାଏ।

ଆଗରୁ ଗର୍ଭନିରୋଧ ବ୍ୟବସ୍ଥା ଗ୍ରହଣ କରୁଥିଲେ ଗର୍ଭନିରୋଧକ ପିଲ୍ ଅପେକ୍ଷା କପର–ଟି ବ୍ୟବହାର ଦ୍ୱାରା ବନ୍ଧ୍ୟାଦୋଷ ବେଶି ହୋଇଥାଏ। ଯଦି ସ୍ୱାମୀଙ୍କର ସ୍ତ୍ରୀ ସହ ମିଳାମିଶାରେ କିଛି ଅସୁବିଧା ଥାଏ ତେବେ ଏଭଳି ସମସ୍ୟା ଦେଖାଦିଏ।

**ବନ୍ଧ୍ୟାତ୍ୱର ଚିକିତ୍ସା :** ସାଧାରଣତଃ ବନ୍ଧ୍ୟା ଦମ୍ପତିମାନେ ଶାରୀରିକ ଓ ମାନସିକସ୍ତରରେ ଏତେ ଚାପର ସମ୍ମୁଖୀନ ହୋଇଥାନ୍ତି ଯେ, ସେଥିରୁ ନିବୃତ୍ତି ପାଇବା କଷ୍ଟକର ହୋଇପଡ଼େ। ତେଣୁ ବନ୍ଧ୍ୟା ଦମ୍ପତିଙ୍କୁ ଚିକିତ୍ସା କଲାବେଳେ ପ୍ରଥମେ ତାଙ୍କୁ ମଧୁର ଓ ସାନ୍ତ୍ୱନାମୂଳକ ବ୍ୟବହାର କରିବା ଉଚିତ। ସ୍ୱାମୀ, ସ୍ତ୍ରୀଙ୍କୁ ଗୋଟିଏ ପରେ ଗୋଟିଏ ନୁହେଁ ଏକାଥରକେ ଚିକିତ୍ସା କରିବା ଉଚିତ। ଜଣଜଣଙ୍କର ଓଜନ ବେଶି ଥିଲେ କମାଇଦେବା ଉଚିତ ବା କମ୍ ଥିଲେ ବଢ଼ାଇବା ଉଚିତ। ଧୂମପାନ ବା ମଦ୍ୟପାନରୁ ପୁରୁଷମାନେ ଦୂରେଇ ରହିବା ଜରୁରୀ।

ବନ୍ଧ୍ୟା ଦମ୍ପତିଙ୍କର ପରୀକ୍ଷା ନିରୀକ୍ଷା କରିବାର ୨ ବର୍ଷ ମଧ୍ୟରେ ଗର୍ଭଧାରଣ ହୋଇଯାଏ, ଯଦି ୨–୩ ବର୍ଷ ମଧ୍ୟରେ ହୋଇପାରେ ନାହିଁ, ତେବେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହା ଅସମ୍ଭବ ହୋଇଯାଏ। ତେବେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ବିଶେଷ ଚିକିତ୍ସା ଦ୍ୱାରା ବନ୍ଧ୍ୟାଦମ୍ପତିମାନେ ଏ ଚିକିତ୍ସାରେ ସଫଳ ହୋଇ ଏକ ସୁସ୍ଥ ସନ୍ତାନର ଜନନୀ ହେବାର ଗୌରବ ଲାଭ କରୁଛନ୍ତି।

ଅଳ୍ପ ବୟସ୍କଙ୍କର ବନ୍ଧ୍ୟାଦୋଷକୁ ଏଡ଼ାଇବା ପାଇଁ ବିବାହ ପରେ ଗର୍ଭନିରୋଧ ବଟିକା ନ ଖାଇ, ଜଙ୍କ୍‌ଫୁଡ୍, ଫାଷ୍ଟଫୁଡ୍ ତଥା ମୋଟାପଣକୁ ଏଡ଼ାଇବା ଦରକାର। ପିସିଓଡି ବା ହରମୋନ୍ ଡିସ୍‌ଅର୍ଡର ପାଇଁ ଚିକିତ୍ସା କରାଇବା ଉଚିତ।

–ଲିଙ୍କ୍‌ରୋଡ୍, କଟକ
ମୋ: ୯୪୩୭୦୫୫୦୦୭

# ସୌନ୍ଦର୍ଯ୍ୟ

# ଶୀତଦିନେ କେଶର ଯତ୍ନ

**ଶୀତଦିନେ ତ୍ୱଚା ଭଳି କେଶ ମଧ୍ୟ ରୁକ୍ଷ ହୋଇଯାଏ। ତେଣୁ ଏହାର ଉପଯୁକ୍ତ ଯତ୍ନ ନେବାକୁ ହେବ। ଏଥିପାଇଁ ଜାଣି ରଖନ୍ତୁ କିଛି ଟିପ୍ସ...**



⏭ କେଶକୁ ହେଲ୍‌ଦି ରଖିବା ପାଇଁ ହେଲେ ବାଲାନ୍ସ ଡାଏଟ୍ ସହ ନ୍ୟୁଟ୍ରିସନ୍ ସପ୍ଲିମେଣ୍ଟ ମଧ୍ୟ ଆବଶ୍ୟକ। ଭିଟାମିନ୍ ଏ କେଶ ମୂଳକୁ ମଶ୍ଚରାଇଜ୍ କରି ରଖିଥାଏ। ତେଣୁ ଗାଜର, ପାଳଙ୍ଗ ଓ ଶାକରକନ୍ଦ ଆଦି କେଶ ପାଇଁ ବହୁତ ଭଲ। ଲେମ୍ବୁ, କମଳା ଆଦି ଖଟା ଫଳରେ ଭିଟାମିନ୍ ସି ପ୍ରଚୁର ମାତ୍ରାରେ ରହିଥାଏ, ଯାହା କେଶକୁ ମଜଭୁତ କରେ। ତେଣୁ ବିଭିନ୍ନ ପ୍ରକାର ସବୁଜ ପନିପରିବା ଓ ଫଳ ଅଧିକ ଖାଆନ୍ତୁ।

⏭ ଶୀତଦିନେ କେଶ ମୂଳ ଅଧିକ ଶୁଷ୍କ ହୋଇଯାଏ। ତେଣୁ ସପ୍ତାହକୁ ଥରେ କିମ୍ବା ୨ଥର ଉଷୁମ ତେଲ ମାଲିସ କରନ୍ତୁ। ଭୃଙ୍ଗରାଜ, ଅଁଳା, ବ୍ରାହ୍ମି ଓ ରାଇସ୍ ବ୍ରାନ୍ ତେଲ କେଶରେ ଲଗାଇପାରିବେ। ଟ୍ରି ଟ୍ରି, ରୋଜ୍‌ମେରୀ ଭଳି ତେଲକୁ ନଡ଼ିଆତେଲ କିମ୍ବା ଅନ୍ୟ ତେଲରେ ମିଶାଇ ଲଗାନ୍ତୁ।

⏭ ସପ୍ତାହକୁ ଥରେ ଡିପ୍ କଣ୍ଡିସନିଂ ଟ୍ରିଟ୍‌ମେଣ୍ଟ କରନ୍ତୁ। ରୁପି ଦୂରକରିବା ପାଇଁ ଆଣ୍ଟି ଡାନ୍‌ଡ୍ରପ୍ ହେୟାର ମାସ୍କ ଲଗାନ୍ତୁ। କେଶ ଅଧିକ ଝଡ଼ୁଥିଲେ କେଶ ମୂଳରେ ନିୟମିତ ମାଲିସ୍ କରନ୍ତୁ।

⏭ କେଶ ଅଧିକ ରୁକ୍ଷ ଓ ଖରାପ ହୋଇଗଲେ ହେୟାର ମାସ୍କ ନିଶ୍ଚୟ ଲଗାନ୍ତୁ। ଏହା କେଶକୁ ପୋଷଣ ଦେବା ସହ କେଶ ଝଡ଼ିବା ରୋକିଥାଏ।



⏭ ଶୀତଦିନେ ଅଧିକ ଥର ଶାମ୍ପୁ କରନ୍ତୁ ନାହିଁ। ଏହାଦ୍ୱାରା କେଶର ପ୍ରାକୃତିକ କୋମଳତା କମିଯାଇଥାଏ। କେଶର ଆବଶ୍ୟକତା ଅନୁସାରେ ସପ୍ତାହକୁ ଥରେ କିମ୍ବା ୨ଥର ଧୁଅନ୍ତୁ। ଶାମ୍ପୁ କରିବା ପରେ କଣ୍ଡିସନିଂ ନିଶ୍ଚୟ କରନ୍ତୁ।

⏭ ଅତ୍ୟଧିକ ଥଣ୍ଡା ପ୍ରଭାବରେ କେଶ ଅଧିକ ଶୁଷ୍କ ହୋଇଯାଏ। ତେଣୁ ଏଭଳି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ କେଶକୁ ଭଲଭାବେ ଘୋଡ଼ାଇ ବାହାରକୁ ଯାଆନ୍ତୁ। ଏହାଦ୍ୱାରା କେଶ ମୁଲାୟମ ଓ ସୁସ୍ଥ ରହେ।

⏭ ଶୀତଦିନେ ଗରମ ପାଣିରେ ସ୍ନାନ କରିବାକୁ ଭଲଲାଗେ, କିନ୍ତୁ ଏହା କେଶ ପାଇଁ କ୍ଷତିକାରକ। ଗରମ ପାଣି ପ୍ରଭାବରେ କେଶର ପ୍ରାକୃତିକ ତୈଳ ଅଂଶ ନଷ୍ଟ ହୋଇଯାଏ। ଫଳରେ କେଶ ରୁକ୍ଷ ଓ ଖରାପ ଦେଖାଯାଏ। ତେଣୁ କେଶକୁ ଅଳ୍ପ ଉଷୁମପାଣିରେ ଧୁଅନ୍ତୁ।

# ଖାଦ୍ୟରୁଚି // କଶ୍ମୀର ଦମ୍ ଆଳୁ

ଆବଶ୍ୟକ ସାମଗ୍ରୀ: ଆଳୁ– ୫୦୦ ଗ୍ରାମ୍, ଦହି– ଅଧାକପ୍, ପିଆଜ– ୧ଟି (କଟା ହୋଇଥିବା), ଟମାଟୋ– ୨ଟି, ଅଦା ରସୁଣ ପେଷ୍ଟ– ୧ ବଡ଼ ଚାମଚ, ଧନିଆଗୁଣ୍ଡ– ୧ ଚାମଚ, ଜିରା ଗୁଣ୍ଡ – ୧ ଛୋଟ ଚାମଚ, କଶ୍ମୀର ଲଙ୍କାଗୁଣ୍ଡ– ୧ ଚାମଚ, ହଳଦୀଗୁଣ୍ଡ– ୧ ଚାମଚ, ଗରମ ମସଲା ପାଇଁ– ଲବଙ୍ଗ, ଡାଲଚିନି ଓ ଗୁଜୁରାତି), ଆବଶ୍ୟକ ଆନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁକୁ ସିଝାଇ ଚୋପା ଛଡ଼ାଇ ରଖନ୍ତୁ। ଏବେ କଡ଼େଇ ଗରମକରି ସେଥିରେ ତେଲ ପକାଇ ଆଳୁକୁ ଭାଜି ରଖନ୍ତୁ। ଏବେ ସେହି କଡ଼େଇରେ ପୁଣି ଥରେ ତେଲ ପକାଇ ସେଥିରେ ଲବଙ୍ଗ, ଡାଲଚିନି ଓ ଗୁଜୁରାତି ପକାନ୍ତୁ। ଏଥିରେ ପିଆଜ ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲେ ସେଥିରେ ଅଦା ରସୁଣ ପେଷ୍ଟ ପକାନ୍ତୁ। ଟମାଟୋକୁ ଛୋଟ ଛୋଟ କରି କାଟି ଏହି ମସଲାରେ ପକାଇ କଷି ଦିଅନ୍ତୁ। ମସଲା ଭାଜି ହୋଇଗଲେ ସେଥିରେ ଜିରାଗୁଣ୍ଡ, ଧନିଆଗୁଣ୍ଡ, ହଳଦୀଗୁଣ୍ଡ ଓ ଗରମ ମସଲାଗୁଣ୍ଡ ପକାନ୍ତୁ। ଏବେ ଏହି ମସଲାରେ ଦହି ପକାଇ ଗୋଳାନ୍ତୁ। କମ୍ ଆଞ୍ଚରେ ଏହି ମସଲାକୁ ଗୋଳାଇ ସେଥିରେ ପାଣି ଦିଅନ୍ତୁ। ଏବେ ସେଥିରେ ଭଜା ହୋଇଥିବା ଆଳୁକୁ ପକାଇ ୧୦–୧୫ ମିନିଟ୍ ଫୁଟାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କଶ୍ମୀର ଦମ୍ ଆଳୁ। ତରକାରି ହୋଇଗଲେ ତଳକୁ ଓହ୍ଲାଇ ସେଥିରେ ଧନିଆପତ୍ର ପକାଇ ପରଷନ୍ତୁ।



ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୭/୨୦୨୪ Bhubaneswar, Tuesday, December 17/ 2024

# ଭାରତର ବ୍ୟାଟିଂ ବିପର୍ଯ୍ୟୟ

ବ୍ରିସବେନ୍,୧୬।୧୨(ପି.ଟି.)

ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚର ତୃତୀୟ ଦିନର ଖେଳ ଶେଷସୁଦ୍ଧା ଦୃଢ଼ ସ୍ଥିତିରେ ରହିଛି ଅଷ୍ଟ୍ରେଲିଆ। ବର୍ଷା ବାଧାପ୍ରାପ୍ତ ଦିନରେ ଭାରତର ଟପ୍ ଅର୍ଡର ପୁନର୍ବାର ଫେଲ୍ ମାରିଥିବା ବେଳେ ଦଳ ୪ ଉଇକେଟ ହରାଇ ୫୧ ରନ୍ ସଂଗ୍ରହ କରିଛି। ଫଳରେ ହାତରେ ୬ ଉଇକେଟ ବଳକା ରହିଥିବା ବେଳେ ଦଳ ୩୯୪ ରନ୍ ପଛରେ ରହିଛି। ଆହୁରି ୨ ଦିନର ଖେଳ ବାକି ରହିଥିବା ବେଳେ ଭାରତ ବର୍ତ୍ତମାନ ଇନିଂସ ପରାଜୟର ଆଶଙ୍କାରେ ରହିଛି। ପୂର୍ବରୁ ଦ୍ୱିତୀୟ ଦିନରେ ଟ୍ରାଭିସ୍ ହେଡ୍ ଓ ଷ୍ଟିଭେନ୍ ସ୍ମିଥ ଶତକ ହାସଲ କରିଥିଲେ।

## ବର୍ଡର-ଗାଭାସ୍କର ଟ୍ରଫି ତୃତୀୟ ଟେଷ୍ଟ

ତୃତୀୟ ଦିନର ଅସମାପ୍ତ ସ୍କୋର ୪୦୫/୭ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଆଉ ୪୦ ରନ୍ ଯୋଡ଼ି ବାକି ୩ ଉଇକେଟ ହରାଇଥିଲା। ୪୫ ରନ୍‌ରେ ଅପରାଜିତ ରହିଥିବା ଆଲେକ୍ସ କେରୀ ୫୩ ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ୮୮ ବଲ୍ ଖେଳି ୭ ଚୌକା ଓ ୨ ଛକା ବଳରେ ୭୦ ରନ୍ ସ୍କୋର କରିଥିଲେ। ସୋମବାର ସକାଳୁ ଯଶ୍‌ପ୍ରୀତ ବୁମରା, ମହମ୍ମଦ ସିରାଜ ଓ ଆକାଶ ଦୀପ ସମସ୍ତେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତ ପକ୍ଷରୁ ଯଶ୍‌ପ୍ରୀତ ବୁମ୍‌ରା ସର୍ବାଧିକ ୬ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସିରାଜ ୨, ନୀତୀଶ କୁମାର ରେଡ୍ଡୀ ଓ ଆକାଶ ଦୀପ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଦ୍ୱିତୀୟ ଦିନରେ ଟ୍ରାଭିସ୍ ହେଡ୍ ଓ ଷ୍ଟିଭେନ୍ ସ୍ମିଥ ଶତକ ପୂରଣ କରିବା ସହ ୨୪୧ ରନ୍ ଯୋଡିଥିଲେ। ହେଡ୍ ୧୬୦ ବଲ୍ ଖେଳି ୧୮ ଚୌକା ସହିତ ୧୫୨ ରନ୍ କରିଥିଲେ। ଅନ୍ୟପକ୍ଷରେ ସ୍ମିଥ୍ ୧୯୦ ବଲ୍ ଖେଳି ୧୨ ଚୌକା ସହ ୧୦୧ ରନ୍ କରିଥିଲେ।



ରିଷଭ ପନ୍ତଙ୍କୁ ଆଉଟ୍ କରିବା ପରେ ଉଲ୍ଲସିତ ପ୍ୟାଟ୍ କୁମିନ୍ସ।

ଅଷ୍ଟ୍ରେଲିଆ ଇନିଂସ ଶେଷ ହେବା ପରେ ଭାରତର ଆରମ୍ଭ ବିପର୍ଯ୍ୟୟ ପୂର୍ଣ୍ଣ ରହିଥିଲା। ବର୍ଷା ଓ ମେଘୁଆ ପାଗରେ ଭାରତୀୟ ବ୍ୟାଟରଙ୍କୁ ସତର୍କତାର ସହ ଖେଳିବାକୁ ଥିବାବେଳେ ଟପ୍ ଅର୍ଡର ବ୍ୟାଟର ବେପରୁଆ ବ୍ୟାଟିଂ କରିଥିଲେ। ପ୍ରଥମ ବଲ୍‌ରେ ଷ୍ଟାର୍କଙ୍କୁ ଚୌକା ମାରି ଇନିଂସ ଆରମ୍ଭ କରିଥିବା ଯଶସ୍ୱୀ ଜୟସ୍ୱାଲ ଦ୍ୱିତୀୟ ବଲରେ ପ୍ୟାଭିଲିୟନ ଫେରିଥିଲେ। ପରବର୍ତ୍ତୀ ବ୍ୟାଟରୁ ଶୁବମନ ଗିଲ୍ ମଧ୍ୟ ମାତ୍ର ୧ ରନ୍ କରି ଷ୍ଟାର୍କଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଭାରତର ତାରକା ବ୍ୟାଟର ବିରାଟ କୋହଲିଙ୍କ ନିକଟରୁ ଏକ ବଡ ଇନିଂସ ଆଶା କରାଯାଉଥିବା ବେଳେ ସେ ପୁଣି ଥରେ ଫେଲ୍ ମାରିଥିଲେ। ୧୬ ବଲ୍ ଖେଳି ମାତ୍ର ୩ ରନ୍ କରି ସେ ଆଉଟ୍ ହୋଇଥିଲେ। ଅଫ ଷ୍ଟମ୍ପ ବାହାର ବଲ୍ ଖେଳିବାରେ ସେ ବିଫଳ ହେଉଥିବା ବେଳେ ପୁନର୍ବାର ସମାନ ଢଙ୍ଗରେ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୨ ରନ୍‌ରେ କୋହଲି ତୃତୀୟ ବ୍ୟାଟର ଭାବେ ଆଉଟ ହୋଇଥିଲେ। ପରେ ଲୋକେଶ ରାହୁଲଙ୍କ ସହିତ କ୍ରିଜରେ ଯୋଗ ଦେଇଥିଲେ ରିଷଭ ପନ୍ତ। ମାତ୍ର ୧୨ ବଲ୍ ଖେଳି ୯ ରନ୍ ସ୍କୋର କରିବା ସହିତ ପ୍ୟାଟ କୁମିନ୍ସଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଲୋକେଶ ରାହୁଲ ୩୩ ଓ ଅଧିନାୟକ ରୋହିତ ଶର୍ମା ବିନା କୌଣସି ରନ୍‌ରେ କ୍ରିଜରେ ଉପସ୍ଥିତ ଅଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୨ ଉଇକେଟ ନେଇଥିବା ବେଳେ ଜୋଶ ହାଜେଲଉଡ ଓ ପ୍ୟାଟ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୧୧୭.୧ ଓଭରରେ ୪୪୫/୧୦(ଟ୍ରାଭିସ୍ ହେଡ୍-୧୫୨, ଷ୍ଟିଭେନ୍ ସ୍ମିଥ ୧୦୧, ଆଲେକ୍ସ କେରୀ-୭୦, ଯଶପ୍ରୀତ୍ ବୁମରା-୬/୭୬, ନୀତୀଶ କୁମାର ରେଡ୍ଡୀ-୧/୬୫, ମହମ୍ମଦ ସିରାଜ-୨/୯୭)। ଭାରତ ପ୍ରଥମ ଇନିଂସ ୧୭ ଓଭରରେ ୫୧/୪ (ଲୋକେଶ ରାହୁଲ-୩୩*, ରିଷଭ ପନ୍ତ-୯, ମିଚେଲ ଷ୍ଟାର୍କ-୨/୨୫, ପ୍ୟାଟ୍ କୁମିନ୍ସ-୧/୭, ଜୋଶ ହାଜେଲଉଡ୍-୧/୧୭)।

# ଘରକୁ ଫେରିଲେ ବିଶ୍ୱ ଚାମ୍ପିୟନ

ଚେନ୍ନାଇ,୧୬।୧୨(ପି.ଟି.)

## ଚେନ୍ନାଇରେ ଗୁକେଶଙ୍କୁ ଭବ୍ୟ ସ୍ୱାଗତ

ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ର ଟାଇଟଲ ବିଜେତା ଡି. ଗୁକେଶ ସୋମବାର ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚେନ୍ନାଇ ବିମାନବନ୍ଦରରେ ଅବତରଣ ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ନୂତନ ବିଶ୍ୱ ଚାମ୍ପିୟନଙ୍କ ଏକ ଝଲକ ପାଇବା ପାଇଁ ଶତାଧିକ ଫ୍ୟାନ ବିମାନବନ୍ଦର ବାହାରେ ଅପେକ୍ଷା କରି ରହିଥିଲେ। ୧୮ ବର୍ଷୀୟ ଗୁକେଶ ସର୍ବକନିଷ୍ଠ ଖେଳାଳି ଭାବରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ବିଜୟୀ ହୋଇଥିଲେ। ୧୯୮୫ରେ ଋଷିଆନ ଗ୍ରାଣ୍ଡମାଷ୍ଟର ଗ୍ୟାରୀ କାସ୍ପାରୋଭ ୨୨ ବର୍ଷ ବୟସରେ ବିଶ୍ୱ ଚେସ୍ ଚାମ୍ପିୟନଶିପ ବିଜୟୀ ହେବାର ରେକର୍ଡ କରିଥିଲେ। ଅନ୍ତିମ ରାଉଣ୍ଡ ମ୍ୟାଚ୍‌ରେ ଗୁକେଶ ବିଜୟୀ ହେବା ସହିତ ଗୁକେଶ ୭.୫-୬.୫ ପଏଣ୍ଟରେ ଚାଇନାର ଡିଙ୍ଗ ଲିରେନଙ୍କୁ ପରାସ୍ତ କରିଥିଲେ। ଚେନ୍ନାଇର କାମରାଜ ବିମାନବନ୍ଦରରେ ଅବତରଣ ପରେ ଗୁକେଶ ସମସ୍ତଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ସମସ୍ତଙ୍କ ସମର୍ଥନ ମୋତେ ଟୁର୍ନାମେଣ୍ଟ ଜିତିବାର ଶକ୍ତି ପ୍ରଦାନ କରିଥିଲା ବୋଲି କହିବା ସହ ଉପସ୍ଥିତ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଥିଲେ ଗୁକେଶ। ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତିବାର ରେକର୍ଡ କରିଛନ୍ତି ଗୁକେଶ। ଭାରତକୁ ଟ୍ରଫି ପୁନର୍ବାର ଫେରାଇ ଆଣିଥିବାରୁ ସେ ଗର୍ବିତ ବୋଲି କହିଛନ୍ତି ଗୁକେଶ।

ଅବତରଣ ପରେ ତାମିଲନାଡୁ କ୍ରୀଡ଼ା ବିଭାଗର ଅଧିକାରୀ ଓ ଭେଲାମାଲ ବିଦ୍ୟାଳୟର କିଛି କର୍ମଚାରୀ ସ୍ୱାଗତ ପାଇଁ ଉପସ୍ଥିତ ରହିଥିଲେ। ତାଙ୍କୁ ଏକ ଶାଲ ଓ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଭେଲାମାଲ ବିଦ୍ୟାଳୟରୁ ଗୁକେଶଙ୍କ ଚେସ୍ ଖେଳିବାର ଯାତ୍ରା ଆରମ୍ଭ ହୋଇଥିଲା। ବିମାନବନ୍ଦରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପରେ ଗୁକେଶ ଫୁଲରେ ସଜ୍ଜିତ ଏକ କାରରେ ନିଜ ଘର ଅଭିମୁଖେ ଯାତ୍ରା କରିଥିଲେ। ପରିବାର ସହ ସମୟ ବିତାଇବା ପରେ ମୋଗ୍ଗାପେରସ୍ଥିତ ଭେଲାମାଲ ବିଦ୍ୟାଳୟର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେବେ ଗୁକେଶ। ମଙ୍ଗଳବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ତାଙ୍କୁ ସମ୍ବର୍ଦ୍ଧିତ କରିବେ। କଳାଇଭନାର ଆରଙ୍ଗମସ୍ଥିତ ୱାଲାହଜାହ ରୋଡ୍‌ରେ ଥିବା ଅଡିଟୋରିୟମରେ ଗୁକେଶଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଶ୍ୱ ଚାମ୍ପିୟନଶିପ ବିଜୟ ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ୫ କୋଟିର ଆର୍ଥିକ ପୁରସ୍କାର ନେଇ ଘୋଷଣା କରିଥିଲେ। ବିଶ୍ୱ ଚାମ୍ପିୟନଶିପ ବିଜେତା ଗୁକେଶ ୧.୩ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୧୧.୦୩ କୋଟି ଟଙ୍କା ପୁରସ୍କାର ହାସଲ କରିଛନ୍ତି।

# ମନିକାଙ୍କ ଦଳ ଜିତିଲା ୱାଲ୍ଡନର୍ କପ୍

ଓସ୍‌ଲୋ, ୧୬।୧୨: (ପି.ଟି.)

ଭାରତର ଟେବୁଲ ଟେନିସ ଷ୍ଟାର ମନିକା ବାତ୍ରାଙ୍କ ସମେତ ଷ୍ଟାର ଖେଳାଳିଙ୍କୁ ନେଇ ଟିମ୍ ଏସିଆ ଏଠାରେ ୱାଲ୍ଡନର୍ କପ୍ ଜିତିଛି। ମନିକାଙ୍କ ବ୍ୟତୀତ ଟିମ୍ ଏସିଆରେ ଟେବୁଲ ଟେନିସ କିମ୍ବଦନ୍ତୀ ଚାଇନାର ମା ଲଙ୍ଗ୍, ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଚେନ୍ ମେଙ୍ଗ୍, ଦକ୍ଷିଣ କୋରିଆର ଶିନ୍ ୟୁବିନ୍ ଏବଂ କିରିଲ ଜେରାସିମେଙ୍କୋ ପ୍ରମୁଖ ସଦସ୍ୟ ରହିଛନ୍ତି। ଟିମ୍ ଏସିଆ ରବିବାର ଟିମ୍ ୱାର୍ଲ୍ଡକୁ ୧୪-୦ରେ ପରାସ୍ତ କରିଛି। ଟିମ୍ ୱାର୍ଲ୍ଡ ତରଫରୁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନେ ହେଲେ ଟ୍ରୁଲ୍ସ ମୋରେଗର୍ଡ, ଦିମିତ୍ରୀ ଓଭଚାରୋଭ, ହୁଗୋ କାଲ୍‌ଡରାନୋ, ଆଲ୍‌ଡ୍ରିଆନ ଡିଆଜ ଓ ବର୍ନାଡେଟ୍ସ ସିଜୋକ୍ସ।



ୱାଲ୍ଡନର୍ କପ୍ ବିଜୟୀ ଟିମ୍ ଏସିଆ ଦଳର ଖେଳାଳି।

ମନିକା କିନ୍ତୁ ରବିବାର ଆଡ୍ରିଆନାଙ୍କ ବିପକ୍ଷ ତାଙ୍କ ମ୍ୟାଚ ହାରିଯାଇଥିଲେ। ଟେବୁଲ ଟେନିସକୁ ବିଶ୍ୱର ନମ୍ବର ୱାନ କ୍ରୀଡ଼ାରେ ପରିଣତ କରିବା ଉଦ୍ଦେଶ୍ୟରେ ସ୍ୱିଡେନର କିମ୍ବଦନ୍ତୀ ଖେଳାଳି ଜରନ୍-ଓଭ ୱାଲ୍ଡନର୍ ଏହି ଟୁର୍ନାମେଣ୍ଟର ଆୟୋଜନ କରିଥିଲେ। ୱାଲଣ୍ଡର କପ୍ ହେଉଛି ନରୱେ ଟେବୁଲ ଟେନିସ ଆସୋସିଏଶନ ଦ୍ୱାରା ଆୟୋଜିତ ଏକ ଆମନ୍ତ୍ରଣୀୟ ଇଭେଣ୍ଟ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ